
# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୧/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, May 21/2019 | ★★★★

୪୫ଶ ଭାଗ ୧୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୧/୨୦୧୯ | Bhubaneswar, Tuesday, May 21/2019 | ପୃଷ୍ଠା-୧




## କାନ୍ସ ରେଡ୍ କାର୍ପେଟରେ ଐଶ୍ୱର୍ଯ୍ୟା

ପୂର୍ବତନ ବିଶ୍ୱ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ରେଡ୍ କାର୍ପେଟରେ ଚାଲିଛନ୍ତି।

୦୭ | ୧୨

## ସାଇନାଙ୍କୁ ଟାଇଟଲ

ବାଲେଶ୍ୱରରେ ଅନୁଷ୍ଠିତ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ର ବାଳିକା ବିଭାଗ ଟାଇଟଲ ହାସଲ କରିଛନ୍ତି ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା।



# ରାଜ୍ୟରେ ସ୍ୱପ୍ନ ଦେଖୁଛି ଭାଜପା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

**ଏକ୍‌ଜିଟ୍ ପୋଲ୍ ରିପୋର୍ଟ**

୨୦୧୯ ସାଧାରଣ ନିର୍ବାଚନ ଶେଷ ହୋଇଛି। ଏବେ ନିର୍ବାଚନ ଫଳାଫଳକୁ ନେଇ ଚାଲିଛି ଅଙ୍କକଷା। ଫଳାଫଳ କ'ଣ ହେବ ସେକଥା ଚିନ୍ତା କରି ରାଜ୍ୟଠାରୁ ଆରମ୍ଭ କରି ଜାତୀୟସ୍ତର ନେତାଙ୍କ ନିଦ ହଜିଗଲାଣି। ବିଶେଷକରି ବିଭିନ୍ନ ଜାତୀୟ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ବୁଥ୍ ଫେରନ୍ତା ମତ(ଏକ୍‌ଜିଟ୍ ପୋଲ୍) ରିପୋର୍ଟ ଆସିବା ପରେ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି। ଏକାଧିକ ଜାତୀୟ ଗଣମାଧ୍ୟମ ଆକଳନ ଅନୁଯାୟୀ ଏଥର ଦେଶରେ ପୁଣି ନରେନ୍ଦ୍ର ମୋଦିଙ୍କ ସରକାର ଆସିବ। ପୂର୍ଣ୍ଣ ବହୁମତ ସହକାରେ ଭାଜପା କେନ୍ଦ୍ରରେ ସରକାର କରିବାରେ ସକ୍ଷମ ହେବ। ସେହିପରି ଉତ୍ତରପ୍ରଦେଶରୁ ଭାଜପା ଯେତିକି ଆସନ ହରାଇବ ତା'ର ପାଖାପାଖି ସଂଖ୍ୟା ଓଡିଶା ଓ ପଶ୍ଚିମବଙ୍ଗରୁ ଦଳକୁ ମିଳିଯିବ ବୋଲି ମଧ୍ୟ ରିପୋର୍ଟରେ ଦର୍ଶାଯାଉଛି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଅନୁଯାୟୀ ରାଜ୍ୟର ଶାସକ ଦଳ ବିଜେଡି(ବିଜୁ ଜନତା ଦଳ) ଠାରୁ ମଧ୍ୟ ଅଧିକ ଲୋକ ସଭା ଆସନ ଏଥର ଭାଜପା ଖାତାକୁ ଯିବ। ଏହି ଆଧାରରେ ରାଜ୍ୟରେ ଅଧିକରୁ ଅଧିକ ବିଧାନସଭା ଆସନ ଦଖଲ କରି ସରକାର ଗଢ଼ିବାର ସ୍ୱପ୍ନ ଭାଜପା ଦେଖିଲାଣି। ତେବେ ବିରୋଧୀ କିନ୍ତୁ ଏକ୍‌ଜିଟ ପୋଲ୍ ରିପୋର୍ଟ ଠିକ୍ ହେବ ନାହିଁ ବୋଲି ଯୁକ୍ତି ବାଢ଼ିବା ଆରମ୍ଭ କରିଛନ୍ତି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଲୋକ ସଭା ଆସନର ଗଣିତକୁ ନେଇ ହିସାବ କରାଯାଇଛି। ବିଧାନସଭାକୁ ନେଇ ସେପରି କୌଣସି ହିସାବ ରଖାଯାଇ ନାହିଁ। ଏହାସତ୍ତ୍ୱେ ଏଥର ଓଡ଼ିଶାରେ ଭାଜପା ସରକାର କରିବା ନିଶ୍ଚିତ ବୋଲି ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମତ ରଖିଛନ୍ତି। କେବଳ ଜୁଏଲ ନୁହନ୍ତି, ଅନ୍ୟ କେତେଜଣ ନେତା ମଧ୍ୟ ସମାନ କଥା ଦୋହରାଇଛନ୍ତି। ହେଲେ ବିଜେଡି ଓ କଂଗ୍ରେସ ଏହାକୁ ଗ୍ରହଣ କରିନାହାନ୍ତି।

୨୦୧୯ ନିର୍ବାଚନର ଜନାଦେଶ ଭାଜପା ସପକ୍ଷରେ ଯିବା ନେଇ ଚାରିଆଡେ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ରାଜ୍ୟ ନେତୃବୃନ୍ଦମାନେ ମଧ୍ୟ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ନିର୍ବାଚନ ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶାରେ ଦଳ ୧୨୦ପ୍ଲସ ଆସନ ପାଇବ ବୋଲି ଯେଉଁ ହିସାବ ଦେଇଥିଲେ ତାହା ଠିକ୍ ନ ହେଲେ ମଧ୍ୟ ସରକାର କରିବୁ ବୋଲି ଭାଜପା ନେତା ଦମ୍ଭୋକ୍ତି ଦେଖାଉଛନ୍ତି। ତେବେ ଏହା କେତେ ମାତ୍ରାରେ ଠିକ୍ ହେବ ତାହା ଆସନ୍ତା ୨୩ରେ ଫଳାଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ରଖିଛନ୍ତି। ଚଳିତ ନିର୍ବାଚନରେ ରାଜ୍ୟର ଭୋଟରମାନେ ଏତେ ମାତ୍ରାରେ ନୀରବ ଥିଲେ ଯେ, ଫଳାଫଳ କାହା ସପକ୍ଷରେ ଯିବ ସେକଥା ଆକଳନ କରିବା ବଡ଼ ମୁସ୍କିଲ ହୋଇଯାଇଛି। ☞ପୃଷ୍ଠା-୨

## ପୁଣି କ୍ଷମତାକୁ ଫେରିବୁ: ବିଜେଡି

ଭୁବନେଶ୍ୱର,୨୦।୫(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନେତାମାନଙ୍କ ମନରେ ହାରିବା କିମ୍ବା ଜିତିବା ନେଇ ଝନକା ପଶିଯାଇଛି। କ'ଣ ହେବ ନିଜର ରାଜନୈତିକ ଭାଗ୍ୟ, ଏନେଇ ଛାତି ଧଡ଼ ଧଡ଼। ଜନମତ ସପକ୍ଷରେ ଯିବ ନା ବିପକ୍ଷରେ ଯିବ। ଏମିତି ଅନେକ ପ୍ରଶ୍ନ ପ୍ରାର୍ଥୀମାନଙ୍କ ମନକୁ ଆନ୍ଦୋଳିତ କରୁଛି। ରବିବାର ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ(ବୁଥଫେରନ୍ତା ମତ) ପ୍ରକାଶ ପାଇବା ପରେ ପ୍ରାର୍ଥୀମାନଙ୍କର ରକ୍ତଚାପ ବଢ଼ିଯାଇଛି। କେବଳ ଦେଶରେ ନୁହେଁ ରାଜ୍ୟରେ ମଧ୍ୟ ଏହି ସର୍ଭେର ଫଳାଫଳ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି। ଏକଜିଟ ପୋଲ ସର୍ଭେ ଅନୁଯାୟୀ ରାଜ୍ୟରେ ବିଜେଡି ପଞ୍ଚମ ଥର ଲାଗି କ୍ଷମତାକୁ ଫେରିବାକୁ ଥିବାବେଳେ କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ମଧ୍ୟ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହେବ। ତେବେ ୨୦୧୪ ନିର୍ବାଚନ ତୁଳନାରେ ବିଜେଡି ଉଭୟ ବିଧାନସଭା ଓ ଲୋକ ସଭାର ଅନେକ ଆସନ ହରାଇବ ବୋଲି ଅନୁମାନ କରାଯାଇଛି। ତେବେ ଏହି ଅନୁମାନକୁ ବିଜେଡି ନେତାମାନେ ବିଶ୍ୱାସ କରୁନାହାନ୍ତି।

ବିଜେଡିର ବରିଷ୍ଠ ନେତା ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ, ଏକ୍‌ଜିଟ୍ ପୋଲ ସର୍ଭେ, ପ୍ରକୃତ ସର୍ଭେ ନୁହେଁ। କିଛି ସାମ୍ପୁଲକୁ ଆଧାର କରି ଫଳାଫଳ ପ୍ରକାଶ କରାଯାଇଛି। ବିଜେଡି ଏଥର ଭଲ ଫଳାଫଳ କରିବ। ବିଧାନସଭାରେ ୧୨୩ ଆସନ ଏବଂ ୧୭ରୁ ୧୮ଟି ଲୋକ ସଭା ଆସନ ହାସଲ କରିବ ବୋଲି ସୂର୍ଯ୍ୟ ଦୃଢୋକ୍ତି କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ପ୍ରଥମ ଥର ପାଇଁ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେଲା। ପ୍ରଧାନମନ୍ତ୍ରୀ ମୋଦି ୧୦ ଥର, ଅମିତ ଶାହ ୨୦ଥର ଏବଂ ୫୦ ଜଣ କେନ୍ଦ୍ରମନ୍ତ୍ରୀ ଆସି ପ୍ରଚାର କରିବାରୁ ଲୋକ ସଭା ଆସନରେ କିଛିଟା ପ୍ରଭାବ ପଡ଼ିପାରେ। ଓଡ଼ିଶାରେ ନବୀନ ହାଓ୍ୱା ଛଡ଼ା ଅନ୍ୟ କୌଣସି ହାଓ୍ୱା କାମ କରିବ ନାହିଁ। ବିଜେଡି ଭଲ କରିବ ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଏକ୍‌ଜିଟ ପୋଲ ଠିକ୍ ନୁହେଁ। ସେଥିରେ ୫୦ ପ୍ରତିଶତ ମହିଳା, ଦଳିତ, ଆଦିବାସୀ, ବୟସ୍କ ବ୍ୟକ୍ତିଙ୍କ ମତ ପ୍ରାୟତଃ ନିଆଯାଇ ନ ଥାଏ। ଅନେକ ସମୟରେ ଏକଜିଟ୍ ପୋଲ ଭୁଲ ପ୍ରମାଣିତ ହୋଇଛି। ବିଜେଡିର ବିଧାନସଭା ☞ପୃଷ୍ଠା-୨

# ଉଛୁଳିଲା ବଜାର

## ୧୪୨୨ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

ମୁମ୍ବାଇ,୨୦।୫





- ନିଫ୍ଟିରେ ୪୨୧.୧୦ ପଏଣ୍ଟ ବୃଦ୍ଧି
- କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣରେ ଉନ୍ନତି
- ନିବେଶକଙ୍କୁ ଲାଭ ୫.୩୩ ଲକ୍ଷ କୋଟି
- ଟଙ୍କା ମୂଲ୍ୟରେ ୪୯ ପଇସା ବୃଦ୍ଧି

ଦେଶର ସାଧାରଣ ନିର୍ବାଚନ ଫଳାଫଳ ୨୩ରେ ଆସିବାକୁ ଥିବା ବେଳେ କେନ୍ଦ୍ରରେ ପୁଣି ଥରେ ଏନ୍‌ଡିଏ ସରକାର ଶାସନ କ୍ଷମତାକୁ ଫେରିବା ନେଇ ଏକ୍‌ଜିଟ ପୋଲ୍ କହିସାରିଛି। ଏପରିସ୍ଥିତିରେ ସୋମବାର ଏହାର ପ୍ରଭାବ ଶେୟାର ବଜାର ଉପରେ ପରିଲକ୍ଷିତ ହୋଇଛି। ନିବେଶକଙ୍କ ମଧ୍ୟରେ ଉତ୍ସାହ ଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ସୂଚକାଙ୍କ ୧୪୨୧.୯୦ ପଏଣ୍ଟ (୩.୭୫%) ବୃଦ୍ଧି ଘଟିଛି, ଯାହା କି ରେକର୍ଡ ଭାଙ୍ଗିଛି। ବିଏସ୍‌ଇ ସେନ୍‌ସେକ୍ସ ୩୯,୩୫୨.୬୭ ପଏଣ୍ଟ ସ୍ତର ଛୁଇଁଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୪୨୧.୧୦ ପଏଣ୍ଟ( ୩.୬୯%) ବୃଦ୍ଧି ଘଟି ୧୧,୮୨୮.୨୫ ସ୍ତରରେ ବନ୍ଦ ହୋଇଛି। ୩୦ ସୂଚକାଙ୍କ ବିଶିଷ୍ଟ ବିଏସ୍‌ଇରେ ସୋମବାର ଦୈନିକ କାରବାର ଗତ ୬ ବର୍ଷର ସର୍ବୋଚ୍ଚ ସ୍ତରରେ ରହିବା ସହ ଇଣ୍ଟ୍ରାଡେ ରେକର୍ଡ ୩୯,୪୧୨.୫୬ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା। ସେହିଭଳି ନିଫ୍ଟି ଏହାର ଦୈନିକ କାରବାରରେ ୧୦ ବର୍ଷର ରେକର୍ଡକୁ ଭାଙ୍ଗିଥିବା ଜଣାପଡିଛି। ଏହି ସମୟରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣରେ ୫.୩୩ ଲକ୍ଷ କୋଟି ବୃଦ୍ଧି ଘଟିଥିବା ବେଳେ ନିବେଶକଙ୍କୁ ୫.୩୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଥିବା ଷ୍ଟକ ବଜାର ସୂତ୍ରରୁ ଜଣାଯାଇଛି।

ବିଏସ୍‌ଇରେ ଏସ୍‌ବିଆଇ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଟାଟା ମୋଟର୍ସ, ଏଲ ଆଣ୍ଡ ଟି, ୟେସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ମାରୁତି, ଓଏନ୍‌ଜିସି, ରିଲାଏନ୍ସ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି କମ୍ପାନୀଗୁଡିକର ଷ୍ଟକ କାରବାର ଉନ୍ନତ ରହିଛି। ଉକ୍ତ କମ୍ପାନୀଗୁଡିକର ଷ୍ଟକରେ ପ୍ରାୟ ୮.୫୧% ବୃଦ୍ଧି ଘଟିଛି। ଏହି ସମୟରେ ବଜାଜ ଅଟୋ ଏବଂ ଇନଫୋସିସର କାରବାର ୧.୦୪% ହ୍ରାସ ଘଟିଛି। ବିଏସ୍‌ଇର ମିଡ୍ କ୍ୟାପ ଏବଂ ସ୍ମଲ ☞ପୃଷ୍ଠା-୨

## ପରଲୋକରେ ଅର୍ଥନୀତିଜ୍ଞ ବାସୁଦେବ ସାହୁ



ଭୁବନେଶ୍ୱର,୨୦।୫(ବ୍ୟୁରୋ)

ବରିଷ୍ଠ ଅର୍ଥନୀତିଜ୍ଞ ତଥା ଲେଖକ ବାସୁଦେବ ସାହୁଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ବାସଭବନରେ ସେ ରବିବାର ରାତିରେ ଇହଧାମ ତ୍ୟାଗ କରିଛନ୍ତି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା।

୧୯୩୪ ମସିହାରେ ଭଦ୍ରକ ଜିଲା ଧୁଷୁରୀ ପଞ୍ଚାୟତ ସାହାସପୁର ଗାଁରେ ଜନ୍ମଗ୍ରହଣ କରିଥିବା ବାସୁଦେବ ଭଦ୍ରକ କଲେଜରୁ ଅଧ୍ୟାପକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏହାପରେ ସମ୍ବଲପୁର ଜିଏମ୍ କଲେଜରେ ଅଧ୍ୟାପନା କରି ଶେଷରେ କଟକ ରେଭେନ୍‌ଶା ମହାବିଦ୍ୟାଳୟରୁ ବରିଷ୍ଠ ଅର୍ଥନୀତି ପ୍ରଫେସର ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ଲୋକପ୍ରିୟ ଶିକ୍ଷକ ଭାବେ ସେ ଯେତିକି ସୁନାମ ଅର୍ଜନ କରିଥିଲେ, ☞ପୃଷ୍ଠା-୨

## ବାଇକ୍- ବୋଲେରୋ ଧକ୍କା
## ବାପ, ପୁଅ ମୃତ, ମା', ପୁଅ ଗୁରୁତର

ଦିଗପହଣ୍ଡି,୨୦।୫(ଡି.ଏନ.ଏ.)

ପାଟପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକ ନିକଟରେ ସୋମବାର ସକାଳ ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାପ, ପୁଅଙ୍କର ମୃତ୍ୟୁ ଘଟିଥିବା ବେଳେ ମା' ଓ ପୁଅ ଗୁରୁତର ହୋଇଛନ୍ତି। ଦୁର୍ଘଟଣାସ୍ଥଳରେ ବାପାଙ୍କର ମୃତ୍ୟୁ ହୋଇଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲରେ ପୁଅଙ୍କର ମୃତ୍ୟୁ ଘଟିଛି। ଏଥିରେ ମା' ଓ ପୁଅ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ସନ୍ତୋଷ ପ୍ରଧାନ (୩୫) ଓ ପୁଅ ସୋମ୍ ପ୍ରଧାନ (୧୦)। ଗୁରୁତର ୨ ଜଣ ହେଲେ ସନ୍ତୋଷଙ୍କ ସ୍ତ୍ରୀ କ୍ଷେତ୍ରୀ ପ୍ରଧାନ (୨୭) ଓ ସାନପୁଅ ଓମ୍। ସାନଖେମୁଣ୍ଡି ☞ପୃଷ୍ଠା-୨





ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ରୁ ସୋମବାର ନିଟ୍ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର।

# ଆଜି ମାଟ୍ରିକ ପରୀକ୍ଷାଫଳ

କଟକ ଅଫିସ, ୨୦।୫

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇବ। ପୂର୍ବାହ୍ନ ୯ଟାରେ କଟକ ବଜ୍ରକବାଟୀ ରୋଡସ୍ଥିତ ବୋର୍ଡ କାର୍ଯ୍ୟାଳୟ ପରିସରରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଫଳ ଘୋଷଣା କରାଯିବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୋମବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଟ୍ରିକ ପରୀକ୍ଷା ସହ ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫଳ ଏକସଙ୍ଗରେ ପ୍ରକାଶ ପାଇବ। ପୂର୍ବାହ୍ନ ୧୧ଟାରେ ଫଳାଫଳ ୱେବ୍‌ସାଇଟରେ ଉପଲବ୍ଧ ହେବ। ବୋର୍ଡର ନିଜସ୍ୱ ୱେବସାଇଟ୍ www.bseodisha.ac.in ଏବଂ www.bseodisha.nic.inରେ ଲଗ୍‌ଇନ୍ କରି ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା ଫଳ ପାଇପାରିବେ। ଏହାଛଡ଼ା ପରୀକ୍ଷାର୍ଥୀଙ୍କ ଓଏମ୍‌ଆର୍ ସିଟ ମଧ୍ୟ ୱେବ୍‌ସାଇଟରେ ଉପଲବ୍ଧ ରହିବ। ଏବେ ଓଏମ୍‌ଆର୍ ସିଟ୍ ଅପଲୋଡ ଚାଲିଛି, ମଙ୍ଗଳବାର ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ ହୋଇଯାଇଥିବ ବୋଲି ସଭାପତି ଡ. ବେଗମ କହିଛନ୍ତି। ଯେଉଁ ଅଞ୍ଚଳରେ ଇଣ୍ଟରନେଟର ସୁବିଧା ନାହିଁ, ସେଠାକାର ପରୀକ୍ଷାର୍ଥୀ ଏସ୍‌ଏମଏସ୍ ଜରିଆରେ ନିଜ ପରୀକ୍ଷା ଫଳ ଜାଣି ପାରିବେ। ଓଆର୧୦ ଲେଖିବା ପରେ ସ୍ପେଶ ଦେଇ ନିଜ ☞ପୃଷ୍ଠା-୨

**ପୂର୍ବାହ୍ନ ୧୧ଟାରୁ ୱେବସାଇଟ୍‌ରେ ଉପଲବ୍ଧ**

**ପରୀକ୍ଷାର୍ଥୀଙ୍କ ପାଇଁ ସୂଚନା**

ମୋବାଇଲରେ ରେଜଲ୍ଟ ପାଇବା ପାଇଁ ମେସେଜ୍ ବକ୍ସରେ OR୧୦ ଟାଇପ୍ କରି ସ୍ପେସ୍ ଦେଇ ନିଜ ରୋଲ୍ ନମ୍ବର ଲେଖିବା ପରେ ୫୬୭୬୭୫୦କୁ ପଠାନ୍ତୁ।
ଦୁଇଟି ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ- www.bseodisha.ac.in ଏବଂ www.bseodisha.nic.in

## ଅଡୁଆରେ କମଲନାଥ ସରକାର

ନୂଆଦିଲ୍ଲୀ,୨୦।୫



- ସ୍ୱତନ୍ତ୍ର ଅଧିବେଶନ ଲାଗି ରାଜ୍ୟପାଳଙ୍କୁ ଭାଜପାର ଚିଠି
- ମଧ୍ୟପ୍ରଦେଶ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଉ

ମଧ୍ୟପ୍ରଦେଶରେ କମଲନାଥ ସରକାର ସଂଖ୍ୟାଲଘୁ ପାଲଟିଛି। ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ଭାଜପା ପକ୍ଷରୁ ସୋମବାର ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍‌ଙ୍କ ନିକଟରେ ଦାବି କରାଯାଇଛି।

ରାଜ୍ୟର ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ କହିଛନ୍ତି ଯେ, କୃଷିଋଣ ଛାଡ଼ ଭଳି ରାଜ୍ୟର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଆଲୋଚନା କରିବା ଓ ଆସ୍ଥାଭୋଟ ଲୋଡ଼ିବା ଲାଗି ରାଜ୍ୟପାଳ ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଡାକିବା ଜରୁରୀ। ପ୍ରକାଶଥାଉ କି, ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଭାଜପାକୁ ଉତ୍ସାହ ଆଣି ଦେଇଥିବାବେଳେ କଂଗ୍ରେସ-ବିଏସ୍‌ପି କନ୍ଦଳ ତୀବ୍ର ହେବାରେ ଲାଗିଛି। ବିଶେଷକରି ଗତ ମାସରେ ବିଏସ୍‌ପି ପ୍ରାର୍ଥୀ ଲୋକେନ୍ଦ୍ର ସିଂ ରାଜପୁତ୍ ଦଳ ଛାଡ଼ି କଂଗ୍ରେସରେ ଯୋଗଦେବା ପରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଏସ୍‌ପି ସୁପ୍ରିମୋ ମାୟାବତୀ କମଲନାଥ ସରକାରକୁ ସମର୍ଥନ ଦେବା ନେଇ ସମୀକ୍ଷା କରିବେ ବୋଲି କହିଥିଲେ।

ଗତବର୍ଷ ବିଧାନସଭା ନିର୍ବାଚନରେ ଭାଜପାକୁ ପରାସ୍ତକରି କଂଗ୍ରେସ ମଧ୍ୟପ୍ରଦେଶରେ ସହଯୋଗୀ ଦଳଗୁଡ଼ିକୁ ନେଇ ସରକାର ଗଠନ କରିଥିଲା। କୌଣସି ଦଳ ମ୍ୟାଜିକ୍ ନମ୍ବର (୧୧୬) ଛୁଇଁପାରି ନ ଥିବାବେଳେ ବିଏସ୍‌ପିର ୨ ଓ ଏସ୍‌ପିର ଜଣେ ବିଧାୟକଙ୍କ ସମର୍ଥନ କ୍ରମେ ସାମାନ୍ୟ ସଂଖ୍ୟାଗରିଷ୍ଠତା ସହ କଂଗ୍ରେସ (୧୧୪) ☞ପୃଷ୍ଠା-୨

## ପଶ୍ଚିମ ଓଡ଼ିଶାରେ ତାତି, ଉପକୂଳରେ ଗୁଳୁଗୁଳି
# ୩୧ ଯାଏ ସିଝେଇବ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

- ଟିଟିଲାଗଡ଼ରେ ପାରଦ ୪୫.୫ ଡିଗ୍ରୀ
- ୪୦ ଡିଗ୍ରୀ ଉପରେ ୯ ସହର
- ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା
- ମୁକାବିଲା ନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ

ବାତ୍ୟା 'ଫନୀ' ଚୋଟରେ କ୍ଷତାକ୍ତ ଓଡ଼ିଶାବାସୀ ଅଣ୍ଟା ସଳଖି ନ ଥିବା ବେଳେ ସୂର୍ଯ୍ୟଦେବଙ୍କ କୋପ ଜନଜୀବନକୁ ହନ୍ତସନ୍ତ କରିଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ତାତିରେ ଲୋକମାନେ ଆଉଟ ପାଉଟ ହେଉଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳ ଗୁଳୁଗୁଳି ଅଣନିଃଶ୍ୱାସୀ କରିଛି। ଗତ ଦୁଇ ସପ୍ତାହ ଧରି ରାଜ୍ୟରେ ଏଭଳି ପ୍ରତିକୂଳ ପାଗ ମନୁଷ୍ୟଠାରୁ ଆରମ୍ଭକରି ପଶୁପକ୍ଷୀଙ୍କୁ ବ୍ୟତିବ୍ୟସ୍ତ କରିଛି। ଦିନରେ ଆକାଶରୁ ଅଗ୍ନି ବର୍ଷୁଛି। ରାତିରେ ମଧ୍ୟ ତ୍ରାହି ମିଳୁ ନାହିଁ। ସକାଳ ୭ଟାରୁ ଆରମ୍ଭ ହୋଇଯାଉଛି ଭୟଙ୍କର ତାତି। ଗରମ ଓ ଗୁଳୁଗୁଳି ଜୀବନକୁ ଦୁର୍ବିଷହ କରିପକାଇଛି। ଟାଇଁ ଟାଇଁ ଖରା ଦେହ ମୁହଁକୁ ଜାଳିପୋଡି ଦେଉଛି। ଅପରାହ୍ନ ୫ଟା ଯାଏ ଖରାରୁ ନିସ୍ତାର ନାହିଁ।

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ତତଲା ହାଓ୍ୱା ପରିବେଶକୁ ଉତ୍ତପ୍ତ କରିଦେଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଟିଟିଲାଗଡରେ ରାଜ୍ୟରେ ସର୍ବାଧିକ ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୪, ସୋନପୁର ୪୩, ସମ୍ବଲପୁର ୪୨.୭, ଝାରସୁଗୁଡା ୪୨.୬, ହୀରାକୁଦ ୪୧.୪, ଅନୁଗୋଳ ୩୯.୧, ସୁନ୍ଦରଗଡ ୪୩, ମାଲକାନଗିରି ୪୩.୪, କେନ୍ଦୁଝର ୩୯.୮ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାରେ ଖରା ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ପରିବେଶ ସୃଷ୍ଟି କରିଛି। ତାତି ଅଧିକ ନ ଥିଲେ ମଧ୍ୟ ଦିନରେ ବାୟୁ ପ୍ରବାହ ମାନ୍ଦା ହେଉଥିବା ବେଳେ ଆର୍ଦ୍ରତା ☞ପୃଷ୍ଠା-୨



## ବଜ୍ରପାତରେ ଜଳିଲା ନଡ଼ିଆ ଗଛ

ସୋମବାର ଅପରାହ୍ନ ୩ଟାରେ ନୟାଗଡ ଜିଲା ଓଡଗାଁ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ସ୍ଥାନୀୟ ସିନେମା ହଲ୍ ଛକରେଥିବାଏକକୋଠାଘରକୁଲାଗିଗୋଟିଏନଡ଼ିଆଗଛହୁତୁହୁତୁହୋଇଜଳିଯାଇଥିଲା। ଏନେଇ ସ୍ଥାନୀୟ ଲୋକମାନେ କିଛି ସମୟ ପାଇଁ ଆତଙ୍କିତ ହୋଇଯାଇଥିଲେ।

**ଆଜିର ସମ୍ପାଦକୀୟ**

**ଦୁଃଖଭୋଗ**

**ଆଜିର ମନ୍ତବ୍ୟ**

"୫ ମାସ ମଧ୍ୟରେ ଆମେ ୪ ଥର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇସାରିଛୁ। ଏବେ ବି ଆମେ ଏଥିଲାଗି ପୂର୍ଣ୍ଣ ପ୍ରସ୍ତୁତ।"
-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୧୮୮୯ ପରଠାରୁ ୧୦୦ ଦେଶ ମାପ ଲାଗି ଇଣ୍ଟରନ୍ୟାଶନାଲ ସିଷ୍ଟମ ଅଫ୍ ୟୁନିଟ (ଏସ୍‌ଆଇ) ବ୍ୟବସ୍ଥା ଗ୍ରହଣ କରୁଛନ୍ତି।
-ଇଣ୍ଟରନ୍ୟାଶନାଲ ବ୍ୟୁରୋ ଅଫ୍ ୱେଟ୍ସ ଆଣ୍ଡ ମେଜର୍ସ


NECC NATIONAL EGG CO-ORDINATION COMMITTEE 20.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 92 | 148 | 158 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 91 | 146 | 156 |
| BLS | 92 | 148 | 158 |
| ANG | 92 | 148 | 158 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବିବାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।
ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୬ | ୨୬.୪ |
| ଚାନ୍ଦବାଲି | ୩୮.୨ | ୨୮.୬ |
| କଟକ | ୩୮.୦ | ୨୬.୫ |
| ପାରାଦ୍ୱୀପ | ୩୩.୨ | ୨୮.୪ |
| ଭୁବନେଶ୍ୱର | ୩୭.୭ | ୨୭.୮ |
| ଗୋପାଳପୁର | ୩୩.୦ | ୨୭.୩ |
| ପୁରୀ | ୩୩.୮ | ୨୮.୦ |
| ଅନୁଗୋଳ | ୩୯.୧ | ୨୦.୦ |
| ବାରିପଦା | ୩୮.୦ | ୨୮.୨ |
| ଝାରସୁଗୁଡ଼ା | ୪୨.୬ | ୨୯.୨ |
| କେନ୍ଦୁଝର | ୩୯.୮ | ୨୬.୭ |
| ସମ୍ବଲପୁର | ୪୨.୭ | ୨୯.୦ |
| ସୁନ୍ଦରଗଡ଼ | ୪୩.୦ | ୨୬.୦ |
| ହୀରାକୁଦ | ୪୧.୪ | ୨୯.୫ |
| ତାଳଚେର | --- | ୨୮.୦ |
| ଭବାନୀପାଟଣା | ୪୩.୦ | ୩୦.୦ |
| ବଲାଙ୍ଗୀର | ୪୪.୦ | ୨୫.୫ |
| କୋରାପୁଟ | ୩୬.୬ | ୨୩.୦ |
| ଫୁଲବାଣୀ | --- | ୨୬.୦ |
| ଟିଟିଲାଗଡ଼ | ୪୫.୫ | ୨୭.୫ |
| ମାଲକାନଗିରି | ୪୩.୪ | ୨୪.୮ |
| ସୋନପୁର | ୪୩.୦ | ୨୭.୪ |
| ଦାରିଙ୍ଗିବାଡ଼ି | ୩୬.୨ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ...

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏକ୍‌ଜିଟ୍ ପୋଲ୍ ରିପୋର୍ଟକୁ ନେଇ କହିଛନ୍ତି ଯେ, ଏଥର କେନ୍ଦ୍ରରେ ଆମକୁ ୩ଶହ ଆସନ ମିଳିବ। ଓଡିଶା ବିଧାନସଭାରେ ମଧ୍ୟ ଭଲ ପ୍ରଦର୍ଶନ କରିବୁ। ରାଜ୍ୟରେ ଭାଜପା ବେଧଡକଭାବେ ସରକାର କରିବାକୁ ଯାଉଛି। ରାଜ୍ୟରେ ମୋଦି ମ୍ୟାଜିକ୍ କାମ ଦେଇଛି। ରାଜ୍ୟରେ ୭୦ ବିଧାନସଭା ଆସନରେ ଆମେ ଜିତି ସରକାର ଗଢ଼ିବୁ ବୋଲି ଜୁଏଲ କହିଛନ୍ତି। ସେହିପରି ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ଭାଜପା ବଢୁଛି। ଦେଶରେ କଂଗ୍ରେସ ଛିଡୁଛି ଓ ବିଜେଡି ମଧ୍ୟ ରାଜ୍ୟରେ ତଳକୁ ଖସିବାରେ ଲାଗିଛି। ଏଥର ରାଜ୍ୟରେ ଭାଜପା ସରକାର କରିବାକୁ ଯାଉଛି ବୋଲି ବସନ୍ତ କହିଛନ୍ତି। କିନ୍ତୁ ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି ଯେ, ଏଥର ରାଜ୍ୟରେ ଝୁଲା ବିଧାନସଭା ହେବାର ସମ୍ଭାବନା ରହିଛି। ବିଜେଡି ମ୍ୟାଜିକ୍ ନମ୍ବର ଛୁଇଁପାରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଭାଜପା ବିଜେଡି ପାଖାପାଖି ଆସନ ପାଇଲେ ବିଜେଡି ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିପାରେ ବୋଲି ଦାମ ଆକଳନ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏକ୍‌ଜିଟ୍ ପୋଲ୍ ଆକଳନ ବିଶ୍ୱାସଯୋଗ୍ୟ ବୋଲି କହିହେବ ନାହିଁ। ରାଜ୍ୟରେ ୨୦ରୁ ୩୦ ଆସନ ପାଇବୁ ବୋଲି ଆକଳନ କରିଥିଲୁ। ରାଜ୍ୟରେ କିନ୍ତୁ ଭାଜପା କ୍ଷମତାକୁ ଆସିପାରିବ ନାହିଁ। ଦଳର ବରିଷ୍ଠ ନେତା ସୁର ରାଉତରାୟଙ୍କ କହିବାନୁଯାୟୀ, ଏକ୍‌ଜିଟ୍ ପୋଲ୍ ଆକଳନ ସମ୍ପୂର୍ଣ୍ଣ ଠିକ୍ ହେବ ବୋଲି କହିହେବ ନାହିଁ। କେନ୍ଦ୍ରରେ ଏନ୍‌ଡିଏ ସଂଖ୍ୟା କମିବ ଏବଂ ରାଜ୍ୟରେ କଡା ପ୍ରତିଯୋଗିତା ହେବ। ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୩ତାରିଖ ମେଣ୍ଟ ବୈଠକରେ ଯୋଗଦେବା ପାଇଁ ଚିଠି ଦେଇଛନ୍ତି। ଯଦି ମେଣ୍ଟ ହୁଏ ତେବେ ଓଡିଶାରେ କଂଗ୍ରେସ ମୁଖ୍ୟ ଭୂମିକା ତୁଲାଇବ ବୋଲି ସୁର କହିଛନ୍ତି। ଏହିସବୁ ଆକଳନ ଚାଲିଥିବା ବେଳେ ରାଜ୍ୟର ବହୁ ହେଭିୱେଟ୍ ନେତା ଏଥର ଚିତ୍‌ପଟାଙ୍ଗ ମାରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟର ଏକାଧିକ ଲୋକ ସଭା ଏବଂ ବିଧାନସଭା ଆସନରୁ ଲଢୁଥିବା ଟାଣୁଆ ନେତାଙ୍କ ନାମ ଏହି ତାଲିକାରେ ରହିଛି। ଏକ୍‌ଜିଟ ପୋଲ୍ ରିପୋର୍ଟ ଅନୁସାରେ ଭାଜପା ଯଦି ବିଜେଡି ପାଖାପାଖି ବିଧାନସଭା ଆସନ ପାଇବ ତେବେ କ'ଣ ରହିବ ନବୀନ ପଟ୍ଟନାୟକଙ୍କ ଆଭିମୁଖ୍ୟ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଅନୁମାନ ଲଗାଇ ପାରୁ ନାହାନ୍ତି।

### ଓଡ଼ିଶାର ଲୋକ ସଭା ଆସନ
**ଆଜ୍‌ତକ ଓ ଆକ୍ସିସ ମାଇଁ ଇଣ୍ଡିଆର ଏକ୍‌ଜିଟ୍ ପୋଲ୍**

| | ଆସନ | ଦଳ |
|---|---|---|
| ୧ | ବରଗଡ଼ | ଭାଜପା |
| ୨ | ସୁନ୍ଦରଗଡ଼ | ଭାଜପା |
| ୩ | ସମ୍ବଲପୁର | ଭାଜପା |
| ୪ | କେନ୍ଦୁଝର | ଭାଜପା |
| ୫ | ମୟୂରଭଞ୍ଜ | ଭାଜପା |
| ୬ | ବାଲେଶ୍ୱର | ଭାଜପା |
| ୭ | ଭଦ୍ରକ | କଡ଼ା ମୁକାବିଲା (ଭାଜପା-ବିଜେଡି) |
| ୮ | ଯାଜପୁର | ଭାଜପା |
| ୯ | ଢେଙ୍କାନାଳ | ଭାଜପା |
| ୧୦ | ବଲାଙ୍ଗୀର | ଭାଜପା |
| ୧୧ | କଳାହାଣ୍ଡି | ଭାଜପା |
| ୧୨ | ନବରଙ୍ଗପୁର | କଡ଼ା ମୁକାବିଲା (ଭାଜପା-ବିଜେଡି-କଂଗ୍ରେସ) |
| ୧୩ | କନ୍ଧମାଳ | ଭାଜପା |
| ୧୪ | କଟକ | ବିଜେଡି |
| ୧୫ | କେନ୍ଦ୍ରାପଡ଼ା | କଡ଼ା ମୁକାବିଲା (ଭାଜପା-ବିଜେଡି) |
| ୧୬ | ଜଗତ୍‌ସିଂହପୁର | ବିଜେଡି |
| ୧୭ | ପୁରୀ | ଭାଜପା |
| ୧୮ | ଭୁବନେଶ୍ୱର | ଭାଜପା |
| ୧୯ | ଆସ୍କା | ଭାଜପା |
| ୨୦ | ବ୍ରହ୍ମପୁର | ଭାଜପା |
| ୨୧ | କୋରାପୁଟ | କଡ଼ା ମୁକାବିଲା (ଭାଜପା-ବିଜେଡି-କଂଗ୍ରେସ) |

## ପରଲୋକରେ...

ତା'ଠୁ ଅଧିକ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅବଦାନ ରହିଥିଲା। କେବଳ ଅର୍ଥନୀତି ନୁହେଁ, ଭାଷା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ଉତ୍କର୍ଷ ପ୍ରତିପାଦନ କରିଛନ୍ତି। ସେ ଏକାଧିକ କବିତା ଏବଂ ଭିନ୍ନସ୍ୱାଦର ପୁସ୍ତକ ରଚନା କରିଥିଲେ। ଅର୍ଥନୀତିବିଷୟବସ୍ତୁ ଉପରେ ଆଧାରିତ ରିସର୍ଚ୍ଚ ଜର୍ନାଲ 'ଭିଜନ୍'ର ସମ୍ପାଦକ ଓ ପ୍ରକାଶକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଜର୍ନାଲ ରାଜ୍ୟ ଏବଂ ରାଜ୍ୟ ବାହାରର ଅର୍ଥନୀତି ଛାତ୍ରୀଛାତ୍ର ଓ ଗବେଷକମାନଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅବସର ପରେ ସେ ସାମାଜିକ କ୍ଷେତ୍ରରେ ବେଶ୍ ସକ୍ରିୟ ଥିଲେ।

## ଉଚ୍ଛୁଳିଲା...

କ୍ୟାପ ସୂଚକାଙ୍କରେ କାରବାର ପ୍ରାୟ ୩.୫୭% ବଢିଛି। ଏହାବାଦ ନିଫ୍ଟିରେ ପିଏସ୍‌ୟୁ ବ୍ୟାଙ୍କ, ରିୟଲିଟି, ଫାଇନାନ୍ସିଆଲ ସର୍ଭିସ, ବ୍ୟାଙ୍କିଙ୍ଗ ଷ୍ଟକ ଭଲ ପ୍ରଦର୍ଶନ କରିବା ସହ ୭.୮୮% ଉଚ୍ଚ ସ୍ତରରେ ରହିଛି। ରବିବାର ପ୍ରକାଶିତ ଏକ୍‌ଜିଟ ପୋଲ ଫଳାଫଳରେ କେନ୍ଦ୍ରର ଶାସନାଧୀନ ଏନ୍‌ଡିଏକୁ ୩୦୦ରୁ ଅଧିକ ଆସନ ମିଳିବ ବୋଲି କୁହାଯାଇଛି। ଲୋକସଭାରେ ସଂଖ୍ୟା ଗରିଷ୍ଠତା କୁହାଯାଉଥିବା ୨୭୨ ଆସନ ଠାରୁ ଏନ୍‌ଡିଏ ଅଧିକ ଆସନ ଲାଭ କରିବାକୁ ସକ୍ଷମ ହେବ ଆକଳନ କରାଯାଇଛି। ଏନ୍‌ଡିଏ ସରକାର ପୁଣି କ୍ଷମତାକୁ ଆସିଲେ ସଂସ୍କାର ଧାରା ଜାରି ରଖିବେ ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି। ଏନ୍‌ଡିଏକୁ ସଂଖ୍ୟା ଗରିଷ୍ଠତା ମିଳିବା ନେଇ ଆକଳନ ହୋଇଥିବାରୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡିଥିବା ଏମ୍‌କେ ୱେଲଥ ମ୍ୟାନେଜମେଣ୍ଟ ରିସର୍ଚ୍ଚର ମୁଖ୍ୟ ଯୋଶେପ ଥୋମାସ କହିଛନ୍ତି। ସେହିଭଳି ଦିନ ମଧ୍ୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ୪୯ ପଇସା ବୃଦ୍ଧି ଘଟିଛି। ଏହା ବାଦ ବ୍ରେଣ୍ଟ କ୍ରୁଡ ମୂଲ୍ୟ ମଧ୍ୟ ବ୍ୟାରେଲ ପିଛା ୭୨.୬୧ ଡଲାର ରହିଛି। ଏଥିରେ ୧.୪୦% ବୃଦ୍ଧି ଘଟିଥିବା ବଜାର ସୂତ୍ରରୁ ପ୍ରକାଶ ପାଇଛି।

ପ୍ରଥମ ପୃଷ୍ଠାରୁ...

## ବାପ, ପୁଅ...

ପୋଲିସ ମୃତଦେହ ଦୁଇଟିକୁ ଜବତ କରି ନଂ. ୧୦୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଘଟଣାର ଅନୁସନ୍ଧାନ ଚଳାଇଛି ।
ମିଳିଥିବା ସୂଚନାନୁସାରେ, ସୋମବାର ସକାଳେ ଏରେଣ୍ଡ୍ରା ଗ୍ରାମର ସନ୍ତୋଷ ସ୍ତ୍ରୀ ଓ ୨ ପୁଅଙ୍କୁ ସାଙ୍ଗରେ ଧରି ବାଇକ୍ (ନଂ ଓଆର୦୭ୱାଇ୬୦୮୯) ରେ କୌଣସି କାମରେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ସେଠାରୁ ଫେରୁଥିବା ବେଳେ ଢ଼େପାପେଣ୍ଡରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ(ନଂ ଓଡି୦୭ଡି୭୭୫୫) ବାଇକ୍ ପଛପଟୁ ଧକ୍କା ଦେଇଥିଲା ।

## ପୁଣି କ୍ଷମତାକୁ...

ଆସନ ୧୦୦ ଟପିବ ଏବଂ ଲୋକ ସଭା ଆସନ ଗତ ନିର୍ବାଚନ ତୁଳନାରେ ୪ରୁ ୫ଟି କମିପାରେ । ଚଳିତ ନିର୍ବାଚନରେ ଭାଜପା ଓ ବିଜେଡି ମଧ୍ୟରେ କଣ୍ଟା ଟକ୍କର ହୋଇଛି। ମୋଦିଙ୍କ ଦେଶପ୍ରେମ ନାଟକର ପ୍ରଭାବ କିଛିଟା ରହିବାରୁ ଲୋକ ସଭାରେ ଭାଜପାକୁ ଏହାର ଫାଇଦା ମିଳିପାରେ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି, ଏକଜିଟ୍ ପୋଲର ସତ୍ୟତା ନାହିଁ। ରାଜ୍ୟରେ ବିଜେଡି ୧୦୫ ଏବଂ ୧୪ଟି ଲୋକ ସଭା ଆସନରେ ବିଜୟୀ ହେବ। ରାଜ୍ୟରେ ଲୋକମାନେ ନବୀନ ବାବୁଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ କିଛି ପରିମାଣରେ ଲୋକ ସଭା ଭୋଟ ଭାଜପା ସପକ୍ଷରେ ଯାଇ ଥାଇପାରେ। ରାଜ୍ୟରେ ବିଜେଡି ପଞ୍ଚମ ଥର ପାଇଁ ଶାସନକୁ ଫେରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ସେ କହିଛନ୍ତି।

## ଆଜି ମାଟ୍ରିକ...

ରୋଲ ନମ୍ବର ଲେଖି ୫୬୭୬୭୫୦କୁ ଏସ୍‌ଏମ୍‌ଏସ୍ କଲେ ମୋବାଇଲରେ ପରୀକ୍ଷା ଫଳର ଏସ୍‌ଏମ୍‌ଏସ୍ ଆସିବ। କୌଣସି ସୂଚନା ପାଇବା ତଥା ଅଭିଯୋଗ ନିମନ୍ତେ ବୋର୍ଡର କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୧- ୨୪୧୨୦୫୯ କିମ୍ବା ୦୬୭୧-୨୪୧୨୦୬୦ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି, ସମ୍ପାଦକ ରାମାଶିଷ ହାଜରା ଉପସ୍ଥିତ ଥିଲେ।

## ଅଡୁଆରେ...

ରାଜ୍ୟରେ ସରକାର ଗଠନ କରିଥିଲା। ଭାଜପାକୁ ମାତ୍ର ୧୦୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏବେ ପରିବର୍ତ୍ତିତ ରାଜନୈତିକ ସ୍ଥିତିରୁ ଭାଜପା ଫାଇଦା ଉଠାଇବା ଲାଗି ଚେଷ୍ଟା କରୁଥିବାବେଳେ କମଳନାଥ ସରକାର ପାଖରେ ବହୁମତ ଥିବା କଂଗ୍ରେସ ଦର୍ଶାଇଛି। ଅନ୍ୟପକ୍ଷରେ ଦୁର୍ନୀତିପୂର୍ଣ୍ଣ ଉପାୟରେ ଭାଜପା ମଧ୍ୟପ୍ରଦେଶର କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ କରୁଛି ବୋଲି ରାଜ୍ୟ ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ଦୀପକ ବାବାରିୟା କହିଛନ୍ତି। ବିଧାନସଭା ନିର୍ବାଚନରେ ଜନମତ କଂଗ୍ରେସ ସପକ୍ଷରେ ଯାଇଛି। ଏହାକୁ ଭଣ୍ଡୁର କରିବା ଲାଗି ଭାଜପା କରୁଥିବା ଉଦ୍ୟମକୁ ଜନସାଧାରଣ କଦାପି କ୍ଷମା ଦେବେ ନାହିଁ ବୋଲି ସେ କହିଛନ୍ତି। ରାଜ୍ୟ ବିଧାନସଭାରେ ଲୋକ ସଭା ଫଳାଫଳକୁ ନେଇ ଆଲୋଚନା କରାଯିବା ପୂର୍ବରୁ କେବେ ହୋଇନାହିଁ ବୋଲି କଂଗ୍ରେସ ମୁଖପାତ୍ର ଭୂପେନ୍ଦ୍ର ଗୁପ୍ତା କହିଛନ୍ତି। ରାଜ୍ୟରେ ସେଭଳି କୌଣସି ସଙ୍କଟ ସୃଷ୍ଟି ହୋଇନାହିଁ ଯେଉଁଥିପାଇଁ ଜରୁରୀ ଆଲୋଚନା ହେବା ଆବଶ୍ୟକ। ବାଚସ୍ପତି ନିର୍ବାଚନ ବେଳେ କଂଗ୍ରେସ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇସାରିଥିବାରୁ ସରକାର ସଂଖ୍ୟାଲଘୁ ନୁହେଁ ବୋଲି ସେ ଦାବି କରିଛନ୍ତି। ଗତବର୍ଷ ଶେଷ ଭାଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କ୍ଷମତାସୀନ ଦଳ ଭାଜପାକୁ ପରାସ୍ତ କରି କଂଗ୍ରେସ ସେଠାରେ ସରକାର ଗଠନ କରିଥିଲା। ମଧ୍ୟପ୍ରଦେଶରେ ଦଳ ଆବଶ୍ୟକଠାରୁ ସାମାନ୍ୟ କମ୍ ଆସନ ପାଇଥିଲେ ମଧ୍ୟ ବିଏସ୍‌ପି ଏବଂ ଏସ୍‌ପିର ବାହ୍ୟ ସମର୍ଥନରେ ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲା।

## ୩୧ ଯାଏ...

୮୫ ପ୍ରତିଶତ ଉପରକୁ ଉଠିଯାଉଛି । ଫଳରେ ଦେହ ମୁଣ୍ଡରୁ ଗମ୍ ଗମ୍ ଝାଳ ବୋହି ଅସ୍ୱସ୍ତିକର ପରିବେଶ ସୃଷ୍ଟି ହେଉଛି। ଆସନ୍ତା ୩୧ ତାରିଖ ଯାଏ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବା ସମ୍ଭାବନା ନାହିଁ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ସହ ଅଧିକାଂଶ ସ୍ଥାନରେ ପାରଦ ୪୫ ଡିଗ୍ରୀ ଉପରେ ରହିବ। ତେବେ ଆସନ୍ତା ୨୩ ତାରିଖରୁ ଉପକୂଳ ଓଡ଼ିଶାରେ ଗରମ ଓ ଗୁଳୁଗୁଳି ଆହୁରି ବଢିଯିବ। କେତେକ ସ୍ଥାନରେ ପାରଦ ୪୦ରୁ ୪୫ ଡିଗ୍ରୀ ଟପିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ସୋନପୁର, ନବରଙ୍ଗପୁର, ନୂଆପଡା, ବରଗଡ, ସମ୍ବଲପୁର, ଦେବଗଡ, ବୌଦ୍ଧ, କଳାହାଣ୍ଡି, ଝାରସୁଗୁଡା ଜିଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ମୟୂରଭଞ୍ଜ, ବାଲେଶ୍ୱର, କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କେନ୍ଦୁଝର ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଜିଲାଗୁଡିକରେ ପର୍ଯ୍ୟାପ୍ତ ଜଳଛତ୍ର, କାମ କରିବା ସମୟ ନିର୍ଘଣ୍ଟ କରିବା ଏବଂ ଜିଲା ହସ୍ପିଟାଲରେ ଅଂଶୁଘାତ ଚିକିତ୍ସା କୋଠରି ଓ ୨୪ ଘଣ୍ଟା ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରିବାକୁ । ରାଜ୍ୟରେ ଏ ପର୍ଯ୍ୟନ୍ତ କେହି ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନ ବିଷ୍ଣୁପଦ ସେଠୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବାରାଧିପ ବୃହସ୍ପତି ମିତ୍ର ଚନ୍ଦ୍ରଙ୍କ କ୍ଷେତ୍ରରେ ଉନ୍ନତ ଚିନ୍ତା ଓ ନୂତନ ଯୋଜନାର ଶୁଭାରମ୍ଭ କରାଇବେ। କର୍ମକ୍ଷେତ୍ରରୁ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି।

**ବୃଷ**
ମାନସିକ ଅସ୍ଥିରତାରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ର ମନ୍ଦ ନ ହେଲେ ମଧ୍ୟ ଶାନ୍ତିପ୍ରଦ ହୋଇ ନ ପାରେ । ଆଜି ଅଫିସରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ । ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ**
ବିଶେଷ ଝଡ଼ଝଞ୍ଜା ନ ଥାଇ ଦିନଟି ଏକ ପ୍ରକାର ଭଲରେ ଭଲରେ ଅତିବାହିତ ହେବ। ହସଖୁସୀ ଓ ମଜାମଉଜର ପରିବେଶ ମଧ୍ୟରେ ନିଜର ସ୍ଥିତିକୁ ମଧ୍ୟ ପାସୋରି ଦେଇ ପାରନ୍ତି। ଶୁଭେଚ୍ଛୁମାନଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିପାରନ୍ତି। ବ୍ୟବସାୟ, ପ୍ଲଟିଂ କାରବାର କ୍ଷେତ୍ରରେ ସଫଳତା ପାଇବେ ନାହିଁ ।

**କର୍କଟ**
ଆଜିର ଚନ୍ଦ୍ର ରାହୁଙ୍କ ନକ୍ଷତ୍ରରେ ରହି କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସମସ୍ୟା ବହୁଳ କରିପାରନ୍ତି। ଅର୍ଥାଭାବ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଟଙ୍କା, ପଇସା ଅଭାବ ପରିଲକ୍ଷିତ ହେବ । ଶିଳ୍ପ,ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରିନେବା ପାଇଁ ପ୍ରଯତ୍ନ କରିବେ ।

**ସିଂହ**
ଧୈର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ସମର୍ଥ ହେବେ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି। ଜମିଜମା, କଚେରି ମାମଲା, ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହେବେ। ମହିଳା ନିଜ ପସନ୍ଦର ଜିନିଷ ଆଣିବା ପାଇଁ ପରିବାରବର୍ଗଙ୍କୁ ଅନୁରୋଧ କରିପାରନ୍ତି।

**କନ୍ୟା**
ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ । କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ି, ମୋଟର, ଯାନ୍ତ୍ରିକ ଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ କିମ୍ବା ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା**
ପାରିବାରିକ ପ୍ରତିରୋଧ କିମ୍ବା ବୃଦ୍ଧ ପିତାଙ୍କ ସ୍ୱାସ୍ଥ୍ୟହାନି ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତକରି ଅନୁଶୋଚନା କରିବେ । ଅଫିସ୍‌ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ବିଛା**
ଯେତେ ପ୍ରକାର ଉପାୟ ଅବଲମ୍ବନକଲେ ମଧ୍ୟ ସମୟଚକ୍ର ଦୁଃଖସୀମାକୁ ଆଜି ଅତିକ୍ରମ କରିପାରିବେ ନାହିଁ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରିପାଇବେ। ବନ୍ଧୁଙ୍କ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିବେ।

**ଧନୁ**
ସକାଳୁସକାଳୁ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅଭାବ ନ ଥିଲେ ମଧ୍ୟ ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ମଧ୍ୟ ଉପଭୋଗ୍ୟ ହେବନାହିଁ। ପ୍ରକାଶନ, ପ୍ରଶାସନ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମକର**
ପ୍ରତିରୋଧର ସାମ୍ନାକରି ନିଜର ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବେ। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି, କିନ୍ତୁ ଋଣ ଭାର କ୍ରମଶଃ ବୃଦ୍ଧିପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ଚିନ୍ତା କରିପାରନ୍ତି। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ ।

**ମୀନ**
କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ୍ୟ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ। କର୍ମକ୍ଷେତ୍ରରେ ପକ୍ଷପାତିତାର ବିରୋଧକରି କଳହ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ତୃତୀୟା ମଙ୍ଗଳବାର, ମେ ୨୧ ତାରିଖ, ଆତଙ୍କବାଦ ବିରୋଧୀ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମକର ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮ ।୨୫ ଗତେ ଘ୧୦ ।୦୨ମି. ମଧ୍ୟେ ଅମୃତବେଳା, ଦିବା ଘ୧୦ ।୦୨ମି. ଗତେ ଘ୧୧ ।୩୮ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୨ ।୫୮ମି. ଗତେ ଘ୪ ।୩୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**HIRE**

Volvo 210B Excavator available on rental basis for earth work. Contact: 9658683328. D-12552

ମାସିକିଆ ଭଡ଼ା ସୂତ୍ରରେ Auto ଏବଂ Tata Magic ଆବଶ୍ୟକ। Contact: 9078000108, 6361358814. D-12574

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**SALE**

Sthitiban plot at Bhubaneswar near Pandra chhak, NH-203 to 50mtrs, Total area, 1600 sqft. and 1400 Rate per sqft @ 1750 with boundary wall. Contact No: 7008093886. D-64402

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari yellowzone plot at Khandagiri near Amri Hospital & Duplex/ Simplex at Atala near Hanspal square: 9438419823, 9337086655. D-66462

Ready to move 2BHK flat 1120 sqft. 20lakh near ZEE School Kateni, Bhubaneswar is for sale. 9937162220 D-66133

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପାଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m ବାସୋପଯୋଗୀ plot 1200 sqft. 5,40,000/- immediate registration/possession. 9937032327, 9583328312. D-66376

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12573




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Herbal full body massage by smart/expert therapist. Contact: 8338067247. D-66528

Newly opening ayurvedic body massage smart therapist, Shree herbal. 7750020754. D-66529

Full body massage with refreshment, expert therapist. 7381239385, 0674-2540855. D-66526

Experience full body massage with us (expert). Call: 7377048581, 0674- 2597822. D-66527

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



(Vivaan)
**Deb Nigyash Swain**
ଆଜି ତୋର ପ୍ରଥମ ଜନ୍ମବାର୍ଷିକ ଉତ୍ସବରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସହାୟ ହୁଅନ୍ତୁ ଏବଂ ତୋର ଚଲାପଥ କୁସୁମିତ ହେଉ ଏହାହିଁ ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା।
**ଶୁଭେଚ୍ଛା ସହ:** ପାପା, ମାମା, ଜେଜେ ବାପା, ଜେଜେମା, ଅଜା, ଆଈ, ମଉସା, ମାଉସୀ, ପିଉସା, ପିଉସୀ, ରିୟା, ପ୍ରିୟା, ଖୁସୀ, ଦିକ୍ଷସା, ବାବୁନା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୫୦୪

Now Matrimonial ads. only on Wednesday & Sunday Book 1 Get 1 FREE




## ସଂକ୍ଷେପରେ

### ଏନ୍ଆଇଟି ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ


ସୟଦ ମୁନୀବ ଅହମ୍ମଦ(ଫାଇଲ ଫଟୋ)

**ରାଉରକେଲା ଅଫିସ,୨୦।୫:** ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍ଆଇଟି)ର ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ଏମ୍ଏସ୍ସି ଦ୍ୱିତୀୟ ବର୍ଷର ସୟଦ ମୁନୀବ ଅହମ୍ମଦ (୨୧) । ତାଙ୍କ ଘର ଭୁବନେଶ୍ୱର। ସୟଦଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ସୂଚନାନୁସାରେ ସୟଦ ସୋମବାର ସକାଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ରହୁଥିବା ସ୍ୱାମୀନାଥନ ହଲ୍ ବାରଣ୍ଡାରେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ସିଡବ୍ଲ୍ୟୁଏସ୍ ହସ୍ପିଟାଲ ନିଆଯାଇଥିଲା। ଏ ନେଇ ତୁରନ୍ତ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୟଦଙ୍କ ମୃତ୍ୟୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ପେରୁମଞ୍ଜିରେ ମାଓବାଦୀ ପୋଷ୍ଟର

**ଭବାନୀପାଟଣା,୨୦।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା କର୍ଲାପାଟ ଅଭୟାରଣ୍ୟ ସଂଲଗ୍ନ ପେରୁମଞ୍ଜି ଛକ ନିକଟ ଏକ ଆମ୍ବ ଗଛରେ ଗତ ରବିବାର ରାତିରେ ୨ଟି ମାଓବାଦୀ ପୋଷ୍ଟର ଲଗାଯାଇଥିଲା। ଲୋକେ ଏହା ଦେଖି କର୍ଲାପାଟ ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପୋଲିସ ସେହି ପୋଷ୍ଟର ଜବତ କରି ତଦନ୍ତ ଆରମ୍ଭ କରିଛି । ଏହି ପୋଷ୍ଟରରେ ସାମୁଦ୍ରିକ ବାତ୍ୟା ଫନୀ ପ୍ରାକୃତିକ ନୁହେଁ, ଏହା କୃତ୍ରିମ। ଏହି ବାତ୍ୟା ଓଡ଼ିଶାବାସୀଙ୍କ ପାଇଁ ମହାବିପତ୍ତି ଆଣି ଦେଇଛି। ବାତ୍ୟା ପାଇଁ ପ୍ରାକୃତିକ ସମ୍ପତ୍ତିକୁ ରୀତିମତ ନଷ୍ଟ କରୁଥିବା ଶୋଷକ ଶ୍ରେଣୀର ବହୁରାଷ୍ଟ୍ରୀୟ ପୁଞ୍ଜିପତି ଓ ତାଙ୍କ ଦ୍ୱାରା ପ୍ରତିପାଳିତ ଦଲାଲ ନେତା ଦାୟୀ ବୋଲି ଉଲ୍ଲେଖ ରହିଛି । ବିକାଶ ନାଁରେ ଲୋକଙ୍କୁ ବିନାଶର ଭିତରକୁ ଠେଲି ଦିଆଯାଉଛି। ବିକାଶ ନାମରେ ଖଣିଜ ସମ୍ପତ୍ତି ଲୁଟ, ନଦୀ ବନ୍ଧ ନିର୍ମାଣ, ସ୍ମାର୍ଟ ସିଟି ନାଁରେ ଜଙ୍ଗଲ ଧ୍ୱଂସ କରାଯାଇ କଂକ୍ରିଟ ଜଙ୍ଗଲ ନିର୍ମାଣ ଚାଲିଛି । ଏଥିପାଇଁ ଦିନକୁ ଦିନ ପ୍ରକୃତି ଅଶାନ୍ତ ହେବାରେ ଲାଗିଛି। ସମୁଦ୍ର ଗର୍ଭରେ ଜାତୀୟ ସୁରକ୍ଷା ନାଁରେ ବିଭିନ୍ନ ଯୁଦ୍ଧାସ୍ତ୍ରର ପରୀକ୍ଷଣରୁ ଅଶାନ୍ତ ହୋଇ ଉଠୁଛି ସମୁଦ୍ର। ଯାହାର ପ୍ରଭାବ ଯୋଗୁ ଏହି ବାତ୍ୟା ଆସିଥିଲା। ଏବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି । ଆଗାମୀ ଦିନରେ ଏଭଳି ପୁଞ୍ଜିପତିଙ୍କ ପ୍ରଭାବ ଯୋଗୁ ଅନେକ ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବ। ଜନସାଧାରଣ ଏହାଦ୍ୱାରା ପ୍ରଭାବିତ ହେବେ। ତେଣୁ ତୁରନ୍ତ ସାଧାରଣ ଜନତା ପୁଞ୍ଜିପତିଙ୍କ ଲୁଟେରା ନୀତିକୁ ବିରୋଧ କରିବା ସମୟ ଆସିଛି ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ସାମୁଦ୍ରିକ ବାତ୍ୟା ଫନୀ ପାଇଁ ସରକାରଙ୍କୁ ଦାୟୀ କରାଯାଇଛି। ଏହି ବାତ୍ୟା ପ୍ରଭାବରେ ପ୍ରାଣ ହରାଇଥିବା ଅସହାୟଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ଓ ଘର ଭାଙ୍ଗିଯାଇଥିବା ନିରୀହ ଲୋକଙ୍କୁ ଘର ନିର୍ମାଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦେବାକୁ ପୋଷ୍ଟରରେ ଦାବି କରାଯାଇଛି।




# ସରିଲା ନିଟ୍: ପରୀକ୍ଷା ଦେଲେ ୪୨ ହଜାର ଛାତ୍ରୀଛାତ୍ର

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** ରାଜ୍ୟ ତଥା ଦେଶର ପ୍ରମୁଖ ମେଡିକାଲ କଲେଜରେ ଏମ୍ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ରାଉରକେଲା ଓ ସମ୍ବଲପୁର ସହରର ପରୀକ୍ଷା କେନ୍ଦ୍ରରେ ପ୍ରାୟ ୪୨ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥର ମଧ୍ୟ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ କରାଯାଇଥିଲା। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟରେ ପରୀକ୍ଷାର୍ଥୀ ସାଙ୍ଗରେ ପେନ୍ସିଲ୍ ବକ୍ସ, ପ୍ଲାଷ୍ଟିକ୍ ପାଉଚ୍, କାଲ୍କୁଲେଟର, ପେନ୍, ସ୍କେଲ୍, ପେନ୍ ଡ୍ରାଇଭ୍, ରବର, ଇଲେକ୍ଟ୍ରୋନିକ୍ ପେନ୍, ମୋବାଇଲ୍ ଫୋନ୍, ବ୍ଲୁଟୁଥ୍, ଇୟରଫୋନ୍, ମାଇକ୍ରୋଫୋନ୍, ହେଲଥ୍ ବ୍ୟାଣ୍ଡ, ହ୍ୟାଣ୍ଡବ୍ୟାଗ୍, ୱାଲେଟ୍, କ୍ୟାପ୍, ହାତଘଣ୍ଟା, ବ୍ରେସ୍‌ଲେଟ୍, କ୍ୟାମେରା, ଅଳଙ୍କାର, ଖାଦ୍ୟ ସାମଗ୍ରୀ, ପାଣି ବୋତଲ ଆଦି ନେଇପାରିବେ ନାହିଁ ବୋଲି ନିୟମ ରହିଥିଲା।

### ରବର ବ୍ୟାଣ୍ଡ, କ୍ଲିପ୍ ବାହାରେ ରଖିଲେ ଛାତ୍ରୀ


ପରୀକ୍ଷା ସରିବା ପରେ ପିଲାମାନେ ନିଜନିଜ କ୍ଲିପ୍ ଓ ରବର ବ୍ୟାଣ୍ଡ୍ ନେଉଛନ୍ତି ।

ସୋମବାର ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ସକାଳ ସାଢ଼େ ୯ଟାରେ ପ୍ରବେଶ କରିଥିଲେ। ପ୍ରବେଶ ସମୟରେ ଛାତ୍ରୀମାନେ ମୁଣ୍ଡରେ ବାନ୍ଧିଥିବା ରବର ବ୍ୟାଣ୍ଡକୁ ଓହ୍ଲାଇ ଯାଇଥିଲେ। ଏପରି କି, ଲଗାଇଥିବା କ୍ଲିପ୍ ମଧ୍ୟ ବାହାରେ ରଖି ଯାଇଥିଲେ।

# ୬ ଡବା ଛାଡ଼ି ପଳାଇଲା ମାଲ୍ ଗାଡ଼ି

**ବାମରା,୨୦।୫ (ସ୍ୱ.ପ୍ର.)**



ସମ୍ବଲପୁର ଜିଲା ବାମରା ରେଳ ଷ୍ଟେଶନଠାରୁ ପ୍ରାୟ ୩୫ କି.ମି. ଦୂର ହରିପଡା ରେଳ ଫାଟକ ନିକଟ ଡାଉନ ଲାଇନରେ ସୋମବାର ଏକ କୋଇଲା ବୋଝେଇ ରେଳଗାଡି ୬ଟି ଡବାକୁ ଛାଡି ପ୍ରାୟ ଅଧ କି.ମି ପଳାଇ ଯାଇଥିଲା। ଅପରାହ୍ନ ପ୍ରାୟ ୧୨ଟା ୪୫ରେ ଏହି ଘଟଣା ଘଟିଥିଲା। ପଛରେ ଥିବା ଗାର୍ଡ ଏହା ଜାଣିବା ପରେ ତୁରନ୍ତ ୱାକିଟକିରେ ଡ୍ରାଇଭରଙ୍କୁ ଜଣାଇଥିଲେ। ଏହାର ଅଧ ଘଣ୍ଟା ପରେ ସେହି ଲାଇନରେ ଇଞ୍ଜିନ ସମେତ ପ୍ରାୟ ୫୦ଟି କୋଇଲା ବୋଝେଇ ଡବା ପଛୁଆ ଆସି ପହଞ୍ଚିଥିଲା। ଡ୍ରାଇଭର ଅରୁଣ କୁମାର, ସହକାରୀ ଡ୍ରାଇଭର ଦିନେଶ କୁମାର ଓ ଗାର୍ଡ ରାଜନ କୁମାର ଖୋଲି ଯାଇଥିବା ୬ଟି ଡବାକୁ ଯୋଡିବା ପରେ ଗାଡି ଆଗକୁ ଗଡିଥିଲା। ଡବାର ଲକ୍ (କପଲ୍) ଉପର ପଟୁ ଖୋଲି ଯିବାରୁ ଏଭଳି ଘଟିଥିଲା ବୋଲି ରେଳ କର୍ମଚାରୀମାନେ କହିଛନ୍ତି। ଏ ନେଇ ବାମରା ଷ୍ଟେଶନ ମ୍ୟାନେଜର ଟି. ନାଏକଙ୍କୁ ପଚାରିବାରୁ ଘଟଣା ବିଷୟରେ ତାଙ୍କ ପାଖରେ କୌଣସି ଲିଖିତ ସୂଚନା ଦିଆଯାଇ ନାହିଁ। ଏଭଳି ଘଟଣାକୁ ନେଇ ଡିଟିଆଇ (ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ଅଫ୍ ରେଲୱେ) ନୀଳମାଧବ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପୁରୁଣା ମାଲ୍‌ଗାଡିଗୁଡିକର ଲୁଜ ଲକ୍ ସିଷ୍ଟମ ଓ ଜର୍କ ହେବା ଫଳରେ ପ୍ରାୟ ଏହିଭଳି ପରିସ୍ଥିତି ଦେଖା ଯାଇଥାଏ । ହେଲେ ଏହି ଘଟଣାରେ ତାଙ୍କ ପାଖରେ ମଧ୍ୟ ସୂଚନା ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଉକ୍ତ ମାଲଗାଡିଟି ବ୍ରଜରାଜନଗର ଅଞ୍ଚଳରୁ କୋଇଲା ବୋଝେଇ କରି ପଶ୍ଚିମବଙ୍ଗ ଯାଉଥିଲା।

# ଚାଟ୍ ଖାଇ ୧୧ ଅସୁସ୍ଥ, ଜଣେ ଗୁରୁତର


ଅସୁସ୍ଥମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ।

**ଆନନ୍ଦପୁର,୨୦।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘସିପୁରା ଥାନା ନିକଟ ଏକ ଦୋକାନରୁ ଚାଟ୍ ଖାଇବା ପରେ ୧୧ଜଣ ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହୋଇଛି । ସମସ୍ତ ଅସୁସ୍ଥଙ୍କୁ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀଙ୍କ ଅବସ୍ଥା ଗୁରୁତର ରହିଛି । ଅନ୍ୟମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ରବିବାର ସନ୍ଧ୍ୟାରେ କେତେକ ଯୁବତୀ ଯୁବକ ଉପରୋକ୍ତ ଦୋକାନରୁ ଚାଟ୍ ଖାଇଥିଲେ । ବିଳମ୍ବିତ ରାତିରେ ସେମାନେ ଅସୁସ୍ଥତା ଅନୁଭବ କରିଥିଲେ । ସୋମବାର ସକାଳୁ ସେମାନଙ୍କ ପେଟରେ ଯନ୍ତ୍ରଣା ହେବା ସହିତ ଝାଡା ହୋଇଥିଲା। ଦେହ ଝିମ୍‌ଝିମ୍ ହେବାରୁ ସମସ୍ତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅସୁସ୍ଥମାନେ ହେଲେ ଘସିପୁରା ଥାନା ପଞ୍ଚୁପଲୀ ଗ୍ରାମର ବବୁଲ ସା, ଦୀପକ ନାଇକ, କୃପାସିନ୍ଧୁ ରାଉତ, ରଶ୍ମୀରଞ୍ଜନ ମହାପାତ୍ର, ସୌମ୍ୟ ସା, ସୁବାସ ସନ୍ନିବିଗ୍ରହ, ଲିପୁନ ସନ୍ନିବିଗ୍ରହ, ଲୋକନାଥ ପାଢୀ। ଘସିପୁରାର ରଞ୍ଜିତା ମହାରଣାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କ ଭାଇ ଓ ଭାଉଜ ସାମାନ୍ୟ ଅସୁସ୍ଥ ଥିବା ଜଣାପଡିଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅସୁସ୍ଥମାନେ ଡାକ୍ତରଖାନାରେ ଅଛନ୍ତି । ବାସି ମସଲା ଓ ଆଳୁରେ ଚାଟ୍ ପ୍ରସ୍ତୁତ ହୋଇଥିବାରୁ ଏପରି ହୋଇଥିବା ସନ୍ଦେହ ପ୍ରକାଶ ପାଇଛି।




■ ଭାଜପାର ରାଜ୍ୟସ୍ତରୀୟ କର୍ମଶାଳା

# ଭୋଟ ଗଣତି, ଫଳାଫଳ ନେଇ ଆଲୋଚନା


କର୍ମଶାଳାରେ ଯୋଗଦେଇଥିବା ଭାଜପା ନେତାମାନେ ।

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ରାଜ୍ୟର ସମସ୍ତ ଲୋକ ସଭା ଏବଂ ବିଧାନସଭା ଭାଜପା ପ୍ରାର୍ଥୀମାନଙ୍କୁ ନେଇ ସ୍ଥାନୀୟ ଏକ ହୋଟେଲ୍‌ରେ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାରେ ନିର୍ବାଚନ ଗଣତି ପଦ୍ଧତିର ବୈଷୟିକ ଦିଗ ଉପରେ ଆଲୋଚନା ହୋଇଛି। ଦୁଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ସବୁ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀମାନେ ଏଥିରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ଆବାହକ ସୁଦର୍ଶନ ନାୟକ ଏହି ଅବସରରେ ଭୋଟ ଗଣତିର ବିଭିନ୍ନ ନିୟମ ସମ୍ବନ୍ଧରେ ସୂଚନା ଦେଇଥିଲେ । ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ନିର୍ବାଚନ ପରିଚାଳନାର ଆର୍ଥିକ ଦିଗ ଏବଂ ଗଣତିରେ ବୁଥ୍ ଏଜେଣ୍ଟ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଭାଜପା ଭୋଟ ଗଣତି ପ୍ରକ୍ରିୟା ଏବଂ ଫଳାଫଳର ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଛି। ଭୋଟ ଗଣନା ପ୍ରକ୍ରିୟାରେ ଦଳର କାର୍ଯ୍ୟକର୍ତ୍ତାମାନଙ୍କ କ'ଣ ଭୂମିକା ରହିଛି ଏବଂ ପ୍ରକୃତ ଖର୍ଚ୍ଚ ହିସାବ ବିଷୟରେ ଆଲୋଚନା ସହ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷିତ କରାଯାଇଛି।

ଏହି ଅବସରରେ ବସନ୍ତ ପଣ୍ଡା କହିଛନ୍ତି, ସମସ୍ତ ଏକ୍‌ଜିଟ୍ ପୋଲ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଆଗାମୀ ଦିନରେ ସରକାର ଗଢିବ । ଇଣ୍ଡିଆ ଟୁଡେ ଏବଂ ଟୁଡେ ଚାଣକ୍ୟ ଅନୁମାନ ଯଦି ସତ ହୁଏ ତେବେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ଗଠନ ହେବ । ଆସନ୍ତା ୨୩ରେ 'ଫିର୍ ଏକବାର ମୋଦି ସରକାର' ନାରା ସଫଳ ହେବାକୁ ଯାଉଛି । ଓଡିଶାର ସ୍ଥାଣୁ ଅପାରଗ ସରକାର ବଦଳିବାର ଅନୁଭବ କରାଯାଉଛି। ଓଡିଶାରେ ଭାଜପା ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିବ। 'ଭାଜପା ବଢୁଛି, କଂଗ୍ରେସ ଓ ବିଜେଡି ଛିଡୁଛି' । ଏହାସହ ଓଡ଼ିଶାରେ ଧୀରେ ଧୀରେ କଂଗ୍ରେସ ଏବଂ ବିଜେଡି ସୀମିତ ଏବଂ ଅବକ୍ଷୟ ହେବାକୁ ଯାଉଛନ୍ତି। ଆଗାମୀ ଦିନରେ ଭାଜପା ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବ ବୋଲି ବସନ୍ତ କହିଛନ୍ତି ।

### ସରକାରୀ କ୍ୱାର୍ଟର୍ସ ପଛରୁ ୨ ବୋମା ଜବତ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍–୯ସ୍ଥିତ ଗୋପବନ୍ଧୁ ସ୍କୁଲ ନିକଟ ସରକାରୀ କ୍ୱାର୍ଟର୍ସ ନଂ.୨ଆରଏ୨୫ ପଛରୁ ପୋଲିସ ଦୁଇଟି ଅଫୁଟା ବୋମା ଜବତ କରିଛି । ଏକ ବ୍ୟାଗ୍‌ରେ ଥିବା ଦୁଇଟି ବୋମାକୁ ଡଷ୍ଟବିନ ଭିତରେ ଲୁଚାଇ ରଖାଯାଇଥିଲା । ସକାଳୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏହ ଦେଖି ଅନ୍ୟମାନଙ୍କୁ ଜଣାଇବା ପରେ ଆଖ ପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ପୋଲିସ ଟିମ୍ ସହ ପହଞ୍ଚି ଥାନାଧିକାରୀ ନିଜେ ଏକ ବାଉଁଶ ସହାୟତାରେ ବୋମା ବ୍ୟାଗ୍‌କୁ ଉଠାଇ ଆଣି ପାଣି ବାଲ୍‌ତି ଭିତରେ ପୂରାଇ ଦେଇଥିଲେ। ପରେ ବୋମା ନିଷ୍କ୍ରିୟକାରୀ ଟିମ୍ ଉକ୍ତ ବୋମାକୁ ଜବତ କରିଥିଲେ। ତେବେ କିଏ, କେଉଁ ଉଦ୍ଦେଶ୍ୟରେ ସେଠାରେ ବୋମା ରଖିଥିଲା ତାହାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ଯେଉଁ ଘର ନିକଟରୁ ବୋମା ମିଳିଥିଲା ତାହାର ମାଲିକଙ୍କ ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରିଥିଲା । ହେଲେ ବୋମା ବିଷୟରେ କେହି କିଛି ଜାଣି ନ ଥିବା କହିଥିଲେ। ଏହି ଘଟଣାରେ ପୋଲିସ ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତା ୨୩ ତାରିଖରେ ସାଧାରଣ ନିର୍ବାଚନର ଫଳଫଳ ଆସିବାର ରହିଛି। କୌଣସି ରାଜନୈତିକ ଦଳ କିମ୍ବା ରାଜନୈତିକ ଶତ୍ରୁତାକୁ ନେଇ ବିରୋଧୀ କ୍ୟାମ୍ପ ଉପରେ ବୋମା ପକାଇବା ପାଇଁ ଯୋଜନା କରାଯାଇଥିବା ସନ୍ଦେହ କରାଯାଉଛି।



ଯାହାସବୁ ତୁମକୁ ଅଶୁଦ୍ଧତା, ଅପୂର୍ଣ୍ଣତା, ମାନସିକ ଉଦ୍‌ବେଗ, ହାର୍ଦ୍ଦିକ ଆସକ୍ତି, ପ୍ରାଣିକ କାମନା ଓ ପ୍ରବେଗ ତଥା ଶାରୀରିକ ରୋଗକୁ ଦୀର୍ଘସ୍ଥାୟୀ କରିବାକୁ ବା ଦୃଢ଼କରି ଧରି ରଖିବାକୁ ପରାମର୍ଶ ଦିଏ। ସେ ସବୁ ସମ୍ପର୍କରେ ତୁମେ ସାବଧାନ ରୁହ। ଏଇସବୁ ଜିନିଷକୁ ଚତୁରତାର ସହ ସମର୍ଥନ କରିବା ଓ ଆଢୁଆଳରେ ଡାକି ରଖିବା ବିରୋଧୀ ଶକ୍ତିର ସାଧାରଣ କୌଶଳ। –ଶ୍ରୀଅରବିନ୍ଦ

# ଦୁଃଖଭୋଗ

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁମାନ କରିଛି ଯେ, ଆସନ୍ତା ୩ ଦିନ ଧରି ଓଡ଼ିଶାରେ ପ୍ରବଳ ତାତି ଅନୁଭୂତ ହେବ। କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଓ ଆଉ କିଛି ସ୍ଥାନରେ ୪୫ ଡିଗ୍ରୀ ଉପରକୁ ଚାଲିଯିବ। ଇତିମଧ୍ୟରେ ରାଜ୍ୟର ଉତ୍ତପ୍ତ ସହର ଟିଟିଲାଗଡ଼ରେ ଏକାଧିକ ଦିନ ୪୫ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିସାରିଲାଣି। ୩ ମେ'ରେ ଓଡ଼ିଶା ଉପକୂଳକୁ ବାତ୍ୟା 'ଫନୀ' ଛୁଇଁବା ପରେ ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲାରେ ବ୍ୟାପକ କ୍ଷତି ଘଟିଛି। ବିଶେଷକରି ପୁରୀ, ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ବହୁଳମାତ୍ରାରେ ଗଛ ଉପୁଡ଼ି ବା ଭାଙ୍ଗିଯିବା ପରେ ଚାରିଆଡ଼େ ଖାଁଖାଁ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଜ ସୁନ୍ଦର ଭୁବନେଶ୍ୱରର ଗୋଟିଏ ସ୍ଥାନରେ ଛିଡ଼ା ହୋଇ ୧୦୦ କିମ୍ବା ୨୦୦ ମିଟର ଦୂରତାକୁ ଦେଖିବା ସହଜ ହେଉ ନ ଥିଲା। ଗଛସଂଖ୍ୟା କମିଯିବା ପରେ ଏବେ ମଣିଷ ଖାଲି ଆଖିରେ ବହୁଦୂରକୁ ଅନାୟାସରେ ଦେଖିପାରୁଛି। ଏଣେ ସୂର୍ଯ୍ୟଙ୍କ ତାତି ସହି ହେଉ ନାହିଁ। ଏଥିସହିତ ବାରମ୍ବାର ବିଦ୍ୟୁତ୍ ସେବା ବ୍ୟାହତ ହେବା ଦ୍ୱାରା ଲୋକଙ୍କ ଦୁଃଖ ବହୁଗୁଣିତ ହୋଇଯାଉଛି। ଆସନ୍ତା ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ରହିବ ବୋଲି ପାଣିପାଗ ସଂସ୍ଥାଗୁଡ଼ିକ ଯେଉଁ ଅନ୍ଦାଜ ଲଗାଇଛନ୍ତି, ତାହା ସତ ପାଲଟିଲେ କୃଷି କ୍ଷେତ୍ର ଘୋର ପ୍ରଭାବିତ ହେବ। ଫଳରେ ଖାଦ୍ୟଶସ୍ୟର ମୂଲ୍ୟ ଢେର ବଢ଼ିଯିବ ବୋଲି ବିଶେଷଜ୍ଞମାନେ ମତ ରଖିଲେଣି।

ଲକ୍ଷାଧିକ ସଂଖ୍ୟାର ଗଛ ନଷ୍ଟ ହେବା ପରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ୧୮୮ କୋଟି ଟଙ୍କାର ବୃକ୍ଷରୋପଣ କରିବେ ବୋଲି ନିକଟରେ ଘୋଷଣା କରିଛନ୍ତି। ୨୦୧୯-୨୦ରେ ୧୩୦ ଲକ୍ଷ ୫୦ ହଜାର ଚାରା ରୋପଣ କରାଯିବ ବୋଲି ସରକାରୀ ଭାବେ କୁହାଯାଇଛି। ଏହିସବୁ ଚାରା ଗଛ ହୋଇ ପରିବେଶକୁ ସୁରକ୍ଷା ଦେବା ଲାଗି ଅନେକ ବର୍ଷ ଲାଗିବା ସ୍ୱାଭାବିକ। ଏକ ରିପୋର୍ଟ ଅନୁଯାୟୀ, ୧୯୬୦ରେ ବାତ୍ୟା ପ୍ରତିରୋଧ କରିବା ସକାଶେ ଓଡ଼ିଶା ସରକାର ଅସଂଖ୍ୟ ଝାଉଁବଣ ସୃଷ୍ଟି କରିଥିଲେ। ହେଲେ ୧୯୯୯ ମହାବାତ୍ୟା ଓ ୨୦୧୯ର ଫନୀ ବ୍ୟାପକ ଗଛ ନଷ୍ଟ କରି ମଣିଷ ପାଇଁ ବିପଦ ସୃଷ୍ଟି କରିଛି। କେବଳ ସରକାରୀ ଭାବେ ଏ ଦିଗରେ ପ୍ରଚେଷ୍ଟା କରାଗଲେ ତାହା ଯଥେଷ୍ଟ ହେବ ନାହିଁ। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ନିଜ ପିଲାକୁ ଯତ୍ନ ନେବା ଭଳି ସମସ୍ତେ ଗଛ ଲଗାଇ ତା'ର ରକ୍ଷଣାବେକ୍ଷଣ କଲେ ହୁଏତ ପରିବେଶକୁ ଗରମ ଦାଉରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

ଅନ୍ତର୍ଜାତୀୟ ପତ୍ରିକା 'କ୍ଲାଇମେଟ୍ ଡାଇନାମିକ୍ସ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ, ଭାରତରେ ୨୦୨୦ରୁ ୨୦୬୪ ଦୀର୍ଘ ୪୪ ବର୍ଷ ଧରି ଏଲ୍ ନିନ୍ୟୋ ପ୍ରଭାବ ରହିବ। ଫଳରେ ଗ୍ରୀଷ୍ମ ପ୍ରବାହ ବଢ଼ିବା ସହିତ ବର୍ଷାରେ ଅନିୟମିତତା ଦେଖାଯିବ, ଯାହାକି ଚାଷ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ଏହା ଦ୍ୱାରା ଖାଦ୍ୟଶସ୍ୟର ଅଭାବ ଦେଖାଦେଇପାରେ। ଏହି ସମୟରେ ଦକ୍ଷିଣ ଭାରତ ବିଶେଷକରି ଉପକୂଳ ଅଞ୍ଚଳ ଅଧିକ ପ୍ରଭାବିତ ହେବ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ଏଭଳି ରିପୋର୍ଟ ଶୁଣିବା ପରେ ଯେକେହି ଚିନ୍ତିତ ରହିବା ସୁନିଶ୍ଚିତ। ହେଲେ ଏହି ଚିନ୍ତା ଲୋକଙ୍କ ମନରେ କିଛି ସମୟ ରହିଲା ପରେ ଆପେ ଆପେ ମିଳାଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ବାରମ୍ବାର ଦେଖାଗଲାଣି ଯେ ବିପର୍ଯ୍ୟୟ ପରେ ଜନସାଧାରଣ କିଛି ଦିନ 'ଆହା, ଚୁଚୁ' କରିବା ପରେ ପୁରୁଣା ଖୋଇ ଦେଖାଇଥାଆନ୍ତି। ଉଦାହରଣ ସ୍ୱରୂପ ଫନୀ ପରେ ପୁରୀ, ଭୁବନେଶ୍ୱର ଓ କଟକ ଅଞ୍ଚଳରେ ଦୀର୍ଘଦିନ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଅଦ୍ୟାବଧି ଅନେକ ଅଞ୍ଚଳକୁ ଏହି ସୁବିଧା ମିଳିପାରି ନାହିଁ। ତେବେ ଯେଉଁ ଜାଗାକୁ ପ୍ରଥମେ ବିଜୁଳି ମିଳିଲା ଓ ଯାହାଙ୍କ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏୟାର କଣ୍ଡିସନ୍‌ର ରହିଛି, ସେମାନେ କାଳ ବିଳମ୍ବ ନ କରି ତାହାକୁ ଚାଲୁ କରିଦେଲେ। ଅସହ୍ୟ ଗରମ ଗୁଳୁଗୁଳିରେ ଜୀବନ ବିତାଉଥିବା ବେଳେ କେମିତି ଟିକେ ପଙ୍ଖା ଘୂରିବ ସେହି କଥା ଯିଏ ଭାବୁଥିଲେ ସଙ୍ଗେ ସଙ୍ଗେ ଆରାମ ଖୋଜିଲେ। ଏଭଳି ମାନସିକତା ପୋଷଣ କରୁଥିବା ବ୍ୟକ୍ତିଙ୍କଠାରୁ ପରିବେଶ ସୁରକ୍ଷା ଚିନ୍ତା କରିବା ବୃଥା।

ଆଜିର ମଣିଷ ସୁବିଧା ପାଇବା ମାତ୍ରେ ସବୁ କିଛି ରାମ୍ପି ନେଇ ନିଜେ ବଞ୍ଚିବା ପାଇଁ ଚେଷ୍ଟା କରୁଛି। ଏଭଳି ଅତ୍ୟଧିକ ଲୋଭ ଏବଂ ସ୍ୱାର୍ଥପର ଚରିତ୍ର ପ୍ରକୃତିକୁ ବିଗାଡ଼ି ଦେଉଛି। ଦୁନିଆରେ ତାପମାତ୍ରା ଯେଭଳି ବଢ଼ି ଚାଲିଲାଣି ସମୟ ଆସିବ ଏୟାର କଣ୍ଡିସନ୍‌ର ଅକାମୀ ହୋଇଯିବ। ଏଭଳି ସ୍ଥଳେ ସୂର୍ଯ୍ୟଙ୍କ କିରଣରେ ହନ୍ତସନ୍ତ ହେବା ଥୟ। ତେଣୁ ସମସ୍ତେ ଏବେଠାରୁ ସଜାଗ ହେବା ଦରକାର। ପ୍ରକୃତିର ନିୟମକୁ ମାନିବା ଲାଗି ଯେତେ ସମ୍ଭବ ଉଦ୍ୟମ କରାଯାଇପାରେ, ତାହା କରଣୀୟ ହେବା ଆବଶ୍ୟକ। ମଣିଷ ଅଧିକ ଚାଲାକ ହୋଇ ଚାହିଦାଠାରୁ ଅଧିକ ବ୍ୟବହାର କରିବାର ମାନସିକତା ରଖିଲେ, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ କାହାରିକୁ ଛାଡ଼ିବ ନାହିଁ। ଓଡ଼ିଆରେ କଥା ଅଛି, 'ଠିକିଲେ ଶିଖିବା'। କିନ୍ତୁ ଅନେକେ ଭୁଲ୍‌ରୁ ଶିଖୁ ନ ଥିବାରୁ ଦୁଃଖଭୋଗ ବଢ଼ୁଛି।

# ଆପଣା ହସ୍ତେ ଜିହ୍ୱା ଛେଦି



ବୈକୁଣ୍ଠନାଥ ମିଶ୍ର

ଭାରତ ଏକ ଗ୍ରାମବହୁଳ ଦେଶ। ସମୁଦାୟ ଜନସଂଖ୍ୟାର ପ୍ରାୟ ୮୬ ପ୍ରତିଶତ ଗ୍ରାମଗୁଡ଼ିକରେ ବାସ କରନ୍ତି। କୃଷି ଗ୍ରାମାଞ୍ଚଳର ମୁଖ୍ୟ ଜୀବିକା। ବହୁ ଲୋକଙ୍କର ଜୀବିକା ସାଜିଥିବା କୃଷିର ଯୋଗଦାନ ଦେଶର ଜିଡିପିରେ ଉଲ୍ଲେଖନୀୟ। କିନ୍ତୁ କୃଷିକ୍ଷେତ୍ର କ୍ରମାଗତ ଭାବେ ପ୍ରଚଣ୍ଡ ଅବହେଳାର ଶିକାର ହୋଇଚାଲିଛି। କୃଷକ ପାରମ୍ପରିକ କୃଷି ପଦ୍ଧତିରୁ ଓହରିଯାଇ ସମ୍ପୂର୍ଣ୍ଣ ଅଣପାରମ୍ପରିକ ପଦ୍ଧତିକୁ ଆପଣେଇ ନେଇଛି। କୃଷିଜାତ ଦ୍ରବ୍ୟ ବିଶେଷକରି ଆମ ରାଜ୍ୟରେ ଧାନର ସହାୟକ ମୂଲ୍ୟ ଯେତେ ବୃଦ୍ଧି ହେଲେ ମଧ୍ୟ ଖର୍ଚ୍ଚ ତୁଳନାରେ କୃଷିରୁ ଆୟ କ୍ରମେ ହ୍ରାସ ପାଇଚାଲିଛି। କୃଷିରେ ଯାନ୍ତ୍ରିକ ନିର୍ଭରଶୀଳତା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ହଳ, ଲଙ୍ଗଳ ଓ ବଳଦ ଆଉ ଦୃଶ୍ୟ ହେଉନାହିଁ। ଜମି ଚାଷ, ଫସଲକଟା ଓ ଅମଳ ସବୁ କାର୍ଯ୍ୟ ଯନ୍ତ୍ର ସାହାଯ୍ୟରେ ହେବା ଦ୍ୱାରା ମଣିଷ ଯନ୍ତ୍ରମୁଖାପେକ୍ଷୀ ହୋଇଯାଉଛି। ତେଣୁ ତା' ମଧ୍ୟରେ କର୍ମବିମୁଖତା ଦେଖାଦେଇଛି। କୃଷିରେ ଖର୍ଚ୍ଚ ଆଶାତୀତ ବୃଦ୍ଧି ପାଇଛି। ଅବଶ୍ୟ ଏକଥା ସତ୍ୟ ଯେ କୃଷିଜାତ ଦ୍ରବ୍ୟର ମୂଲ୍ୟ ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ କୃଷିରୁ ଆୟ ଓ କୃଷକର ବ୍ୟୟ ମଧ୍ୟରେ ସନ୍ତୁଳନ ରକ୍ଷା ହୋଇପାରୁ ନାହିଁ। କର୍ମବିମୁଖତା କୃଷିକର୍ମ ପାଇଁ ମଜୁରି ସଙ୍କଟ ସୃଷ୍ଟି କରିଛି। ଏକଟଙ୍କା ବିନିମୟରେ ସହଜ ସୁଲଭ ଚାଉଳ ଉପଲବ୍ଧ ହେଉଥିବା ଯୋଗୁ ମୂଲ ଲାଗିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଲରେ କାଦୁଅପାଣି କାମ ପାଇଁ ସେମାନଙ୍କର ଘୋର ଅନିଚ୍ଛା । ଗତ କିଛିବର୍ଷ ତଳର କୃଷି ଓ ଆଜିର କୃଷିକୁ ତୁଳନା କଲେ ଭବିଷ୍ୟତ ପାଇଁ ଏକ ଭୟଙ୍କର ପରିସ୍ଥିତିର ସୂଚନା ମିଳେ।

କୃଷିକ୍ଷେତ୍ରରେ ବିଗତ କିଛିବର୍ଷ ହେଲା ଏକ ବିଷମ ପରିସ୍ଥିତି ଦେଖାଦେଇଛି। ଅନେକ କାରଣରୁ ଜମିମାଲିକ ନିଜେ ଚାଷ ନ କରି ଜମିକୁ ଭାଗ କିମ୍ବା ଲିଜ୍ ସୂତ୍ରରେ ଅନ୍ୟକୁ ଦେଉଛି। ଯେଉଁମାନେ ସହରକୁ କର୍ମଭୂମି ଭାବେ ବାଛିନେଇ ସେଠାରେ ସ୍ଥାୟୀ ବାସିନ୍ଦା ହୋଇଛନ୍ତି, ସେମାନେ ତ ପର ହାତରେ ଜମିକୁ ଟେକିଦେଇ ସାମାନ୍ୟ କିଛି ପ୍ରାପ୍ୟରେ ସନ୍ତୁଷ୍ଟ ହେଉଛନ୍ତି। ଅପରନ୍ତୁ ଯେଉଁ ବାବୁମାନେ ଗ୍ରାମାଞ୍ଚଳରେ ରହି ମଧ୍ୟ ସରକାରୀ ଚାକିରିରେ ନିଯୁକ୍ତ, ସେମାନେ ମଧ୍ୟ ପିତୃଅର୍ଜିତ ସମ୍ପତ୍ତିକୁ ପରହାତକୁ ଟେକିଦେଉଛନ୍ତି। ଫଳତଃ ଜମିମାଲିକ ପ୍ରକୃତ ଚାଷୀ ନୁହେଁ, କିମ୍ବା ପ୍ରକୃତ ଚାଷୀ ଜମିର ସ୍ଥାୟୀ ମାଲିକ ନୁହେଁ। ଦିନେ ଯିଏ ଶ୍ରମ କରି ମାଲିକ ଜମିରେ ସୁନା ଫଳାଉଥିଲା, ଆଜି ସେ ଜମିର ପରୋକ୍ଷ ମାଲିକ। ଏହି ଦ୍ୱୈତମାଲିକାନାରେ ଜମି ସର୍ବାଧିକ କ୍ଷତିଗ୍ରସ୍ତ। ଚାଷ କରୁଥିବା ବ୍ୟକ୍ତି ଅସ୍ଥାୟୀ ମାଲିକ ହୋଇଥିବାରୁ ଜମିର ଆବଶ୍ୟକ ଯତ୍ନ ନେଉନାହିଁ। ତା'ର ଏକମାତ୍ର ଉଦ୍ଦେଶ୍ୟ ଜମିରୁ ସର୍ବାଧିକ ପରିମାଣର ଫସଲ ଅମଳ କରିବା। ତେଣୁ ସେ ଅଧିକରୁ ଅଧିକ ରାସାୟନିକ ସାର ପ୍ରୟୋଗ କରି ଚାଲିଛି। ଦୁଇ/ତିନି ବର୍ଷ ତଳେ ୫ କି.ଗ୍ରା. ସାର ପ୍ରୟୋଗ କରି ଗୁଣ୍ଠ ପ୍ରତି ପ୍ରାୟ ଏକ କୁଇଣ୍ଟାଲ ଧାନ ଅମଳ କରୁଥିବା ବେଳେ ବର୍ତ୍ତମାନ ତାକୁ ସେତିକି ଅମଳ ପାଇଁ ୭/୮ କି.ଗ୍ରା. ସାର ଓ ତଦନୁଯାୟୀ କୀଟନାଶକ ପ୍ରୟୋଗ କରିବାକୁ ହେଉଛି। ଦ୍ୱିତୀୟତଃ ଜମିର ସ୍ଥାୟୀ କିମ୍ବା ଅସ୍ଥାୟୀ ମାଲିକ ଜମିର ଉନ୍ନତି କଳ୍ପେ କୌଣସି ଯୋଜନା ହାତକୁ ନେଉନାହାନ୍ତି। ଜମି ଆବଶ୍ୟକ କରୁଥିବା ମାଟିକାମ, ବନ୍ଧବାଡ଼ ମରାମତି, ଜଳ ନିଷ୍କାସନ ଓ ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଠିକ୍ ଭାବେ କରାଯାଉନାହିଁ। ଫଳରେ ଜମିଗୁଡ଼ିକ ଭୀଷଣ ଅଯତ୍ନର ଶିକାର ହେଉଛନ୍ତି। ଆଧୁନିକ ହାର୍ଭେଷ୍ଟର ଦ୍ୱାରା ଧାନ ଅମଳ କରି ତା' ନଡାଗୁଡ଼ିକୁ ଖେତରେ ପୋଡିଦେବା ଦ୍ୱାରା ଯେଉଁ ଧୂଆଁ ସୃଷ୍ଟି ହେଉଛି ତାହା ବାୟୁପ୍ରଦୂଷଣ ଓ ଉତ୍ତାପ ବୃଦ୍ଧିର କାରଣ ହେବା ସହ କୃଷିର ଅନେକ ଉପକାରୀ କୀଟଙ୍କୁ ବ୍ୟାପକ କ୍ଷତି ପହଞ୍ଚାଉଛି। ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏହା କୁପ୍ରଭାବ ପକାଉଥିବା ବେଳେ ମାଟିର ଜୈବ ଅଂଶ ନଷ୍ଟ ହୋଇ ମାଟିକୁ ଅନୁର୍ବର କରି ଖପରାରେ ପରିଣତ କରିଦେଉଛି। ପଞ୍ଜାବ ଓ ହରିୟାଣାରେ ଖେତରେ ପୋଡିଦିଆଯାଉଥିବା ନଡାର ଧୂଆଁ ଦିଲ୍ଲୀ ସହରର ପ୍ରଦୂଷଣର ପ୍ରମୁଖ କାରଣ।

ତୃତୀୟତଃ ଆଧୁନିକ କୃଷି ଯନ୍ତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଭୂଗର୍ଭରୁ ଉତ୍ତୋଳିତ ତୈଳ ଯୋଗାଣ ବ୍ୟାହତ ହେଲେ କୃଷିକାର୍ଯ୍ୟ ଉଜୁଡିଯିବ। କାରଣ ପ୍ରାଚୀନ କାଳରୁ ଅନୁସୃତ ହଳବଳଦ ଦ୍ୱାରା ଚାଷ ଆଉ ପ୍ରାୟ ନାହିଁ। ଚାଷୀ ମଧ୍ୟ ଲଙ୍ଗଳ ଦ୍ୱାରା ହଳ କରିବା କ୍ରମଶଃ ଭୁଲିଗଲାଣି। ଆଗାମୀ ତିରିଶ ବର୍ଷ ମଧ୍ୟରେ ଯଦି ତୈଳର ଉପଯୁକ୍ତ ବିକଳ୍ପ ସନ୍ଧାନ କରା ନ ଯାଏ, ତେବେ କୃଷିକର୍ମ ବନ୍ଦ ହେବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ। କୃଷି ପାଇଁ ଆଉ ଏକ ବିପଦ ହେଲା ଜଙ୍ଗଲ ଧ୍ୱଂସ। ଭାରତରେ ଦୈନିକ ପ୍ରାୟ ଏକ ଏକର ଜଙ୍ଗଲ ଧ୍ୱଂସ ହେଉଛି। ନଦୀଗୁଡ଼ିକର ଉପରମୁଣ୍ଡ ପାର୍ବତ୍ୟଶଯ୍ୟା (କ୍ୟାଚ୍‌ମେଣ୍ଟ ଏରିଆ)ରେ ଘଞ୍ଚ ଜଙ୍ଗଲ ନ ଥିବାରୁ ବୃଷ୍ଟିଜଳ ଭୂ-ଅଭ୍ୟନ୍ତରକୁ ପ୍ରବେଶ କରିବାର ସୁଯୋଗ ନ ପାଇ ତତକ୍ଷଣାତ୍ ନଦୀମାନଙ୍କରେ ପ୍ରବାହିତ ହେବା ଫଳରେ ତ୍ରିକୋଣଭୂମି ଓ ସଂଲଗ୍ନ ସମତଳ ଅଞ୍ଚଳରେ ବନ୍ୟା ବିଭୀଷିକା ସୃଷ୍ଟି କରୁଛି। ଅତି ବୃଷ୍ଟି ଓ ଅନାବୃଷ୍ଟି ଭାରତୀୟ କୃଷି ଓ କୃଷକ ପାଇଁ ଘାତକ ସାଜିଲାଣି। ଜଙ୍ଗଲ ଧ୍ୱଂସ ଯୋଗୁ ଜଙ୍ଗଲୀ ଜୀବ ବିଶେଷକରି ହାତୀପଲ କୃଷିକ୍ଷେତ୍ରରେ ପ୍ରବେଶ କରି ଧାନଫସଲ ଉଜାଡି ଦେଉଛନ୍ତି। ସେମାନେ ଖାଉଛନ୍ତି ଯେତିକି ତା'ଠାରୁ କାହିଁ କେତେଗୁଣ ଫସଲ ନଷ୍ଟ କରୁଛନ୍ତି। ମାଙ୍କଡ଼ଙ୍କର ବଂଶବୃଦ୍ଧି ଓ ସମତାଳରେ ତାଙ୍କ ପ୍ରାକୃତିକ ବାସସ୍ଥଳୀ ଲୁପ୍ତ ହେବା ଯୋଗୁ ସେମାନେ ଉଦ୍ୟାନକୃଷି ଯଥା ଫୁଲଫଳ ଓ ପନିପରିବା ସହ ମୁଗବିରି ଭଳି ରବି ଫସଲକୁ ଖାଇ ନଷ୍ଟ କରୁଛନ୍ତି। ବଳଦର ଆବଶ୍ୟକତା ନ ଥିବାରୁ କୃଷକ ଗାଈର ଅଣ୍ଡିରା ବାଛୁରିଙ୍କୁ ଷଣ୍ଢ କରିଦେଉଛନ୍ତି। ଫଳସ୍ୱରୂପ ସେମାନେ ଖେତର ଫସଲ ଓ ବାଡ଼ିବଗିଚାକୁ ଉଜାଡି ଦେଉଛନ୍ତି। ସମୟ ବଦଳିଛି। କୃଷକ ପତ୍ନୀ ଗାଈର ଝିଅ ଓ ବୋହୂର ପୁଅ ମନାସି କେତେ ଦିଅଁ ଦେବତାଙ୍କୁ ପୂଜା କରୁଛି। କିନ୍ତୁ ବିପରୀତ ହେଲେ ଅର୍ଥାତ୍ ଗାଈର ପୁଅ ଓ ବୋହୂର ଝିଅ ହେଲେ ସତେ ଯେପରି ଏହା ଦୈବୀ ଅଭିଶାପ ବୋଲି ନିଜକୁ ଧିକ୍କାର କରୁଛି। ଏତଦ୍‌ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ମରୁଡି ଓ ବାତ୍ୟା ଭାରତୀୟ କୃଷକର ଶତ୍ରୁ ରୂପେ ପ୍ରାୟତଃ ଦଣ୍ଡାୟମାନ।

ଗୋସମ୍ପଦରୁ ପ୍ରାପ୍ତ ଗୋବର କୃଷି ପାଇଁ ଏକ ଅମୂଲ୍ୟ ସମ୍ପଦ। ଆମ ଦେଶରେ ଉପଲବ୍ଧ ଗୋବରର ୯୦ ଭାଗ ଘଷି ଆକାରରେ ଗ୍ରାମାଞ୍ଚଳରେ ଜାଳେଣି ରୂପେ ବ୍ୟବହୃତ ହୋଇଥାଏ। ବୈଜ୍ଞାନିକ ସର୍ବେକ୍ଷଣ ଅନୁସାରେ ଆମ ଦେଶରେ ଉପଲବ୍ଧ ସମସ୍ତ ଗୋବରକୁ ଯଦି ଖତସାର ରୂପେ ଜମିରେ ବ୍ୟବହାର କରାଯାନ୍ତା ତେବେ ତାହା ୨୨୫ ମିଲିୟନ ଏକର ଜମିକୁ ଉର୍ବର କରିପାରନ୍ତା ଓ ସେଥିରୁ ପ୍ରାୟ ୨୫ ମିଲିୟନ ଟନ ଅଧିକ ଖାଦ୍ୟଶସ୍ୟ ଉତ୍ପନ୍ନ ହୁଅନ୍ତା। ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ଗୋବରରୁ ଗ୍ୟାସ୍ ଉତ୍ପାଦନ କରାଯାଇ ଘରେ ଘରେ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ହୋଇପାରନ୍ତା। ଗ୍ୟାସ୍ ଉତ୍ପାଦନ ପରେ ମଧ୍ୟ ଗୋବରକୁ ଖତରୂପେ ବ୍ୟବହାର କରାଯାଇପାରନ୍ତା। ଗୋବର ରାସାୟନିକ ସାରର ଏକ ଉତ୍କୃଷ୍ଟ ବିକଳ୍ପ। ଗ୍ରାମାଞ୍ଚଳରେ ବହୁ ପ୍ରାଚୀନ କାଳରୁ ଥିବା ପୁଷ୍କରିଣୀ ଓ ବୃହତ୍ ଜଳାଶୟଗୁଡିକ ଜଳଶୁଷ୍କତାର ଶିକାର ହୋଇଛନ୍ତି। ପୂର୍ବେ ଉପଲବ୍ଧ ବିଭିନ୍ନ ପ୍ରଜାତିର ଦେଶୀ ମାଛ ଏବେ ସାତ ସପନ। ପୁଷ୍କରିଣୀଗୁଡିକ ଅଯତ୍ନର ଶିକାର ହୋଇ କ୍ରମେ ଜଳଧାରଣ କ୍ଷମତା ହରାଇ ବସିଛନ୍ତି। ସେଗୁଡିକରେ ଦଳ ଭର୍ତ୍ତି ହୋଇ ମଶାବଂଶ ବୃଦ୍ଧିରେ ସହାୟକ ହେଉଛି। ନିକଟରେ ଘଟିଥିବା ଅଦିନିଆ ବାତ୍ୟା ସହରୀ ଓ ଗ୍ରାମୀଣ ଲୋକମାନଙ୍କୁ ଜଳାଶୟ ସ୍ନାନର ଅନୁଭୂତିକୁ ଉଜ୍ଜୀବିତ କରିଛି। ପୁଷ୍କରିଣୀ ଓ ନଦୀ ସ୍ନାନରେ ଅନଭ୍ୟସ୍ତ ଆଜିର ଯୁବଗୋଷ୍ଠୀ ପର୍ଯ୍ୟଟନ ଓ ବଣଭୋଜି ସମୟରେ ସନ୍ତରଣ ଅନଭିଜ୍ଞତା ଯୋଗୁ ସଲିଳସମାଧି ବରଣ କରିବାର ଦୁଃସମ୍ବାଦ ବିଭିନ୍ନ ଗଣମାଧ୍ୟମରୁ ପ୍ରାପ୍ତ ହେଉଛି।

ଉଠା ଜଳସେଚନ ଓ ନଳକୂପରୁ ପର୍ଯ୍ୟାପ୍ତ ଜଳ ଉତ୍ତୋଳନ ଫଳରେ ଭୂନିମ୍ନସ୍ଥ ଜଳ ସ୍ତର ହ୍ରାସ ପାଉଛି। ଗ୍ରୀଷ୍ମର ଯଥେଷ୍ଟ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଦେଖାଦେଉଛି। ପାର୍ବତ୍ୟାଞ୍ଚଳ ଶିଳାଶୂନ୍ୟ ହୋଇ ସମତଳ ଅଞ୍ଚଳରେ କଂକ୍ରିଟସ୍ତୂପ ଗଢିଉଠିଲାଣି। ତାପମାତ୍ରାର ଅସ୍ୱାଭାବିକ ବୃଦ୍ଧି ଓ ଅନିୟମିତ ବୃଷ୍ଟିପାତ ସହ ନାନା ପ୍ରାକୃତିକ ବିପତ୍ତି ମଣିଷର ସ୍ଥିତି ପ୍ରତି ଆହ୍ୱାନ ସୃଷ୍ଟି କଲାଣି। କୋଟି କୋଟି ବର୍ଷରୁ ସଞ୍ଚିତ ଖଣିଜ ପଦାର୍ଥ ଓ ଖଣିଜ ତୈଳ ଉତ୍ତୋଳିତ ହୋଇ ଭୂ-ଅଭ୍ୟନ୍ତର ଶୂନ୍ୟ ହେବାକୁ ବସିଲାଣି। ଭବିଷ୍ୟତରେ କେତେ ଯେ ବିପତ୍ତି ଘଟିବ ତାହା ଆକଳନ କରିବା କଷ୍ଟକର। ପ୍ରାକୃତିକ ସମ୍ପଦରେ ମିତବ୍ୟୟିତା ରକ୍ଷା ନ କଲେ ଆମ ବିକାଶ ବିନାଶରେ ରୂପାନ୍ତରିତ ହେବାକୁ ବେଶି ଡେରି ନାହିଁ। ମଣିଷ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରୁଛି। ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# କୁନି ବାହାଘର ହବ ତ



ସୁଧାକର ଦାସ

ନିର୍ବାଚନ ଫଳାଫଳ ବାହାରିବ ୨୩ ତାରିଖରେ। ସ୍ପଷ୍ଟ ହେଇଯିବ କିଏ ଜିତିଲା, କିଏ ହାରିଲା। ନିଷ୍ପତ୍ତି ହେଇଯିବ କାହା ହାତକୁ ଯିବ କ୍ଷମତା ଆଉ କିଏ ବସିବେ ବିରୋଧୀ ଆସନରେ। ପରିଷ୍କାର ହେଇଯିବ ଲୋକମତ କାହା ସପକ୍ଷରେ ଆଉ କାହା ବିପକ୍ଷରେ...।

ହେଲେ ଗୋଟିଏ କଥା କେବେ ସ୍ପଷ୍ଟ ଆଉ ପରିଷ୍କାର ହେବ, ତା'କୁ ମତେ ପ୍ରତୀକ୍ଷା କରିବାକୁ ପଡିବ। କଥାଟି ହେଲା...

ଆମ ଗାଁର ଦୀନବନ୍ଧୁ ଓ କୃପାସିନ୍ଧୁ ଦୁଇ ଭାଇ। କୃପାସିନ୍ଧୁର ପିଲାପିଲି କିଛି ନାହିଁ। ଦୀନବନ୍ଧୁର ତିନିବର୍ଷ ଭିତରେ ଲାଗ ଲାଗ ଦୁଇଟି ଝିଅ ଜନ୍ମ ହେଲେ। ପୁଣି ବର୍ଷ ତିନିଟା ପରେ ଦୀନବନ୍ଧୁର ସ୍ତ୍ରୀ ଗର୍ଭବତୀ ହେଲା। ଦୀନବନ୍ଧୁ ଯେତେବେଳେ ସ୍ତ୍ରୀକୁ ନେଇ ତା' ପେଟ ୱାଶ୍ କରିବାକୁ ବାହାରିଲା କୃପାସିନ୍ଧୁ ଆଉ ତା' ସ୍ତ୍ରୀ ବାଟ ଓଗାଳିଲେ। କହିଲେ- ପୁଅ ହଉ କି ଝିଅ, ଯାହା ହବ ଆମ କୋଳକୁ ଟେକିଦେବୁ। ଭାଇଭାଉଜଙ୍କ ଦମ୍ଭରେ ଦୀନବନ୍ଧୁ ସମ୍ଭାଳିଗଲା ଆଉ ୭ ମାସ ପରେ ତା'ର ଝିଅଟିଏ ହେଲା। ତା' ନାଁ ରଖାଗଲା କୁନି। ଇଏ ଆଜକୁ ପ୍ରାୟ ୧୯-୨୦ ବର୍ଷ ତଳର କଥା। ସେତେବେଳେ ଅବଶ୍ୟ ଦୀନବନ୍ଧୁ ଓ କୃପାସିନ୍ଧୁ ଗୋଟିଏ ଓଳି ତଳେ ରହୁଥିଲେ। ଅପେକ୍ଷା କରାଗଲା, କୁନି କ୍ଷୀର ଛାଡିବା ପରେ କୃପାସିନ୍ଧୁ ପାଖକୁ ଚାଲି ଆସିବ। ତା' ତ ହେଲାନି ବରଂ ବର୍ଷ ପାଞ୍ଚଟା ଭିତରେ ଦୁଇଭାଇ ଅଲଗା ହେଇଗଲେ। ଭିନ୍ନେ ହବା ଦିନ କୃପାସିନ୍ଧୁ କିନ୍ତୁ ଜୋର୍ ଦେଇ କହିଥିଲା- କୁନି ତୋ ପାଖରେ ରହୁ କି ମୋ ପାଖରେ...ତା' ବାହାଘର ମୁଁ କରିବି, ଯାବତୀୟ ଖର୍ଚ୍ଚ ମୋର। ୟା ଭିତରେ ଦୀନବନ୍ଧୁର ବଡ଼ ଦୁଇ ଝିଅ ରମା ଓ ଭବାନୀଙ୍କର ବାହାଘର ସରିଛି। ଝିଅଦୁହିଁଙ୍କୁ ବାହା ଦବା ପାଇଁ ଦୀନବନ୍ଧୁ ନିଜ ଭାଗର ପୈତୃକ ସମ୍ପତ୍ତି ସବୁ ବିକିଭାଙ୍ଗି ଦେଇଛି। ଏବେ ତା' ପାଖରେ ସମ୍ବଳ କେବଳ ଘରଡିହ ଖଣ୍ଡକ। ଚାରିମାସ ତଳେ କୁନି ପାଇଁ ଆସିଥିଲା ଗୋଟେ ବାହାଘର ପ୍ରସ୍ତାବ। ଦୁଇପକ୍ଷ ରାଜି ହେଲେ। ଯୌତୁକ ବାବଦକୁ ବରପକ୍ଷକୁ କେତେ ଟଙ୍କା ଦିଆଯିବ, ତା' ବି ସ୍ଥିର ହେଲା। ଏ ସବୁ କାମରେ କୃପାସିନ୍ଧୁର ସହଯୋଗ ଦୀନବନ୍ଧୁର ମନୋବଳ ବଢ଼ଉଥିଲା। ଆଉ ଦୀନବନ୍ଧୁ ନିଶ୍ଚିନ୍ତ ଥିଲା ଯେ, ତା' ଜବାବ ମୁତାବକ କୃପାସିନ୍ଧୁ କୁନି ବାହାଘରର ସକଳ ଭାର ବହନ କରିବ। ଆଉ ସେଦିନ ଦୀନବନ୍ଧୁ ପୂରା ଆଶ୍ୱସ୍ତ ହେଇଗଲା, ଯୋଉଦିନ କୃପାସିନ୍ଧୁ ଗାଁ ଲୋକଙ୍କ ସାଙ୍ଗରେ ତା' ଭାଗର ଦୁଇମାଣ ଜମି ବିକିବା ପାଇଁ ମୂଲଚାଲ ଆରମ୍ଭ କଲା। ଜମି ବିକ୍ରିରୁ ଯାହା ପଇସା ମିଳିବ, ସେ ସବୁକିଛି କୁନି ବାହାଘରରେ ଖର୍ଚ୍ଚ ହବ ବୋଲି କୃପାସିନ୍ଧୁ ତା' ବନ୍ଧୁବାନ୍ଧବଙ୍କ ଆଗରେ ବି କହୁଥିଲା।

ଏତିକିବେଳେ ଆସିଲା ନିର୍ବାଚନ। କୃପାସିନ୍ଧୁ ଚାଳରେ ଉଡିଲା ଗୋଟିଏ ଦଳର ପତାକା ତ ଦୀନବନ୍ଧୁ ଚାଳରେ ଆଉ ଗୋଟିଏ ଦଳର। ଦୀନବନ୍ଧୁର କାନ୍ଥରେ ଗୋଟିଏ ଦଳର ପୋଷ୍ଟର ତ କୃପାସିନ୍ଧୁର କାନ୍ଥରେ ଆଉ ଗୋଟିଏ ଦଳର। ସାରା ଗାଁ ଭିତରେ ଦୁଇଟା ଦଳ। ଗୋଟିଏ ପଟରେ କୃପାସିନ୍ଧୁ ଅନ୍ୟ ପଟରେ ଦୀନବନ୍ଧୁ। ଦୁଇ ଦଳଙ୍କ ଭିତରେ ଛକାପଞ୍ଝା, କଥା କଟାକଟି...।

ଠିକ୍ ଭୋଟ ପୂର୍ବଦିନ ଗାଁରେ ଟଙ୍କାବଣ୍ଟା ଘଟଣାକୁ ନେଇ ପ୍ରକାଶ ପାଇଲା ଉତ୍ତେଜନା। ରାତି ଅନ୍ଧାରରେ ଘୋ-ଘା, ଚିତ୍କାର, ମରଣାନ୍ତକ ଆକ୍ରମଣ, ଗାଁ ଭିତରେ ଦୌଡିଲା ଆମ୍ବୁଲାନ୍ସ। ପରଦିନ ସକାଳୁ ଜଣାପଡିଲା ସେଇ ଅନ୍ଧାର ଭିତରେ ଦୀନବନ୍ଧୁର ଟାଙ୍ଗିଆ ମାଡ଼ରେ ଗୁରୁତର ଅସୁସ୍ଥ ହେଇ କୃପାସିନ୍ଧୁ ପଡିଛି ବଡ଼ମେଡିକାଲରେ।

ୟା ଭିତରେ ନିର୍ବାଚନ ସରିଯାଇଛି। ଖାଲି ଯାହା ଫଳାଫଳ ଘୋଷଣାକୁ ଅପେକ୍ଷା। ଆଉ କେଇଟା ଦିନ ପରେ କୃପାସିନ୍ଧୁ ଓ ଦୀନବନ୍ଧୁଙ୍କ ଚାଳରୁ ପବନରେ ଉଡିଯିବ ଦଳୀୟ ପତାକା, କାନ୍ଥରୁ କବାଟରୁ ଚିରିଯିବ ପୋଷ୍ଟର। ହେଲେ କ'ଣ ହବ କୁନିର? କ'ଣ ହବ କୃପାସିନ୍ଧୁ ଦୀନବନ୍ଧୁକୁ ଦେଇଥିବା ଭରସାର? ସତରେ, ଭୋଟ ଗଣତି ଦିନ ଏସବୁ କଥା ସ୍ପଷ୍ଟ ହେଇଯା'ନ୍ତା କି! ଜଣା ପଡିଯା'ନ୍ତା କି କୃପାସିନ୍ଧୁ ଏବେ ବି ନିଜର ଜବାବ ରଖିବାକୁ ପ୍ରସ୍ତୁତ କି ନା...!!

ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ପ୍ରକ୍ରିୟା ହେଉଛି ନିର୍ବାଚନ। ନିର୍ବାଚନ ଆୟୋଗ ଏଥରର ନିର୍ବାଚନକୁ ଘୋଷଣା କଲେ ଗଣତନ୍ତ୍ରର ମହାପର୍ବ। ଏଇ କ'ଣ ମହାପର୍ବର ସୂଚନା ଯାହା ବିଭେଦ, ଅସୂୟା, ହିଂସା ସୃଷ୍ଟି କରି ମାନବିକତା, ସୌହାର୍ଦ୍ଦ୍ୟ ଆଉ ଭ୍ରାତୃତ୍ୱକୁ ପରାହତ କରେ?

କେଜାଣି, ହୁଏତ କୁନି ପାଖରେ ଏହାର ଉତ୍ତର ଥାଇପାରେ!! କାରଣ, ଏଥର କୁନି ଥିଲା ଫାଷ୍ଟ ଟାଇମ୍ ଭୋଟର୍।

ମୋ-୯୪୩୭୨୭୪୮୫୭

## ଏଇ ଭାରତରେ

ପାଣି ନଷ୍ଟ କଲେ ଦେବାକୁ ପଡିବ ଜରିମାନା। ଗୁଜରାଟର ଗାନ୍ଧୀନଗର ନିକଟବର୍ତ୍ତୀ ଦାହୋଦରେ ଏବେ ପାଣି ନଷ୍ଟ କଲେ ଦେବାକୁ ପଡିବ ୨୫୦ରୁ ୫୦୦ ଟଙ୍କା ଜରିମାନା। ଏଠାରେ ଅନେକ ସ୍ଥାନରେ ଜଳାଭାବ ଦେଖା ଦେଇଥିବାରୁ ଏମିତି କଡ଼ାକଡ଼ି ନିୟମ ଲାଗୁ କରାଯାଇଛି। କେବଳ ସେତିକି ନୁହେଁ କୌଣସି ବ୍ୟକ୍ତି ୩ ଥର ପାଣି ନଷ୍ଟ କଲେ ତାଙ୍କର ପାଣି କନେକସନ୍ କାଟି ଦିଆଯିବ ବୋଲି ଜଳଯୋଗାଣ ସମିତିର ମୁଖ୍ୟ ଲଖନ ରାଜଗୋର ସୂଚନା ଦେଇଛନ୍ତି। ଦାହୋଦରେ ପାଣିର ଅଭାବ ଦେଖାଦେଇଛି। ଏଠାରେ ଜଳାଭାବ ଦୂର କରୁଥିବା କାଡାଣା ବନ୍ଧ ଓ ପାଟା ଡୁଙ୍ଗରି ନଗରର ଜଳସ୍ତର ବହୁ ନିମ୍ନକୁ ଚାଲିଯାଇଛି। ତେଣୁ ଏଠାରେ ଦିନେ ଛାଡି ଦିନେ ଲୋକଙ୍କୁ ଜଳ ଯୋଗାଣ କରାଯାଉଛି। ସେଥିପାଇଁ ପାଣି ବଞ୍ଚାଇବାକୁ ଯାଇ ଏଭଳି ନିୟମ କରାଯାଇଛି। ଏହି ଚେତାବନୀ ପରେ କୌଣସି ଉପଭୋକ୍ତା ପାଣି ନଷ୍ଟ କରୁଥିବାର ୨-୩ ଥର ଧରାପଡ଼ିଲେ ଜରିମାନା ସହ ବିନା ନୋଟିସରେ ତାଙ୍କ ପାଣି ସଂଯୋଗ କାଟି ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ଚିରନ୍ତନୀ

ପ୍ରଦୋଷ ଉଷାର ରଙ୍ଗମହଲ କୋଳେ
ରୂପାୟିତ ହୋଇ କେତେ ଋତୁ ମାସ ତଳେ
ସପତ ରଙ୍ଗେ ରଞ୍ଜିତ କରି ଧରା
ସପତ ସ୍ୱରରେ ସଙ୍ଗୀତ ହେଉ ଭରା
କୁସୁମ କୋରକ କହି ଉଠୁ ସେହି କଥା
ଫଗୁଣ ସମୀରେ ବାଜୁ ଦୁଇ ଗୁଣ ବ୍ୟଥା
କୋଟିଏ ବିଶ୍ୱ ଗୋଟିଏ କଥାରେ ଟାଣି
ସତ୍ୟ ହେଉ ଏ ସଚେତନ ରୂପବାଣୀ।

(ରୂପ ଓ ବାଣୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୯୪

- ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ପରିହାର ଦ୍ୱାରା ବିଶ୍ୱବ୍ୟାପୀ ନିରସ୍ତ୍ରୀକରଣ ନିଶ୍ଚିତ ସମ୍ଭବ ହେବ ବୋଲି ଭାରତର ଦୃଷ୍ଟିକୋଣ ତଥା ମତକୁ ପ୍ରଥମଥର ପାଇଁ ଆମେରିକା ଗ୍ରହଣ କରିଛି।
- ଆସାମରେ ଉଗ୍ରପନ୍ଥୀଙ୍କ ହିଂସାକାଣ୍ଡରେ ୧୪ଜଣ ନିହତ।
- ଯୁକ୍ତରାଷ୍ଟ୍ର ଆମେରିକାର ସ୍ୱର୍ଗତ ରାଷ୍ଟ୍ରପତି ଜନ୍. ଏଫ. କେନେଡିଙ୍କ ସ୍ତ୍ରୀ ଜାକ୍ୟୁଲିନ୍ କେନେଡିଙ୍କ ପରଲୋକ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 2 | | 1 | | | 3 | | | | 0 | 9 |
| | | 8 | | | | | | | 2 | | C | | | |
| | 1 | | | | | D | 6 | 7 | | 5 | | | | 3 |
| 9 | | | | | | A | 3 | E | 4 | | 8 | | | |
| | 6 | | 8 | | E | | 2 | | 9 | A | | | | |
| 6 | 7 | | A | 1 | | | D | B | | | | | | |
| | | 2 | 7 | D | | | | | 6 | | | | C | |
| | | | 3 | 0 | | | A | | 5 | | 2 | | 1 | |
| | 9 | | | | | 3 | | | | | A | | | 0 |
| | | | | | | | | 2 | | C | E | 5 | 6 | 8 |
| 3 | | | | | 9 | | | 5 | | | D | | | C |
| | | 0 | | | | | | | C | | 3 | 2 | E | 7 |
| | 2 | 1 | B | | | | 7 | | 8 | | | | 9 | |
| | A | | | 8 | 1 | | 0 | | | | | B | 4 | 5 |
| 4 | B | | 5 | 3 | | | | | | | | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 0 | D | 4 | 6 | C | 2 | B | E | 7 | 9 | 3 | 8 | A | 5 |
| 8 | 3 | 9 | 0 | 1 | 2 | C | 4 | 7 | 5 | E | A | 6 | B | D |
| B | 4 | 5 | 9 | A | E | 0 | 3 | 6 | 2 | D | 8 | C | 7 | 1 |
| 2 | C | 7 | D | 5 | 8 | 1 | A | 9 | B | 6 | 4 | E | 0 | 3 |
| E | A | 6 | 3 | B | 7 | 5 | D | 8 | 1 | 0 | C | 2 | 4 | 9 |
| 5 | 6 | 0 | A | D | 1 | B | C | 2 | 3 | 8 | 7 | 4 | 9 | E |
| 4 | E | C | B | 8 | 9 | 6 | 7 | 3 | A | 5 | 1 | 0 | D | 2 |
| 3 | D | 1 | 7 | 0 | 6 | 9 | 8 | A | E | 4 | 2 | B | 5 | C |
| 9 | B | A | 2 | E | 3 | 4 | 0 | 5 | 6 | C | D | 1 | 8 | 7 |
| 7 | 8 | 2 | 5 | C | 4 | E | 1 | D | 9 | B | 0 | 3 | 6 | A |
| C | 1 | E | 8 | 2 | D | A | 6 | 4 | 0 | 7 | 5 | 9 | 3 | B |
| A | 7 | 4 | 6 | 9 | B | D | 2 | 0 | C | 3 | E | 5 | 1 | 8 |
| D | 5 | B | E | 3 | 0 | 7 | 9 | C | 8 | 1 | 6 | A | 2 | 4 |
| 0 | 9 | 3 | C | 7 | A | 8 | 5 | 1 | 4 | 2 | B | D | E | 6 |
| 6 | 2 | 8 | 1 | 4 | 5 | 3 | E | B | D | A | 9 | 7 | C | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବ ସୁରକ୍ଷା ପୃଥିବୀ ରକ୍ଷା

ମହାଶୟ,

ସାଧାରଣତଃ ପ୍ରାକୃତିକ ଉପାୟରେ ଜଳବାୟୁ ପରିବର୍ତ୍ତନ ଘଟିଥାଏ। ମାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ମାନବ ହିଁ ପ୍ରକୃତି ବିରୋଧରେ ଗତି କରୁଛି। ଫଳରେ ପୃଥିବୀର ସନ୍ତୁଳନ ନଷ୍ଟ ହେବା ସହ ପରିବେଶର ସ୍ୱଚ୍ଛତା ନଷ୍ଟ ହେବାରେ ଲାଗିଛି। ଶାଗୁଣା, ଚିଲ, ଘରଚଟିଆ ଓ ହଳଦୀବସନ୍ତ ପ୍ରଭୃତି ଜୀବ ଅଦୃଶ୍ୟ ହୋଇଗଲେଣି। ଏହା ବ୍ୟତୀତ ବହୁ ଛୋଟବଡ ପଶୁ ଧୀରେ ଧୀରେ ଲୋପ ହୋଇଗଲେଣି। ଯେହେତୁ ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ, ଏ ସୃଷ୍ଟିର ସନ୍ତୁଳନ ରକ୍ଷା ନିମନ୍ତେ ସେ ବିଶେଷ ଭାବେ ଚିନ୍ତା କରିବା ଉଚିତ। ନଚେତ୍ ନେଡିଗୁଡ କହୁଣିକୁ ବୋହିଯିବ। ପରିଣାମସ୍ୱରୂପ ପୂର୍ବରୁ ବିଲୁପ୍ତ ହୋଇଯାଇଥିବା ପ୍ରାଣୀମାନଙ୍କ ଭଳି ମଣିଷ ବି ଦିନେ ନିଶ୍ଚିହ୍ନ ହୋଇଯିବ। ବେଳହୁଁ ମାନବ ସମାଜ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ(୨୨।୪)ରେ ପ୍ରକାଶିତ ଡ. ଦେବାନନ୍ଦ ବେଉରାଙ୍କ 'ଜୀବ ସୁରକ୍ଷା ପୃଥିବୀ ରକ୍ଷା' ଲେଖାଟି ବିଶେଷ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଆତ୍ମାର ମୃତ୍ୟୁ ନାହିଁ

ଧରିତ୍ରୀରେ ପ୍ରକାଶିତ ବୈକୁଣ୍ଠନାଥ ମିଶ୍ରଙ୍କ 'ମୃତ୍ୟୁ ପରେ ଜୀବନ' ନିବନ୍ଧଟିର ବିଷୟବସ୍ତୁ ବହୁବର୍ଷ ଧରି ଚର୍ଚ୍ଚିତ ପ୍ରସଙ୍ଗ ହୋଇଆସିଛି। ଲେଖକ ତାଙ୍କ ଗ୍ରାମର ଜଣେ ମୃତ ବ୍ୟକ୍ତିକୁ ଶ୍ମଶାନକୁ ସଂସ୍କାର ପାଇଁ ନେବାବେଳେ ସେ ସେଠାରେ ଉଠି ବସି ପୁନର୍ଜୀବନ ଲାଭ କରି ପୁଣି ଆହୁରି ୪୦ ବର୍ଷ ବଞ୍ଚିବା ବିଷୟ ଉଲ୍ଲେଖ କରିଛନ୍ତି। କେତେକ ସ୍ଥଳରେ ଶିଶୁ ବାଲ୍ୟାବସ୍ଥାରେ ପୂର୍ବଜନ୍ମରେ କେଉଁଠି ବାସ କରୁଥିଲା ଓ ପିତାମାତା ସମେତ ପରିବାରବର୍ଗଙ୍କ ନାମ କହିବାରେ ସେଠାକୁ ଯାଇ ତା'ର ଉକ୍ତିର ସତ୍ୟତା ଥିବା ଜଣା ପଡ଼େ। ଧର୍ମଶାସ୍ତ୍ରରେ ବହୁ କ୍ଷେତ୍ରରେ ପୂର୍ବଜନ୍ମର କର୍ମଫଳ ଏବେ ଫଳିଲା ବୋଲି କୁହାଯାଇଛି। ତେବେ କୁପ୍ରବୃତ୍ତିରେ ମଜ୍ଜିଥିବା ବ୍ୟକ୍ତି ଯଦି ଜୀବନକାଳରେ ଦୁଃଖକଷ୍ଟ ଭୋଗ ନ କରେ ତେବେ ପୁନର୍ଜନ୍ମ ପାଇ ଏସବୁ ଭୋଗ କରିବାକୁ ପଡ଼େ। ଆତ୍ମା ତ ଅମର, ତା'ର ମୃତ୍ୟୁ ନାହିଁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ୁଛି

ଭଣ୍ଡାମି, ଲାଞ୍ଚ, ମିଛ, ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିବାରେ ଲାଗିଛି। ପ୍ରଶାସନ ଏ ସବୁକୁ ଦମନ କରିବାରେ ସମର୍ଥ ହେଉନାହିଁ। ଅର୍ଥବଳ, ବାହୁବଳ ଓ ଆପରାଧିକ ତତ୍ତ୍ୱଗୁଡ଼ିକ ଦ୍ୱାରା ରାଜନୀତି ସମ୍ପୂର୍ଣ୍ଣ କଳୁଷିତ ହୋଇଯାଇଛି। ନିର୍ବାଚିତ ଲୋକପ୍ରତିନିଧିମାନେ ସେବା ପରିବର୍ତ୍ତେ ସମ୍ପତ୍ତି ଆହରଣ କରିବାରେ ବ୍ୟସ୍ତ ରହୁଛନ୍ତି। ଚାରିଆଡ଼େ ଅବିଶ୍ୱାସର ବାତାବରଣ। ଅର୍ଥ, କ୍ଷମତା ଓ ପ୍ରଭାବ ବଳରେ ନାନା ପ୍ରକାର ଗଫଲତି କାମ କରାଯାଉଛି। ପ୍ରତିଭା ନ ଥାଇ ପ୍ରଭାବ ବଳରେ ଅଯୋଗ୍ୟମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମଣ୍ଡନ କରୁଛନ୍ତି। ନିର୍ବାଚନ ପୂର୍ବରୁ ମିଥ୍ୟା ଓ ଲୋଭନୀୟ ପ୍ରତିଶ୍ରୁତିମାନ ଦେଇ ଭୋଟରମାନଙ୍କୁ ବିଭ୍ରାନ୍ତ କରାଯାଉଛି। ଭୋଟ ସମୟରେ ମଦ, ଟଙ୍କା ଓ ଭୋଜିଭାତ ଦେଇ ଜନମତକୁ ବିଭ୍ରାନ୍ତ କରାଯାଉଛି। ଜାତି, ଧର୍ମ ଓ ସାମ୍ପ୍ରଦାୟିକ ଆଧାରରେ ହିଂସା ଏବଂ ଅସହିଷ୍ଣୁତାର ବାତାବରଣ ସୃଷ୍ଟି କରାଯାଉଛି। ରାଜନୈତିକ ହିଂସା ବଢୁଛି। ମାନବିକ ଅଧିକାରର ବ୍ୟାପକ ଉଲ୍ଲଂଘନ ହେଉଛି। ଗଣମାଧ୍ୟମ ଉପରେ ଆକ୍ରମଣ ହେଉଛି। ଏଭଳି ଏକ ଘଡ଼ିସନ୍ଧି ସମୟରେ ଲେଖକ ଓ ବୁଦ୍ଧିଜୀବୀମାନେ ନୀରବତା ଭଙ୍ଗ କରି ସ୍ୱର ଉତ୍ତୋଳନ କରିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାଉବାଙ୍କରେ ଭାଗବତ ସପ୍ତାହ



ସିଂହପୁର,୨୦।୫(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନାଉବାଙ୍କ ଗ୍ରାମରେ ଶ୍ରୀଜଗନ୍ନାଥ ଭାଗବତ ପ୍ରଚାର ସମିତି ପାତ୍ରସାହି ଆନୁକୂଲ୍ୟରେ ଅତିବଡି ଜଗନ୍ନାଥ ଦାସଙ୍କ କୃତ୍ୟ ଭାଗବତ ପଠନ ପ୍ରବଚନ, ଜ୍ଞାନଯଜ୍ଞ ଓ କଳସଯାତ୍ରା କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବ। କଳସଯାତ୍ରା ମାଧ୍ୟମରେ ଜଳ ସଂଗ୍ରହ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତ୍ୟହ ଭକ୍ତିସ୍ରୋତ, ବିଷ୍ଣୁ ସହସ୍ର ନାମ, ମହାମୃତ୍ୟୁଞ୍ଜୟ ମନ୍ତ୍ର, ସୂର୍ଯ୍ୟପୂଜା ଆଦି କାର୍ଯ୍ୟକ୍ରମ କରାଯାଉଛି। ପଣ୍ଡିତ ବସନ୍ତ ନାୟକ, କାହ୍ନୁଚରଣ ମିଶ୍ର ଓ ୨୩ରେ କଟକର ତତ୍ତ୍ୱ ବିସାରଦ ଭରତଚନ୍ଦ୍ର ନାୟକ, ଅନ୍ତିମ ଦିନ ମାଳିକା ଗବେଷକ ପ୍ରମୋଦ ସାହୁ (ଭୁବନେଶ୍ୱର) ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ବ୍ୟାସ ଭାବେ ଦେବେନ୍ଦ୍ର ପତି, ବୃନ୍ଦାବନ ଦାସ, ଉପେନ୍ଦ୍ର ପତି ପ୍ରମୁଖ ଭାଗବତ ପାଠ କରୁଛନ୍ତି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ବିଞ୍ଝାରପୁର ଅଞ୍ଚଳର ଅନେକ ବିଦ୍ୱାନ, ଧାର୍ମିକ ଓ ସାରସ୍ୱତ ସାଧକମାନେ ଯୋଗ ଦେଉଛନ୍ତି।

## ବିରୋଧ ସତ୍ତ୍ୱେ ବେଆଇନ ଭାବେ ଚାଲିଛି ପିଚୁ ପ୍ଲାଣ୍ଟ

# ଧୂଳିଧୂଆଁରେ ଅତିଷ୍ଠ ଅଞ୍ଚଳବାସୀ

ଜେନାପୁର,୨୦।୫(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅଧୀନ ଅଞ୍ଜିରା ମୌଜାର ମାଣ୍ଡିଆଗଡ଼ ଛକଠାରେ ବେଆଇନଭାବେ ଏକ ପିଚୁ ପ୍ଲାଣ୍ଟ ରହିଥିବା ଅଭିଯୋଗ ହୋଇଛି। ଦୀର୍ଘବର୍ଷ ଧରି ପିଚୁ ପ୍ଲାଣ୍ଟଟି ଚାଲୁ ରହିଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏ ସମ୍ପର୍କରେ ଅଞ୍ଚଳବାସୀ ଜିଲା ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ଫଳରେ କମ୍ପାନୀରୁ ନିର୍ଗତ ଧୂଳିଧୂଆଁରେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପରିବେଶ ପ୍ରଦୂଷଣ ବିଭାଗ ପକ୍ଷରୁ କେବଳ ତଦନ୍ତ କରି ରିପୋର୍ଟ ଫାଇଲ ହୋଇଥିବା ଜଣାପଡିଛି।

ଚଣ୍ଡିଖୋଲ-ଦୁବୁରୀ ୫୩ ନଂ ଦ୍ରୁତ ଜାତୀୟ ରାଜପଥରୁ ମାତ୍ର ୨୦ ମିଟର ଓ ଗ୍ରାମରୁ ୧ କିମି ଦୂରରେ ଉକ୍ତ ପିଚୁ ପ୍ଲାଣ୍ଟ ରହିଛି। ପ୍ଲାଣ୍ଟରୁ ବାହାରୁ ଥିବା ଧୂଳିଧୂଆଁରେ ଅଞ୍ଚଳବାସୀ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏଥିସହ ରାସ୍ତାରେ ଯାତାୟାତ ବେଳେ ଅନେକ ସମସ୍ୟା ଉପୁଜୁଛି। ଏବେ ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ହୋଇଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରାରମ୍ଭରୁ ସ୍ଥାନୀୟ ବାଲିସାହି, ଭେଜିଗୋଠ, ମୁରାରୀପୁର, କୃଷ୍ଣଚନ୍ଦ୍ରପୁର, ରାମଚନ୍ଦ୍ରପୁର, ଶ୍ୟାମସୁନ୍ଦରପୁର, ଗୋଡିପାଟିଆଆଦି ଗ୍ରାମର ସ୍ଥାନୀୟ ବାସିନ୍ଦା ଉକ୍ତ ପ୍ଲାଣ୍ଟକୁ ବିରୋଧ କରିଆସୁଛନ୍ତି। ନିୟମ ଅନୁଯାୟୀ କୌଣସି ସ୍ଥାନରେ ଶିଳ୍ପାନୁଷ୍ଠାନ ଗଢିଉଠିବାକୁ ହେଲେ ପ୍ରଥମେ ସମ୍ପୃକ୍ତ ଅଞ୍ଚଳରେ ଜନଶୁଣାଣି କରାଯାଇଥାଏ। ଶୁଣାଣିରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆପତ୍ତି ବିହୀନ ପ୍ରମାଣପତ୍ର ଗ୍ରହଣ କରିବା ପରେ ଏନ୍‌ଜିଟି ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରୁ ଅନୁମତି ପତ୍ର ଆଣିବାକୁ ପଡିଥାଏ। କିନ୍ତୁ ଉକ୍ତ ପିଚୁ ପ୍ଲାଣ୍ଟ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇଛି। ବିନା ପରିବେଶ ମଞ୍ଜୁରୀରେ ପିଚୁ ପ୍ଲାଣ୍ଟ ଚାଲୁଥିବା ଜଣାପଡିଛି। ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ପ୍ଲାଣ୍ଟଟି ଅଞ୍ଜିରା ମୌଜାର ସାବକ ଖାତା- ୪୧୬, ପ୍ଲଟ ନଂ-୨୭୩୪, ୨୩୦୮ ଏବଂ ହାଲ୍ ଖାତା ନଂ - ୧୭୨୮, ପ୍ଲଟ - ୬୪୦୪, ଏ ୧୪୦ କିସମ ଜଙ୍ଗଲ ପରିସୀମା ମଧ୍ୟରେ ରହିଛି। ତେବେ ପ୍ଲାଣ୍ଟଟି ସମ୍ପୂର୍ଣ୍ଣ ଜଙ୍ଗଲ ଜମିରେ ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ସବୁ ଜାଣି ଚୁପ୍ ରହିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ପିଚୁ ପ୍ଲାଣ୍ଟ ସଂକ୍ରାନ୍ତରେ ସମସ୍ତ କାଗଜପତ୍ର ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ଜିଲାପାଳ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ପିଚୁ ପ୍ଲାଣ୍ଟକୁ ଯଥାଶୀଘ୍ର ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଗ୍ରାମର ପବିତ୍ର କୁମାର ପ୍ରଧାନ, ସୁଧାଂଶୁ ପ୍ରଧାନ, ଧୀରେନ୍ଦ୍ର ସ୍ୱାଇଁ, ବିକର୍ତ୍ତନ ପ୍ରଧାନ, ପୀତବାସ ପ୍ରଧାନ, ବସନ୍ତ ମଲିକ୍, ଦୀପୁନା ମଲିକ୍, ମାନସ ରାଉତ, ସୁଶାନ୍ତ ପ୍ରଧାନ, ଦିଲୀପ ପ୍ରଧାନ, ଅଭିନ୍ନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଡମ୍ବରୁଧର ପ୍ରଧାନ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଯାଜପୁର ଜିଲାପାଳ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହୋଇଛି।

ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନିଆଗଲେ ଆନ୍ଦୋଳନ ଚେତାବନୀ



## ଶେଷ ହେଲା ଆଜାଦ ଠେଙ୍ଗାବାହିନୀର ସେବା ଅଭିଯାନ

ଯାଜପୁରରୋଡ,୨୦।୫(ନି.ପ୍ର.)

ବାତ୍ୟା ବିପନ୍ନଙ୍କୁ ସହାୟତା ଯୋଗାଇଦେବା ପାଇଁ ଆଜାଦ ଠେଙ୍ଗାବାହିନୀ ପକ୍ଷରୁ ମେ ୧୪ରୁ ସପ୍ତାହେବ୍ୟାପୀ ଚାଲିଥିବା ସେବା ଅଭିଯାନ ସୋମବାର ଶେଷ ହୋଇଛି। ଠେଙ୍ଗାବାହିନୀର ସାରା ଓଡ଼ିଶାରୁ ୧୪୦ ଜଣ ସ୍ୱେଚ୍ଛାସେବୀ ୧୪ରେ ଯାଜପୁର ରୋଡଠାରେ ପହଞ୍ଚି ବିଭିନ୍ନ ସ୍ଥାନରୁ ଆସିଥିବା ରିଲିଫ ସାମଗ୍ରୀକୁ ପ୍ୟାକେଟ୍ କରିଥିଲେ। ପ୍ରତି ପ୍ୟାକେଟରେ ଚୁଡ଼ା, ଚିନି, ଅମୁଲ, ଦିଆସିଲି, ମଶାଧୂପ, ସାବୁନ, ବସ୍ତ୍ର ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ରଖାଯାଇଥିଲା। ୧୫ ତାରିଖରେ ୭ଟି ଗାଡ଼ିରେ ରିଲିଫ ବ୍ୟାଗ ଭର୍ତ୍ତିକରି ପୁରୀ ଅଭିମୁଖେ ଯାଇଥିଲେ। ଆଜାଦୀ ଠେଙ୍ଗାବାହିନୀର ମେଜର ଜେନେରାଲ ମାୟାଧର ନାୟକ, ଚିଫ କମାଣ୍ଡର କୃଷକ ଲକ୍ଷ୍ମଣ ଦାସ, ପୁରୀ ଜିଲା କମାଣ୍ଡର ଲଲାଟେନ୍ଦୁ ମିଶ୍ରଙ୍କ ନେତୃତ୍ୱରେ ଶହଶହ ଠେଙ୍ଗାବାହିନୀ ସ୍ୱେଚ୍ଛାସେବୀ ରିଲିଫ ଗାଡ଼ି ଓ ସ୍ୱେଚ୍ଛାସେବୀଙ୍କୁ ଅଠରନଳାଠାରେ ସମ୍ବର୍ଦ୍ଧିତ କରିଥିଲେ। ଠେଙ୍ଗାବାହିନୀର ପ୍ରମୁଖ ନେତା ବଂଶୀଧର କର, ଅଧ୍ୟାପକ ଅସୀମ୍ ନାୟକ, ମୁଲତା ମଲ୍ଲିକ୍, ଜୟନ୍ତୀ ଜେନା, ମମତା ମହାନ୍ତି, ସନ୍ତୋଷୀ ଦେଓ, ସନାତନ କର ପ୍ରମୁଖ ବିପନ୍ନ ପରିବାରଙ୍କୁ ରିଲିଫ୍ ପ୍ରଦାନ କରିଥିଲେ। ପୁନଶ୍ଚ ୧୬ରେ ମଧ୍ୟ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ରିଲିଫ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ୧୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ରିଲିଫ ପାଖରେ ପହଞ୍ଚାଇଥିଲେ। କେନ୍ଦ୍ରାପଡ଼ା ଜିଲା ଡେରାବିଶ ଓ ଗରଦପୁର ବ୍ଲକରେ ଠେଙ୍ଗାବାହିନୀ କମାଣ୍ଡର ସନାତନ କର ରିଲିଫ ସାମଗ୍ରୀ ସହ ଏକ ଚାରାଗଛ ବଣ୍ଟନ କରିଥିଲେ।

## ମା' ବିରଜାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

କଳିଙ୍ଗନଗର, ୨୦।୫(ଡି.ଏନ୍.ଏ.)

କଳିଙ୍ଗନଗର ଦାନଗଦୀ ବ୍ଲକ ଅନ୍ତର୍ଗତ କୁମ୍ଭୀରଗାଡ଼ିଆ ଦାମୋଦରପୁର ଗ୍ରାମରେ ମା' ଘୁମୁରୀ ଗ୍ରାମଦେବତୀ ପ୍ରାଙ୍ଗଣରେ ମା' ବରଜାଙ୍କ ବିଶ୍ୱଶାନ୍ତି ମହାଯଜ୍ଞର ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଏକ କଳସ ଶୋଭାଯାତ୍ରାରେ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ପରେ ସୂର୍ଯ୍ୟ ପୂଜା, ଗୋ ପୂଜା ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯଜ୍ଞ ପଥ ପ୍ରଦର୍ଶକ ମା' ବିରଜାଙ୍କ ଜ୍ୟୋତି ପୁତ୍ର ଭାଇ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ୩୦ବର୍ଷ ହେବ ସାରା ଅଞ୍ଚଳରେ ଗ୍ରାମଦେବତୀଙ୍କ ପୀଠରେ ପୂଜାବିଧି ହୋଇଆସୁଛି। ମା' ବିରଜା ବିଶ୍ୱ ଜ୍ୟୋତି ସେବା ସମିତି ଓ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ପରମ୍ପରା ଚାଲିଆସୁଛି।

# ପନିପରିବା ଦର ଆକାଶଛୁଆଁ

ଧର୍ମଶାଳା,୨୦।୫(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଞ୍ଚଳରେ ସାମୁଦ୍ରିକ ଝଡ ଫନୀ ପରେ ପନିପରିବା ଦର ମାତ୍ରାଧିକ ବୃଦ୍ଧିପାଇଛି। ପରିବା ମୂଲ୍ୟ ମହଙ୍ଗା ହେବାରୁ ସାଧାରଣ ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଫନୀ ପ୍ରଭାବରେ ପରିବା ଗଛଗୁଡିକ ନଷ୍ଟ ହୋଇଯିବାରୁ ପରିବା ଆମଦାନୀ ଏକପ୍ରକାର ଠପ୍ ହୋଇଯାଇଛି। ବାତ୍ୟାରେ ବ୍ଲକର ୧୦୧ ମୌଜାରେ ୪୨୧.୯୩ ହେକ୍ଟର ଚାଷ ଓ ପନିବରିବା ଜମି ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିବା ଜଣାପଡିଛି। ସ୍ଥାନୀୟ ଅଞ୍ଚଳରୁ ପନିବରିବା ଆମଦାନୀ ହ୍ରାସ ପାଇବାରୁ ବ୍ୟବସାୟୀ ଅନ୍ୟ ଜିଲାରୁ ପନିପରିବା ଆଣି ନାକପୋଲ, ଆରୁହା, ଚଢେଇଧରା, କାଏମା, କୋତପୁର, ଧର୍ମଶାଳା, କବାଟବନ୍ଧ, ବୃନ୍ଦାଦେଇପୁର, ମଧୁପୁରଗଡ, ମହିଶରା ପ୍ରଭୃତି ହାଟମାନଙ୍କରେ ଚଢାଦରରେ ବିକ୍ରି କରୁଛନ୍ତି। ଏହାକୁ ନେଇ ସାଧାରଣ ଗ୍ରାହକମାନଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହି ବ୍ଲକର କୁସ୍ତିରା, ବାଉଁଶଅଣ୍ଡା, ପନ୍ତୁରୀ, ଇମାମନଗର, ଦେଉଳୀପାଳ, କୁସୁନପୁର,ଏରଷଣ୍ଡା, ମତଗୁଞ୍ଜାର, କମାଗଡ, ଭୁବନ, ସାଲେପୁର, ମିର୍ଜାପୁର, ପାଟପୁର, ଉତ୍ତରପ୍ରତାପ, ଦେଓଦା ପ୍ରଭୃତି ମୌଜାରେ ବାଇଗଣ, ଭେଣ୍ଡି, କାକୁଡି, ଜହ୍ନି, କଞ୍ଚାଲଙ୍କା, ପୋଇ, କଖାରୁ, କଲରା, ବିଲାତି ଆଦି ପରିବା ଚାଷ ବହୁ ପରିମାଣରେ ହୋଇଥିଲା। ମାତ୍ର ଫନୀ ବାତ୍ୟା ସବୁ ଚାଷଜମି ଉଜାଡି ଦେଇଛି। ଟମାଟୋ କିଲୋ ପ୍ରତି ଦର ୮୦ଟଙ୍କା ଥିଲାବେଳେ ବାଇଗଣ ୪୦ଟଙ୍କା, ଜହ୍ନି ୫୦ଟଙ୍କା, ପୋଟଳ ୮୦ଟଙ୍କା, କାକୁଡି ୫୦ଟଙ୍କା, କଲରା ୬୦ଟଙ୍କା, ବୋଇତି କଖାରୁ କିଲୋ ପ୍ରତି ୨୦ଟଙ୍କା, ଭେଣ୍ଡି ୫୦ଟଙ୍କା ଦରରେ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ଧର୍ମଶାଳାରେ ଥିବା କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ସ୍ଥାନୀୟ ପରିବା ଚାଷୀଙ୍କର କ୍ଷୟକ୍ଷତି ଆକଳନ ଏଯାବତ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରି କି କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀ ବାତ୍ୟା ପରେ କ୍ଷେତ୍ର ପରିଦର୍ଶନ କରି ନ ଥିବା ଚାଷୀଙ୍କ ପକ୍ଷରୁ କୃଷକ ନେତା ବସନ୍ତ କୁମାର ପରିଡା ଅଭିଯୋଗ କରିଛନ୍ତି।

## କାଳବୈଶାଖୀ ତାଣ୍ଡବ

ଯାଜପୁରରୋଡ,୨୦।୫(ନି.ପ୍ର.)- କିଛିଦିନ ହେଲା ଦିନରେ ଟାଣ ଖରା ସାଙ୍ଗକୁ ଝାଞ୍ଜି ପବନ ଜନଜୀବନ ଅସ୍ତବ୍ୟସ୍ତ କରି ପକାଉଥିବାବେଳେ ଅପରାହ୍ନରେ ହଠାତ୍ କାଳବୈଶାଖୀ ଯୋଗୁ ଅନେକ କ୍ଷତି ମଧ୍ୟ ହେଉଛି। ସେହିପରି ସୋମବାର ଅପରାହ୍ନରେ ଯାଜପୁରରୋଡ ସହରରେ କାଳବୈଶାଖୀ ତାଣ୍ଡବ ରଚିଛି। ବର୍ଷା ସାଙ୍ଗକୁ ପବନ ହେବା ଯୋଗୁ ତାର ଛିଡ଼ିଯାଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ତାର ଛିଡ଼ିଯିବା ଯୋଗୁ ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ହେବାକୁ ବିଳମ୍ବ ମଧ୍ୟ ହେଉଛି। ବାତ୍ୟା କ୍ଷୟକ୍ଷତିର ଆକଳନ ଶେଷ ହୋଇ ନ ଥିବାବେଳେ କାଳବୈଶାଖୀରେ ଗଛ ଓ ଘର ମଧ୍ୟ ଭାଙ୍ଗିଯାଇଛି। ସୋମବାର ଅପରାହ୍ନରେ ହଠାତ ବର୍ଷା ସାଙ୍ଗକୁ ପବନ ହେବା ଦ୍ୱାରା ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ବିଦ୍ୟୁତ ବିଭାଗର ଠିକାଦାର ଓ କର୍ମଚାରୀଙ୍କୁ ବିଦ୍ୟୁତ୍ ମରାମତି ପାଇଁ ପୁରୀ ଓ ଭୁବନେଶ୍ୱରକୁ ନିଆଯାଇଛି। ତେବେ କର୍ମଚାରୀ ଅଭାବରୁ ମରାମତିରେ ବିଳମ୍ବ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ ଅଭାବରୁ ଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହେଉଛି।


## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରତ୍ନପ୍ରଭା ମିଶ୍ର
ରାଜୀବ ନଗର, ବଲାଙ୍ଗୀର
ଆବିର୍ଭାବ: ୦୩।୦୬।୧୯୬୩
ତିରୋଧାନ: ୧୦।୦୫।୨୦୧୯
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ମିଶ୍ର ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୧୨୫୭୭

ଶ୍ରାଦ୍ଧବାର୍ଷିକ
ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭୁବନ ବିହାରୀ କର
ଆପଣଙ୍କ ଅବର୍ତ୍ତମାନରେ ଦୀର୍ଘ ୫ବର୍ଷ ଧରି ଆମ୍ଭେ ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ ତଥା ଆମ ପରିବାରର ଗର୍ବଗୌରବର ପ୍ରତୀକ। ଆମ ସମସ୍ତଙ୍କ ମନରେ ତୁମର ସ୍ମୃତି ଅତୁଟ ରହିଛି ଏବଂ ରହିବ ମଧ୍ୟ। ଆପଣଙ୍କ ଆଦର୍ଶ ଓ ଉପଦେଶ ସଦାସର୍ବଦା ପ୍ରେରଣା ଦେଉ। ପରିବାରବର୍ଗ ଆପଣଙ୍କୁ ଶ୍ରଦ୍ଧାସୁମନ ଜଣାଉଅଛୁ।
ଧ-୧୨୫୭୨

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଯୋଗେନ୍ଦ୍ର ଚରଣ ନାୟକ
୨୩୩/ବି, ବାୟାବାବା ମଠ ରୋଡ୍, ୟୁନିଟ-୯, ଭୁବନେଶ୍ୱର-୭୫୧୦୨୨
ଆବିର୍ଭାବ: ୧୪।୦୨।୧୯୪୩
ତିରୋଧାନ: ୧୧।୦୫।୨୦୧୯
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"
ଆପଣଙ୍କର ସ୍ନେହବତ୍ସଳ, ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ପରୋପକାର ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୨୫୭୧


## ଉପୁଡି ପଡିଛି ବିଦ୍ୟୁତ୍ ଖୁଣ୍ଟି ଅନ୍ଧାରରେ ବିପିଏଲ୍ ଉପଭୋକ୍ତା

କଳିଙ୍ଗନଗର,୨୦।୫ (ଡି.ଏନ୍.ଏ.)

ଦାନଗଦୀ ବ୍ଲକ ଅନ୍ତର୍ଗତ ତ୍ରିଜଙ୍ଗା ଗ୍ରାମପଞ୍ଚାୟତର ପାତ୍ରସାହିରେ ବିପିଏଲ ହିତାଧିକାରୀଙ୍କ ବିଦ୍ୟୁତ୍ ଖୁଣ୍ଟି ଓ ଟ୍ରାନ୍ସଫର୍ମର ବାତ୍ୟାରେ ଉପୁଡି ପଡିଛି। ୧୭ଦିନ ହେବ ଖୁଣ୍ଟି ପଡିରହିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ତୁରନ୍ତ ଏହାକୁ ତଦାରଖ କରି ନୂତନ ଖୁଣ୍ଟି ସଂଯୋଗ କରିବା ପାଇଁ ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ରାଜ୍ୟ ସରକାର ବିପିଏଲ ହିତାଧିକାରୀଙ୍କୁ ବିଦ୍ୟୁତ୍ ସୁବିଧା ବ୍ୟବସ୍ଥା କରିଛନ୍ତି। ହେଲେ ବିଭାଗ ପକ୍ଷରୁ ବିପିଏଲ ହିତାଧିକାରୀଙ୍କୁ ଅଣଦେଖା କରାଯାଉଥିବା ଗ୍ରାମବାସୀ କହିଛନ୍ତି। ଖରାଦିନ ହୋଇଥିବାରୁ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଏଭଳିସ୍ଥିତିରେ ବିଦ୍ୟୁତ୍ ନ ରହିବାରୁ ବିପିଏଲ ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ପାତ୍ରସାହିର ନିରଞ୍ଜନ ପାତ୍ରଙ୍କ ସମେତ ବହୁ ଉପଭୋକ୍ତା ଦାବି କରିଛନ୍ତି।


ବିଜ୍ଞପ୍ତି
HDFC
WITH YOU, RIGHT THROUGH
ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେଶନ ଲିମିଟେଡ୍
ଏହା ଆମ ଗ୍ରାହକଙ୍କୁ ସୂଚିତ କରିବା ପାଇଁ ଯେ ଆମେ ଏଚ୍‌ଡିଏଫ୍‌ସି ଲିଃ, ବ୍ରଜରାଜ କମ୍ପ୍ଲେକ୍ସ, ପାଲାମଣ୍ଡପ, ଲିଙ୍କ୍ ରୋଡ୍, ବାଦାମବାଡ଼ି, କଟକ ୭୫୩୦୧୨ ସ୍ଥିତ ଆମର ଶାଖା କାର୍ଯ୍ୟାଳୟକୁ ମେ ୨୨, ୨୦୧୯ ଠାରୁ ଅସ୍ଥାୟୀ ଭାବେ ରିଗାଲିଆ, ଦି ବ୍ଲୁ ଲାଗୁନ୍ ପ୍ରିମିୟମ୍ ହୋଟେଲ, ସନ୍‌ସାଇନ୍ ଫିଲ୍ଡ ନିକଟ, ରିଙ୍ଗ୍ ରୋଡ୍, କଟକ ୭୫୩୦୦୨କୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନେଇଛୁ।
ଆମେ ସମସ୍ତ ଏଚ୍‌ଡିଏଫ୍‌ସି ଗ୍ରାହକଙ୍କୁ ମେ ୨୨, ୨୦୧୯ ଠାରୁ ଆମର ଅସ୍ଥାୟୀ ଶାଖା କାର୍ଯ୍ୟାଳୟ ରିଗାଲିଆ, ଦି ବ୍ଲୁ ଲାଗୁନ୍ ପ୍ରିମିୟମ୍ ହୋଟେଲ, ସନ୍‌ସାଇନ୍ ଫିଲ୍ଡ ନିକଟ, ରିଙ୍ଗ୍ ରୋଡ୍, କଟକ ୭୫୩୦୦୨ଠାରେ ଯୋଗାଯୋଗ କରିବା ପାଇଁ ସ୍ୱାଗତ ଜଣାଉଛୁ।

PARADIP PORT TRUST
E-TENDER CALL NOTICE
Name of the work "Allotment of 04(Four) nos. of Mechanical Iron Ore / Iron Ore Pellet Plots at PPT". License Fees : Rs.2,50,18,950/-. Wharfage Fees : Rs.14,31,340/-. The last date & time of Submission of bid : 06.06.2019 upto 15:00 hrs. Date and time of opening (technical bid) : 07.06.2019 upto 15:00 hrs. Refer our website for details : https://eprocure.gov.in/eprocure/app. Traffic Manager
PPT/PR/70/19-20, Dt.20.05.2019

କର୍ପୋରେଶନ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭
ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍
ନିମ୍ନ ଦର୍ଶିତ ଋଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି। ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ ପୁନଶ୍ଚ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୮.୦୫.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତାମାନେ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୭.୦୫.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ ବକେୟା ଋଣ (ଟଙ୍କାରେ) + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ତାଳଚେର ଶାଖା, ସା: ଶର୍ମା ଛକ, ତାଳଚେର, ହାଣ୍ଡିଧୁଆ ମେନ୍ ରୋଡ୍, ପୋ.: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦, ଫୋନ୍ ନଂ.: ୦୬୭୬୦-୨୪୧୦୬୦, ମୋ.: ୭୦୪୧୪୭୭୦୨** | | |
| **ଶିଶିର କୁମାର ପାଣୀ,** ପିତା: ଚତୁର୍ଭୁଜ ପାଣୀ, ସା/ପୋ.: ଗୁରୁଜଙ୍ଗ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୪୫୬୦୭୫୩ / ୦୨.୦୧.୨୦୧୮** | ୨୩.୫୩ | ଟ.୩୮,୭୩୪/- |
| **ଭଞ୍ଜନଗର ଶାଖା, ମେନ୍ ରୋଡ୍, ସା/ପୋ.: ଭଞ୍ଜନଗର, ଇଣ୍ଡେନ୍ ଗ୍ୟାସ୍ ସମ୍ମୁଖ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬, ମୋ.: ୯୯୩୮୦୦୩୩୬୮** | | |
| **ସନ୍ତୋଷ ନାୟକ,** ସା: ସାନକୋଦଣ୍ଡା, ପୋ.: ମହାଗୁଡ, ଭଞ୍ଜନଗର-୭୬୧୧୩୨ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୯୦୨୮୧ / ୨୭.୦୨.୨୦୧୭** | ୮.୧୫ | ଟ.୧୬,୦୯୨/- |
| **ସିମାଞ୍ଚଳ ପ୍ରଧାନ,** ପିତା: କୀର୍ତ୍ତନ ପ୍ରଧାନ, ସା/ପୋ.: କାଳିଆଗୁଡା, ଥାନା: ଗଙ୍ଗପୁର, ଜିଲ୍ଲା: ଗଞ୍ଜାମ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୦୫୭୯୯ / ୨୭.୦୨.୨୦୧୭** | ୨୦.୩୪ | ଟ.୨୦,୯୧୮/- |
| **ତିଙ୍ଗିର ନାୟକ,** ପିତା: ଚରଣ ନାୟକ, ସା/ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୦୫୮୪୫ / ୦୩.୦୩.୨୦୧୭** | ୨୪.୫୨ | ଟ.୪୪,୮୪୧/- |
| **ରାମ ଡାକୁଆ,** ପିତା: ହରି ଡାକୁଆ, ସା: ନୂଆସାହି, ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୧୨୨୬୪ / ୨୭.୦୩.୨୦୧୭** | ୨୩.୬୬ | ଟ.୩୪,୩୪୯/- |
| **ଦେବଜୟ ପ୍ରଧାନ,** ପିତା: ଅର୍ଜୁନ ପ୍ରଧାନ, ସା/ପୋ.: ଜିଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୩୩/ **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୪୭୯୮୪/ ୦୬.୦୫.୨୦୧୭** | ୧୩.୦୦ | ଟ.୧୯,୯୩୮/- |
| **ସମୀର କୁମାର ବିଶୋଇ,** ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଇସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୦୫୯୮୫ / ୨୨.୦୫.୨୦୧୭** | ୨୧.୪୪ | ଟ.୧୫,୮୭୭/- |
| **ସମୀର କୁମାର ବିଶୋଇ,** ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଇସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୦୯୦୫ / ୨୨.୦୫.୨୦୧୭** | ୩୮.୦୦ | ଟ.୩୪,୦୧୦/- |
| **ଲିପି ପ୍ରଧାନ,** ସ୍ୱାମୀ: ବିଜନକାନ୍ତ ପ୍ରଧାନ, ସା: ଅଳଣାପ୍ରସାଦ, ପୋ.: ଜଗନ୍ନାଥପ୍ରସାଦ, ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ-୭୬୧୧୨୧ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୦୪୯୨୪/ ୦୬.୦୬.୨୦୧୭** | ୨୫.୯୨ | ଟ.୪୯,୭୪୦/- |
| **କାର୍ତ୍ତିକେଶ୍ୱର ଗୌଡ,** ପିତା: ସହଦେବ ଗୌଡ, ସା: କଳିଙ୍ଗ ନଗର ୩ୟ ଲେନ୍, ବାଇଲୁଗୁଣ୍ଡା ରୋଡ୍, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୯୮୮୩୫ / ୩୧.୦୭.୨୦୧୭** | ୩୯.୬୭ | ଟ.୭୧,୬୮୫/- |
| **ବସନ୍ତ ସ୍ୱାଇଁ,** ପିତା: କାଳୁ ସ୍ୱାଇଁ, ସା: ମୁଦୁଲିପାଲି, ପୋ.: ଗାମୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୭୨୮୭୯ / ୦୫.୦୮.୨୦୧୭** | ୧୫.୬୯ | ଟ.୨୯,୮୨୯/- |
| **ସୁଶାନ୍ତ କୁମାର ଜେନା,** ପିତା: ନିରଞ୍ଜନ ଜେନା, ସା: ଟୋକାଗଣ୍ଡ, ପୋ.: ବଡକୋଦଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୧୦୦୮୩ / ୦୯.୦୮.୨୦୧୭** | ୨୭.୪୦ | ଟ.୪୧,୬୭୪/- |
| **ପ୍ରସାନ୍ତ କୁମାର ସାହୁ,** ପିତା: ଭଗବାନ ସାହୁ, ସା: ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୦୬୦୯୪/୨୭.୦୭.୨୦୧୭** | ୩୧.୮୫ | ଟ.୫୩,୪୦୭/- |

ତାରିଖ: ୨୦.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ

CLASSIFIED DISPLAY

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କର୍ଲାପୋରୀ
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା ୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୪୦। ଏଥିରୁ ୧୦ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC, Categories; 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 8658827904 | ପ୍ରଧାନ ଆଚାର୍ଯ୍ୟ Mob.- 7873448098 | ସଂପାଦକ Mob.- 8328849597

ଛାତ୍ରବୃତ୍ତି
ଓଡ଼ିଶା ରାଜ୍ୟର ପୁରୀ ଜିଲ୍ଲାର ବାତ୍ୟା ପୀଡ଼ିତ ଗରିବ ପରିବାରର ପିଲାମାନଙ୍କ ବିଦ୍ୟାଳୟ ଶିକ୍ଷା ପାଇଁ
ଗ୍ଲୋବାଲ୍ କ୍ୟାନ୍‌ସର କନ୍‌ସର୍ନ ଇଣ୍ଡିଆ,
ସମ୍ବଳହୀନ କ୍ୟାନ୍‌ସର ରୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ କାର୍ଯ୍ୟରତ,
ଓଡ଼ିଶାର ପୁରୀ ଜିଲ୍ଲାରେ ବାତ୍ୟା ପୀଡ଼ିତ ଗରିବ ପରିବାରଙ୍କଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନିଜ ପିଲାଙ୍କ ବିଦ୍ୟାଳୟ ଶିକ୍ଷା ଜାରି ରଖିବା ଲାଗି ଦରଖାସ୍ତ ଆହ୍ୱାନ କରୁଛି।
ଦୟାକରି ଆମକୁ କଲ୍ କରନ୍ତୁ :124-2564473,74, 75
କିମ୍ବା ଲେଖନ୍ତୁ ଗ୍ଲୋବାଲ୍ କ୍ୟାନ୍‌ସର କନ୍‌ସର୍ନ ଇଣ୍ଡିଆ, ସି-659, ସୁଶାନ୍ତ ଲୋକ- 1, ଗୁରଗାଓଁ - 122009, ହରିୟାଣା କିମ୍ବା ଇମେଲ୍ କରନ୍ତୁ : ho@gcci.org.in
Global Cancer Concern India
"Striving Nationwide for Cause and Care of Cancer Patients"

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଟଲି
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା) (୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୬୦। ଏଥିରେ ୧୫ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରୀରିକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC; Categories, 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 7894624167 | ପ୍ରଧାନ ଆଚାର୍ଯ୍ୟ Mob.- 9777782186 | ସଂପାଦକ Mob.- 9777520724

## ସଂକ୍ଷେପରେ

### ନବଜାତ ଶିଶୁ କନ୍ୟା ଉଦ୍ଧାର

**ଭବାନୀପାଟଣା,୨୦।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଣିଙ୍ଗପଦର ଗାଁ ରାସ୍ତା କଡରୁ ଏକ ନବଜାତ ଶିଶୁକନ୍ୟାକୁ ଗାଁ ଲୋକେ ଉଦ୍ଧାର କରିଥିଲେ। ସୋମବାର ସକାଳେ ଜଣେ ମହିଳା ସେହି ବାଟଦେଇ ଯାଉଥିବାବେଳେ ଶିଶୁକନ୍ୟାର କାନ୍ଦ ଶୁଣିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଶିଶୁକୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଶିଶୁଟି ସୁସ୍ଥ ଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀ ମୃତ

**ଗଣ୍ଡତୁରମ, ୨୦।୫ (ଡି.ଏନ୍.ଏ.) :** ବରଗଡ ଜିଲା ଭେଡେନ ଥାନା ତଥା ରକ୍ଷୁଡ଼ା ଫାଣ୍ଡି ଅନ୍ତର୍ଗତ ଟିହିକିପାଲି ଗ୍ରାମର ପ୍ରଦୀପ କୁମ୍ଭାରଙ୍କ ଝିଅ ଦୀପା(୧୩)ଙ୍କ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି । ପରିବାର ଲୋକେ ତାଙ୍କୁ ବୁର୍ଲା ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦନ୍ତା ନେଲା ୨ ଜୀବନ

## ■ ମୋଟଙ୍ଗାରେ ବୃଦ୍ଧ, ଛେଣ୍ଡିପଦାରେ ବୃଦ୍ଧାଙ୍କୁ ମାରିଲା

**ଢେଙ୍କାନାଳ ଅଫିସ/ଛେଣ୍ଡିପଦା,୨୦।୫**

ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ସୋମବାର ହାତୀ ଆକ୍ରମଣରେ ୨ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ହିନ୍ଦୋଳରୋଡ ଫାଣ୍ଡିର ଗୁଣ୍ଡୁଦେଇ ଗ୍ରାମରେ ଦନ୍ତା ହାତୀ ଜଣେ ବୃଦ୍ଧଙ୍କୁ ଦଳି ଦେଇଥିବା ବେଳେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଣଲୋଇରେ ଜନୈକା ବୃଦ୍ଧାଙ୍କ ଜୀବନ ନେଇଛି ଆଉ ଏକ ଦନ୍ତାହାତୀ।

ବନ ବିଭାଗର ସୂଚନା ଅନୁଯାୟୀ, ମୋଟଙ୍ଗା ଥାନା ଗୁଣ୍ଡୁଦେଇ ଗ୍ରାମର ମଙ୍ଗରାଜ ପାତ୍ର(୬୫) ସକାଳ ସାଢେ ୬ଟାରେ ଆମ୍ବ ଗୋଟାଇବା ପାଇଁ ତୋଟାକୁ ଯାଇଥିବା ବେଳେ ସେଠାରେ ଥିବା ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର



ଅନୁଗୋଳ-ଛେଣ୍ଡିପଦା ରାଜ୍ୟ ରାଜପଥର ଗୋଡ଼ିମରାଠାରେ ଦନ୍ତାହାତୀ ରାସ୍ତା ଅତିକ୍ରମ କରୁଛି।

ମୃତ୍ୟୁ ହୋଇଯାଇଥିଲା। ଏହା ଜଣାପଡ଼ିବା ପରେ ଅଞ୍ଚଳବାସୀ ଗୁଣ୍ଡୁଦେଇ ଛକଠାରେ ମୃତଦେହ ରଖି ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଓଡାପଡା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ଥାନା ଅଧିକାରୀ ନମିତା ନାୟକ, ସଦର ରେଞ୍ଜର ମନଓ୍ୱର ଖାଁ, ଫାଣ୍ଡି ଅଧିକାରୀ ଅକ୍ଷୟ କୁମାର ଦାସ ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ. ୨୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ସେହିପରି ଛେଣ୍ଡିପଦା ବନାଞ୍ଚଳ କଣଲୋଇ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ତାଳତଇଲାରେ କଣଲୋଇ ଗ୍ରାମର ଦୁର୍ଯ୍ୟୋଧନ ମାଝିଙ୍କ ସ୍ତ୍ରୀ ଖେଡି ମାଝି (୬୮) ବୋହୂଙ୍କ ସହ କାଜୁ ତୋଳିବା ପାଇଁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ହିଁ ଖେଡ଼ିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଓ ବନବିଭାଗ କର୍ମଚାରୀମାନେ ପହଞ୍ଚି ବୁଝାଶୁଝା କରିବା ସହିତ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତି ଦେବାପରେ ଲୋକେ ଶାନ୍ତ ପଡ଼ିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାଇରେ ରସିକ ଭଲା ରୁଷିଲୁ,**
**ମଧୁମାଳତୀକୁ ଛାଡ଼ିଦେଇ ଯାହା**
**ପୋକଶୁଂଘା ବଣେ ପଶିଲୁ ।**

ଭଲକୁ ଛାଡ଼ି ମନ୍ଦକୁ ଆପଣେଇବାର ପରିଣତି ଅନେକ ସମୟରେ ବିଷମ ହୋଇଥାଏ। ରୂପଠାରୁ ଗୁଣର ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ସର୍ବଦା ମନ୍ଦ ହିଁ ହୋଇଥାଏ। ଭଲ ଓ ଭେଲ ମଧ୍ୟରେ ତଫାତ୍ ଜାଣିପାରୁ ନ ଥିବା ବ୍ୟକ୍ତି ଉପହସିତ ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହଗି ଧାଉଁଥାଏ ଛୁଟୁଛୁଟୁ ।**
**ଭୋକେ ହଉଥାଏ ରୁଟୁପୁଟୁ ।**

ଖାଦ୍ୟଲୋଭୀ ବ୍ୟକ୍ତି ଯେତେ ପେଟ ପୂରାଇ ଖାଇଥିଲେ ମଧ୍ୟ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ପେଟ ବା ସ୍ୱାସ୍ଥ୍ୟ ପଛେ ଖରାପ ହୋଇଯାଉ ସେଥିକୁ ଚିନ୍ତା ନ ରଖି ଖାଦ୍ୟଗ୍ରହଣ କରିବାରେ କେବେ ହେଳା କରି ନ ଥାନ୍ତି। ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରଖୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଟ୍ରେନ୍ ବଗିରେ ଏସି ନ ଚାଲିବାରୁ ଉତ୍ତେଜନା



ଷ୍ଟେଶନ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ବୁଝାଶୁଝା କରୁଛନ୍ତି।

■ ବାରମ୍ବାର ଚେନ୍ ଟାଣି ଅଟକାଇଲେ ଯାତ୍ରୀ

■ ରାଉରକେଲାରୁ ଘଣ୍ଟାଏ ବିଳମ୍ବରେ ଟ୍ରେନ ଛାଡ଼ିଲା

**ରାଉରକେଲା ଅଫିସ,୨୦।୫**

ଟିଟିଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସରେ ଏସି ଚାଲୁ ନ ଥିବା ଅଭିଯୋଗ କରି ସୋମବାର ଅପରାହ୍ନରେ ରାଉରକେଲା ଷ୍ଟେଶନରେ ଯାତ୍ରୀ ଉତ୍ତେଜନା ପ୍ରକାଶ ପାଇଥିଲା। ଏସି ନ ଚାଲିଲେ ଟ୍ରେନ୍ ଛଡ଼ାଯିବ ନାହିଁ ବୋଲି କହି ଯାତ୍ରୀମାନେ ବାରମ୍ବାର ଚେନ୍ ଟାଣିଥିଲେ। ବିଭାଗୀୟ ଅଧିକାରୀ ଯାତ୍ରୀମାନଙ୍କୁ ବୁଝାଶୁଝା କରିବା ପରେ ପ୍ରାୟ ଘଣ୍ଟାଏ ବିଳମ୍ବରେ ଏଠାରୁ ଟ୍ରେନ୍ ଛାଡ଼ିଥିଲା।

ସୂଚନାନୁସାରେ ୧୨୮୭୨ନଂ ଟିଟିଲାଗଡ଼-ହାଓଡ଼ା ସୁପରଫାଷ୍ଟ ଟ୍ରେନ୍‌ର ୩ଟି ଚେୟାର କାର୍ ଏବଂ ୩ ଟାୟାର ବଗିର ଏସି କାମ କରୁ ନ ଥିବା ଯାତ୍ରୀମାନେ ସମ୍ବଲପୁର ଷ୍ଟେଶନ ନିକଟରୁ ଅଭିଯୋଗ କରି ଆସୁଥିଲେ। ଏହାକୁ ଝାରସୁଗୁଡ଼ାରେ ମରାମତି କରାଯିବ ବୋଲି ପ୍ରଥମେ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାହା କରାଗଲା ନାହିଁ। ଯାତ୍ରୀମାନେ ପୁଣି ଅଭିଯୋଗ କରିବାରୁ ରାଉରକେଲାଠାରେ ମରାମତି କରାଯିବ ବୋଲି କୁହାଗଲା। ରାଉରକେଲାରେ ଟ୍ରେନ୍ ଅପରାହ୍ନ ୩ଟା ୫୭ରେ ପହଞ୍ଚି କିଛି ସମୟ ରହଣି ପରେ ଛାଡ଼ିଥିଲା। କିନ୍ତୁ ଏସି ମରାମତି କରାଯାଇ ନ ଥିଲା। ଫଳରେ ଗୁଲୁଗୁଲିରେ ଅତିଷ୍ଠ ଯାତ୍ରୀ ଚେନ୍ ଟାଣି ଗାଡ଼ିକୁ ଅଟକାଇଥିଲେ। ବାରମ୍ବାର ଚେନ୍ ଟାଣିବାରୁ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ବଗିଗୁଡ଼ିକରେ ପହଞ୍ଚି ଯାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ପରବର୍ତ୍ତୀ ଷ୍ଟେଶନରେ ଏସି ମରାମତି କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଯାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏସି ମରାମତି କରା ନ ଯିବା ପର୍ଯ୍ୟନ୍ତ ରାଉରକେଲାରୁ ଟ୍ରେନ୍ ଛଡ଼ାଯିବ ନାହିଁ ବୋଲି ଅଡ଼ିବସିଥିଲେ। ଶେଷରେ କର୍ତ୍ତୃପକ୍ଷ ଦୁଇଜଣ ଏସି ମେକାନିକ୍‌ଙ୍କୁ ଟ୍ରେନ୍‌ରେ ଚଢ଼ାଇବାରୁ ଯାତ୍ରୀମାନେ ଶାନ୍ତ ପଡ଼ିଥିଲେ। ଅପରାହ୍ନ ୫ଟାରେ ଟ୍ରେନ୍ ଏଠାରୁ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

# ଆନ୍ତଃରାଜ୍ୟ କଫ୍ ସିରପ୍ ର୍ୟାକେଟର ୨ଗିରଫ

**ବଲାଙ୍ଗୀର ଅଫିସ, ୨୦।୫**

ଆନ୍ତଃରାଜ୍ୟ କଫ୍‌ସିରପ୍ ଚୋରା ର୍ୟାକେଟ୍ ଚଳାଇଥିବା ସାନ ଓରଫ୍ ଗୋବିନ୍ଦ ନେଗୀ (୩୮) ଓ ପ୍ରଶାନ୍ତ କ୍ଷେତୀ (୪୨)ଙ୍କୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସର ସ୍ୱତନ୍ତ୍ର ସ୍କାଡ ଭୁବନେଶ୍ୱରରୁ ଗିରଫ କରିଛି। ପୋଲିସ ଆଖିରେ ଧୂଳିଦେଇ ଗତ କିଛିମାସ ତଳେ ଏହି ର୍ୟାକେଟ୍‌ର ମୁଖ୍ୟ ସାନ ନେଗୀ ବଲାଙ୍ଗୀରରୁ ଚମ୍ପଟ ମାରିଥିଲେ। ସେହିପରି ଗତ ୬ ତାରିଖରେ ବଲାଙ୍ଗୀର ଟାଉନ୍ ଥାନା ଭିତରୁ ପ୍ରଶାନ୍ତ କ୍ଷେତୀ ବି ଫେରାର ହୋଇଯାଇଥିଲେ। ଗିରଫ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ବଲାଙ୍ଗୀର ସହର ବରପାଲିପଡାର ସାନ ଓ ମାଳପଡାର ପ୍ରଶାନ୍ତ କେତେଜଣ ସହଯୋଗୀଙ୍କୁ ଧରି ବେଶ୍ କିଛିବର୍ଷ ହେଲା ବଲାଙ୍ଗୀର ଓ ପଡୋଶୀ ଜିଲାମାନଙ୍କରେ ଅବାଧରେ କଫ୍ ସିରପ୍ କାରବାର କରିଆସୁଥିଲେ। ବଲାଙ୍ଗୀର ସହରର ଗଳିକନ୍ଦିରେ ଏଜେଣ୍ଟ ରଖି ସାନଙ୍କ ଗୋଷ୍ଠୀ କଫ୍ ସିରପ୍ କାରବାର କରୁଥିଲେ। ଏହି ବ୍ୟବସାୟରୁ ବିପୁଳ ଟଙ୍କା ଆଦାୟ କରିବା ପରେ ସେମାନେ ପଡୋଶୀ ଜିଲାରେ ବ୍ୟବସାୟ ଆରମ୍ଭ କରିଥିଲେ। କଫ୍ ସିରପ୍‌ର ବ୍ୟାପକ ବ୍ୟବହାର ଫଳରେ ସହରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହି ବ୍ୟବସାୟକୁ କେନ୍ଦ୍ରକରି ଦୁଇଟି ହତ୍ୟା ଘଟଣା ଘଟିଥିବା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ସହରର ଯୁବଗୋଷ୍ଠୀ କଫ୍ ସିରପ୍ ନିଶାରେ ଅଭ୍ୟସ୍ତ ହୋଇ ପଡିବା ସହ ସେମାନେ ବହୁ ଆପରାଧିକ ଘଟଣାରେ ଲିପ୍ତ ହେଉଥିବା ଜଣାପଡିଥିଲା। ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୋଲିସ ଆଖିରେ ଧୂଳିଦେଇ ସାନ ନେଗୀ ଗୁପ୍ତ ଆଡ୍ଡା କରି କାରବାର ଚଳାଇ ଆସୁଥିଲେ। ଗତ ମାର୍ଚ୍ଚ ୨୧ ତାରିଖରେ ସ୍ଥାନୀୟ ପୋଲିସ ବଲାଙ୍ଗୀର ରେଳ ଷ୍ଟେଶନ୍‌ରୁ ଗୋଟିଏ ସ୍କର୍ପିଓ ଏବଂ ଏକ ଟାଟା ଏସିଇ ଗାଡିରେ ଚାଲାଣ ହୋଇଥିବା ୩୫୨୦ ବୋତଲ କଫ୍ ସିରପ୍ ଜବତ୍ କରିଥିଲା। ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଥିଲା। ଛତିଶଗଡ଼ ରାଜଧାନୀ ରାୟପୁରର ସାଇକ୍ରିଷ୍ଣା ସର୍ଜିକୋ ନାମକ ଏକ ଦୋକାନରୁ ବଲାଙ୍ଗୀର ଶ୍ରୀସାଇ ମେଡିଫାର୍ମା ନାମରେ ଏହି କଫ୍ ସିରପ୍ ଆସୁଥିବା ଜଣାପଡିଥିଲା।



ପୋଲିସ ଗହଣରେ ସାନ ନେଗୀ ଓ ପ୍ରଶାନ୍ତ କ୍ଷେତୀ।

■ ଭୁବନେଶ୍ୱରରୁ କାବୁ କଲା ବଲାଙ୍ଗୀର ପୋଲିସ

■ ଖୋଲିବ କଫ୍ ସିରପ୍ ର୍ୟାକେଟ୍‌ର ଗୁମର

■ ରାୟପୁରକୁ ଲମ୍ବିଛି ଚେର

■ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ପୋଲିସ

# ବାର୍‌ହାକୁ ପିଟି ପିଟି ମାରିଦେଲେ

## ■ ପ୍ରତି ଆକ୍ରମଣରେ ୩ ଆହତ

**ସିନାପାଲି,୨୦।୫ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ରେଞ୍ଜ ଅଧୀନ କେନ୍ଦୁମୁଣ୍ଡା ଗ୍ରାମରେ ସୋମବାର ସକାଳ ପ୍ରାୟ ୬ଟାରେ ବାର୍‌ହା ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବାର୍‌ହାକୁ ପିଟିପିଟି ମାରି ଦେଇଛନ୍ତି । ଘଟଣାସ୍ଥଳରେ ବନ ବିଭାଗ ଏକ ଟିମ ପହଞ୍ଚି ବାର୍‌ହା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଘଟଣାର ତଦନ୍ତ ଚାଲିଥିବା ସିନାପାଲି ରେଞ୍ଜର କହିଛନ୍ତି ।



ସୋମବାର ସକାଳ ପ୍ରାୟ ୬ଟାରେ ସ୍ଥାନୀୟ ଜଙ୍ଗଲରୁ ଏକ ବାର୍‌ହା ଗାଁ ଭିତରକୁ ପଶି ଆସିଥିଲା। ଲୋକେ ବାର୍‌ହାକୁ ଦେଖି ଗୋଡ଼ାଇଥିଲେ । ଗ୍ରାମବାସୀଙ୍କ ଆକ୍ରମଣରେ ବାର୍‌ହା ହିଂସ୍ର ହୋଇ ଉଠିବା ସହ ଗାଁ ଲୋକଙ୍କୁ ଆକ୍ରମଣ କରିଥିଲା। ଏଥିରେ ୩ ଗ୍ରାମବାସୀ ଆହତ ହୋଇଥିଲେ। ଶେଷରେ ଗ୍ରାମବାସୀ ଠେଙ୍ଗା ଓ ବାଡ଼ିରେ ପିଟିପିଟି ବାର୍‌ହାକୁ ମାରି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସ୍ଥାନୀୟ ଲୋକେ ଗାଁ ନିକଟସ୍ଥ କାଦୁଅରେ ମୃତଦେହ ପୋତି ଦେଇଥିଲେ। କୌଣସି ସୂତ୍ରରୁ ଖବର ପାଇ ସିନାପାଲି ରେଞ୍ଜର ମୁରାରୀ ପ୍ରସାଦ ପଣ୍ଡା କେନ୍ଦୁମୁଣ୍ଡା ଗ୍ରାମରେ ପହଞ୍ଚି ବାର୍‌ହା ମୃତଦେହ ଜବତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରାଯାଇ ନ ଥିବା ବେଳେ ଏହାର ତଦନ୍ତ ଚାଲିଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଞ୍ଜର ପଣ୍ଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସିନାପାଲି ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ନଦୀ ନାଳ, ପୋଖରୀ, ଝରଣା ପାଣି ଶୁଖିବାରେ ଲାଗିଛି। ଫଳରେ ବନ୍ୟଜନ୍ତୁମାନେ ପାଣି ପାଇଁ ଗାଁ ମୁହାଁ ହେଉଛନ୍ତି। ଗାଁକୁ ଆସିବା ପରେ କେତେକ ବ୍ୟକ୍ତି ବନ୍ୟଜନ୍ତୁଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ଏପରି କାଣ୍ଡ ଘଟାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବାର୍‌ହା ଆକ୍ରମଣରେ ଆହତ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଛାଡି ଦିଆଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

EDUCATION

ADMISSION GUIDANCE
Last Chance for **MD, MS & MDS** aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are **MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB** etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ଯଦି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ କିଛି ସମସ୍ୟା ଅଛି ତେବେ ସିଦ୍ଧୁ କ୍ୟାବିନେଟ୍ ଛାଡ଼ିଦେବା ଉଚିତ।
- ସାଧୁ ସିଂ ଧରମସୋତ୍, ପଞ୍ଜାବ ମନ୍ତ୍ରୀ

## ଏନ୍‌ଡିଏ ନେତାଙ୍କ ଲାଗି ଆଜି ଶାହଙ୍କ ନୈଶଭୋଜି

**ନୂଆଦିଲ୍ଲୀ,୨୦।୫:** ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ମଙ୍ଗଳବାର ଏନ୍‌ଡିଏ ସହଯୋଗୀ ଦଳର ନେତାମାନଙ୍କୁ ନୈଶଭୋଜି ଲାଗି ନୂଆଦିଲ୍ଲୀ ଆମନ୍ତ୍ରଣ କରିଛନ୍ତି। ୨୩ରେ ଭୋଟ ଗଣତି ହେବାକୁ ଥିବାବେଳେ ତା’ ପୂର୍ବରୁ ମେଣ୍ଟନେଇ ସହଯୋଗୀଙ୍କ ସହ ନୂଆଦିଲ୍ଲୀର ଅଶୋକ ହୋଟେଲ୍‌ରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ୧୪ରୁ ୧୨ ଏକ୍‌ଜିଟ୍ ପୋଲ ରିପୋର୍ଟରେ ଏନ୍‌ଡିଏକୁ ପୂର୍ଣ୍ଣ ବହୁମତ ମିଳିଥିବାରୁ ଭାଜପା ଉତ୍ସାହିତ ହୋଇପଡ଼ିଛି।

### [ଇତିହାସର ଆଇନାରେ]

## ମେ ୨୧ର ପ୍ରମୁଖ ଘଟଣା

୨୦୦୧ ମେ ୨୧ରେ ଫ୍ରେଞ୍ଚ୍ ଟାଉବିରା ଆଇନ ପ୍ରଣୟନ ହୋଇଥିଲା। ଉକ୍ତ ଆଇନ ଅନୁଯାୟୀ, ଆଟଲାଣ୍ଟିକ୍ କ୍ରୀତଦାସ ବ୍ୟବସାୟକୁ ମାନବତା ବିରୋଧୀ ଅପରାଧ ଭାବେ ବିବେଚନା କରାଯାଇଥିଲା। ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ହୋଲାଣ୍ଡେଙ୍କ ଅଧୀନରେ ଖ୍ରୀଷ୍ଟିଆନ୍ ଟାଉବିରା ଫ୍ରାନ୍ସର ନ୍ୟାୟମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ନାମାନୁସାରେ ଉକ୍ତ ଆଇନ ପ୍ରଣୟନ କରାଯାଇଥିଲା।

୨୦୧୧ ମେ ୨୧ରେ ରେଡିଓ ଉପସ୍ଥାପକ ହାରୋଲ୍ଡ କ୍ୟାମ୍ପିଂ ଭବିଷ୍ୟବାଣୀ କରିଥିଲେ, ଏହି ଦିନ ବିଶ୍ୱ ଧ୍ୱଂସ ପାଇବ। ସେ ହେଉଛନ୍ତି ଆମେରିକାର ଖ୍ରୀଷ୍ଟିଆନ୍ ରେଡିଓ ବ୍ରଡକାଷ୍ଟର ତଥା ଲେଖକ। ସେ ୧୯୫୮ରୁ କାଲିଫର୍ଣ୍ଣିଆର ଏକ ରେଡିଓ ଷ୍ଟେଶନ୍ ଗ୍ରୁପ୍ ଫ୍ୟାମିଲି ରେଡିଓର ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଥିଲେ।

# ଏକ୍‌ଜିଟ୍ ପୋଲ୍‌କୁ ନେଇ ବିରୋଧୀଙ୍କ ସନ୍ଦେହ

**ନୂଆଦିଲ୍ଲୀ,୨୦।୫**

- ୨୩ ପାଇଁ ଭାଜପା କର୍ମୀଙ୍କ ପ୍ରସ୍ତୁତି
- କଂଗ୍ରେସ ଶିବିରରେ ନୀରବତା



**ପାଟନା:** ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ଏସ୍‌ଏସ୍‌ବି ଯବାନ ମୁତୟନ।

ଏନ୍‌ଡିଏ ସରକାର ଗଠନ କରିବ ବୋଲି ସବୁ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ମତ) ଅନୁମାନ କରିବା ପରେ ଉଭୟ ଶାସକ ଓ ବିରୋଧୀ ଶିବିରରେ ଭିନ୍ନ ଭାବାବେଗ ସ୍ପଷ୍ଟ ହୋଇଛି। ୨୩ ତାରିଖ ଫଳାଫଳ ପାଇଁ ଭାଜପା ମୁଖ୍ୟାଳୟରେ ଜୋରଦାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥିବାବେଳେ କଂଗ୍ରେସ କାର୍ଯ୍ୟାଳୟରେ ନୀରବତା ଦେଖାଦେଇଛି। ତଥାପି ସେମାନେ ଆଶା ହରାଇ ନ ଥିବା ଜଣାପଡିଛି। ଏନ୍‌ଡିଏ କେନ୍ଦ୍ରରେ କ୍ଷମତା ବଜାୟ ରଖିବ ବୋଲି ଏକ୍‌ଜିଟ୍ ପୋଲ୍ ଅନୁମାନ କରିଥିବାବେଳେ ଏହାକୁ ନେଇ ବିରୋଧୀ ଦଳଗୁଡିକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏହା ଏକ ପରିକଳ୍ପନା ଏବଂ ବାସ୍ତବତାର ପରିପନ୍ଥୀ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଫଳାଫଳ ପୂର୍ବାନୁମାନ ଅନୁରୂପ ହେବ ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ଗୋଟିଏ ପାଳି କ୍ଷମତାରେ ରହିବେ ବୋଲି ରବିବାର ଏକ୍‌ଜିଟ ପୋଲ୍ ରିପୋର୍ଟ ପ୍ରକାଶ ପାଇଥିଲା। ଏନ୍‌ଡିଏ ୩୦୦ରୁ ଊର୍ଦ୍ଧ୍ୱ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ଅଧିକାଂଶ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ତେବେ ଉକ୍ତ ରିପୋର୍ଟ କେତେଦୂର ଠିକ୍, ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏହା ଚୂଡାନ୍ତ ନିଷ୍ପତ୍ତି ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ତେବେ ଏନ୍‌ଡିଏ ସରକାର କରିଥିବା ବିକାଶମୂଳକ କାର୍ଯ୍ୟ ଲାଗି ଏହା ପୁଣି ଥରେ କ୍ଷମତାକୁ ଫେରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ଏକ୍‌ଜିଟ ପୋଲ୍ ଯାହା ଅନୁମାନ କରିଛନ୍ତି ଫଳାଫଳ ତାହା ହିଁ ହେବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି। ଅନୁମାନ ଉପରେ ପ୍ରସ୍ତୁତ ରିପୋର୍ଟକୁ ବିଶ୍ୱାସକୁ ନ ନେବା ଲାଗି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି। ପୂର୍ବରୁ ଅନେକ ଥର ଏକ୍‌ଜିଟ ପୋଲ୍ ଭୁଲ୍ ସାବ୍ୟସ୍ତ ହୋଇଥିବା ସେ ସୂଚନା ଦେଇଛନ୍ତି। ଏକ୍‌ଜିଟ ପୋଲ୍‌କୁ ଜାଲିଆତି କହି ଆରଜେଡି ନେତା ତେଜସ୍ୱୀ ଯାଦବ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ପ୍ରକୃତ ବାସ୍ତବତା ନୁହେଁ, ସଂଘ ସମର୍ଥିତ ସଂସ୍ଥା ଦ୍ୱାରା ମାନସିକ ଧୋକାବାଜି ଲାଗି ପୁରୁଣା କୌଶଳ ବୋଲି ସେ କହିଛନ୍ତି। ତେଜସ୍ୱୀଙ୍କ ମତକୁ ବରିଷ୍ଠ ସମାଜବାଦୀ ନେତା ଶରଦ ଯାଦବ ସମର୍ଥନ କରିଛନ୍ତି। ଏକ୍‌ଜିଟ ପୋଲ୍ ମନଗଢ଼ା କାହାଣୀ ବୋଲି ତୃଣମୂଳ କଂଗ୍ରେସ କହିଛି।

ସାତ ପର୍ଯ୍ୟାୟ ନିର୍ବାଚନ ଲାଗି ଦିନରାତି ଏକ କରି ଅକ୍ଲାନ୍ତ ପରିଶ୍ରମ କରିଥିବା ଅଧିକାଂଶ ଭାଜପା କର୍ମୀଙ୍କୁ ବିଶ୍ରାମ ନେବା ଲାଗି କୁହାଯାଇଥିବାବେଳେ ଅନ୍ୟମାନେ ଫଳାଫଳ ଦିନ ପ୍ରସ୍ତୁତିକୁ ଅନୁଧ୍ୟାନ କରୁଛନ୍ତି। ଭାଜପା ୩୦୦ ସଂଖ୍ୟା ଅତିକ୍ରମ କରିବା ନେଇ ନିଶ୍ଚିତ ଥିଲା ବୋଲି ଏହାର ମିଡିଆ ସେଲ୍ ସଦସ୍ୟ ଜିତେନ୍ଦ୍ର ରାଓ୍ୱତ କହିଛନ୍ତି। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦି ପୁଣି କ୍ଷମତାକୁ ଫେରିବା ଅନୁମାନକୁ କେତେକ କଂଗ୍ରେସ କର୍ମୀ ଖଣ୍ଡନ କରିଛନ୍ତି। ଏକ୍‌ଜିଟ୍ ପୋଲ୍ ଦ୍ୱାରା ମିଥ୍ୟାର ବାତାବରଣ ସୃଷ୍ଟି କରାଯାଇଥିବା ସେମାନେ କହିଛନ୍ତି। କଂଗ୍ରେସ ନିଶ୍ଚୟ ଭଲ ପ୍ରଦର୍ଶନ କରିବ। ଯଦି ତାହା ନ ହୁଏ, ତେବେ ଇଭିଏମ୍‌ରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ ରାମ ସିଂ କହିଛନ୍ତି।

## ‘ଏଥିରେ ବିଶ୍ୱାସ କରେନାହିଁ’



ଏମ୍.କେ. ଷ୍ଟାଲିନ୍

**ଚେନ୍ନାଇ,୨୦।୫(ପି.ଟି.)–** ତାମିଲନାଡୁରେ ଡିଏମ୍‌କେ ଭଲ ପ୍ରଦର୍ଶନ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ପୂର୍ବାନୁମାନ କରାଯାଇଥିବା ସତ୍ତ୍ୱେ ଏହାକୁ ସେ ବିଶ୍ୱାସ କରନ୍ତି ନାହିଁ ବୋଲି ଦଳ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ୨୩ରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ପ୍ରକୃତ ଜନାଦେଶ ଜାଣିବାକୁ ହେଲେ ଆଉ ୩ ଦିନ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି।

## ୟୁପି କ୍ୟାବିନେଟ୍‌ରୁ ରାଜଭର୍ ବହିଷ୍କୃତ

**ଲକ୍ଷ୍ନୌ,୨୦।୫(ପି.ଟି.)**





ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ମନ୍ତ୍ରିମଣ୍ଡଳରୁ ଏନ୍‌ଡିଏ ସହଯୋଗୀ ଏସ୍‌ବିଏସ୍‌ପି (ସୁହେଲଦେବ ଭାରତୀୟ ସମାଜ ପାର୍ଟି) ନେତା ଓମ୍ ପ୍ରକାଶ ରାଜଭର୍‌ଙ୍କୁ ବହିଷ୍କାର ଲାଗି ସୋମବାର ରାଜ୍ୟପାଳଙ୍କୁ ସୁପାରିସ କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ଭାଜପା ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ରାଜଭର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭାଜପା ସଦସ୍ୟମାନଙ୍କୁ ଜୋତାରେ ପିଟିବା ଉଚିତ ବୋଲି ସେ କହିଥିଲେ। ରାଜ୍ୟ କ୍ୟାବିନେଟ୍‌ରେ ଥିବା ଏସ୍‌ବିଏସ୍‌ପିର ଅନ୍ୟ ସଦସ୍ୟମାନଙ୍କୁ ତୁରନ୍ତ ବହିଷ୍କାର କରାଯିବାକୁ ଆଦିତ୍ୟନାଥ ସୁପାରିସ କରିଥିବା ଜଣାପଡିଛି। ପଛୁଆବର୍ଗ ଏବଂ ଦିବ୍ୟାଙ୍ଗ ଜନ କଲ୍ୟାଣ ବିଭାଗ ମନ୍ତ୍ରୀ ଥିବା ରାଜଭର ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପତ୍ର ଲେଖି କ୍ୟାବିନେଟରୁ ଇସ୍ତଫା ଦେଇଥିବା କଥା ଜଣାଇଥିଲେ। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯିବାକୁ ରାଜଭର୍ ସ୍ୱାଗତ କରିଛନ୍ତି। ଏଭଳି ନିଷ୍ପତ୍ତି ଆଗରୁ ନେଇଥିଲେ ଭଲ ହୋଇଥାନ୍ତା ବୋଲି ସେ କହିଛନ୍ତି।



ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ ଲାଗି କୋଲକାତାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟୁଛନ୍ତି।

## ‘ଇଭିଏମ୍ ସଂଖ୍ୟାରେ ଅମେଳ ହେଲେ ସବୁ ଭିଭିପିଏଟି ସ୍ଲିପ୍ ଗଣାଯାଉ’

**ନୂଆଦିଲ୍ଲୀ,୨୦।୫(ପି.ଟି.)**



ସୀତାରାମ ୟେଚୁରୀ

ଇଭିଏମ୍ ବିଶ୍ୱସନୀୟତାର ପ୍ରମାଣ ଲାଗି ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ର ଇଭିଏମ୍ ସଂଖ୍ୟା ସହ ଭିଭିପିଏଟି ସ୍ଲିପ୍ ଗଣନା କରିବା ଲାଗି ବ୍ୟବସ୍ଥା ହୋଇଛି। ଯଦି ଉଭୟ ସଂଖ୍ୟା ମେଳ ନ ଖାଏ, ତେବେ ଭିଭିପିଏଟି ସଂଖ୍ୟାକୁ କାଏମ ରଖାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ତେବେ ଇଭିଏମ୍ ଏବଂ ଭିଭିପିଏଟି ସଂଖ୍ୟାରେ ତାଳମେଳ ନ ରହିଲେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ସବୁ ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବା ଲାଗି ନୂଆ ନିୟମ ପ୍ରଣୟନ କରାଯାଉ ବୋଲି ସିପିଆଇ(ଏମ୍) ପକ୍ଷରୁ ଦାବି କରାଯାଇଛି। ୫୦ ପ୍ରତିଶତ ଇଭିଏମ୍‌କୁ ଭିଭିପିଏଟି ସ୍ଲିପ୍ ସହ ମେଳ କରିବାକୁ ୨୧ଟି ବିରୋଧୀ ଦଳ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନ ସୁପ୍ରିମକୋର୍ଟରେ ଖାରଜ ହୋଇଯିବା ପରେ ଏଥିପାଇଁ ନୂଆ ନିୟମ ପ୍ରଣୟନ କରିବାକୁ ବିରୋଧୀ ଦଳଗୁଡିକ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାବି କରିଥିଲେ। ଯଦି ଗୋଟିଏ ଭିଭିପିଏଟି ଗଣନା ଇଭିଏମ୍ ସହ ସମାନ ନ ହୁଏ, ତେବେ ଏହାର ନିର୍ବାଚନ ପ୍ରକ୍ରିୟାର ସାଧୁତା ଉପରେ ପ୍ରଶ୍ନ ଉଠାଇବ। ସେଥିପାଇଁ ଉକ୍ତ ନର୍ବାଚନ ମଣ୍ଡଳୀର ସମସ୍ତ ଭିଭିପିଏଟି ଯାଞ୍ଚ ହେବା ଜରୁରୀ ବୋଲି ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି।

## ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଇଲେ କୁମାରସ୍ୱାମୀ

**ବେଙ୍ଗାଲୁରୁ,୨୦।୫(ପି.ଟି.)**



ଲୋକ ସଭା ନିର୍ବାଚନରେ କର୍ନାଟକରେ ଭାଜପା ପୂର୍ଣ୍ଣ ବହୁମତ ହାସଲ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ମତ) ସର୍ଭେ ରିପୋର୍ଟରେ ପୂର୍ବାନୁମାନ କରାଯିବା ପରେ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ୍‌ଜିଟ ପୋଲ୍ ମାଧ୍ୟମରେ କୃତ୍ରିମ ଭାବେ ମୋଦି ଲହର ସୃଷ୍ଟି କରାଯାଉଛି। ମେ ୨୩ରେ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଆବଶ୍ୟକ ସଂଖ୍ୟା ଯୋଗାଡ ଲାଗି ଆଞ୍ଚଳିକ ଦଳଗୁଡିକୁ ଆଗୁଆ ପ୍ରଲୋଭିତ କରିବା ନିମନ୍ତେ ଭାଜପାର ଏହା ଏକ ପ୍ରୟାସ ବୋଲି କର୍ନାଟକ ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ସମସ୍ତ ବିରୋଧୀ ଦଳ ଚିନ୍ତାବ୍ୟକ୍ତ କରୁଛନ୍ତି। ତ୍ରୁଟିପୂର୍ଣ୍ଣ ଇଭିଏମ୍ ବଦଳରେ ବାଲଟ ପେପରର ପୁନଃ ପ୍ରଚଳନ ଲାଗି ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଇଭିଏମ୍ ଜାଲିଆତିର ଯଥେଷ୍ଟ ସମ୍ଭାବନା ଥିବା କୁମାରସ୍ୱାମୀ କହିଛନ୍ତି।

ଏପରିକି ବିକଶିତ ରାଷ୍ଟ୍ରଗୁଡିକ ମଧ୍ୟ ନିର୍ବାଚନରେ ପାରମ୍ପରିକ ବାଲଟ ପେପରର ବ୍ୟବହାର କରୁଛନ୍ତି। ରବିବାର ପ୍ରକାଶ ପାଇଥିବା ଏକ୍‌ଜିଟ ପୋଲ୍ ରିପୋର୍ଟ ବିରୋଧୀ ଦଳଗୁଡିକ ମଧ୍ୟରେ ଇଭିଏମ୍ ଅପବ୍ୟବହାର ଚିନ୍ତା ବଢ଼ାଇଦେଇଥିବା କୁମାରସ୍ୱାମୀ ଆଉ ଏକ ଟୁଇଟ୍‌ରେ କହିଛନ୍ତି। ଜଣେ ନିର୍ଦ୍ଦିଷ୍ଟ ନେତା ଏବଂ ଦଳ ସପକ୍ଷରେ ଭୁଲ୍ ମନୋଭାବ ସୃଷ୍ଟି କରିବା ଲାଗି ସମସ୍ତ ଏକ୍‌ଜିଟ ପୋଲ୍ ଉଦ୍ୟମ କରିଛନ୍ତି। ଏହା କେବଳ ଏକ୍‌ଜିଟ ପୋଲ୍, ପ୍ରକୃତ ଫଳାଫଳ ନୁହେଁ ବୋଲି କୁମାରସ୍ୱାମୀ କହିଛନ୍ତି।

### ଉଗାଣ୍ଡାରେ ବୋଟ୍ ଦୁର୍ଘଟଣା: ୮ ମୃତ, ୧୫ ନିଖୋଜ

**କାମ୍ପାଲା,୨୦।୫(ଏଏଫ୍‌ପି)–** ଲେକ୍ ଆଲବର୍ଟରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଫୁଟବଲ୍ ଖେଳାଳିଙ୍କ ମୃତ୍ୟୁ ଘଟିଛି ଏବଂ ୧୫ଜଣ ନିଖୋଜ ଅଛନ୍ତି। ଡଙ୍ଗାଟି ଉଗାଣ୍ଡାର ପଶ୍ଚିମ ଭାଗରେ ଥିବା ଏକ ହ୍ରଦରେ ଯାଉଥିବାବେଳେ ବୁଡିଯାଇଥିଲା। ଏଥିରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ଥିଲେ ଏବଂ ପ୍ରତିକୂଳ ପାଗ ଯୋଗୁ ଡଙ୍ଗାଟି ଓଲଟି ପଡିଥିବା ପୋଲିସ ଅନୁମାନ କରୁଛି। ଏ ପର୍ଯ୍ୟନ୍ତ ୮ ମୃତଦେହ ଉଦ୍ଧାର କରାଯାଇଛି। ୧୫ ଜଣ ନିଖୋଜ ଅଛନ୍ତି। ମିଳିତ ଅନୁସନ୍ଧାନ ଆରମ୍ଭ ହୋଇଥିବା ଉଗାଣ୍ଡାର ଆଞ୍ଚଳିକ ମୁଖପାତ୍ର ଜୁଲିଅସ୍ ଆଲ୍ଲାନ୍ ହାକିଜା ସୂଚନା ଦେଇଛନ୍ତି।

## ଆଜି ବିରୋଧୀ ଦଳ ନେତାଙ୍କ ବୈଠକ

**ନୂଆଦିଲ୍ଲୀ,୨୦।୫ (ପି.ଟି.)**

ନିର୍ବାଚନ ଫଳ ପ୍ରକାଶର ଦୁଇଦିନ ପୂର୍ବରୁ ମଙ୍ଗଳବାର ବିରୋଧୀ ଦଳ ନେତାମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ବସୁଛି। ଏଥିରେ ରାଜନୈତିକ ସ୍ଥିତି ଏବଂ ସରକାର ଗଠନ ଲାଗି ଅଣଏନ୍‌ଡିଏ ମେଣ୍ଟ ସମ୍ଭାବନାକୁ ନେଇ ଆଲୋଚନା କରାଯିବ। ବିରୋଧୀ ଦଳଗୁଡିକୁ ଏକାଠି କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଉଦ୍ୟମ ଚଳାଇଛନ୍ତି। ସୋମବାର ସେ କୋଲକାତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟି ଝୁଲା ପାର୍ଲାମେଣ୍ଟ ହେଲେ ଅଣଭାଜପା ସରକାର ଗଠନ ନେଇ ଆଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଫୋନ ଯୋଗେ ମମତାଙ୍କ ସହ ମହାମେଣ୍ଟ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ରବିବାର ଚନ୍ଦ୍ରାବାବୁ ଉପା ଅଧକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଏବଂ ଏନ୍‌ସିପି ସୁପ୍ରିମୋ ଶରଦ ପାଓ୍ୱାରଙ୍କୁ ଭେଟିଥିଲେ। ଏନ୍‌ଡିଏ ସରକାର ଗଢ଼ିବ ବୋଲି ଏକ୍‌ଜିଟ ପୋଲ୍ ପୂର୍ବାନୁମାନ ସତ୍ତ୍ୱେ ବିରୋଧୀ ଦଳଗୁଡିକ ଏହାକୁ ଗ୍ରହଣ କରିବାକୁ ନାରାଜ।

### ଭିଭିପିଏଟି ନେଇ ଇସିଙ୍କୁ ଭେଟିବେ

ମଙ୍ଗଳବାର ବିରୋଧୀ ନେତାମାନେ ଭିଭିପିଏଟି ଯାଞ୍ଚ ନେଇ ନିର୍ବାଚନ କମିଶନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଇଭିଏମ୍ ସଂଖ୍ୟା ସହ ଭିଭିପିଏଟି ସ୍ଲିପ୍‌ର ମେଳ ନ ହେଲେ ସମଗ୍ର ନିର୍ବାଚନ ମଣ୍ଡଳୀର ଭିଭିପିଏଟି ସ୍ଲିପ୍ ଗଣନା ଲାଗି ସେମାନେ ଦାବି କରିବେ।

## ୨୦୧୬ ସେପ୍ଟେମ୍ବରରେ ହୋଇଥିଲା ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ୍

**ନୂଆଦିଲ୍ଲୀ,୨୦।୫**



ଜେନେରାଲ୍ ରଣବୀର ସିଂ

ସେନା ପକ୍ଷରୁ ପ୍ରଥମ ସର୍ଜିକାଲ୍ ଷ୍ଟ୍ରାଇକ୍ ୨୦୧୬ ସେପ୍ଟେମ୍ବର ମାସରେ କରାଯାଇଥିଲା। ଉରି ଗ୍ୟାରିଶନ୍ ଆକ୍ରମଣର ପ୍ରତିଶୋଧ ନେବା ଲାଗି ସେନା ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ଜେନେରାଲ୍ ଅଫିସର କମାଣ୍ଡିଂ ଇନ୍ ଚିଫ୍, ନର୍ଦ୍ଦନ କମାଣ୍ଡ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ରଣବୀର ସିଂ ସୋମବାର ପ୍ରକାଶ କରିଛନ୍ତି।

ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ଡିଜିଏମ୍‌ଓ ଆର୍‌ଟିଆଇ ଉତ୍ତରରେ ଏଭଳି ତଥ୍ୟ ଦେଇଥିଲା। ବାଲାକୋଟ୍‌ରେ ଭାରତୀୟ ବାୟୁସେନାର ସର୍ଜିକାଲ୍ ଷ୍ଟ୍ରାଇକ୍ ସବୁଠାରୁ ସଫଳ ଥିଲା ବୋଲି ସେ କହିଛନ୍ତି। ଫେବୃୟାରୀ ୨୭ରେ ସେନା ପକ୍ଷରୁ ଜେଇଏମ୍ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ପାକିସ୍ତାନ ବାୟୁସେନା ଭାରତ ଉପରେ ପ୍ରତିଆକ୍ରମଣ ଲାଗି ପ୍ରୟାସ କରି ଶେଷରେ ବିଫଳ ହେଲା। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ କଂଗ୍ରେସ ପକ୍ଷରୁ ଭାରତୀୟ ସେନା ୬ଥର ସର୍ଜିକାଲ୍ ଷ୍ଟ୍ରାଇକ୍ କରିସାରିଛି ବୋଲି କହିଥିଲା। ଉପା ସରକାରବେଳେ ଏହା ସଫଳତାର କରାଯାଇଥିଲା ବୋଲି ଦାବି କରାଯାଇଥିଲା। ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ରାଜୀବ ଶୁକ୍ଳା କେବେ ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଥିଲା ତା’ର ବିବରଣୀ ପ୍ରଦାନ କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ମଧ୍ୟ ୨ ଥର ଏଭଳି ସର୍ଜିକାଲ୍ ଷ୍ଟ୍ରାଇକ୍ କରାଯାଇଥିବା ଦର୍ଶାଯାଇଥିଲା। ହେଲେ ଏଥିରୁ ଫାଇଦା ନେବାଲାଗି ମନମୋହନ ସିଂ କିମ୍ବା ବାଜପେୟୀ ସାମ୍ବାଦିକ ସମ୍ମିଳନୀ କରି ନ ଥିଲେ ବୋଲି ଶୁକ୍ଳା ଦର୍ଶାଇଥିଲେ।

## କାନ୍ସ ଫେଷ୍ଟିଭାଲ୍‌ରେ ଐଶ୍ୱର୍ଯ୍ୟା



**କାନ୍ସ:** ପୂର୍ବତନ ବିଶ୍ୱ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ରେଡ୍ କାର୍ପେଟରେ ଚାଲିଛନ୍ତି। ସେ ଏକ ମେଟାଲିକ୍ ଗୋଲ୍‌ଡେନ୍ ମେର୍‌ମେଡ୍ (ମତ୍ସ୍ୟକନ୍ୟା ଭଳି ଦୃଶ୍ୟମାନ) ଗାଉନ୍ ପରିଧାନ କରି ରମଣୀୟ ଦେଖାଯାଉଛନ୍ତି। ନୀଳନୟନା ଏହି ଭାରତୀୟ ଲଳନା କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ର ୭୨ତମ ସଂସ୍କରଣରେ ରବିବାର ରାତିରେ ପ୍ରଥମକରି ଦୃଶ୍ୟମାନ ହୋଇଥିଲେ। ତାଙ୍କ ସହ ଥିଲେ ତାଙ୍କର ଏକମାତ୍ର କନ୍ୟା ଆରାଧ୍ୟା। ଐଶ୍ୱର୍ଯ୍ୟା ଲେବାନୀୟ ଡିଜାଇନର ଜିନ୍-ଲୁଇସ୍ ସବାଜିଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗାଉନ ପରିଧାନକରି ‘ଏ ହିଡିନ୍ ଲାଇଫ୍’ର ପ୍ରିମିୟର ଉତ୍ସବରେ ଯୋଗଦେଇଥିଲେ। ୪୫ ବର୍ଷୀୟା ଏହି ଅଭିନେତ୍ରୀଙ୍କ ଚାହାଣି ସାମାନ୍ୟ ମେକ୍‌ଅପ୍‌ରେ ଖୁବ୍ ଆକର୍ଷଣୀୟ ଥିଲା। ଐଶ୍ୱର୍ଯ୍ୟା ତାଙ୍କ ଚାହାଣିର ଫଟୋ ଓ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ପ୍ରତିବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଐଶ୍ୱର୍ଯ୍ୟା କସ୍‌ମେଟିକ୍ ବ୍ରାଣ୍ଡ ଏଲ୍’ ଓରିୟଲ୍ ପ୍ୟାରିସ୍‌ର ପ୍ରତିନିଧିତ୍ୱ କରିଆସୁଛନ୍ତି।


## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ପ୍ଲଟ୍ ନଂ.: ୧୦୮-ବି, ୟୁନିଟ୍-୭, ପ୍ରଥମ ମହଲା, ସୂର୍ଯ୍ୟନଗର, ଗୋପବନ୍ଧୁ ଛକ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇମେଲ୍ : recoverybhubro@centralbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

“ପରିଶିଷ୍ଟ-୪-ଏ” [ରୁଲ୍ ୮(୬) ଦ୍ରଷ୍ଟବ୍ୟ)] (ସ୍ଥାବର ସମ୍ପତ୍ତିଗୁଡିକ ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍‌ଦ୍ୱାରା ବିଶେଷ ଭାବେ ଋଣଗ୍ରହୀତା (ମାନଙ୍କୁ) ଓ ଗ୍ୟାରେଣ୍ଟିଦାତା (ମାନଙ୍କୁ) ଏବଂ ସର୍ବସାଧାରଣଙ୍କୁ ସମୂହ ଭାବେ ଜଣାଇଦିଆଯାଉଛିକି ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ଭୌତିକ ଦଖଲ ନିଆଯାଇଛି, ଯାହାକୁ କି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚନ୍ଦ୍ରଶେଖରପୁର ଶାଖା** (ସୁରକ୍ଷିତ ଋଣଦାତା)ଙ୍କର ବକେୟା ଋଣରାଶି: **ତା.୩୧.୦୫.୨୦୧୪ରିଖ ସୁଦ୍ଧା ଟ.୧୩,୦୦,୩୨,୪୦୩.୦୦** + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ **ମେସର୍ସ ସ୍ୱର୍ଣ୍ଣ ହସ୍ପିଟାଲ୍ ପ୍ରା. ଲିଃ. (ପରିଚାଳନା ନିର୍ଦ୍ଦେଶକ: ଡଃ. ଚିତ୍ତ ରଞ୍ଜନ ଦାସ, ନିର୍ଦ୍ଦେଶକମାନେ : ଶ୍ରୀମତୀ ସୁଚିତ୍ରା ଦାସ ଏବଂ କ୍ୟାପଟେନ୍ ରାଜକିରନ୍ ଜଗନ୍ନାଥ ସେଠୀ)**ଙ୍କ ଠାରୁ ଆଦାୟ କରିବା ପାଇଁ **“ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି”** ଭିତ୍ତିରେ **ତା.୧୨.୦୬.୨୦୧୯ରିଖରେ** ସମ୍ପତ୍ତି ବିକ୍ରି କରାଯିବ।

**ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ: ଟ.୨୨,୬୧,୦୦,୦୦୦.୦୦ (ବାଇଶି କୋଟି ଏକଷଠି ଲକ୍ଷ ଟଙ୍କା ମାତ୍ର) ଏବଂ ଅମାନତ ଜମା ରାଶି : ଟ.୨,୨୭,୦୦,୦୦୦.୦୦ (ଦୁଇ କୋଟି ସତେଇଶ ଲକ୍ଷ ଟଙ୍କା ମାତ୍ର)**

**(ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଯଦି ଥାଏ)**

ପ୍ଲଟ୍ ନଂ.: ସି-୧, ଡ୍ରଇଂ ନଂ.: ବି-୧୧୯୫, ପରିମିତ କ୍ଷେତ୍ର: ୯୨’X୧୦୫’, ଅନୁରୂପ ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨ (ଅଂଶ), ଖାତା ନଂ.: ୧୪୨୭, ମୌଜା: ଜୟଦେବ ବିହାର, ୟୁନିଟ୍ ନଂ.: ୧୬, ଥାନା: ନିଉ କ୍ୟାପିଟାଲ୍ ନଂ.: ୩୩, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚତୁର୍ପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୪, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ), ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ), ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ)।

**ସ୍ୱର୍ଣ୍ଣ ହସ୍ପିଟାଲ୍‌ର ବିଲ୍ଡିଂ ସହିତ ସେଠାରେ ସ୍ଥାପନ କରାଯାଇଥିବା / ରଖାଯାଇଥିବା ମେଡିକାଲ/ଇଲେକ୍ଟ୍ରିକାଲ୍ ସରଞ୍ଜାମ ଏବଂ ଆନୁସଙ୍ଗିକ ଉପକରଣ ଓ ଆସବାବ ପତ୍ର ଏବଂ ସଂଲଗ୍ନ ଉପକରଣ ଫର୍ଣ୍ଣିଚର ଏବଂ ଫିକଚର୍ସ ଇତ୍ୟାଦି ସହିତ ସେଠାରେ ଥିବା ସମସ୍ତ ଜିନିଷ।**

**ସୁରକ୍ଷିତ ଋଣଦାତାଙ୍କୁ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ :**

ସଫଳ ନିଲାମ କ୍ରେତାଙ୍କୁ ସମ୍ପତ୍ତି ହସ୍ତାନ୍ତରିତ ପୂର୍ବରୁ ଓଡିଶା ସରକାରଙ୍କ ଜି.ଏ. ଡିପାର୍ଟମେଣ୍ଟକୁ ୨୦୦% ଅନୁମତି ଫି ଅର୍ଥାତ୍ **ଟ.୬,୬୫,୨୮,୯୨୬.୦୦ (ଛଅ କୋଟି ପଞ୍ଚଷଠି ଲକ୍ଷ ଅଠେଇଶି ହଜାର ନଅ ଶହ ଛବିଶ ଟଙ୍କା ମାତ୍ର)****

ଉପରଦର୍ଶିତ ସମ୍ପତ୍ତି ଏବଂ ହସ୍ପିଟାଲ୍ ସରଞ୍ଜାମ ଇତ୍ୟାଦି ମଧ୍ୟ ପାରି-ପାଶୁ ଭିତ୍ତିରେ **ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ., ଅଶୋକ ନଗର ଶାଖା, ଭୁବନେଶ୍ୱର ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** କମ୍ପାନୀକୁ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଋଣ ଅଗ୍ରୀମ ପାଇଁ ବନ୍ଧକ / ଚାର୍ଜରେ ରହିଛି। **ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ.**କୁ ଦେବାକୁ ଥିବା ଦେୟ ପରିମାଣ **ତା.୩୧.୧୨.୨୦୧୪ରିଖ ସୁଦ୍ଧା ଟ.୩,୦୬,୨୯,୨୮୫.୦୦** ଏବଂ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**କୁ ଦେବାକୁ ଥିବା ଦେୟ ପରିମାଣ **ତା.୧୨.୦୯.୨୦୧୪ରିଖ ସୁଦ୍ଧା ଟ.୮,୯୪,୪୪,୩୬୩.୦୦** ଯୁକ୍ତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । ବିଡ୍ ରାଶି / ବିକ୍ରୟ ମୂଲ୍ୟ ଏହି ତିନି ଗୋଟି ବ୍ୟାଙ୍କ ଦ୍ୱାରା ଆନୁପାତିକ ଭିତ୍ତିରେ ବଣ୍ଟନ କରାଯିବ।

**ଓଡିଶା ସରକାର ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଲିଜ୍ ହୋଲ୍ଡ ବନ୍ଧକ ସମ୍ପତ୍ତିକୁ ନିଲାମ ପାଇଁ ଅନୁମତି ଦେଇଛନ୍ତି:**

୧) ପଟ୍ଟାଦାତାଙ୍କ ପ୍ରତିନିଧି ଉପସ୍ଥିତିରେ ନିଲାମ କରାଯିବ ଏବଂ କଥିତ ସମ୍ପତ୍ତି ବିକ୍ରୟ ହୋଇଗଲେ କ୍ରେତା ଏକ ନୂତନ ରାଜିନାମାର ଦଲିଲ ପଟ୍ଟାଦାତା (ସରକାର)ଙ୍କ ସହିତ ସମ୍ପାଦନ କରିବେ, ଯେଉଁଥିରେ ମୂଳ ଲିଜ୍‌ରେ ଥିବା ନିୟମ ଏବଂ ସର୍ତ୍ତାବଳୀ ଲିଜ୍‌ର ଅବଶିଷ୍ଟ ସମୟ ଯାହା **ତା.୨୩.୧୧.୨୦୯୪ରିଖ** ପର୍ଯ୍ୟନ୍ତ ପାଳନ ହେବ ଏବଂ ପ୍ରଥମରୁ ଯେଉଁଥିପାଇଁ ଲିଜ୍ ମଞ୍ଜୁର କରାଯାଇଥିଲା ସେହି ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯିବ।
୨) ଉପରଦର୍ଶିତ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ସମ୍ପତ୍ତିର ନିଲାମ କରାଯିବ ଏବଂ ସଫଳ ନିଲାମଧାରୀ କ୍ରେତା ୨୦୦% ସହମତି ଫି ଯାହା **ଟ.୬,୬୫,୨୮,୯୨୬/-** ନିଲାମର **୧୫ ଦିନ** ମଧ୍ୟରେ ପଇଠ କରିବେ, ଯାହା ଦେୟ ଆଦାୟ ପାଇଁ ସର୍ବୋଚ୍ଚ ନିଲାମଧାରୀଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବା ପୂର୍ବରୁ ସରକାରଙ୍କୁ ପଇଠ କରାଯିବ।
୩) ଆର୍ଥିକ ସଂସ୍ଥାଗୁଡିକ ଦ୍ୱାରା ବକେୟା ଦେୟ ଆଦାୟ ପରେ ବଳକା ରାଶି ପଟ୍ଟାଧାରୀଙ୍କୁ ପଇଠ କରାଯିବ ।
୪) ସଂସ୍ଥା / ବ୍ୟକ୍ତିବିଶେଷ / କମ୍ପାନୀ ଯେଉଁମାନେ ରାଜଧାନୀ ଭୁବନେଶ୍ୱରରେ ଜମି ଲିଜ୍ ପାଇବା ପାଇଁ ଥିବା ସରକାରଙ୍କ ନୀତି ଅନୁଯାୟୀ ଯୋଗ୍ୟ ସେମାନେ କେବଳ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିପାରିବେ, ଯାହାକି ନିଲାମ ପୂର୍ବରୁ ପଟ୍ଟାଦାତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥିର କରାଯିବ। ସେମାନଙ୍କୁ ଉପରୋକ୍ତ ବିଷୟ ଉପରେ ନିଜର /ସେମାନଙ୍କର ସନ୍ତୁଷ୍ଟି ମୁତାବକ ଆଫିଡେଭିଟ୍ ପ୍ରଦାନ କରିବାକୁ ହେବ ଏବଂ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ ଦଲିଲ୍ ସମ୍ପାଦନ ପୂର୍ବରୁ କଥିତ ନିଲାମ କ୍ରେତା ନିଜର ଯୋଗ୍ୟତା ବିଷୟରେ କିଛି ତଥ୍ୟ ଗୋପନ ରଖିଥିବା କଥା ଜଣାପଡେ, ନିଲାମକୁ ବାତିଲ କରାଯିବ ଏବଂ ତଥା କଥିତ କ୍ରେତାଙ୍କର ଏହି ନିଲାମ ଉପରେ ଏବଂ ନିଲାମ ହୋଇଥିବା ସ୍ଥାବର ସମ୍ପତ୍ତି ଉପରେ କୌଣସି ଦାବୀ ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ପାନି ନିଲାମ କରାଯିବ।
୫) ପଟ୍ଟାଦାତା ରାଜ୍ୟ କଥିତ ସମ୍ପତ୍ତି ଉପରେ ଅଗ୍ରାଧିକାର ଅଧିକାରକୁ ସଂରକ୍ଷିତ ରଖିଛନ୍ତି।
୬) ମୂଳ ଲିଜ୍ ଦଲିଲ୍‌ରେ ଦର୍ଶାଯାଇଥିବା ନିୟମ ଓ ସର୍ତ୍ତାବଳୀ ସହିତ ନିଲାମର କ୍ରେତାଙ୍କ ସହିତ ଲିଜ୍ ଅବଧିର ଅବଶିଷ୍ଟ ସମୟ ଯାହା **ତା.୨୩.୧୧.୨୦୯୪ରିଖ** ପର୍ଯ୍ୟନ୍ତ ରହିବ।
୭) ଏହି ଅନୁମତି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଦ୍ୱାରା ଇସ୍ୟୁ କରାଯାଇଥିବା ବ୍ୟାଙ୍କ ଗ୍ୟାରେଣ୍ଟିର ବୈଧତା **ତା.୨୧.୧୧.୨୦୧୯ରିଖ** ପର୍ଯ୍ୟନ୍ତ ବୈଧ ଅଟେ।
୮) ନିଲାମ ପରେ ନିଲାମଧାରୀ କ୍ରେତାଙ୍କୁ ନିଲାମର **୧ ମାସ** ମଧ୍ୟରେ **ତ୍ରିପକ୍ଷ** ଦଲିଲ୍ ସମ୍ପାଦନ କରିବାକୁ ପଡିବ।

**** ମାନ୍ୟବର ହାଇକୋର୍ଟ ଓଡିଶା WP(C) No-17530 of 2017, ତାରିଖ: ୦୪.୦୯.୨୦୧୭ ଘଟଣାରେ ପ୍ରଦତ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁସାରେ ସଫଳ ନିଲାମ କ୍ରେତା ନିଲାମ ତାରିଖ ଠାରୁ ୧୫ଦିନ ମଧ୍ୟରେ ୧୦୦% ଅନୁମତି ଫି ଅର୍ଥାତ୍ ଟ.୩,୩୨,୬୪,୪୬୩/- ପ୍ରଦାନ କରିବେ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ www.centralbankofindia.co.in ଲିଙ୍କ୍ ଦେଖନ୍ତୁ, ନିଲାମଧାରୀ https://centralbank.auctiontiger.net & https://ibapi.in ଦେଖିପାରିବେ।**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖରେ ଉକ୍ତ ସମ୍ପତ୍ତିକୁ ଇ-ନିଲାମ ବିକ୍ରୟ କରାଯିବ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୨୦.୦୫.୨୦୧୯** | **କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ସଂକ୍ଷେପରେ

### ୨ ବାଇକ୍ ମୁହାଁ ମୁହିଁ, ୩ ଗୁରୁତର

**ମାର୍ଶାଘାଇ, ୨୦।୫ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଅଧୀନ ୫ ନଂ.(କ) ଜାତୀୟ ରାଜପଥର ବଡ଼ପାଳ ଗୋଡ଼ାଠାରେ ସୋମବାର ଅପରାହ୍ନରେ ୨ ବାଇକ୍ ମୁହିଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଡ଼ପାଳ ଗ୍ରାମର ଅନୁଜ ମଲ୍ଲିକଙ୍କ ପୁଅ ପୁନା (୨୩)ଏବଂ ତନୁଜ ମଲ୍ଲିକଙ୍କ ପୁଅ ଦୀପକ (୨୧) ଏକ ବାଇକ୍‌ରେ ଯାଉଥିବା ବେଳେ ପାରାଦୀପ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସହିତ ବଡ଼ପାଳଗଡ଼ାଠାରେ ମୁହାଁମୁହିଁ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ୩ ଜଣଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସମସ୍ତଙ୍କୁ କେନ୍ଦ୍ରାପଡ଼ା ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପାରାଦୀପ ପଟୁ ଆସୁଥିବା ଯୁବକଙ୍କ ପରିଚୟ ମିଳିପାରିନାହିଁ।

### ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ଅକାଳ ବିୟୋଗ

**ଆଳି, ୨୦।୫ (ଡି.ଏନ୍.ଏ.):** ଆଳି ବ୍ଲକର ପୂର୍ବତନ ଉପାଧକ୍ଷ ଅର୍ଜୁନ ନାୟକ (୪୮)ଙ୍କ ବିଲିକଣା ବନ୍ଧସାହିସ୍ଥିତ ବାସଭବନରେ ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ରାତ୍ରି ଭୋଜନ ପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବାକୁ ଉଦ୍ୟମ କରୁଥିବା ବେଳେ ଅର୍ଜୁନଙ୍କର ମୃତ୍ୟୁ ହୋଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ପଟ୍ଟାମୁଣ୍ଡାଇ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ନାୟକ ୨୦୦୭ରେ ଆଳି ବ୍ଲକ ଉପାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସେ ଦୁଇଥର ନରେନ୍ଦ୍ରପୁର ଓ ପତ୍ରପୁର ପଞ୍ଚାୟତର ସମିତିସଭ୍ୟ ଓ ଥରେ ପତ୍ରପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଶହ ଶହ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଅଞ୍ଚଳ ପରିକ୍ରମା କରାଯାଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ, ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ଆଳି ବ୍ଲକ ଅଧକ୍ଷା ଝରଣା ଦାଶ, ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ବଳ, ଭାଜପା ନେତା ବ୍ରଜସୁନ୍ଦର ଭୂୟାଁ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ ଓ ଯୁବନେତା ଭୀଷ୍ମ ମହାନ୍ତି ପ୍ରମୁଖ ଯୋଗଦେଇ ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପତ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସରପଞ୍ଚ ପ୍ରବୀଣା ବେହୁରା ଓ ଯୁବନେତା ସୁବ୍ରତ ବେହୁରା ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ହୃଦଘାତରେ ମହିଳାଙ୍କ ବିୟୋଗ

**ମାର୍ଶାଘାଇ, ୨୦।୫ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଦୁମୁକା ପଞ୍ଚାୟତ ଗିରଙ୍ଗ ଗ୍ରାମର ରାଧାନାଥ ସାମଲଙ୍କ ସ୍ତ୍ରୀ ଶୋଭା ସାମଲ (୭୫)ଙ୍କ ଶନିବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ପବିତ୍ର ସାମଲ ମୁଖାଗ୍ନି ଦେଇଥିଲେ।

# ୨ ମାସରେ ୩ କୋଟି ଟଙ୍କାର ମଦ ବିକ୍ରି

**କେନ୍ଦ୍ରାପଡା ଅଫିସ, ୨୦।୫**

ଅର୍ଥନୈତିକ ବିକାଶ କ୍ଷେତ୍ରରେ ରାଜ୍ୟର ୨୬ ତମ ଜିଲା ଭାବେ କେନ୍ଦ୍ରାପଡା ରହିଛି। ତେବେ ଗତ ଦୁଇ ମାସ ମଧ୍ୟରେ ଜିଲାରେ ୨କୋଟି ୭୧ ଲକ୍ଷ ୫ହଜାର ୫୮୧ ଟଙ୍କାର ମଦ ବିକ୍ରି ହୋଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ବେଆଇନ ଭାବେ ବିକ୍ରି ହେବାକୁ ଥିବା ୪୫୭୯ ଲିଟର ମଦ ଓ ୩୪୫୦ କିଲୋ ଗଞ୍ଜେଇ ଧରାପଡିଛି । ଯାହାର ମୂଲ୍ୟ ୩,୬୧,୫୭୮ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହି କାରବାରରେ ସମ୍ପୃକ୍ତ ୭ଟି ବାଇକ ଓ ଗୋଟିଏ ସ୍କୁଟି ଜବତ ହୋଇଛି। ସାଧାରଣ ନିର୍ବାଚନ କାରଣରୁ ଏହି ବିକ୍ରି ପରିଣାମ ବଢ଼ିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଅବକାରୀ ବିଭାଗ ତଥ୍ୟ ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲା ପାଇଁ ୮ କୋଟି ଟଙ୍କାର ମଦ ବିକ୍ରି ଟାର୍ଗେଟ ଥିଲା। ମାତ୍ର ଏହିବର୍ଷ ଆର୍ଥିକ ଲକ୍ଷ୍ୟ ୬୬.୧୯ ପ୍ରତିଶତ ପୂରଣ ହୋଇଛି। ଏହି ତଥ୍ୟ ଅନୁସାରେ, ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଲାରେ ୨୦,୩୦୮୮୩ ଏଲପିଏଲ (ଲଣ୍ଡନ ପ୍ରୁଫ ଲିଟର), ବିଦେଶୀ ମଦ, ୨୬୦୯୬୬୫ ବିଏଲ (ବଲ୍କ ଲିଟର) ବିଅର ଓ ୬୪,୦୯୦୦ ଏଲପିଏଲ ଦେଶୀ ମଦ ଉଠାଣ ହୋଇଛି।

ଏହାବ୍ୟତୀତ ବିଭିନ୍ନ ସମୟରେ ବେଆଇନ ବିକ୍ରେତା ଓ ଦେଶୀ ମଦ ପ୍ରସ୍ତୁତକାରୀଙ୍କ ନିକଟରୁ ୮୧୭୪ ଲିଟର ପାଣିଆ ଗୁଡ, ୨୦୪୫ ଲିଟର ଦେଶୀ ମଦ, ୩୮୫ ଲିଟର ବିଦେଶୀ ମଦ, ୩୧୮ ଲିଟର ବିଅର, ୯୨ ଲିଟର ତାଡି, ୩୬୦ ଲିଟର ଦେଶୀ ମଦ ଜବତ ହେବା ସହ ୨୧,୫୫୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏନେଇ ୨୦୬ଟି ମାମଲା ରୁଜୁ କରାଯାଇ ୨୦୫ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ଗୋଟିଏ କାର, ୭ ବାଇକ, ୨ ସ୍କୁଟି ଓ ଗୋଟିଏ ମୋପେଡ ଜବତ ହୋଇଛି । ଗତବର୍ଷ ରୁଜୁ ହୋଇଥିବା ମାମଲା ମଧ୍ୟରୁ ୭୯ ମାମଲାର ଚାର୍ଜସିଟ ହୋଇଥିବା ନେଇ ଜିଲା ଅବକାରୀ ଅଧୀକ୍ଷକ ବିବେନ୍ଦ୍ର କୁମାର ସିଂହସାମନ୍ତ ପ୍ରକାଶ କରିଛନ୍ତି । ସେ ପ୍ରକାଶ କରିଛନ୍ତିଯେ, କେନ୍ଦ୍ରାପଡା ସହର ନିକଟ ଗୋପ, ମଢ଼ିଆଳ, ମାର୍ଶାଘାଇ, ରାମନଗର, ଶ୍ୟାମସୁନ୍ଦରପୁର ଓ ଅଙ୍ଗୁଳାଇଠାରେ ଠିପି ଖୋଲା ବିଦେଶୀ ମଦ ଦୋକାନ ବନ୍ଦ ରହିଛି । ସେହିପରି ଗୁଲନଗରଠାରେ ଠିପି ବନ୍ଦ ଦୋକାନ ତାଲା ପଡିବା ସହ କେନ୍ଦ୍ରାପଡା ସହରର ୧ ନଂ ୱାର୍ଡ, ତିନିମୁହାଣୀ, ମଢ଼ିଆଳ, ଗୁଲନଗର, ପଟ୍ଟାମୁଣ୍ଡାଇ କଷଣଅଣ୍ଟା, ଅଳଭା, ମାର୍ଶାଘାଇ, ବରେଇରାଜନଗର ଓ ନୂଆପଡାଠାରେ ଦେଶୀ ମଦ ଦୋକାନ ବିଭିନ୍ନ କାରଣରୁ ବନ୍ଦ ରହିଛି । ଏହା ଫଳରେ ବାର୍ଷିକ ଟାର୍ଗେଟକୁ ଶତ ପ୍ରତିଶତ ହାସଲ କରାଯାଇ ପାରୁନାହିଁ । ଏଥିସହ ବିଭାଗୀୟ କାର୍ଯ୍ୟ ପାଇଁ ଉପଯୁକ୍ତ ଭିତ୍ତିଭୂମିର ଆବଶ୍ୟକତା ରହିଛି । ଗତ ଜାନୁୟାରୀ ୨ରେ ପଟ୍ଟାମୁଣ୍ଡାଇଠାରେ ଅବକାରୀ କାର୍ଯ୍ୟାଳୟ କାର୍ଯ୍ୟକାରୀ ହୋଇଥିବା ବେଳେ ମାର୍ଶାଘାଇ ଓ ଆଳିଠାରେ କାର୍ଯ୍ୟାଳୟ ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ ହୋଇ ନାହିଁ। ଅପରପକ୍ଷରେ ଅବକାରୀ ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷ ଆରମ୍ଭରୁ ୫୫୩ଟି ମାମଲାଥିବା ବେଳେ ଚଳିତ ବର୍ଷ ଅଧିକ ୨୦୬ ମାମଲା ରୁଜୁ ହେଇଛି । ମାତ୍ର ଏହି ବର୍ଷକ ମଧ୍ୟରେ ଗୋଟିଏ ହେଲେ ମାମଲାର ଫଇସଲା ହୋଇନାହିଁ ।

**କେନ୍ଦ୍ରାପଡା ଜିଲା**



- ବାର୍ଷିକ ଟାର୍ଗେଟ ଶତ ପ୍ରତିଶତ ପୂରଣ ହୋଇପାରୁନି
- ବର୍ଷକ ମଧରେ କୌଣସି ମାମଲାର ଫଇସଲା ହୋଇନାହିଁ

## ■ଭାଜପାକୁ ଭୋଟ ଦେବା ହେଲା କାଳ ଘଟଣା
# ଚିକିତ୍ସାଧୀନ ଅବସ୍ଥାରେ ପରିକ୍ଷିତଙ୍କ ମୃତ୍ୟୁ

**କେନ୍ଦ୍ରାପଡା ଅଫିସ/ଡେରାବିଶ, (ସ୍ୱ.ପ୍ର.),୨୦।୫**

ଡେରାବିଶ ଥାନା ଏଣ୍ଡର ପଞ୍ଚାୟତ ବିଭୂତିପଡା ଗ୍ରାମର ପରୀକ୍ଷିତ ବେହେରା ଚିକିତ୍ସାଧୀନ ଥିବାବେଳେ ସୋମବାର ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁ ପରେ ପୋଲିସର କର୍ତ୍ତବ୍ୟ ପରାୟଣତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜନୈତିକ ଚକ୍ରବ୍ୟୁହର ଶିକାର ହୋଇଥିବା ପରିକ୍ଷିତ ଗତ ବୁଧବାର ଏସ୍‌ପି ଅଫିସ ଆଗରେ ବିଷ ପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

ଆତ୍ମହତ୍ୟା ପୂର୍ବରୁ ଏକ ଚିଠିରେ ନିଜର କରୁଣ କାହାଣୀ ବୟାନ କରିଥିଲେ। ଏଥିରେ ବିଜୁ ଯୁବବାହିନୀ, ସ୍ଥାନୀୟ ସରପଞ୍ଚ ଓ ପୋଲିସର ଖରାପ ବ୍ୟବହାର ସମ୍ପର୍କରେ ଉଲ୍ଲେଖ କରିଥିଲେ। ଚଳିତ ନିର୍ବାଚନରେ ଭାଜପାରେ ଭୋଟ ଦେଇଥିବାରୁ ତାଙ୍କୁ କିଭଳି ହନ୍ତସନ୍ତ ହେବାକୁ ପଡିଛି ସେ ସମ୍ପର୍କରେ ଚିଠିରେ ଦର୍ଶାଇଥିଲେ। ପଡୋଶୀଙ୍କ ସହ ଦୀର୍ଘଦିନ ହେବ ତାଙ୍କର ଜମିବାଡି ସମସ୍ୟା ଲାଗି ରହିଥିଲା । ଏନେଇ ଗ୍ରାମବାସୀଙ୍କ ମଧ୍ୟରୁ କେତେଜଣ ବସି ସମାଧାନ କରିବାକୁ ଚାହିଁଥିଲେ । ତେବେ ପଡୋଶୀ ଏହାକୁ ନ ମାନି ପରବର୍ତ୍ତୀ ସମୟରେ ପରିକ୍ଷିତଙ୍କୁ ମାଡ଼ ମାରିଥିଲେ । ଏ ସମ୍ପର୍କରେ ଡେରାବିଶ ଥାନାରେ ସେ ଜଣାଇଥିଲେ ମଧ୍ୟ ଅଭିଯୋଗ ପତ୍ର ପଞ୍ଜୀକରଣ ହୋଇ ନ ଥିଲା । ପରେ ଏଏସପିଙ୍କୁ ଜଣାଇବାରୁ ପଡୋଶୀ ଏହାକୁ ନ ମାନି ପୁଣି ଥରେ ମାଡ ମାରିଥିଲେ । ଏଥିରେ ବିଜୁ ଯୁବବାହିନୀର ପିଲାମାନେ ଓ ସ୍ଥାନୀୟ ସରପଞ୍ଚ ସମ୍ପୃକ୍ତ ହୋଇ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଧମକ ଦେଇଥିଲେ । ତାଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା କେତେଜଣ ବ୍ୟକ୍ତିଙ୍କ ନାମ ସେ ଚିଠିରେ ଉଲ୍ଲେଖ କରିଛନ୍ତି । ଗତ ୧୫ ତାରିଖରେ ପରିକ୍ଷିତ ନ୍ୟାୟ ପାଇବା ଆଶାରେ ଏସପିଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ତେବେ କୌଣସି ସକାରାତ୍ମକ ସମାଧାନ ଆଶା ନ ଦେଖାଯିବାରୁ କାର୍ଯ୍ୟାଳୟ ନିକଟରେ ବିଷ ଖାଇ ଦେଇଥିଲେ ।

# ସ୍କୁଟି-ବସ୍ ମୁହାଁମୁହିଁ: ୨ ମୃତ

**କେନ୍ଦ୍ରାପଡା ଅଫିସ/ମାର୍ଶାଘାଇ, (ଡି.ଏନ୍.ଏ.), ୨୦।୫**

ସଦର ଥାନା ଅନ୍ତର୍ଗତ ଛଘରିଆଠାରେ ସୋମବାର ଅପରାହ୍ନରେ ଏକ ବସ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ସ୍କୁଟି ଆରୋହୀ ମନ୍ତେଇ ଗ୍ରାମର ଅଶୋକ ପାଳଙ୍କ ଦୁଇ ଝିଅ ପ୍ରଜ୍ଞାପାରମିତା (୨୧) ଓ ପ୍ରତି ପଦ୍ମା (୧୯)ଙ୍କ ମୃତ୍ୟୁ ଘଟିଥିଲା ବେଳେ ଚାଳକ ପାଟକୁରା ଥାନା ଅନ୍ତର୍ଗତ ପିକିରାଳି ଗ୍ରାମର ରଶ୍ମିରଞ୍ଜନ ସାମନ୍ତରାୟ ଗୁରୁତର ହୋଇଛନ୍ତି।

ରଶ୍ମିରଞ୍ଜନଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅପରପକ୍ଷରେ ଦୁର୍ଘଟଣା ପାଇଁ ଦାୟୀ କୁହାଯାଉଥିବା ମା’ତାରିଣୀ ବସ୍(ଓଆର ୦୪ ଏଲ୍ ୧୭୮୯ )କୁ ପୋଲିସ ମାର୍ଶାଘାଇ ଥାନାରେ ଅଟକ ରଖିଛି । ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ରଶ୍ମିରଞ୍ଜନ ପିଉସୀ ଝିଅ ୨ଜଣଙ୍କୁ ସ୍କୁଟିରେ ବସାଇ କେନ୍ଦ୍ରାପଡା ଆସୁଥିଲେ। ଏହି ସମୟରେ ଚଣ୍ଡିଖୋଲରୁ ପାରାଦୀପ ଯାଉଥିବା ମା’ତାରିଣୀ ବସ ସହ ଧକ୍କା ହୋଇଥିଲା । ସୂଚନାଯୋଗ୍ୟଯେ, ଏହି ରାସ୍ତା ଦୁଇ ଭାଗରେ ବିଭକ୍ତ ହୋଇଥିଲେ ମଧ୍ୟ ଗୋଟିଏ ପାର୍ଶ୍ୱରେ ଗତ ଦୁଇ ସପ୍ତାହ ହେବ ଲୁହାପଥର ବୋଝେଇ ଟ୍ରକ ଠିଆହୋଇ ରହିଥିବାରୁ ଉଭୟ ଗାଡି ରାସ୍ତାର ଅପରପାର୍ଶ୍ୱରେ ଯାତାୟାତ କରୁଥିଲେ।

## ପାରିବାରିକ କଳହରୁ ଛାତ୍ରୀଙ୍କ ଆତ୍ମହତ୍ୟା ଅଭିଯୋଗ

**ଡେରାବିଶ, ୨୦।୫ (ସ୍ୱ.ପ୍ର.)**

ଡେରାବିଶ ଥାନା ଅଧୀନ ଡାଳିଜୀ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ କଲେଜ ଛାତ୍ରୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖଗେଶ୍ୱର ସାହୁଙ୍କ ଝିଅ ଧରିତ୍ରୀ (୧୯)। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଏଏସ୍‌ଆଇ ଧନେଶ୍ୱର ବେହେରା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପାରିବାରିକ କଳହରୁ ଧରିତ୍ରୀ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜାଣାପଡ଼ିଥିବା ପୋଲିସ କହିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୫/୧୯)ରୁଜୁ କରାଯାଇଛି।

## ■ ନହୁଲିଆରେ ମଦ ଦୋକାନ ବନ୍ଦ ଦାବି
# ଜିଲାପାଳଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା ଅଫିସ, ୨୦।୫**



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀ ମହିଳା ଓ ଅନ୍ୟମାନେ ।

ରାଜକନିକା ବ୍ଲକ ଅନ୍ତର୍ଗତ ନହୁଲିଆଠାରେ ମଦ ଦୋକାନ ବନ୍ଦ କରିବା ପାଇଁ ଦାବି ହୋଇଛି। ଏନେଇ ନହୁଲିଆ ନିକଟସ୍ଥ ପଞ୍ଚାୟତଗୁଡ଼ିକର ୮୧୮ ଜଣ ମହିଳା ୧୩ ଫର୍ଦ୍ଦ ଦସ୍ତଖତ ସମ୍ବଳିତ ଦାବିପତ୍ର ସୋମବାର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଓଡିଶା ନିଶା ନିବାରଣ ଅଭିଯାନର ଜିଲା ଆବାହିକା ପାର୍ବତୀ ନାୟକ, ମହିଳା ସଂଗଠନର କର୍ମକର୍ତ୍ତା ପ୍ରମିଳା ବେହେରା, ସୁଶୀଳା ସାହୁ, ବିଷ୍ଣୁପ୍ରୀୟା ବେହେରା ପ୍ରମୁଖ କହିଛନ୍ତି, ମଦ ଦୋକାନ ବନ୍ଦ ନ ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ । ସେମାନଙ୍କ ଅଭିଯୋଗ ଅନୁସାରେ ନହୁଲିଆ ଗ୍ରାମର ଗୋଟିଏ ପାର୍ଶ୍ୱରେ ଏହି ମଦ ଦୋକାନ ଖୋଲାଯାଇଛି । ଏହା ନିକଟରେ ବିଦ୍ୟାଳୟ, ମନ୍ଦିର, ବଜାର ଓ ଆବାସିକ ଗୃହ ଆଦି ରହିଛି । ଏହି ମଦ ଦୋକାନ ଯୋଗୁ ଉକ୍ତ ଅଞ୍ଚଳରେ ଅସାମାଜିକ ଲୋକଙ୍କ ଭିଡ଼ ବଢୁଛି । ମଦ୍ୟପାନ ଯୋଗୁ ଗ୍ରାମର ଯୁବଗୋଷ୍ଠୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପରି ଅଭାବନୀୟ କାଣ୍ଡ କରୁଛନ୍ତି । କେତେଜଣ ରୋଗରେ ଶୀକାର ହୋଇଛନ୍ତି । ସେହିପରି ଗତ ୪ ତାରିଖରେ ଏକ ବିବାହ ଭୋଜିରୁ ଫେରୁଥିବା ନବ ବିବାହିତାଙ୍କୁ କିଛିଜଣ ମଦ୍ୟପ ଲୁଟ କରିବା ଉଦ୍ୟମ କରି ମାରି ଦେବାକୁ ଚେଷ୍ଟା କରିଥିଲେ । ଏହା ବିରୋଧରେ ଗତ ୫ ରେ ରାସ୍ତାରୋକୋ ହେବା ପରେ ବ୍ଲକ ପ୍ରଶାସନ ଏହି ଦୋକାନକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି। ତେବେ ଏହି ବ୍ୟବସାୟୀ ରାତିରେ ବ୍ୟବସାୟ କରୁଥିବା ବେଳେ ଦିନରେ ଲୁଚାଛପାରେ ମଦ ବିକ୍ରି କରୁଛନ୍ତି । ଆସନ୍ତା ସପ୍ତାହ ମଧ୍ୟରେ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି ।

## ■ ଅଭିଯୁକ୍ତଙ୍କ ପ୍ରତି ପୋଲିସର କୋହଳ ମନୋଭାବ
# ଚଉଦକୁଲାଟ ଫାଣ୍ଡି ଘେରାଉ ଚେତାବନୀ

**ପଟ୍ଟାମୁଣ୍ଡାଇ, ୨୦।୫ (ସ୍ୱ.ପ୍ର.)**

ଅଭିଯୁକ୍ତମାନଙ୍କ ବିରୋଧରେ ପଟ୍ଟାମୁଣ୍ଡାଇ ଥାନା ତଥା ଚଉଦକୁଲାଟ ଫାଣ୍ଡି ପୋଲିସର କୋହଳ ମନୋଭାବ ପୋଷଣ କରିବା ପ୍ରତିବାଦରେ ଅଣ୍ଟରା ଗ୍ରାମବାସୀ ଫାଣ୍ଡି ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ଅଣ୍ଟରା ନଦୀ କୂଳ ଉପର ହରିଜନ ସାହିରେ ୨୦୧୯ ଫେବୃୟାରୀ ୨୭ ତାରିଖ ରାତିରେ ଘଟିଥିବା ଏକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନ ଥିବା ନେଇ ସୋମବାର ପଟ୍ଟାମୁଣ୍ଡାଇ ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୭ ଦିନ ଭିତରେ ପୋଲିସ୍ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ ଫାଣ୍ଡି ଘେରାଉ କରିବେ ବୋଲି ଗ୍ରାମବାସୀ ଚେତାଇ ଦେଇଛନ୍ତି। ଏଥିସହିତ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ, ଜିଲା ଏସ୍‌ପି, ଜିଲାପାଳ, ଓଡ଼ିଶା ଡିଜି ପୋଲିସ ଓ ରାଜ୍ୟ ମାନବାଧିକାର କମିଶନଙ୍କୁ ମଧ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୯ ଫେବୃୟାରୀ ୨୭ ତାରିଖ ରାତି ୯ଟା ବେଳେ ବାସୁଦେବ ମଳିକଙ୍କ ପୁତୁରା ମନୁଆ ଓରଫ୍ ଜଗା ମଳିକ, ମାଧ ମଳିକ, ଜାନକୀ ମଳିକ, ବଷ୍ଟି ମଳିକ ଓ ଅନ୍ୟ ୨ଜଣ ଅଭିରାମ ମଳିକଙ୍କ ପୁଅ ମୁନା ମଳିକଙ୍କୁ ତାଙ୍କ ଘରେ ଠେଙ୍ଗା ଓ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ମୁନା (୨୦)ଙ୍କ ମୁଣ୍ଡରେ ୩ଟି ଗଭୀର କ୍ଷତ ହେବା ସହିତ ଡାହାଣ ହାତ ଭାଙ୍ଗି ଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୁନାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଏସ୍‌ଡିଏଚ୍ ମେଡିକାଲ ଓ ପରେ କଟକ ବଡ ମେଡିକାଲ୍‌କୁ ନିଆଯାଇଥିଲା। ୬ ଦିନ ଚିକିତ୍ସା ପରେ ମୁନା ଘରକୁ ଫେରିଆସିଥିଲେ। ମାତ୍ର ସେ ଏ ପର୍ଯ୍ୟନ୍ତ ସୁସ୍ଥ ହୋଇପାରିନାହାନ୍ତି। ଏ ନେଇ ୭୩/ ୧୯ ନଂ.ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଆକ୍ରମଣକାରୀଙ୍କ ବିରୋଧରେ ପଟ୍ଟାମୁଣ୍ଡାଇ ଥାନା ଓ ଫାଣ୍ଡି ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଯାହାଫଳରେ ଆକ୍ରମଣକାରୀମାନେ ଜାମିନ ପାଇବା ପରେ ଗାଁରେ ରହି ଗ୍ରାମବାସୀ ନାନା ଧମକଚମକ ଦେବା ଓ ଆକ୍ରମଣ କରିବାକୁ ଯୋଜନା କରିବା ଯୋଗୁ ନିରୀହ ଗ୍ରାମବାସୀ ମାନେ ଭୟଭୀତ ଅବସ୍ଥାରେ ରହିଥିବା କହିଛନ୍ତି। ଆସନ୍ତା ୭ଦିନ ମଧରେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଗ୍ରାମବାସୀ ଚଉଦକୁଲାଟ ଫାଣ୍ଡି ସମ୍ମୁଖରେ ଗଣଧାରଣା ଦେବେ ବୋଲି ଗ୍ରାମର ଅଭିରାମ ମଳିକ, ଗଙ୍ଗାଧର ମଳିକ, ଅରକ୍ଷିତ ମଳିକ, ରଘୁନାଥ ମଳିକ, ଅମୂଲ୍ୟ ମଳିକ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ୧୯୯୮ ବ୍ୟାଚ୍ ବନ୍ଧୁ ମିଳନ

**ମାର୍ଶାଘାଇ, ୨୦।୫ (ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ଅଧୀନ ତାରିଣୀ କନିଷ୍ଠ ମହାବିଦ୍ୟାଳୟର ୧୯୯୮ ବ୍ୟାଚ୍ +୨ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତପନ ଦାସ, ଜିତେନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ କଲେଜ ଅଧକ୍ଷ ବିକାଶ କୁମାର ଦାସ, ଇତିହାସ ବିଭାଗ ଅଧାପକ ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ପ୍ରତାପ ବାରିକ, ହେମନ୍ତ ସ୍ୱାଇଁ, ସାବିତ୍ରୀ ରଥ, ଦୀପ୍ତିମୟୀ ରାଉତ, ଗୀତାଞ୍ଜଳି ଦାସ, ଲୀନା ମାଝୀ, ମନୋରଞ୍ଜନ ଦାସ ଓ ସଞ୍ଜୁକ୍ତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମାଙ୍କଡ଼ ଆକ୍ରମଣରେ ଶିଶୁ ଗୁରୁତର

**ଡେରାବିଶ, ୨୦।୫ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ ଖମୋଳ ଗ୍ରାମରେ ସୋମବାର ପୁଣି ଜଣେ ୬ ବର୍ଷର ଶିଶୁ ମାଙ୍କଡ଼ କାମୁଡାରେ ଗୁରୁତର ହୋଇଛନ୍ତି। ଗ୍ରାମର ସଞ୍ଜିବ କୁମାର ନାୟକଙ୍କ ଝିଅ ମନିଷା (୬) ଘର ବାହାରେ ଖେଳୁଥିବା ବେଳେ ଏକ ମାଙ୍କଡ଼ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ଫଳରେ ମନିଷାଙ୍କ ଗୋଡ଼କୁ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୂର୍ବରୁ ଏହି ଗ୍ରାମରେ ମାଙ୍କଡ଼ ଆକ୍ରମଣରେ ୨ ଜଣ ଗୁରୁତର ହୋଇଥିବା ବେଳେ ସୋମବାର ପୁଣି ମାଙ୍କଡ଼ ଆକ୍ରମଣ ଯୋଗ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ତେବେ ବନ ବିଭାଗ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

କିଛିଦିନ ପୂର୍ବେ ଉକ୍ତ ଗ୍ରାମର ବିଜୟ ସ୍ୱାଇଁଙ୍କୁ ଏକ ମାଙ୍କଡ଼ କାମୁଡ଼ିଥିବା ବେଳ ଗତ ୧୬ ତାରିଖରେ ଅଂଶୁମାନ ନାୟକ (୩୦) ଓ ୧୭ରେ ପୁଷ୍ପଲତା ନାୟକ (୪୫)ଙ୍କୁ ମାଙ୍କଡ଼ କାମୁଡ଼ି ଗୁରୁତର କରିଥିଲା। ଏ ନେଇ ଜିଲାପାଳ ଓ ବନବିଭାଗ ଅଧିକାରୀଙ୍କୁ ଅବଗତ କରାଇଥିଲେ ବି କାମୁଡ଼ା ମାଙ୍କଡ଼କୁ ଧରିବା ଲାଗି ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

# ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧନା


ମା’ମନ୍ତେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜକନିକା,୨୦।୫(ଡି.ଏନ୍.ଏ.)**

ରାଜକନିକା ବ୍ଲକ ବରାଡିଆ ପଞ୍ଚାୟତର ଅନ୍ତର୍ଗତ ମନ୍ତପଡା ଗ୍ରାମର ମା’ମନ୍ତେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଯଜ୍ଞ ସହ ବୟୋଜ୍ୟେଷ୍ଠମାନଙ୍କୁ ନେଇ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ମଞ୍ଚରେ ଅତିଥି ଭାବେ ଏସ୍‌ଏନ୍ କଲେଜର ଅଧକ୍ଷ ବୈକୁଣ୍ଠ ନାଥ ପରିଡା, ଓଳାଭର କଲେଜର ପ୍ରାକ୍ତନ ଅଧକ୍ଷ ସୁରେଶ ଚନ୍ଦ୍ର ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୁଣନିଧି ବଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରଘୁନାଥ ଦାସ, ହଳଧର ମିଶ୍ର, ଲୋକନାଥ ଦାସ, ମୂରଲୀଧର ନାୟକ, ଚୈତନ୍ୟ ନାୟକ, କରୁଣାକର ମିଶ୍ର, ଦୁଶାସନ ଭୂୟାଁ, ବନମାଳୀ ଖଟୁଆ, ଗୌରାଙ୍ଗ ଚରଣ ନାୟକ, ରବି ନାରାୟଣ ନାୟକ ଓ ବିଦ୍ୟାଧର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ■ ବିପଦ ସାଜିଛି କଟକ-ଚାନ୍ଦବାଲି ରାସ୍ତା
# ୬ ମାସରେ ୧୨ ଦୁର୍ଘଟଣା, ୨ ଜୀବନହାନି

**ଆଳି, ୨୦।୫ (ଡି.ଏନ୍.ଏ.)**

- ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସଙ୍କେତ ଲଗାଇବାକୁ ଦାବି
- ଏବେ ବି ଏକାଧିକ କଟକ ମେଡିକାଲରେ ଚିକିତ୍ସାଧୀନ
- ପ୍ରଶାସନିକସ୍ତରରେ ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ଦାବିପତ୍ର

ଆଳି ଅଞ୍ଚଳର ଲାଇଫ୍ ଲାଇନ୍ କୁହାଯାଉଥିବା କଟକ-ଚାନ୍ଦବାଲି ରାସ୍ତା ଏବେ ଦୁର୍ଘଟଣା ପ୍ରବଣ ହୋଇପଡ଼ିଛି। ବେପରୁଆ ଗାଡ଼ିଚାଳନା ସହ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସଙ୍କେତ ଲଗାଯାଇ ନଥିବା ହେତୁ ଦିନକୁ ଦିନ ଏଠାରେ ଦୁର୍ଘଟଣା ବଢୁଛି। ତେବେ ଏ ଦିଗରେ ପ୍ରଶାସନିକସ୍ତରରେ ବିହିତ ପଦକ୍ଷେପ ନେବା ଲାଗି ବାଲକାଟି ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ରାସ୍ତା ଦେଇ ଦୈନିକ ଶତାଧିକ ଗାଡ଼ିମୋଟର ଚଳାଚଳ କରୁଥିବା ବେଳେ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

ଅଭିଯୋଗ ଅନୁସାରେ, ଆଳି ଅଞ୍ଚଳକୁ ବାହ୍ୟ ଜଗତ ସହ ସଂଯୋଗ କରିବା ନିମନ୍ତେ ପତ୍ରପୁରଠାରେ ପତ୍ରପୁର ସେତୁ ଓ ବାଲକାଟିଠାରେ ଖରସ୍ରୋତା ସେତୁ ନିର୍ମାଣ କରାଯାଇଥିଲା। ଏହି ସେତୁ ଦ୍ୱୟ ନିର୍ମାଣ ପରେ କଟକରୁ ସିଧାସଳଖ ଚାନ୍ଦବାଲି ସହିତ ଯୋଗାଯୋଗ ସମ୍ଭବ ହୋଇପାରିଥିଲା। ଏହାପରେ କୋଟି କୋଟି ଟଙ୍କା ବ୍ୟୟରେ କଟକ-ଚାନ୍ଦବାଲି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରାଯାଇଛି। କିନ୍ତୁ ପ୍ରଶସ୍ତୀକରଣ ପରେ ଏହି ରାସ୍ତାରେ ଅନେକ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତାର ଚଣ୍ଡୀବଜାରଠାରୁ ବଳଭଦ୍ରପୁର ଶାସନ ଓ ରାଣୀପୋଖରୀ ନିକଟରୁ ଖରସ୍ରୋତା ସେତୁ ପର୍ଯ୍ୟନ୍ତ ରାସ୍ତାରେ ଦୈନିକ ଏକାଧିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ରାସ୍ତା ପ୍ରଶସ୍ତିକରଣ ପରେ ବିଭାଗୀୟ କର୍ତ୍ତୃପକ୍ଷ ସାଧାରଣ ଲୋକଙ୍କ ସୁରକ୍ଷିତ ଯାତାୟାତ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଗତ ୬ ମାସ ମଧ୍ୟରେ ଏହି ରାସ୍ତାରେ ୧୨ଟି ଦୁର୍ଘଟଣା ଘଟିଥିବା ବେଳେ ୨ ଜଣଙ୍କର ଜୀବନହାନି ଘଟିଛି। ଗତ ୧୧ ତାରିଖରେ ଖରସ୍ରୋତା ସେତୁ ନିକଟରେ ଏକ ବୋଲେରୋ ଓ ବାଇକ୍ ମଧ୍ୟରେ ମୁହଁମୁହିଁ ଧକ୍କା ହୋଇଥିଲା। ଏଥିରେ ଦୁଇଜଣ ଆହତ ହୋଇ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗତ ୫ ତାରିଖ ରାତିରେ ବଳଭଦ୍ରପୁର ଛକରେ ଅଟୋ ଓ କାର୍ ଧକ୍କାରେ ୫ ଜଣ ଗୁରୁତର ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେହିପରି ଗତ ଏପ୍ରିଲ ୩୦ ତାରିଖରେ ସେହି ସ୍ଥାନରେ ଏକ ବୋଲେରୋ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ରାସ୍ତାର ଚମାରଖଟି ନିକଟରେ ଥିବା ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ନିମନ୍ତେ ସିଗନାଲ ବ୍ୟବସ୍ଥା କରାଯାଇଥିବା ବେଳେ ତା ଆଗକୁ ଆଉ ରାସ୍ତାରେ ସିଗନାଲ ଲଗାଯାଇନାହିଁ। ଯାହା ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। ବିଶେଷକରି ଖରସ୍ରୋତା ସେତୁ ନିକଟରୁ ଖଣ୍ଡିଆପାଟଣା ବାଲକାଟି ପର୍ଯ୍ୟନ୍ତ ରାସ୍ତା ଯାତାୟାତ ପାଇଁ ଅଧିକ ବିପଦ ସୃଷ୍ଟି କରୁଛି।

ଏହି ରାସ୍ତା ଦେଇ ବାଲକାଟି ହାଇସ୍କୁଲ ଓ ଅଙ୍ଗନୱାଡିକୁ ପିଲାମାନେ ଯା’ଆସ କରୁଥିବା ବେଳେ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଆବଶ୍ୟକ ସ୍ଥାନରେ ସତର୍କତା ଚିହ୍ନ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସାମାଜିକ କର୍ମୀ ଧନେଶ୍ୱର ରାଉତ, ବିକ୍ରମ ରାଉତ, ଅନିଲ ରାଉତ, ବିଦ୍ୟାଧର ସାହୁ, ଚିନ୍ମୟ ରାଉତ, ଅଲେଖ ମଳିକ, ବୀରେନ ମଳିକ, ଶିବପ୍ରସାଦ ବେହେରା, ନବ ରାଉତ, ଅଭୟ ରାଉତ, ସମ୍ଭୁନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାନବ ଟ୍ରଷ୍ଟ ଜରିଆରେ ଜାରି ରହିବ ସ୍ୱାସ୍ଥ୍ୟ ସେବା

**ଜଗତ୍‌ସିଂହପୁର ଅଫିସ,୨୦।୫:** ଗତବର୍ଷଠାରୁ ସ୍ଥାନୀୟ ସିପି-ମକୁନ୍ଦପୁର ମୌଜାରେ ମାନବ ଟ୍ରଷ୍ଟ ଜରିଆରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ୩ ଜଣ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ମୌଜାର ଲୋକେ ପହଞ୍ଚି ସେବା ପାଉଛନ୍ତି। ଲୋକେ ନିଜର ଆଧାର କାର୍ଡ କିମ୍ବା ଭୋଟର ପରିଚୟପତ୍ର ଦେଖାଇ ଏହି ଚିକିତ୍ସା ପରାମର୍ଶ ସୁବିଧା ପାଉଛନ୍ତି। ତେବେ ଟ୍ରଷ୍ଟ ପକ୍ଷରୁ ଏହି ସେବା ଜାରି ରହିବ କି ନାହିଁ ତା'ଉପରେ ଏକ ବୈଠକ ହୋଇଥିଲା। ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଟ୍ରଷ୍ଟ ପକ୍ଷରୁ ପୂର୍ବପରି ମୌଜାର ଜନସାଧାରଣଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଯେହେତୁ ଡ.ଦୟାନିଧି ଜେନା (ମେଡିସିନ୍), ଡ. ନରହରି ବେହେରା (ଶିଶୁରୋଗ ବିଶେଷଜ୍ଞ) ଓ ଡ. ସରୋଜ ଷଡ଼ଙ୍ଗୀ (ହୋମିଓପ୍ୟାଥିକ)ଙ୍କୁ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଅର୍ଥ ଦିଆଯିବା ବ୍ୟବସ୍ଥା ହୋଇଥିଲା। ତେଣୁ ଅନୁରୂପ ନିଷ୍ପତ୍ତି ପ୍ରକାରେ ଚଳିତବର୍ଷ ପାଇଁ ଏହି ରାଶି ପ୍ରଦାନ କରାଯିବ। ବୈଠକରେ ମାନବ ଟ୍ରଷ୍ଟ ପକ୍ଷରୁ ସଭାପତି କୈଳାସ ଚନ୍ଦ୍ର ଦାଶ, ଆଡଭୋକେଟ୍ ବାସୁଦେବ, ରମେଶ ଚନ୍ଦ୍ର ରାଉତ ଓ ବସନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମକୁନ୍ଦପୁର ଗ୍ରାମବାସୀଙ୍କ ପକ୍ଷରୁ ପଞ୍ଚାନନ ଷଡ଼ଙ୍ଗୀ, ପଞ୍ଚାନନ ପ୍ରଧାନ, ଚିତ୍ତରଞ୍ଜନ ରାଉତ, ଦାଶରଥି ସ୍ୱାଇଁ, ବ୍ରଜ କିଶୋର ଭୋଇ, କୃଷ୍ଣଚନ୍ଦ୍ର ରାଉତ, କାଳିନ୍ଦୀ ରାଉତ, ଜଗନ୍ନାଥ ଆଚାର୍ଯ୍ୟ, ଅଭୟ ଷଡ଼ଙ୍ଗୀ, ଦୁର୍ଗା ଚରଣ ସାହୁ, ସତ୍ୟବ୍ରତ ଷଡ଼ଙ୍ଗୀ, ଚିନ୍ମୟ ମଲିକ, ରମାକାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

### ବୃଦ୍ଧି ପାଉଛି ମାଦକ ଦ୍ରବ୍ୟ କାରବାର

**କୁଜଙ୍ଗ,୨୦।୫(ସ୍ୱ.ପ୍ର.):** କିଛି ବର୍ଷ ହେଲା ପଙ୍କପାଳ ଅଞ୍ଚଳରେ ଚୋରା ମାଦକ ଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ କେତେକ ଲୋକଙ୍କୁ ଗିରଫ କରାଯାଇଥିଲେ ମଧ ଚୋରା ମଦ କାରବାର ବନ୍ଦ ହେଉନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ଡ୍ରଗ୍ସ ଓ ବ୍ରାଉନ୍‌ସୁଗାର ଆଦି ଚୋରାରେ ବିକ୍ରି ଚାଲିଲାଣି। ବାହାର ଅଞ୍ଚଳର ଲୋକ ପଙ୍କପାଳ ଆସି ଏସବୁ ଜିନିଷ କିଣୁଛନ୍ତି। ନଦୀପଠା ଓ କେନାଲ ଅପରପାର୍ଶ୍ୱରେ ଚୋରା ମାଦକ ଦ୍ରବ୍ୟ ବ୍ୟବସାୟୀଙ୍କ କାରବାର ଚାଲିଛି ଓ ଗରାଖଙ୍କ ଭିଡ଼ ଦେଖିବାକୁ ମିଳୁଛି। ଛୋଟ ଛୋଟ ପିଲାମାନେ ଏପରି କି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରମାନେ ଡ୍ରଗ୍ସ ଦ୍ୱାରା କବଳିତ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ପାଇ ଗତ ୪ ବର୍ଷ ତଳେ ତତ୍କାଳୀନ ଥାନା ଅଧିକାରୀ ଗୁପ୍ତେଶ୍ୱର ଭୋଇଙ୍କ ନିର୍ଦ୍ଦେଶ କ୍ରମେ ପି. ମୁର୍ମୁ ନାମକ ଜଣେ ପୋଲିସ ଅଧିକାରୀ ସାଦା ପୋଷାକରେ ଚଢାଉ କରି ମାଦକ ଦ୍ରବ୍ୟ କାରବାର ଉପରେ ଅଙ୍କୁଶ ଲଗାଇଥିଲେ। ମାତ୍ର ଏବେ ପୁଣି ପୁରୁଣା ଅବସ୍ଥା ହୋଇଗଲାଣି। ମାଦକ ଦ୍ରବ୍ୟ ଯୋଗୁ ଚୋରି, ଡକାୟତି ଆଦି ଆପରାଧିକ କାର୍ଯ୍ୟ ବୃଦ୍ଧି ପାଉଛି। ଏ ଦିଗରେ ଅବକାରୀ ବିଭାଗ ଓ ପୋଲିସ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ବାତ୍ୟାରେ ଆମ୍ବ ବଗିଚା ନଷ୍ଟ

**ତିର୍ତ୍ତୋଲ,୨୦।୫(ଡି.ଏନ.ଏ.):** ଫନୀ ବାତ୍ୟା ପ୍ରଭାବରେ ବ୍ୟାପକ ଫସଲ ଓ ଗଛପତ୍ର ନଷ୍ଟ ହୋଇଛି। ଏହା ମଧରେ ବିଭିନ୍ନ ସ୍ଥାନରେ ଥିବା ଆମ୍ବ ବଗିଚା ମଧ ଛାରଖାର ହୋଇଯାଇଛି। ଏଥିଯୋଗୁ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ବହୁ ଆମ୍ବ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସବୁ ଗଛରୁ ସମ୍ପୂର୍ଣ୍ଣ ଭାବେ ଆମ୍ବ ଛଡ଼ିପଡିଥିବା ବେଳେ ଅନେକ ଗଛ ଉପୁଡ଼ିଯାଇଛି। ପ୍ରକାଶ ଯେ, ଚାଷୀମାନେ ନିଜ ବଗିଚାରୁ ବିପୁଳ ଆମ୍ବ ଉତ୍ପାଦନ କରି ସ୍ଥାନୀୟ ହାଟବଜାରରେ ବିକ୍ରି କରନ୍ତି। ଏଥିସହ କେତେକ ଏସଏଚଜି ଗ୍ରୁପ କଞ୍ଚା ଆମ୍ବରୁ ଆଚାର କରି ବିକ୍ରି କରନ୍ତି। ତିର୍ତ୍ତୋଲର ପାଳନ୍ଦା, ପୋରଗଦେଇ, କୋଷ୍ଟିମଲ୍ଲିକାପୁର, ଶଙ୍ଖେଶ୍ୱର ସମେତ ଅନ୍ୟ ପଞ୍ଚାତରେ ବହୁ ଚାଷୀ କିଛି ବର୍ଷ ହେବ ଉଦ୍ୟାନ ବିଭାଗରୁ ସହାୟତା ନେଇ ଉନ୍ନତ କିସମର ଆମ୍ରପଲ୍ଲୀ, ସୁନ୍ଦରୀ, ଖରୁରୀ କିସମ ଆମ୍ବ ଚାଷ କରୁଥିଲେ। ଏହି ଉନ୍ନତମାନର ଆମ୍ବ ଚାଷ କରି ସେମାନେ ସ୍ୱାବଲମ୍ବୀ ହେବା ସହ ଭଲ ରୋଜଗାର କରୁଥିଲେ। ଚଳିତବର୍ଷ ଗଛରେ ଆମ୍ବ ଫଳିଥିବା ସମୟରେ ବାତ୍ୟା ହେବାରୁ ସବୁ ଛଡ଼ିପଡିଛି। ତେଣୁ ସ୍ଥାନୀୟ ହାଟ, ବଜାରରେ ଦେଶୀ ଆମ୍ବ ମିଳୁନାହିଁ। ବାହାରୁ ଆସୁଥିବା ଆମ୍ବ ଏଠାରେ ବିକ୍ରି ହେଉଛି।

# ବିଦ୍ୟୁତ୍ ପାଇଁ ରାସ୍ତାରୋକୋ

**ବିରିଡ଼ି,୨୦।୫(ଡି.ଏନ୍.ଏ.)**

ବାତ୍ୟା ଫନୀକୁ ଇତିମଧରେ ୧୭ଦିନ ବିତିଥିବାବେଳେ ବିରିଡ଼ି ଅଞ୍ଚଳରେ ସେସୁ ଓ ଏନ୍‌ଜେଏନ୍ ପକ୍ଷରୁ ଏଯାବତ୍ ବିଦ୍ୟୁତ୍ ସେବା ପ୍ରଦାନ କରାଯାଇନାହିଁ। ତେଣୁ ପ୍ରବଳ ଗ୍ରୀଷ୍ମ ଓ ଅସହ୍ୟ ଗୁଳୁଗୁଳିରେ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ଛୋଟ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ତେଣୁ ତୁରନ୍ତ ବିଦ୍ୟୁତ୍ ଯୋଗାଣ ଦାବିରେ ସୋମବାର ବାଲିଆ ଗୋପୀନାଥପୁର ଗ୍ରାମର ଲୋକେ କଟକ-ଜଗତ୍‌ସିଂହପୁର ଜାତୀୟ ରାଜପଥ ନଂ.୫୫ର ବାଲିଆ ଛକଠାରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଖରାରେ ବହୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ବିରିଡ଼ି ଥାନା ଆଇଆଇସି ପାରୋ ଟୁଡୁ ଓ ଜଗତ୍‌ସିଂହପୁର ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାସ୍ଥଳକୁ ସେସୁ କନିଷ୍ଠ ପରିଚାଳକ ବନୋଜ ନାୟକଙ୍କୁ ଡକାଯାଇଥିଲା। ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ସେ କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଘଟଣାସ୍ଥଳକୁ ଏନ୍‌ଜେଏନ୍ କନିଷ୍ଠ ପରିଚାଳକ ଆସି ନ ଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ରାସ୍ତାରୋକୋ ପୂର୍ବାହ୍ନ ୯.୩୦ରୁ ୧୦.୩୦ ପର୍ଯ୍ୟନ୍ତ ଚାଲିଥିଲା।



ବିଦ୍ୟୁତ୍ ଯୋଗାଣ ଦାବିରେ କଟକ-ଜଗତ୍‌ସିଂହପୁର ଜାତୀୟ ରାଜପଥ ଅବରୋଧ କରିଥିବା ଗ୍ରାମବାସୀ।

## ଯନ୍ତ୍ରୀଙ୍କୁ ଘେରିଲେ ଉପଭୋକ୍ତା

**ବାଲିକୁଦା,୨୦।୫(ସ୍ୱ.ପ୍ର.)**

ଫନୀର ୧୭ଦିନ ପରେ ମଧ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସେବା ମିଳିପାରିନାହିଁ। ବିଭାଗକୁ ସବୁ ପ୍ରକାର ସହଯୋଗ କରିବା ପରେ ମଧ ଆନୁସଙ୍ଗିକ ସରଞ୍ଜାମ ଅଭାବ ଥିବା କହି ଦିନ ଦିନ ଧରି ଉପଭୋକ୍ତାଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି ବିଭାଗୀୟ ଯନ୍ତ୍ରୀ। ତେଣୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ପ୍ରଦାନ ଦାବିରେ ସୋମବାର ନାଉଗାଁ ବ୍ଲକ ଗାରୋଇର ବିଦ୍ୟୁତ୍ ଉପଭୋକ୍ତାମାନେ ଶୋଭା ଷ୍ଟ୍ରକ୍‌ଚର ଆଗରେ ଧାରଣାରେ ବସି ରହିବା ସହିତ ଯନ୍ତ୍ରୀ ମନୋରଞ୍ଜନ ବେହେରାଙ୍କୁ ଘେରାଉ କରିଥିଲେ। ଯଦି ଆଜି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରା ନ ଯାଏ, ତେବେ ଆମେ କାହାରିକୁ ଷ୍ଟ୍ରକ୍‌ଚର ବାହାରକୁ ଯିବାକୁ ଦେବୁନାହିଁ କି ଭିତରକୁ କାହାରିକୁ ଛାଡ଼ିବୁ ନାହିଁ ବୋଲି ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ପୂର୍ବାହ୍ନ ସାଢେ ୧୦ଟାରୁ ୩୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ଷ୍ଟ୍ରକ୍‌ଚର ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିବା ସହ ଯନ୍ତ୍ରୀ ବେହେରାଙ୍କୁ ଘେରାଉ କରିଥିଲେ। ସେପଟେ ଠିକାଦାରଙ୍କ ବିଦ୍ୟୁତ୍ ଉପକରଣ ଆସୁଥିବା ଏକ ଗାଡ଼ିକୁ ମଧ ଡାବର ପାଖରେ ଅଟକ ରଖିଥିଲେ। ଗାଁକୁ ବିଦ୍ୟୁତ୍ ଯୋଗାଇ ଦିଅ, ତୁମ ଜିନିଷ ଓ ଗାଡ଼ି ନେଇଯାଅ ବୋଲି ଉପଭୋକ୍ତାମାନେ କହିଥିଲେ। ଦୀର୍ଘ ସମୟ ଧରି ଗାଡ଼ି ଅଟକ ରଖିବାରୁ ଠିକାଦାରଙ୍କ ଲୋକମାନେ ଯନ୍ତ୍ରୀ ବେହେରାଙ୍କୁ ଫୋନ ଯୋଗେ ଜଣାଇଥିଲେ। ଯନ୍ତ୍ରୀ ବେହେରା ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ବାଲିକୁଦା ଥାନା ଅଧିକାରୀ ସର୍ବେଶ୍ୱର ବେହେରା ପହଞ୍ଚି ଅଟକ ଗାଡିକୁ ମୁକୁଳାଇଥିଲେ। ସେହିପରି ଅନନ୍ତପୁର ଫାଣ୍ଡି ଅଧିକାରୀ ଏଏସ୍‌ଆଇ ସୁଶାନ୍ତ ମିଶ୍ର ଶୋଭା ଷ୍ଟ୍ରକ୍‌ଚରରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଲୋକେ ଧାରଣାରୁ ଉଠିଥିଲେ। କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସବୁ ଗାଁକୁ ଏକ ସମୟରେ ବିଦ୍ୟୁତ୍ ଯୋଗାଇ ଦେବା ସମ୍ଭବ ନୁହେଁ। ସେଥିପାଇଁ ଲୋକମାନେ ଧୈର୍ଯ୍ୟ ଧରି ଆଉ ଅଳ୍ପଦିନ ଅପେକ୍ଷା କରିବାକୁ ଅନୁରୋଧ କରୁଛୁ ବୋଲି ଯନ୍ତ୍ରୀ ବେହେରା କହିଛନ୍ତି।

## ଅଟୋ ମୁହାଁମୁହିଁ, ୬ ଆହତ

**ବିରିଡ଼ି,୨୦।୫(ଡି.ଏନ୍.ଏ.)**

ସୋମବାର ବିରିଡ଼ି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ.୫୫ର ବିରିଡ଼ି ଛକଠାରେ ଦୁଇଟି ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋ ଦୁଇଟି ଭାଙ୍ଗିରୁଜି ଯିବା ସହ ୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ବିରିଡ଼ି ଓ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଇଆଇସି ପାରୋ ଟୁଡୁ ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ୧ଟାରେ ଅଟୋ (ନଂ.ଓଡ଼ି ୨୧ସି୯୩୯୦) କଟକରୁ ବିରିଡ଼ି ଥାନା ଅନ୍ତର୍ଗତ ବାଲିଆ ଗୋପୀନାଥପୁର ଗ୍ରାମକୁ ଆସୁଥିଲା। ସେଥିରେ ବାଲିଆ ଗୋପୀନାଥପୁରର ପ୍ରେମାନନ୍ଦ ସେଠୀ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ଆସୁଥିଲେ। ସେହିପରି ବିପରିତ ଦିଗରୁ ଆଉ ଏକ ଅଟୋ (ନଂ.ଓଡ଼ି୦୪ଏ୩୦୫୧) ଜଗତ୍‌ସିଂହପୁରରୁ କଟକ ମାହାଙ୍ଗା ଅଭିମୁଖେ ଯାଉଥିଲା। ସେଥିରେ ମାହାଙ୍ଗା ଥାନା ଅନ୍ତର୍ଗତ ଭଳିଦାସପୁର ଗ୍ରାମର ବଟ ବହଳ, ବିରିଡ଼ି ଥାନା ଅନ୍ତର୍ଗତ ଶଙ୍ଖପୁର ଗ୍ରାମର ଅଙ୍ଗନୱାଡି ସହାୟିକା ସନ୍ତୋଷୀ ଜେନା, ଶାଳିଜଙ୍ଗାର ଛାୟା ଭୋଇ, ସରସୁଧା ଗ୍ରାମର କାଞ୍ଚନ ଜେନା ବସିଥିଲେ। ହଠାତ୍ ବିରିଡ଼ି ଛକଠାରେ ୨ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ପୋଲିସ ଦୁଇ ଅଟୋ ଜବତ କରିବା ସହ ଡ୍ରାଇଭର ବାଲିଆ ଗୋପୀନାଥପୁରର ନିତ୍ୟାନନ୍ଦ ଦାଶ ଓ ମାହାଙ୍ଗା ଥାନା ଅନ୍ତର୍ଗତ ଡମଣିସିଂହପୁର ଗ୍ରାମର ନଟବର ମଲ୍ଲିକଙ୍କୁ ଅଟକ ରଖିଛି।



ଦୁର୍ଘଟଣାରେ ଆହତ ଯାତ୍ରୀ ଚିକିତ୍ସିତ ହେଉଛନ୍ତି।

## ତିନି ବଖରା ଜଳିଗଲା

**ତିର୍ତ୍ତୋଲ,୨୦।୫(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବାରବାଟିଆ ଗ୍ରାମରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଜଗବନ୍ଧୁ ସ୍ୱାଇଁଙ୍କ ୩ ବଖରା ପୋଡ଼ିଯାଇଛି। ରୋଷେଇ ଚୁଲିରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ତିର୍ତ୍ତୋଲ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ସମସ୍ତ ଖାଦ୍ୟଶସ୍ୟ, ଧାନ, ମୁଗ, ବିରି ସମେତ ନିତ୍ୟ ବ୍ୟବହାର୍ଯ୍ୟ ଆସବାବପତ୍ର ଆଦି ପୋଡି ନଷ୍ଟ ହୋଇଯାଇଛି। ରାଜସ୍ୱ ନିରୀକ୍ଷକ ଗ୍ରାମକୁ ଯାଇ କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି।

■ ବଟ ଶ୍ରୀକ୍ଷେତ୍ର ବାର୍ଷିକ ଉତ୍ସବ ଉଦ୍‌ଯାପିତ

## ନୃତ୍ୟ ଗୀତରେ କମ୍ପିଲା ପରିବେଶ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ନୃତ୍ୟଶିଳ୍ପୀ।

**ଜଗତ୍‌ସିଂହପୁର ଅଫିସ,୨୦।୫**

ବଟ ଶ୍ରୀକ୍ଷେତ୍ର ଦ୍ୱାଦଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସ ଅର୍ଥାତ୍ ଚନ୍ଦନ ସନ୍ଧ୍ୟାରେ ବଟ ଶ୍ରୀକ୍ଷେତ୍ର ପରିବେଶ ନୃତ୍ୟ ଗୀତରେ କମ୍ପି ଉଠିଥିଲା। ଏଥିସହ ପାଞ୍ଚଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା। ସନ୍ଧ୍ୟାରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ ଏବଂ କଟକ ନୃତ୍ୟଶାଳାର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ବିଶିଷ୍ଟ ନାଟ୍ୟକାର ତଥା ଔପନ୍ୟାସିକ ଭାଗିରଥୀ ଦାସ ଏହି ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ତହସିଲଦାର ରବୀନ୍ଦ୍ର ନାଥ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନୃତ୍ୟଗୀତ ପ୍ରିୟ ଠାକୁର ବୋଲି କହିଥିଲେ। ବଟ ଶ୍ରୀକ୍ଷେତ୍ରର ଠାକୁର ରାଜା ଘନଶ୍ୟାମ ଶତପଥୀ, ପ୍ରାକ୍ତନ ଏସିସିଏଫ୍ ନରେନ୍ଦ୍ରନାଥ ନାୟକ, ନାଇଜରର କୁଳସଚିବ ଡ. ଅଭୟ ନାୟକ, ନିର୍ମାଲ୍ୟର ମୁଖ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ନାୟକ, ବଟ ଶ୍ରୀକ୍ଷେତ୍ର ପରିଚାଳନା କମିଟି ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ଓ ଭାରତୀୟ ଷ୍ଟେଟ ବ୍ୟାଙ୍କର ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ସେବକ ଭାବରେ ନିଜକୁ ପ୍ରତିପାଦିତ କରି ଡ. ଚିତ୍ତରଞ୍ଜନ ସାହାଣୀ କହିଲେ ଯେ ମହାପ୍ରଭୁ ତାଙ୍କୁ ପୁନର୍ଜନ୍ମ ଦେଇଛନ୍ତି। ସେ ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ବିଭିନ୍ନ ଉତ୍ସବରେ ନୃତ୍ୟ ପରିବେଷଣ କରିଥାନ୍ତି। ଏସବୁରେ ସେ ଯେତିକି ଆନନ୍ଦ ପାଆନ୍ତି, ବଟ ଶ୍ରୀକ୍ଷେତ୍ର କାଳିଆ ସାଆନ୍ତଙ୍କ ନିକଟରେ ନୃତ୍ୟ ପରିବେଷଣ କରି ତା'ଠାରୁ ଅଧିକ ଆନନ୍ଦ ପାଆନ୍ତି ବୋଲି ସେ କହିଥିଲେ।

## ସରକାରୀ ଜମି ଜବରଦଖଲ ଅଭିଯୋଗ

**ତିର୍ତ୍ତୋଲ,୨୦।୫(ଡି.ଏନ.ଏ.)**

ତିର୍ତ୍ତୋଲ ତହସିଲ ଅଧୀନ ଜଡ଼ତିରତା ପଞ୍ଚାୟତ ବନ୍ଧବାଟୀ ରାଜସ୍ୱ ଗ୍ରାମରେ ଥିବା ଗ୍ରାମ୍ୟରାସ୍ତା ଓ ସଂରକ୍ଷିତ ସରକାରୀ ଜମି ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଜଗତ୍‌ସିଂହପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଜବରଦଖଲ ଉଚ୍ଛେଦ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଏହି ରାଜସ୍ୱ ଗ୍ରାମରେ ଥିବା ୮୬୯ନଂ ସରକ୍ଷିତ ପ୍ଲଟ ସମେତ ୮୨୦, ୬୭୧, ୭୯୦, ୭୧୮ ଓ ୭୦୩ ନମ୍ବର ପ୍ଲଟରେ ଥିବା ଗ୍ରାମ୍ୟରାସ୍ତା ଜବରଦଖଲ ହୋଇଥିବାରୁ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି ସବୁ ପ୍ଲଟ ଜବରଦଖଲ କରି ସ୍ଥାୟୀ ନିର୍ମାଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ତିର୍ତ୍ତୋଲ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲା ପ୍ରଶାସନ ଏଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି। ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ନିଶା ନିବାରଣ ଅଭିଯାନ ପାଇଁ ଆହ୍ୱାନ

**ଜଗତ୍‌ସିଂହପୁର ଅଫିସ,୨୦।୫**

ସିପି-ମକୁନ୍ଦପୁର ମୌଜାରେ ନିଶା ନିବାରଣ ଅଭିଯାନ ଆରମ୍ଭ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ନିଶା ଦ୍ୱାରା ସମାଜ କିପରି କ୍ଷତିଗ୍ରସ୍ତ ହେଉଛି ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ ଯୋଗଦେଇ ନିଶା ଦ୍ୱାରା ସମାଜର ପ୍ରଭୁତ କ୍ଷତି ହେଉଥିବା ସୂଚନା ଦେଇଥିଲେ। ବିଶେଷକରି ଦେଶର ଶ୍ରେଷ୍ଠ ମାନବ ସମ୍ବଳ କୁହାଯାଉଥିବା ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ତେଣୁ ନଶାମୁକ୍ତ ରାଷ୍ଟ୍ର ଗଠନ ପାଇଁ ବିଭିନ୍ନ ମହଲରେ ଉଦ୍ୟମ ହେବା ଜରୁରୀ। ସିପି-ମକୁନ୍ଦପୁର ମୌଜାର ଲୋକେ ଏନେଇ ଆଗେଇ ଆସିଲେ ପୋଲିସ ପୂର୍ଣ୍ଣ ସହଯୋଗ କରିବ ବୋଲି ସେ କହିଥିଲେ। ବୈଠକରେ ଆଡଭୋକେଟ୍ ବାସୁଦେବ ନିଶା ନିବାରଣ ଅଭିଯାନ ଜାରି ରହିବ ବୋଲି ଆହ୍ୱାନ ଦେଇଥିଲେ। ଏଥି ନିମନ୍ତେ ଜନ ସଚେତନତା ସୃଷ୍ଟି ପାଇଁ ଆସନ୍ତା ଜୁନ ୨୩ ତାରିଖରେ ଶୋଭାଯାତ୍ରା କରାଯିବ। ଶୋଭାଯାତ୍ରା ସକାଳ ୮ଟାରେ ସିପି-ମକୁନ୍ଦପୁର ମହାଦେବ ମନ୍ଦିର ନିକଟରୁ ବାହାରି ସମଗ୍ର ମୌଜା ପରିକ୍ରମା କରିବ। ଏଥିସହିତ ଅନ୍ୟ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ଗ୍ରାମବାସୀଙ୍କ ତରଫରୁ ସୂଚନା ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦାସରଥୀ ସ୍ୱାଇଁ, ସତ୍ୟବ୍ରତ ଷଡ଼ଙ୍ଗୀ, କୈଳାସ ଚନ୍ଦ୍ର ଦାଶ, ବ୍ରଜ କିଶୋର ଭୋଇ ପ୍ରମୁଖ ଯୋଗ ଦେଇଥିଲେ।



ନିଶା ନିବାରଣ ଅଭିଯାନ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ।

## ୧୯୯୨ ବ୍ୟାଚ୍‌ର ବନ୍ଧୁମିଳନ

**କୁଜଙ୍ଗ,୨୦।୫(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ୍ ବୋରିଖି ହାଇସ୍କୁଲ ୧୯୯୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସ ଓ ବଳରାମ ଦାଶ ଉତ୍ସବ ଉଦ୍‌ଘାଟନ କରିଥିଲେ। ହୃଦାନନ୍ଦ ବେଉରା, ସର୍ବେଶ୍ୱର ସ୍ୱାଇଁ, ବ୍ରହ୍ମାନନ୍ଦ ବେଉରା, ଶ୍ରୀରାମଚନ୍ଦ୍ର ଦଳାଇ, ଅନାଦି ବେହେରା, ଜ୍ୟୋସ୍ନାରାଣୀ ସାହୁ, ଜୟନ୍ତୀ ହୋତା, ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାଶ, ବିଜୟ ନାୟକ, ରବୀନ୍ଦ୍ରନାଥ ସୂତାର, ଅଲେଖ ବେଉରା ପ୍ରମୁଖ ଯୋଗଦେଇ ବିଗତ ୨୭ ବର୍ଷ ତଳର ଶିକ୍ଷାଦାନ ସମୟର ଅଭୁଲା ମୁହୂର୍ତ୍ତକୁ ମନେ ପକାଇଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ର ଡ. ବିଜୁନୀ ଚରଣ ସୂତାର, ପ୍ରକାଶ ଚନ୍ଦ୍ର ଶତପଥୀ, ଭଜନାନନ୍ଦ ସାହୁ, କୈଳାସ ନାୟକ, ପ୍ରକାଶ ଚନ୍ଦ୍ର ରାଉତ, କେଶବ ଦାଶ, ସଞ୍ଜୟ ମିଶ୍ର, ଦିଲୀପ ସାହୁ, ସଚ୍ଚିକାନ୍ତ ଦାସ, ରମାକାନ୍ତ ସିଂହ, ମୀନତି ନାୟକ, ବିନୋଦିନୀ ସ୍ୱାଇଁ, ସୁଜାତା ବସ୍ତିଆ ପ୍ରମୁଖ ନିଜର ଅନୁଭୂତି ବାଣ୍ଟିବା ସହ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ସାମୂହିକ ଉଦ୍ୟମ ଓ ମୋ'ସ୍କୁଲ ଅଭିଯାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ପୁରାତନ ଛାତ୍ରୀଛାତ୍ର।

■ ଫନୀରେ ରେଢୁଆ ବିସି କଲେଜର ବ୍ୟାପକ କ୍ଷୟକ୍ଷତି

## ଭାଙ୍ଗିଲା ଶ୍ରେଣୀଗୃହ, ୨୦ ଲକ୍ଷର ସମ୍ପତ୍ତି ନଷ୍ଟ

**ରଘୁନାଥପୁର, ୨୦।୫ (ଡି.ଏନ.ଏ.)**

ବାତ୍ୟା ଫନୀରେ ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ବ୍ୟାପକ କ୍ଷୟକ୍ଷତି ହୋଇଛି। ୧୦ଟି ଶ୍ରେଣୀଗୃହ ସମେତ ଅନେକ ମୂଲ୍ୟବାନ ଗଛ ଉପୁଡି ଯାଇଛି। ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଧକ୍ଷ ସରୋଜ କୁମାର ପଣ୍ଡା କହିଛନ୍ତି। ବ୍ଲକର ପୁରାତନ କଲେଜ ଭାବେ ଅଧିକାଂଶ ଛାତ୍ରୀଛାତ୍ର ଏଠାରେ ପଢିବାକୁ ଆସିଥାନ୍ତି। ବର୍ତ୍ତମାନ ୧୧ ଶହ ଛାତ୍ରୀଛାତ୍ର କଲେଜରେ ଅଧ୍ୟୟନରତ ଅଛନ୍ତି। କଲେଜରେ ଅଳ୍ପ ସଂଖ୍ୟକ କଂକ୍ରିଟ ଛାତ ଶ୍ରେଣୀଗୃହ ଭାବେ ବ୍ୟବହୃତ ହେଉଥିବାବେଳେ ପ୍ରାୟ ୭୦ ପ୍ରତିଶତ ଆଜବେଷ୍ଟସ ଘରେ ପିଲାମାନେ ପାଠ ପଢିଥାନ୍ତି। ତେବେ ବାତ୍ୟାରେ ୧୦ଟି ଶ୍ରେଣୀଗୃହର କଡିବରଗା ସହ ଆଜବେଷ୍ଟସ ଭାଙ୍ଗିରୁଜି ଯାଇଛି। ଫଳରେ ଆସନ୍ତା ଜୁନ୍ ମାସ ରଜ ଛୁଟି ପରେ ପିଲାମାନଙ୍କ ପାଠପଢା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ କଲେଜ ଅଧକ୍ଷ ପଣ୍ଡା ସବ୍ କଲେକ୍ଟର, ଜିଲାପାଳ ଓ ଗତ ଶନିବାର ରାଜ୍ୟପାଳଙ୍କ ରଘୁନାଥପୁର ବ୍ଲକ ଗସ୍ତ ସମୟରେ ଲିଖିତ ଭାବେ ଜଣାଇବା ସହ ଶ୍ରେଣୀଗୃହଗୁଡିକ ଶିକ୍ଷା ଉପଯୋଗୀ କରିବାକୁ ଅନୁରୋଧ କରିଛନ୍ତି। ଏହାଛଡା କଲେଜରେ ଥିବା ବହୁ ମୂଲ୍ୟବାନ ଶିଶୁ, ଶାଗୁଆନ ଓ ଆକାଶିଆ ଗଛ ପବନ ମାଡରେ ଭାଙ୍ଗିଯାଇଛି। ପରିବେଶକୁ ଏକ ପ୍ରକାର ଧ୍ୱସ୍ତବିଧ୍ୱସ୍ତ କରି ଦେଇଛି। ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନକୁ ଦୃଷ୍ଟିରେ ରଖି, ଯଥାଶୀଘ୍ର ଶ୍ରେଣୀଗୃହଗୁଡିକ ମରାମତି କରି ଶିକ୍ଷା ଉପଯୋଗୀ କରିବାକୁ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।



ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଶ୍ରେଣୀଗୃହ ଆଜ୍‌ବେଷ୍ଟସ୍ ଭାଙ୍ଗିଯାଇଛି।

ସୌ|ନ୍ଦ|ର୍ଯ୍ୟ



# ଆମ୍ବ ଦେବ ସୁନ୍ଦର ତ୍ୱଚା

**ଖରାଦିନ ଆରମ୍ଭ ହେଉ ହେଉ ଫଳ ରାଜା ଆମ୍ବ ଆସିଯାଏ। ଆମ୍ବରେ ପ୍ରସ୍ତୁତ ଫେସ୍‌ପ୍ୟାକ୍ ଆପଣଙ୍କୁ ସୁନ୍ଦର ଏବଂ ସଫା ଦେଖାଯିବାରେ ସାହାଯ୍ୟକରେ। ତେବେ ଆସନ୍ତୁ, ଜାଣିବେ ଆମ୍ବରେ ପ୍ରସ୍ତୁତ ଫେସ୍‌ପ୍ୟାକ୍ ସମ୍ପର୍କରେ ....**

**ଆମ୍ବ ଦହି ଫେସ୍‌ପ୍ୟାକ୍**

ଯଦି ଆପଣଙ୍କ ତ୍ୱଚା ଅଏଲି ହୋଇଥାଏ ଏହି ଫେସ୍‌ପ୍ୟାକ୍ ଭଲ କାମ ଦେଇଥାଏ। ପିଗ୍‌ମେଣ୍ଟେସନ ଓ ଟ୍ୟାନିଂ ଦୂରକରିବାରେ ଏହା ସାହାଯ୍ୟ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବ ପଲ୍ପରେ ଦହି ଏକ ଚାମଚ ଓ ମହୁ ମିଶାନ୍ତୁ। ଏହାକୁ ଭଲଭାବେ ମିଶାଇ ମୁହଁରେ ମୋଟା ପରସ୍ତ ଲଗାନ୍ତୁ। ଏହାକୁ ମୁହଁରେ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଓ ପୁଣି ସଫା ପାଣିରେ ଭଲଭାବେ ଧୋଇଦିଅନ୍ତୁ।

**ଆମ୍ବ ପଲ୍ପ ଫେସ୍‌ପ୍ୟାକ୍**

ଯଦି ଆପଣଙ୍କ ରଙ୍ଗ ଏତେ ସଫା ନୁହେଁ, ତେବେ ଆମ୍ବର ଫେସ୍‌ପ୍ୟାକ୍ ବ୍ୟବହାର କରିପାରିବେ। ଆମ୍ବରୁ ରସ କାଢ଼ି ଏହି ରସକୁ ୨ରୁ ୩ମିନିଟ୍ ପର୍ଯ୍ୟନ୍ତ ହାଲ୍‌କା ଭାବେ ମସାଜ୍ କରନ୍ତୁ। କିଛି ସମୟ ମସାଜ କରିବା ପରେ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ମୁହଁକୁ ଏମିତି ଛାଡ଼ି ଦିଅନ୍ତୁ। ପରେ ଥଣ୍ଡା ପାଣିରେ ମୁହଁକୁ ସଫା କରିଦିଅନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ତ୍ୱଚାରେ ଚମକ ଆସିବା ସହ ସଫା ଦେଖାଯିବେ। ଏହାର ଫଳାଫଳ ଭଲ ପାଇବାକୁ ହେଲେ ଦିନରେ ତିନିଥର କରନ୍ତୁ।

**ଆମ୍ବ ଓ ବେସନ ପ୍ୟାକ୍**

ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବରସ ,ଦୁଇ ଚାମଚ ବେସନ ଓ ଅଧା ଚାମଚ ମହୁ, କିଛି ପେସା ହୋଇଥିବା ପେସ୍ତା ବାଦାମ । ଏକ ପାତ୍ରରେ ଆମ୍ବରସ ପକାନ୍ତୁ, ଏହାପରେ ବେସନରେ ପେସା ହୋଇଥିବା ବାଦାମ ଓ ମହୁ ପକାନ୍ତୁ। ଏବେ ଏହାକୁ ମିଶାଇ ଭଲଭାବେ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଏହି ପେଷ୍ଟକୁ ଲଗାଇ ୧୦–୧୨ମିନିଟ୍ ପର୍ଯ୍ୟନ୍ତ ରଖି ଧୋଇ ଦିଅନ୍ତୁ। ଏହି ପ୍ୟାକ୍‌କୁ ସପ୍ତାହରେ ଦୁଇଥର ଲଗାଇଲେ ଭଲ।



# ସହଯୋଗ

**ଯଦି ଉଭୟ କର୍ମଜୀବୀ ତେବେ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**





ସେଦିନ ସୁନୀତା ମନ ମାରି ବସିଥାଏ। ଗତ କିଛିଦିନ ହେବ ଠିକ୍ ସମୟରେ ଅଫିସ୍ ଯାଇପାରୁନି। ସକାଳୁ ସକାଳୁ ସ୍ୱାମୀ ତାଙ୍କ କାମରେ ବାହାରି ଯାଉଛନ୍ତି। କାମ କିପରି ହେବ ତାକୁ ନେଇ ସେ ଟେନ୍‌ସନରେ ପଡ଼ିଯାଇଛି। ଏହି ସମୟରେ କଲିଂ ବେଲ୍ ବାଜିଉଠିଲା। କବାଟ ଖୋଲି ଦେଖିଲା ବେଳକୁ ପିଲାଦିନ ସାଙ୍ଗ ରୂପା। ସୁନୀତାଙ୍କ ଉଦାସ ମୁହଁ ଦେଖି ରୂପା ପଚାରିଲେ, ''ଆରେ, ତୁ ଆଜି କାହିଁକି ଏମିତି ଚୁପ୍‌ଚାପ୍ ଲାଗୁଛୁ? ବୋଧହୁଏ ତୁ ଟେନ୍‌ସନରେ ଅଛୁ।'' ତା'ପରେ ସୁନୀତା ସବୁ କଥା ଏକା ନିଃଶ୍ୱାସରେ କହିଗଲା। ସବୁ କଥା ଶୁଣିବା ପରେ ରୂପା କହିଲା, ''ଆରେ, ଯଦି ତୁ ଟିକେ ବୁଦ୍ଧି ଖଟାଇବୁ ତେବେ ସବୁ କାମ ଠିକ୍ ଭାବରେ ହୋଇପାରିବ। ମୁଁ ଯାହା କହୁଛି ମନ ଦେଇ ଶୁଣ। ତା'ପରେ ଚିନ୍ତା କରିବୁ ମୋ କଥା ପଛରେ କେତେ ସତ ରହିଛି।'' ରୂପାଙ୍କଠାରୁ ସବୁ ଶୁଣିବା ପରେ ସୁନୀତା ମୁହଁରେ ହସ ଫୁଟିଉଠିଲା। ଠିକ୍ ସେହିପରି ଘରକାମକୁ ନେଇ ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ମୁଣ୍ଡ ଖଟାଇ କଲେ ତାହା ବେଶ୍ ହାଲ୍‌କା ଲାଗିଥାଏ। ଯଦି ଉଭୟ କର୍ମଜୀବୀ ତେବେ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

**ସମୟ :** ଆଜିକାଲି ଅଧିକାଂଶ ସ୍ୱାମୀ–ସ୍ତ୍ରୀ କର୍ମଜୀବୀ। ଦିନତମାମ ଅଫିସ କାମ ଆଉ ସନ୍ଧ୍ୟାରେ ଘରକୁ ଫେରିବା ପରେ ଘର କଥା ବୁଝିବାକୁ ପଡ଼େ। ତେଣୁ ଏହି ସମୟରେ ସ୍ୱାମୀ–ସ୍ତ୍ରୀଙ୍କ ଭିତରେ ସମନ୍ୱୟ ରହିଲେ ଘରର କାମ ସୁରୁଖୁରୁରେ ହୋଇପାରିବ। ହେଲେ ଉଭୟେ ସମୟର ମୂଲ୍ୟ ବୁଝିବା ଦରକାର। ଯଦି ଜଣେ କିଛି ସମୟ ବିଶ୍ରାମନେବାକୁ ଚାହୁଁଛନ୍ତି ତେବେ ସେ ନେଇ ଚିନ୍ତିତ ନ ହୋଇ ନିଜେ କିଛି କାମ କରିପାରିବେ। କର୍ମଜୀବୀ ହୋଇଥିଲେ ପ୍ରାୟ ଉଭୟଙ୍କୁ ସକାଳୁ ଅଫିସ ଯିବାକୁ ପଡ଼ିଥାଏ। ତେଣୁ ଉଭୟ ସ୍ୱାମୀ–ସ୍ତ୍ରୀ ଘରକାମକୁ ବାଣ୍ଟିକୁଣ୍ଟି କରିପାରିଲେ କ୍ଷତି କ'ଣ ? ହେଲେ ଏହି ସମୟରେ ସେମାନଙ୍କର ମାନସିକତା ସକାରାତ୍ମକ ରହିବା ନିହାତି ଜରୁରୀ।

**ଟେନ୍‌ସନ :** କର୍ମଜୀବୀ ହେଲେ ଅନେକ କଥାକୁ ନେଇ ଟେନ୍‌ସନରେ ରହିବା ସ୍ୱାଭାବିକ। ହେଲେ ଥଣ୍ଡା ମିଜାଜରେ କାମକଲେ ସବୁ କିଛି ଠିକ୍ ସମୟରେ ଶେଷ ହୋଇଥାଏ। ଯଦି ସ୍ୱାମୀଙ୍କର ଶୀଘ୍ର ଅଫିସ ଯିବାର ଅଛି ତେବେ ତାଙ୍କୁ ପ୍ରସ୍ତୁତ ହେବାରେ ସାହାଯ୍ୟ କରନ୍ତୁ। ସବୁଠାରୁ ବଡ଼ କଥା ହେଲା, ପ୍ରତିଦିନ କ'ଣ କରିବେ ତାହାର ଏକ ରୋଟିନ ପ୍ରସ୍ତୁତ କରନ୍ତୁ। ତେବେ ସବୁ କାମ ଠିକ୍ ସମୟରେ ଶେଷହେବ। ନ ହେଲେ କାମକୁ ନେଇ ଟେନ୍‌ସନ ଆଉ ତା'ପରେ ସବୁ କାମ ଅଡୁଆ ତଡୁଆ ହେବା ସମ୍ଭାବନା ରହିଛି।

**ଯୌଥ ପରିବାର :** ଯଦି ଆପଣଙ୍କର ବଡ଼ ପରିବାର, ତେବେ ଘର କାମ ନିଜେ କରିବା ସହ ଅନ୍ୟମାନଙ୍କର ସହଯୋଗ ନିଅନ୍ତୁ। 'ସବୁ କାମ ମୋତେ ହିଁ ଏକୁଟିଆ କରିବାକୁ ପଡିବ' ଏପରି ଭାବିବା ଠିକ୍ ନୁହେଁ। ପରିବାର ସଦସ୍ୟମାନେ ମଧ୍ୟ କିଛି କାମ କରିପାରିବେ ଯାହା ଦ୍ୱାରା ଆପଣଙ୍କର ବୋଝ ହାଲ୍‌କା ହେବ। କାମକୁ ନେଇ ସ୍ୱାମୀ–ସ୍ତ୍ରୀ ଭିତରେ ମାନ ଅଭିମାନ ରହିଲେ ପରିସ୍ଥିତି ଜଟିଳ ହେବା ଆଶଙ୍କା ରହିଛି। ତେଣୁ ପରିସ୍ଥିତିକୁ ଉଭୟ ଭଲ ଭାବରେ ହୃଦୟଙ୍ଗମକରି କାମକଲେ ସେଗୁଡ଼ିକ ସୁରୁଖୁରୁରେ ଶେଷ ହୋଇଥାଏ।



ସୁଜାତା



ଶ୍ରଦ୍ଧାଞ୍ଜଳି

**ଏମାନେ କ'ଣ କରନ୍ତି ?**

*–ଶ୍ରଦ୍ଧାଞ୍ଜଳି ଦଳାଇ, ନହରଣା, ଜଗତ୍‌ସିଂହପୁର*

ମୋ ସ୍ୱାମୀ ମୋତେ ପ୍ରତିଟି କ୍ଷେତ୍ରରେ ସହଯୋଗ କରନ୍ତି। ସବୁ ଜିନିଷ ମୁଁ ଭୁଲିଯାଏ, କିନ୍ତୁ ଠିକ୍ ସମୟରେ ସବୁ ଜିନିଷ ସେ ମନେପକାଇ କରନ୍ତି। ମୁଁ ଯଦି କିଛି ମାର୍କେଟିଂ କରିବାକୁ ଯାଉଛି ମୁଁ ଭୁଲିଯାଏ କ'ଣ ନେବାର ଅଛି। ସେ କିନ୍ତୁ ମନେପକାଇ ଘର ପାଇଁ କ'ଣ ଦରକାର ଆଣିଥାନ୍ତି।

*–ସୁଜାତା ମହାନ୍ତି, କର୍ମଜୀବୀ, ସିଡିଏ, କଟକ*

ମୋ ସ୍ୱାମୀ ଶତପ୍ରତିଶତ କାମରେ ଯଦି ସାହାଯ୍ୟ କରିପାରନ୍ତିନି ମୁଁ କହିବି ସେ କିନ୍ତୁ ପ୍ରାୟ ସତୁରି ପ୍ରତିଶତ କରିଥାନ୍ତି। ଆମର ଛୁଆ ଯେହେତୁ ଛୋଟ, ତା' କପଡ଼ା ଆଦି ଧୋଇବା, ତା'ର ଦେଖାଶୁଣା କରିବାରେ ସେ ମଧ୍ୟ ସାହାଯ୍ୟ କରିଥାନ୍ତି। ମୁଁ ଯେହେତୁ ଜଣେ କର୍ମଜୀବୀ, କୌଣସି କାମରେ ବ୍ୟସ୍ତ ଅଛି ମୁଁ କିଛି କହିବା ଆଗରୁ ସେ କାମ କରି ଦେଇଥାନ୍ତି। ଘରର ଛୋଟମୋଟ କାମରେ ସାହାଯ୍ୟ ଯଦି ସ୍ୱାମୀଙ୍କର ରହିବ ତେବେ କିଛି କାମ ହାଲ୍‌କା ଲାଗିବ।

# ଗୃହିଣୀଙ୍କ ପାଇଁ



- ବିରିୟାନୀ କିମ୍ବା ପଲାଉ କରିବା ସମୟରେ ପିଆଜ ଜଲ୍‌ଦି ଫ୍ରାଏ ହେବା ଲାଗି ସେଥିରେ ଅଳ୍ପ ପରିମାଣରେ ଚିନି ପକାନ୍ତୁ, ଦେଖିବେ ପିଆଜ ଶୀଘ୍ର ଫ୍ରାଏ ହେବା ସହ କ୍ରିସ୍ପି ହୋଇଥାଏ।
- ବଙ୍କାଟଙ୍କା ଅଦାକୁ ଛୁରି ସାହାଯ୍ୟରେ ଚୋପା ଛଡ଼ାଇବା ଲାଗି ସମୟ ଲାଗିଥାଏ,ଏଥିଲାଗି ଚାମଚ ବ୍ୟବହାରକଲେ ଚୋପା ଜଲ୍‌ଦି ଛାଡ଼ିଥାଏ।
- ପିଆଜ ରସୁଣ ପେଷ୍ଟକୁ ଯଦି ଫ୍ରିଜ୍‌ରେ ରଖୁଥାନ୍ତି ତେବେ ଏଥିରେ ତେଲ ମିଶାଇ ରଖନ୍ତୁ, ଏହା କିଛିଦିନ ପର୍ଯ୍ୟନ୍ତ ଭଲ ରହିବ।
- ବାଇଗଣ ପୋଡ଼ିବା ସମୟରେ ଯଦି ତା' ଉପରେ ଟିକେ ତେଲ ଲଗାଇଦେବେ ଏହାର ଚୋପା ଶୀଘ୍ର ଛାଡ଼ିଯିବ।
- ଆଳୁ ମିଠା ଥିଲେ ଏହାକୁ କିଛି ସମୟ ଲୁଣପାଣିରେ ଭିଜାଇ ରଖନ୍ତୁ। ପୁଣି ଏହାକୁ ରୋଷେଇ ଲାଗି ବ୍ୟବହାର କରିପାରିବେ। ସେଓର କଳାପଣ ଦୂର କରିବାକୁ ହେଲେ ଲୁଣ ବ୍ୟବହାର କରନ୍ତୁ।
- ଖରାଦିନେ ଡାଲି,ଚାଉଳ ଏବଂ ଡ୍ରାଏ ଫୁଡ୍‌ସରେ ପୋକ ଲାଗିବାର ଦେଖାଯାଏ। ଏହା ଦୂରକରିବାକୁ ହେଲେ ନିମ୍ବପତ୍ରକୁ ଶୁଖାଇ ଡବା ଭିତରେ ରଖି ଦିଅନ୍ତୁ, ଏହା ଭଲ ରହିବ।
- କୋବିରୁ ପୋକ ବାହାର କରିବାକୁ ହେଲେ ରାତିରେ ଏହାକୁ ବଡ଼ ବଡ଼ ଆକାରରେ ଭାଙ୍ଗି ଲୁଣପାଣିରେ ଭିଜାଇ ରଖିଦେବେ। ସକାଳେ ଦେଖିବେ ଏଥିରେ ଥିବା ପୋକ ପଳାଇଯିବା ସହ ଫ୍ରେଶ୍ ଦେଖାଯାଇଥାଏ।

ଫ୍ୟା|ଶ|ନ

# ବାହାଘର ପାର୍ଟି ଓ ବିବାହ ଲାଗି ଡିଜାଇନ ଚୁଡ଼ି

**ମହିଳାଙ୍କ ଚୁଡ଼ିର ଖନ୍‌ଖନ୍ ଶବ୍ଦ କାହାର ବା ଧ୍ୟାନ ଆକର୍ଷଣ ନ କରେ ! ଖାଲି ସେତିକି ନୁହେଁ, ଏହା ମହିଳାଙ୍କ ଷୋଳ ଶିଙ୍ଗାର ସହ ସମାନ। ଯଦି କୌଣସି ଫଙ୍କ୍‌ଶନ ଯିବାର ଥାଏ,ନିଜର ଲୁକ୍‌କୁ ନେଇ ଚିନ୍ତିତ ରହୁଛନ୍ତି,ତେବେ ଏଠାରେ ଆପଣଙ୍କୁ ବିବାହ ଓ ଫଙ୍କ୍‌ଶନ ଲାଗି ଡିଜାଇନ ଚୁଡ଼ି ସମ୍ପର୍କରେ ସୂଚନା ଦେଉଛୁ....**





- ସୁନାଚୁଡ଼ି ଓ ଚୁଡ୍ ସମସ୍ତଙ୍କୁ ପିନ୍ଧିବାକୁ ଭଲ ଲାଗେ। ସୁନା ପିନ୍ଧିବା ଦ୍ୱାରା ନିଜ ଷ୍ଟାଟସ୍ ମେଣ୍ଟେନ କରିବା ସହ ନିଜକୁ ମଧ୍ୟ ଆଲର୍ଜିରୁ ରକ୍ଷା କରିଥାନ୍ତି।
- ଯଦି ବିବାହରେ ରାଜସ୍ଥାନୀ ଟ୍ରାଡିସନାଲ ଲୁକ୍ ପାଇବାକୁ ଚାହୁଁଥାନ୍ତି, ତେବେ ଏମିତିରେ ଶାଢ଼ି କିମ୍ବା ଡ୍ରେସ୍‌ରେ ମ୍ୟାଚିଂ କରି ଲାଖ ଚୁଡ଼ି ସହ ଲାଖ ଚୁଡୁ ମ୍ୟାଚ୍ କରି ପିନ୍ଧିପାରିବେ।
- ଲାଖ ଚୁଡି ବଦଳରେ ମୋତି କାମ ହୋଇଥିବା ଚୁଡ଼ି ମଧ୍ୟ ପିନ୍ଧିପାରିବେ।
- ଯଦି ଆପଣ ବାହାଘରରେ ଡ୍ରେସ୍ ସହ କିଛି ଅଲଗା ଟ୍ରାଏ କରିବାକୁ ଚାହୁଁଥାନ୍ତି, ତେବେ ସୂତାରେ ପ୍ରସ୍ତୁତ ଚୁଡି (ଥ୍ରେଡ୍ ବ୍ୟାଙ୍ଗଲ୍ସ) ପିନ୍ଧିଲେ ଷ୍ଟାଇଲିଶ ଲାଗିବେ।
- କାଚ ଚୁଡ଼ି ମହିଳାଙ୍କୁ ସବୁବେଳେ ପସନ୍ଦ। ଏମିତିରେ ଆପଣ କାଚଚୁଡ଼ିକୁ, ମେଟାଲ, ଗୋଲ୍ଡ, ଲାଖ ଚୁଡି ସହିତ ପରଫେକ୍ଟ ମ୍ୟାଚ୍ କରିପାରିବେ।

# ଘରକୁ ଥଣ୍ଡା ରଖିବାକୁ ହେଲେ

**ଖରାଦିନେ ଗରମ ବଢ଼ିବା ସହ ତାପମାତ୍ରା ବଢ଼ିଚାଲିଛି। ଏମିତିରେ ଘରେ ରହିବା କଷ୍ଟକର ହୋଇପଡୁଛି। ପ୍ରାୟ ଲୋକ ଏଥିଲାଗି ଘରେ ଏସି ଲଗାଉଛନ୍ତି; ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେଣୁ ଘରେ କିଛି ପ୍ରାକୃତିକ ଉପାୟ ଅବଲମ୍ବନ କରନ୍ତୁ ଯାହାର ଭଲ ଉପାୟ ହେଲା ବୃକ୍ଷ ଲଗାଇବା। ଏହାଦ୍ୱାରା ଗରମରୁ ମୁକ୍ତି ମିଳିପାରିବ। ତେବେ ଜାଣନ୍ତୁ ଏ ସମ୍ପର୍କରେ...**

**ସ୍ନେକ୍‌ପ୍ଲାଣ୍ଟ**

ଏହା ଏକ ପ୍ରକାର ଗଛ। ଅନ୍ୟ ଗଛ ଭଳି ସ୍ନେକ୍ ପ୍ଲାଣ୍ଟ ରାତିରେ ଅକ୍ସିଜେନ୍ ଛାଡ଼ିଥାଏ ଓ ତାପମାନକୁ କମାଇଥାଏ। କେବଳ ଏହା ନୁହେଁ, ଏହି ଗଛ ନାଇଟ୍ରୋଜେନ୍ ଅକ୍ସାଇଡ୍,ଟ୍ରାଇକ୍ଲୋର ଏଥିଲିନ୍,ଟୋଲ୍ୟୁନି ଆଦି ଗ୍ୟାସ୍‌କୁ ଶୋଷିଥାଏ ବାୟୁକୁ ଶୁଦ୍ଧ କରିଥାଏ।

**ଫିଚୁସ ଟ୍ରି**

ଏହା ବିପିଂ ଫିଗ୍ ନାମରେ ଜଣାଶୁଣା। ଏହା ରୁମ୍‌ର ବାୟୁକୁ ସଫା କରିଥାଏ। ଗରମକୁ ଶୋଷିନେଇଥାଏ। ଏହାର ଦେଖାଶୁଣା କରିବା ବହୁତ ସହଜ ହୋଇଥାଏ। ଏହା କମ୍ ଆଲୋକ ଏବଂ କମ୍ ପାଣିରେ ମଧ୍ୟ ବଞ୍ଚିପାରେ।









**ବେବି ରବର ପ୍ଲାଣ୍ଟ**

ଯେତେବେଳେ ଏହି ପ୍ଲାଣ୍ଟର କଥା ଆସେ ଯାହା ରୁମ୍‌କୁ ଥଣ୍ଡା ରଖେ ଓ ବାୟକୁ ପ୍ରଦୂଷଣ ମୁକ୍ତ କରିଥାଏ। ଏଥିରେ ପ୍ରତିଦିନ ପାଣି ଦେବା ଆବଶ୍ୟକ ହୁଏ ନାହିଁ। ଏହାକୁ ଭଲ ମାଟି ଓ ଫିଲ୍ଟର୍ଡ ଲାଇଟର ଆବଶ୍ୟକ ହୋଇଥାଏ।

**ଫର୍ନ**

ବୈଜ୍ଞାନିକଙ୍କ ମତରେ ଫର୍ନ ବାୟୁମଣ୍ଡଳକୁ ଓଦାଳିଆ ରଖିବାରେ ସାହାଯ୍ୟକରେ। ରୁମ୍‌ର ବାୟୁକୁ ସଫା ରଖିବା ସହ ଗରମ୍‌କୁ କମ୍ କରିଥାଏ। ଏହାକୁ ଆପଣ ନିଜ ବାଲ୍‌କୋନୀରେ ରଖନ୍ତୁ। ଏହା ବହୁତ ଭଲ ଦେଖାଯାଇଥାଏ।

**ଗୋଲ୍‌ଡେନ ପୋଥାସ**

ଆପଣ ଏହାକୁ ସିଲ୍‌ଭର କିମ୍ବା ଡେଭିଲ୍ସ ଏବି କୁହାଯାଏ। ଏହାର ଘଞ୍ଚ ପତ୍ର ଆପଣଙ୍କ ରୁମ୍‌ର ଶୋଭା ବଢ଼ାଇଥାଏ। ଏହା ବାୟୁମଣ୍ଡଳର ଦୂଷିତ ବାୟୁକୁ ଶୁଦ୍ଧ କରିଥାଏ। ଘରକୁ ଥଣ୍ଡା ରଖିଥାଏ।



ଖା|ଦ୍ୟ|ରୁ|ଚି

# ମସଲା କୋଲ୍ଡ୍ରିଙ୍କ୍‌ସ



**ଆବଶ୍ୟକ ସାମଗ୍ରୀ –** କୋକ୍ ୨ ଗ୍ଲାସ୍, ଚାହାଗୁଣ୍ଡ ୧ ଚାମଚ, ଚାଟ୍ ମସଲା ୧ ଚାମଚ, ଅଳ୍ପ ପରିମାଣରେ ପୋଦିନା, ଲେମ୍ବୁ ୨ ଖଣ୍ଡ, ଭଜା ହୋଇଥିବା ଜିରା ୧ ଚତୁର୍ଥାଂଶ, ଲେମ୍ବୁରସ ଅଧା ଚାମଚ, ଏକ ପାତ୍ର ଆଇସ୍ କ୍ୟୁବ୍, ସ୍ୱାଦ ଅନୁସାରେ ବିଟ୍ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ –** ମସଲା କୋଲ୍ଡ୍ରିଙ୍କ୍‌ସ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପୋଦିନାପତ୍ରକୁ ଅଧା ଗ୍ରାଇଣ୍ଡିଂ କରନ୍ତୁ। ଲେମ୍ବୁ ଖଣ୍ଡକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏବେ ଏକ ପାତ୍ରରେ ଦୁଇ ଗ୍ଲାସ୍ ପାଣି ଗରମ କରନ୍ତୁ। ପାଣି ଗରମ ହୋଇଗଲେ ଗ୍ୟାସ୍ ବନ୍ଦକରି ଏଥିରେ ଚାହାଗୁଣ୍ଡ ପକାନ୍ତୁ। ୧୫ ମିନିଟ୍ ପରେ ଚା'ଗୁଣ୍ଡକୁ ଛାଣି ଦିଅନ୍ତୁ। ଏବେ ସେଥିରେ ଲେମ୍ବୁରସ, ଚାଟ୍ ମସଲା, ଜିରା ପାଉଡର, ଅଳ୍ପ ପୋଦିନା, ଆଇସ୍ କ୍ୟୁବ୍ ଏବଂ ସ୍ୱାଦ ଅନୁସାରେ ଲୁଣ ମିଶାନ୍ତୁ। ଏବେ ଏହାକୁ ଗ୍ରାଇଣ୍ଡରରେ ହାଲ୍‌କା ଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏବେ ଦୁଇଟି ଗ୍ଲାସ୍ ନିଅନ୍ତୁ। ଗୋଟିଏ ଗ୍ଲାସ୍‌ରେ ଲେମ୍ବୁ ଖଣ୍ଡ, କିଛି ପୋଦିନାପତ୍ର ଏବଂ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚା'ପାଣିକୁ ପକାନ୍ତୁ। ଏବେ ଏଥିରେ ସ୍ୱାଦ ଅନୁସାରେ କୋକ୍ ମିଶାନ୍ତୁ। ଏଥିରେ ଲେମ୍ବୁ ଖଣ୍ଡ, ପୋଦିନାପତ୍ର, ଆଇସ୍ କ୍ୟୁବ୍ ପକାଇ ପରଷନ୍ତୁ।



“ଦେଶରେ କାର୍ ବଜାର ଆହ୍ୱାନ ବଢ଼ିବାରେ ଲାଗିଛି। କମ୍ପାନୀକୁ ଲାଭଜନକ କରିବା ଲାଗି ଗ୍ରହଣ କରାଯାଇଥିବା ଯୋଜନା ସଫଳ ହୋଇଛି।

–ପି.ବି.ବାଲାଜି, ଗ୍ରୁପ୍ ସିଏଫ୍‌ଓ, ଟାଟା ମୋଟର୍ସ



“ମାଇଣ୍ଡଟ୍ରିକୁ ଅଧିଗ୍ରହଣ କରିବା ଏଲ୍‌ଆଣ୍ଡଟିର ମୁଖ୍ୟ ଏଜେଣ୍ଡା ରହିଛି। କମ୍ପାନୀ ଏ ଦିଗରେ ଆଗେଇ ଚାଲିଛି।

–ଏ.ଏମ୍.ନାଏକ,ଗ୍ରୁପ୍ ଅଧ୍ୟକ୍ଷ, ଏଲ୍‌ଆଣ୍ଡଟି

## ସଂକ୍ଷେପରେ

### ପବନ ହଂସକୁ ବିକ୍ରି ଲାଗି ପୁଣି ଉଦ୍ୟମ




ନୂଆଦିଲ୍ଲୀ,୨୦-୫: କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ପବନ ହଂସକୁ ବିକ୍ରି କରିଦେବା ଲାଗି ପୁନର୍ବାର ପ୍ରୟାସ ଆରମ୍ଭ କରିଛନ୍ତି। ଚଳିତ ମାସ ଶେଷରେ ନୂଆକରି ବିଡିଂ ପ୍ରକ୍ରିୟା ଆରମ୍ଭ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏଥିଲାଗି ନୂଆ ସରକାର ଦସ୍ତାବିଜ ଜାରି କରାଯିବ। ଏହି ହେଲିକପ୍ଟର କମ୍ପାନୀ ଉପରେ ୫୦୦ କୋଟି ଟଙ୍କାର ଋଣ ଥିବାରୁ କ୍ଷତିପୂରଣ ପ୍ରଦାନକୁ ଏଥର ବିଡିଂ ପ୍ରକ୍ରିୟାରେ ସାମିଲ କରାଯିବ। ଏଥିପୂର୍ବରୁ ପବନ ହଂସକୁ ବିକ୍ରି କରିଦେବା ଲାଗି ସରକାରଙ୍କ ଉଦ୍ୟମ ଫସର ଫାଟି ଥିଲା। ନିବେଶକଙ୍କ ସହିତ ଆଲୋଚନା ପରେ ବିଡିଂ ପ୍ରକ୍ରିୟାରେ ସଂଶୋଧନ କରିବା ଲାଗି ସରକାର ବିଚାର କରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଚଳିତ ମାସ ଶେଷରେ ସଦ୍ୟତମ ପ୍ରାରମ୍ଭିକ ସୂଚନା ଜ୍ଞାପନ(ପିଆଇଏମ୍) ଜାରି କରାଯିବ। ପବନ ହଂସରେ ସରକାରଙ୍କ ୫୧% ଏବଂ ଓଏନ୍‌ଜିସି ନିକଟରେ ଅବଶିଷ୍ଟ ୪୯ ପ୍ରତିଶତ ଅଂଶଧନ ରହିଛି। ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି ଲାଗି ନିଷ୍ପତ୍ତି ହୋଇଛି। କମ୍ପାନୀ ନିକଟରେ ୪୬ ହେଲିକପ୍ଟର ରହିଛି। କମ୍ପାନୀର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଦେଲେ ସରକାର ପ୍ରାୟ ୧ ହଜାର କୋଟି ଟଙ୍କା ପାଇବେ ବୋଲି ଅନୁମାନ କରାଯାଉଛି।

### ଇନ୍‌ଫୋସିସ୍ ସିଇଓଙ୍କୁ ମିଳିଛି ୨୪.୬୭ କୋଟିର ପ୍ୟାକେଜ




ବେଙ୍ଗାଲୁରୁ,୨୦-୫: ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସଲିଲ୍ ପାରେଖଙ୍କୁ ଆର୍ଥିକ ବର୍ଷ ୨୦୧୮-୧୯ରେ ୨୪.୬୭ କୋଟି ଟଙ୍କାର ଦରମା ପ୍ୟାକେଜ ମିଳିଥିଲା। କମ୍ପାନୀ ନିଜର ବାର୍ଷିକ ରିପୋର୍ଟରେ ଏ ସମ୍ପର୍କରେ ସୂଚନା ଦେଇଛି। ପାରେଖ ଜାନୁୟାରୀ ୨୦୧୮ରେ କମ୍ପାନୀରେ ଯୋଗ ଦେଇଥିଲେ। ତାଙ୍କୁ ନିଶ୍ଚିତ ବେତନ ଭାବେ ୬.୦୭ କୋଟି ଟଙ୍କା ମିଳିଥିବା ବେଳେ ବୋନସ, ପ୍ରୋତ୍ସାହନ ଏବଂ ଭେରିଏବଲ୍ସ ପେ ବାବଦରେ ୧୦.୯୬କୋଟି ଟଙ୍କା ମିଳିଛି। ଇନ୍‌ଫୋସିସ୍ ନିଜର ସିଇଓଙ୍କୁ ୭.୬୪ କୋଟି ଟଙ୍କା ଅନ୍ୟାନ୍ୟ ସୁବିଧା ରୂପରେ ଦେଇଛି। ଅନ୍ୟପକ୍ଷରେ ଦେଶର ଏକ ନମ୍ବର ଆଇଟି କମ୍ପାନୀ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ସିଇଓ ରାଜେଶ ଗୋପୀନାଥନ ଗତ ଆର୍ଥିକ ବର୍ଷରେ ୧୬ କୋଟି ଟଙ୍କାର ପ୍ୟାକେଜ ପାଇଥିଲେ। କମ୍ପାନୀ ରିପୋର୍ଟରେ ଏହା କୁହାଯାଇଛି। ଗୋପୀନାଥନଙ୍କ ବେତନରେ ପୂର୍ବାପେକ୍ଷା ୨୮ ପ୍ରତିଶତ ବୃଦ୍ଧି ହୋଇଛି।

### ଭାରତୀୟ ସଡ଼କରେ ଦୌଡ଼ିପାରେ ଟେସ୍‌ଲା କାର୍



ନୂଆଦିଲ୍ଲୀ,୨୦-୫: ଭାରତରେ ଟେସ୍‌ଲା କାର୍ ଲଞ୍ଚକୁ ନେଇ ଦ୍ୱିଧାରେ ଥିବା ସିଇଓ ଏଲନ ମସ୍କଙ୍କ ମୁଣ୍ଡବ୍ୟଥା ହ୍ରାସ କରିଛି ଭାରତୀୟ କମ୍ପାନୀ ଅଶୋକ ଲେଲ୍ୟାଣ୍ଡ। ଭାରତୀୟ ସଡ଼କରେ ଟେସ୍‌ଲାର ଇଲେକ୍ଟ୍ରିକ କାର୍ ଦୌଡାଇବାକୁ ନେଇ ଲେଲ୍ୟାଣ୍ଡ ପକ୍ଷରୁ ପାର୍ଟନରଶିପ୍ ପାଇଁ ପ୍ରସ୍ତାବ ଦିଆଯାଇଛି। ଏ ସମ୍ପର୍କରେ କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ଭେଙ୍କଟେଶ ନଟରାଜନ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ସଡ଼କରେ ଇଲେକ୍ଟ୍ରିକ କାର୍ ଦୌଡାଇବାକୁ ହେଲେ ଏକାଧିକ କମ୍ପାନୀଙ୍କ ସହାୟତା ଆବଶ୍ୟକ ହେବ। ଯେ କୌଣସି କମ୍ପାନୀର ନୂଆ ଟେକ୍ନୋଲୋଜିକୁ ଅଶୋକ ଲେଲ୍ୟାଣ୍ଡ ଆପଣାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। କମ୍ପାନୀ ଅଧିକ ଅର୍ଥ ରୋଜଗାର କରିବାକୁ ଚାହୁଁଛି ବୋଲି ସେ ପ୍ରକାଶ କରିଛନ୍ତି।

■ଟିପ୍ପଣୀ ଦେବାରୁ ଦୂରେଇ ରହିଛନ୍ତି ପ୍ରମୁଖ ଶିଳ୍ପ ସଂଘ

# ଏକ୍‌ଜିଟ୍ ପୋଲ୍‌କୁ ନେଇ ଉଦ୍ୟୋଗ ଜଗତ ଚୁପ୍

**ନୂଆଦିଲ୍ଲୀ,୨୦-୫**




ଭାରତୀୟ ଉଦ୍ୟୋଗ ଜଗତ ସୋମବାର ଏକ୍‌ଜିଟ୍ ପୋଲ୍‌କୁ ନେଇ ଚୁପ୍ ରହିଛି। କେହି କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ରବିବାର ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟ ସରିବା ପରେ ବିଭିନ୍ନ ଟିଭି ଚ୍ୟାନେଲ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ଜାରି କରାଯାଇଥିଲା। ତଦନୁଯାୟୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଏଥିରେ ଦର୍ଶାଯାଇଛି। ତେବେ ନିର୍ବାଚନ ଫଳାଫଳ ଆସନ୍ତା ୨୩ରେ ପ୍ରକାଶ ପାଇବ। ଏ ସମ୍ପର୍କରେ ପ୍ରମୁଖ ଉଦ୍ୟୋଗ ଜଗତ ପ୍ରତିନିଧି ଫିକି, ଭାରତୀୟ ଉଦ୍ୟୋଗ ମହାସଂଘ(ସିଆଇଆଇ) ତଥା ଆସୋଚାମ୍ କୌଣସି ଟିପ୍ପଣୀ ଦେବାରୁ ଦୂରେଇ ରହିଛି। ଗୋଟିଏ ଉଦାହରଣରୁ ଏହା ସହଜରେ ବୁଝି ହେବ। ଚଳିତ ସପ୍ତାହରେ କ'ଣ କରିବାକୁ ହେବ ବୋଲି ମହିନ୍ଦ୍ରା ଗ୍ରୁପ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ସଚ୍ଚିଦାନନ୍ଦ ଶୁକ୍ଲା ଟୁଇଟ୍ ଜରିଆରେ ପ୍ରଶ୍ନ ପଚାରିବାରୁ ଏହାର ଉତ୍ତରରେ ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ଚଳିତ ସପ୍ତାହରେ ଆମର ଏକମାତ୍ର ଗୋଟିଏ ଦିଗ ପ୍ରତି ନଜର ରହିଛି ବୋଲି ଉତ୍ତର ଦେଇଥିଲେ। ତାଙ୍କର ସ୍ପଷ୍ଟ ସଙ୍କେତ ମେ ୨୩ର ନିର୍ବାଚନ ଫଳାଫଳ ଆଡକୁ ଦର୍ଶାଉଛି। ଉଦ୍ୟୋଗ ଜଗତର ଅନ୍ୟତମ ପ୍ରତିନିଧି ପିଏଚ୍‌ଡିସିଆଇ ଅଧ୍ୟକ୍ଷ ରାଜୀବ ତଲୱାର କହିଛନ୍ତି ଯେ, ଭାରତରେ ସମସ୍ତଙ୍କୁ ଜନତା ଜନାର୍ଦ୍ଦନଙ୍କ ଇଚ୍ଛାକୁ ସମ୍ମାନ ଦେବା ଉଚିତ। ଯଦି ମତଦାତାଙ୍କୁ ଲାଗୁଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ଲାଗି ନିର୍ବାଚିତ କରିବା ଆବଶ୍ୟକ, ତେବେ ଅନ୍ୟ କୌଣସି ବିଚାର ସହ ତୁଳନା କରିବା ଅନୁଚିତ ହେବ। ଯେତେବେଳେ ଦେଶର ମତଦାତା ଚାହିଁଛନ୍ତି, ସେମାନେ ସରକାର ବଦଳାଇ ଦେଇଛନ୍ତି। ଏଭଳି ସ୍ଥିତିରେ ମୋଦିଙ୍କୁ ଦ୍ୱିତୀୟଥର ଲାଗି ନିର୍ବାଚିତ କରାଗଲେ ଏହା ଦେଶର ଅର୍ଥନୀତି ପ୍ରତି ଭଲ ହେବ। ଅନ୍ୟପକ୍ଷରେ ଆର୍‌ପିଜି ଏଣ୍ଟରପ୍ରାଇଜେସର ଅଧ୍ୟକ୍ଷ ହର୍ଷ ଗୋଏଙ୍କା କହିଛନ୍ତି ଯେ, ଏହା ନିଶ୍ଚିତ ଯେ, ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ନାମର ପ୍ରଥମ ଅକ୍ଷର 'ଏନ୍'ରୁ ଆରମ୍ଭ ହେବ। ବ୍ରୋକରେଜ କମ୍ପାନୀ ଏଡଲଭାଇସ ସିକ୍ୟୁରିଟିଜ ପକ୍ଷରୁ କୁହାଯାଇଛି ଯେ, ଏନ୍‌ଡିଏ ସରକାରଙ୍କୁ ସ୍ପଷ୍ଟ ବହୁମତ ମିଳିଲେ ବଜାରରେ ଉତ୍ସାହ ବୃଦ୍ଧି ପାଇବ ଏବଂ ନୀତିଗତ ନିଷ୍ପତ୍ତିରେ ଧାରାବାହିକତା ବଜାୟ ରହିବ। ଅପରପକ୍ଷରେ କୋଟାକ୍ ଇନ୍‌ଷ୍ଟିଚ୍ୟୁଶନାଲ ସିକ୍ୟୁରିଟିଜ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ନିର୍ବାଚନ ଫଳାଫଳ ବଜାରର ଆଶା ଅନୁରୂପ ଆସିଲେ ୨୩ ପରେ କିଛି ସମୟ ପାଇଁ ସେନ୍‌ସେକ୍ସରେ ବୃଦ୍ଧି ଦେଖିପାରିବା।

## ଗାଡ଼ିର ଥାର୍ଡ ପାର୍ଟି ବୀମା ପ୍ରିମିୟମ ବଢ଼ିବ

**ନୂଆଦିଲ୍ଲୀ,୨୦-୫**



ବୀମା ନିୟାମକ ଆଇଆର୍‌ଡିଏଆଇ ଚଳିତ ଆର୍ଥିକ ବର୍ଷରେ କାର୍,ଦୁଇ ଚକିଆ ଏବଂ ବାଣିଜ୍ୟିକ ଯାନର ଥାର୍ଡ ପାର୍ଟି ବୀମା ପ୍ରିମିୟମ ବୃଦ୍ଧି କରିବାକୁ ଯାଉଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୧୦୦୦ ସିସିରୁ କମ୍ କାର୍ ପାଇଁ ଥାର୍ଡ ପାର୍ଟି ବୀମା ପ୍ରିମିୟମକୁ ୧୮୫୦ ଟଙ୍କାରୁ ୨୧୨୦ ଟଙ୍କାକୁ ବୃଦ୍ଧି କରିବାକୁ ଯାଉଛି। ସେହିପରି ୧୦୦୦ସିସିରୁ ଊର୍ଦ୍ଧ୍ୱ ଏବଂ ୧୫୦୦ ସିସିରୁ ମଧ୍ୟରେ କାର୍ ପାଇଁ ପ୍ରିମିୟମ ୨୮୬୩ ଟଙ୍କାରୁ ୩୩୦୦ ଟଙ୍କାକୁ ବୃଦ୍ଧି ପାଇବ। ତେବେ ୧୫୦୦ ସିସିର ଲକ୍ସୁରୀ କାର୍ ପାଇଁ ଥାର୍ଡ ପାର୍ଟି ବୀମା ପ୍ରିମିୟମରେ କୌଣସି ପରିବର୍ତ୍ତନ କରା ନ ଯାଇ ବର୍ତ୍ତମାନର ୭୮୯୦ ଟଙ୍କାରେ ସ୍ଥିର ରଖିବାକୁ ନିଷ୍ପତ୍ତି ହୋଇଛି। ସାଧାରଣତଃ ଏପ୍ରିଲ ପହିଲାରୁ ଥାର୍ଡ ପାର୍ଟି ବୀମା ପ୍ରିମିୟମ ସମ୍ପର୍କରେ ଆଇଆର୍‌ଡିଏଆଇ ନିଷ୍ପତ୍ତି ନେଇଥାଏ। ତେବେ ଚଳିତବର୍ଷର ପୁରୁଣା ହାରକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଜାରି ରଖିବାକୁ କୁହାଯାଇଛି। ବର୍ତ୍ତମାନ ବୀମା ନିୟାମକ ଥାର୍ଡ ପାର୍ଟି ବୀମା ପ୍ରିମିୟମ ବୃଦ୍ଧି ନେଇ ଏକ ଚିଠାପ୍ରସ୍ତାବ ଜାରି କରିଛି। ଚଳିତ ମାସ ୨୯ତାରିଖ ସୁଦ୍ଧା ଏ ସମ୍ପର୍କରେ ନିଜର ମତ ପ୍ରକାଶ କରିବାକୁ ସମ୍ବନ୍ଧିତ ପକ୍ଷଙ୍କୁ କୁହାଯାଇଛି। ଚିଠା ପ୍ରସ୍ତାବ ଅନୁଯାୟୀ, ୭୫ସିସିର ଦୁଇଚକିଆ ଗାଡ଼ି ପାଇଁ ବୀମା ପ୍ରିମିୟମକୁ ୪୨୭ ଟଙ୍କାରୁ ୪୮୨ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୭୫ସିସିରୁ ୩୫୦ସିସି ମଧ୍ୟରେ ଥିବା ଗାଡ଼ି ପାଇଁ ମଧ୍ୟ ପ୍ରିମିୟମ ବଢ଼ାଯିବାର ପ୍ରସ୍ତାବ ଦିଆଯାଇଛି। କିନ୍ତୁ ୩୫୦ସିସିରୁ ଅଧିକ ସୁପରବାଇକ ପାଇଁ ପ୍ରିମିୟମ ଯଥାସ୍ଥିତି ରଖାଯାଇଛି। ଅପରପକ୍ଷରେ ଘରୋଇ ଇଲେକ୍ଟ୍ରିକ କାର୍ ଓ ଦୁଇ ଚକିଆ ଯାନ ପାଇଁ ପ୍ରିମିୟମକୁ ୧୫% ହ୍ରାସ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଅନୁରୂପ ଭାବେ ଇ-ରିକ୍ସାର ପ୍ରିମିୟମ ଅପରିବର୍ତ୍ତିତ ରଖାଯାଇଥିବା ବେଳେ ସ୍କୁଲ ବସ୍ ପାଇଁ ଏହା ବୃଦ୍ଧି କରାଯିବାର ପ୍ରସ୍ତାବ ଦିଆଯାଇଛି। ସେହିପରି ଟ୍ୟାକ୍ସି, ବସ୍ ଓ ଟ୍ରକ୍, ଟ୍ରାକ୍ଟର ପାଇଁ ଥାର୍ଡ ପାର୍ଟି ପ୍ରିମିୟମ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଛି।

## ସୁନା ଆମଦାନୀ ୫୪% ବୃଦ୍ଧି

**ନୂଆଦିଲ୍ଲୀ,୨୦-୫**

ଦେଶର ସୁନା ଆମଦାନୀ ଏପ୍ରିଲରେ ୫୪ ପ୍ରତିଶତ ବୃଦ୍ଧି ପାଇ ୩.୯୭ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଫଳରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବାରୁ ଚଳନ୍ତି ଜମା ନିଅଣ୍ଟ(ସିଏଡି)କୁ ନେଇ ଚିନ୍ତା ବଢ଼ିଯାଇଛି। ଗତବର୍ଷ ଏପ୍ରିଲରେ ସୁନା ଆମଦାନୀ ୨.୫୮ ବିଲିୟନ ଡଲାର ରହିଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ସୁନା ଆମଦାନୀ ବୃଦ୍ଧି ପାଇବା କାରଣରୁ ବାଣିଜ୍ୟ ନିଅଣ୍ଟ ପରିମାଣ ଏପ୍ରିଲରେ ୫ ମାସର ସର୍ବୋଚ୍ଚ ସ୍ତର ୧୫.୩୩ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଗତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୨.୫%ରେ ପହଞ୍ଚିଯାଇଛି, ଯାହା କି ବର୍ଷକ ପୂର୍ବରୁ ସମାନ ଅବଧିରେ ୨.୧% ରହିଥିଲା। ସୂଚନାଯୋଗ୍ୟ ଯେ, ଫେବୃୟାରୀରେ ସୁନା ଆମଦାନୀ ହ୍ରାସ ପାଇଥିଲା। ଏହାପରେ ଏହା ଦୁଇ ଅଙ୍କ ହାରରେ ବୃଦ୍ଧି ପାଇବା ଆରମ୍ଭ ହୋଇଛି। ମାର୍ଚ୍ଚରେ ଏହା ୩୧ ପ୍ରତିଶତ ବୃଦ୍ଧି ପାଇ ୩.୨୭ ବିଲିୟନ ଡଲାର ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ସୁନା ଆମଦାନୀରେ ଭାରତ ସର୍ବାଗ୍ରେ ରହିଛି। ଏହାରି ମାଧ୍ୟମରେ ଘରୋଇ ଗହଣା ଉଦ୍ୟୋଗର ଚାହିଦା ମେଣ୍ଟାଯାଇଥାଏ। ବାର୍ଷିକ ଆଧାରରେ ଭାରତ ୮୦୦ରୁ ୯୦୦ ଟନ ସୁନା ଆମଦାନୀ କରିଥାଏ। ଆର୍ଥିକ ବର୍ଷ ୨୦୧୮-୧୯ରେ ସୁନା ଆମଦାନୀ ୩ ପ୍ରତିଶତ ହ୍ରାସ ପାଇ ୩୨.୮ ବିଲିୟନ ଡଲାର ହୋଇଥିଲା।

## ସିଣ୍ଡିକେଟ ବ୍ୟାଙ୍କର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ


**ଭୁବନେଶ୍ୱର,୨୦-୫**



ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ର-୨ର ନୂତନ ପ୍ରବନ୍ଧକ ଭାବେ ଚନ୍ଦ୍ରକାନ୍ତ ଦାସ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କାନପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ରେ ସିଣ୍ଡିକେଟ ବ୍ୟାଙ୍କରୁ ସେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ରାଞ୍ଚିଠାରେ ଉପକ୍ଷେତ୍ରୀୟ ପ୍ରବନ୍ଧକ ଲକ୍ଷ୍ନୌଠାରେ ମୁଖ୍ୟ ପ୍ରବନ୍ଧକ ଭାବେ ସେ କାର୍ଯ୍ୟ କରିଛନ୍ତି। ୨୦୧୮ରେ ସେ ଉପମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଥିଲେ। ଭୁବନେଶ୍ୱର କ୍ଷେତ୍ର-୨କୁ ଏକ ପ୍ରମୁଖ କ୍ଷେତ୍ର କରାଇବା ସହ କାସା,ରିଟେଲ, ଏଗ୍ରି, ଏମ୍‌ଏସ୍‌ଏମ୍‌ଇ ଏବଂ ରିକଭରି ଉପରେ ଧ୍ୟାନ କେନ୍ଦ୍ରୀତ କରିବା ତାଙ୍କର ଲକ୍ଷ୍ୟ ରହିଛି। ଏହି ଅବସରରେ ଉପକ୍ଷେତ୍ରୀୟ ପ୍ରବନ୍ଧକ କମଳାକାନ୍ତ ମିଶ୍ରଙ୍କ ସମେତ ବ୍ୟାଙ୍କର ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

# ଏମ୍‌ଏସ୍‌ପି ହଟାଅ, କମ୍ପାନୀ ଟିକସ କମାଅ

**ନୂଆଦିଲ୍ଲୀ,୨୦-୫**



ନୂଆ ସରକାରଙ୍କୁ ଅର୍ଥନୀତିଜ୍ଞଙ୍କ ପରାମର୍ଶ

ଆସନ୍ତା ୨୩ ତାରିଖ ପରେ ଦେଶରେ ନୂଆ ସରକାର ଗଠନ ହେବାକୁ ଯାଉଛି। ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ନୂଆ ସରକାରଙ୍କ ନିକଟରେ ଏକାଧିକ ଆହ୍ୱାନ ରହିଛି। ତେବେ ବିଶିଷ୍ଟ ଅର୍ଥନୀତିଜ୍ଞ ସୁରଜିତ ଭଲ୍ଲା ନୂଆ ସରକାରଙ୍କ ପାଇଁ କେତେକ ପରାମର୍ଶ ଦେଇଛନ୍ତି। କୃଷକଙ୍କ ପାଇଁ ଘୋଷଣା କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ହଟାଇବା ସହିତ କମ୍ପାନୀ ଟିକସରେ ୫% ହ୍ରାସ କରିବା ତଥା ଆୟ ସମର୍ଥନ ଯୋଜନାର ପରିଧି ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି।

ଉଦ୍ୟୋଗ ଜଗତ ଫିକି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଭଲ୍ଲା କହିଛନ୍ତି ଯେ, ନୂଆ ସରକାର ଆସନ୍ତା ୩ ବର୍ଷ ପାଇଁ ଏମ୍‌ଏସ୍‌ପିକୁ ପ୍ରତ୍ୟାହାର କରିନେବା ଉଚିତ୍। କୃଷି କ୍ଷେତ୍ରରେ ହସ୍ତକ୍ଷେପ ଶୂନ୍ୟ ହେବା ଆବଶ୍ୟକ। ସେ କହିଛନ୍ତି ଯେ, ଦେଶରେ ପୁଞ୍ଜି ଲଗାଣ ଏବଂ କମ୍ପାନୀ ଟିକସ ବହୁ ଅଧିକ। ଗତ ୫/୬ ବର୍ଷ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁଲ୍ ବାଟରେ ଯାଉଛି। ବାସ୍ତବିକ ସୁଧ ହାର ୩.୫% ହୋଇ ପାରିବ ନାହିଁ। ଦେଶର ଜିଡିପି ବୃଦ୍ଧି ହାର ବାର୍ଷିକ ୮ରୁ ୮.୫% ରହିବା ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ପୂର୍ବତନ ସଦସ୍ୟ ରହିଥିବା ଭଲ୍ଲା କହିଛନ୍ତି ଯେ, ମଧ୍ୟମ ଆୟ ଜାଲରେ ଭାରତ ଫଶିବାର ସମ୍ଭାବନା ନାହିଁ। ମଧ୍ୟମ ଆୟବର୍ଗ ଜାଲ ଧାରଣାକୁ ଭୁଲ ଭାବେ ଗ୍ରହଣ କରାଯାଇଛି ଏବଂ ଭାରତୀୟମାନେ ଏଦିଗରେ ଆଗେଇନାହାନ୍ତି। ସୂଚନାଥାଉ କି, ପରିଷଦର ସଦସ୍ୟ ରଥିନ ରୟ କହିଥିଲେ ଯେ, ଭାରତୀୟ ଅର୍ଥନୀତି ଢାଞ୍ଚାଗତ ନରମପଣ ଆପଣାଉଛି। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଉପରେ ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଚାଇନା ଦୀର୍ଘଦିନ ହେବ ବିଶ୍ୱ ଅର୍ଥନୀତିରୁ ବହୁ ଲାଭ ଉଠାଇଛି। ବର୍ତ୍ତମାନ ଏହା ପୂର୍ବରୁ ହାସଲ କରିଥିବା ଲାଭର ମୂଲ୍ୟ ଦେଉଛି। ଗୋବଧକୁ ମୁସ୍‌ଲିମ ବିରୋଧୀ ଦର୍ଶାଇ ସେ କହିଛନ୍ତି ଯେ, ଦେଶର ନୀତିରେ ପରିବର୍ତ୍ତନ ଲୋଡା। କାରଣ ଏହାଦ୍ୱାରା ଭାରତର ଅର୍ଥନୀତି ପ୍ରଭାବିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଦର୍ଶନର ଆକଳନ କରି ସେ କହିଛନ୍ତି ଯେ, ଗତ ୪/୫ ବର୍ଷ ମଧ୍ୟରେ ଯେ କୌଣସି ଦେଶ ତୁଳନାରେ ଏନଡିଏ ସରକାର ଏକୀକୃ ସମାବେଶୀ ଭାବେ କାର୍ଯ୍ୟ କରିଛି। ସେ କହିଛନ୍ତି ଯେ, ମୋଦିଙ୍କୁ ଜଣେ ଦୂରଦର୍ଶୀ ନେତା ଭାବେ ଦେଖିବାକୁ ହେବ। ସିଙ୍ଗାପୁରର ଲି କୁଆନ ୟେବ୍‌ଙ୍କ ଶ୍ରେଣୀରେ ତାଙ୍କୁ ରଖାଯାଇପାରେ। ତାଙ୍କ ନିକଟରେ ଦୃଷ୍ଟିକୋଣ ଏବଂ ମିଶନ ରହିଛି। ସଂଖ୍ୟାଗରିଷ୍ଠତା ହାସଲ କରିବା ଏକ ମିଶନ କୁହାଯାଇପାରେ।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ବାତ୍ୟା ବିପନ୍ନଙ୍କୁ ଗେଲ୍‌ର ୫ କୋଟି



ଫନୀରେ ପ୍ରଭାବିତ ଲୋକଙ୍କ ଲାଗି ରାଷ୍ଟ୍ରାୟତ୍ତ ଗେଲ୍ ଇଣ୍ଡିଆ ପକ୍ଷରୁ ୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗେଲ୍ ଇଣ୍ଡିଆର ନିର୍ମାଣ ଜେନେରାଲ ମ୍ୟାନେଜର ଜେଭିଜି ଶ୍ରୀନିବାସ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ତଥା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି। ବାତ୍ୟା ପରେ କମ୍ପାନୀ ଜେନେରେଟର ସୁବିଧା ଏବଂ ସିଏନ୍‌ଜି ଯୋଗାଣକୁ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଛି। କମ୍ପାନୀ ବର୍ତ୍ତମାନ ନିଜର ସମ୍ପ୍ରସାରିତ ପ୍ରକଳ୍ପ ଜଗଦୀଶପୁର-ହଳଦିଆ ଏବଂ ବୋକାରୋ ଧାମରା ପ୍ରାକୃତିକ ଗ୍ୟାସ ପାଇପ ଲାଇନ ନିର୍ମାଣ କରୁଛି। ସେହିଭଳି ଭୁବନେଶ୍ୱର ଏବଂ କଟକରେ ଏହା ସହରୀ ଗ୍ୟାସ ବିତରଣ ପ୍ରକଳ୍ପ ପରିଚାଳନା କରୁଛି।

### ରାଜ୍ୟ ସମବାୟ ବ୍ୟାଙ୍କର ବ୍ୟାଙ୍କ ଅନ୍ ହ୍ୱିଲ

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ବ୍ୟାଙ୍କ ଅନ୍ ହ୍ୱିଲ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷ ପ୍ରଭାବିତ ପୁରୀ ଜିଲାରେ ଏଭଳି ୧୩ ଗୋଟି ଭ୍ରାମ୍ୟମାଣ ଏଟିଏମ୍ ପରିଚାଳିତ କରାଯାଉଛି। ଜିଲାର ବିଭିନ୍ନ ଅଞ୍ଚଳ ଯଥା-ନିମାପଡା,ଗୋପ, କୋଣାର୍କ, ପିପିଲି ଏବଂ ସତ୍ୟବାଦୀ ବ୍ଲକରେ ଏହି ଏଟିଏମ୍‌ଗୁଡିକ ସେବା ଯୋଗାଇ ଆସୁଛନ୍ତି। ଅସୁବିଧା ସମୟରେ ଏଭଳି ପଦକ୍ଷେପ ଦ୍ୱାରା ଲୋକଙ୍କୁ ସେବା ଯୋଗାଣ ସହ ନିକଟତର ହୋଇ ପାରିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ପ୍ରଭାବିତଙ୍କୁ ଜେଏସ୍‌ପିଏଲ୍‌ର ସହାୟତା




ଫନୀ ପ୍ରଭାବିତଙ୍କ ଲାଗି ରିଲିଫ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ) ନିଜର ଯୋଗଦାନ ରଖିଛି। କମ୍ପାନୀ ଏହାର ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ମେ ୧୦ ତାରିଖରୁ ପ୍ରଭାବିତଙ୍କ ଲାଗି ରନ୍ଧାଖାଦ୍ୟ ଯୋଗାଇ ଦେଉଛି। କମ୍ପାନୀ ଏହି କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲୁ ରଖିଥିବା ବେଳେ ପ୍ରତିଦିନ ୧୦ ହଜାର ମିଲ୍ ଯୋଗାଣ କରଯାଇଥିଲା ବୋଲି କହିଛି। ପୁରୀ ଜିଲା ପ୍ରଶାସନ ସହ ମିଳିତ ହୋଇ ପୁରୀଠାରେ ଏକ କେନ୍ଦ୍ରୀୟ ରୋଷେଇ ଘର ସ୍ଥାପନ କରି ଜିଲାର ବିଭିନ୍ନ ସ୍ଥାନକୁ ଏହା ଯୋଗାଣ କରିଥିବା ସୂଚନା ରହିଛି। ଫନୀ ଦ୍ୱାରା ଲୋକଙ୍କର ହୋଇଥିବା କ୍ଷତି ଅପୂରଣୀୟ ବୋଲି ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ କହିଛନ୍ତି। ଜେଏସ୍‌ପିଏଲର ଇଭିପି ପ୍ରଶାନ୍ତ ହୋତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଅନୁଗୋଳ ସ୍ଥିତ ଷ୍ଟିଲ ପ୍ଲାଣ୍ଟରୁ ସରକାରୀ ଗୃହ ମରାମତି ନିମନ୍ତେ ସିମେଣ୍ଟ ଏବଂ ନିର୍ମାଣ ସାମଗ୍ରୀ ପ୍ରଦାନ କରାଯାଇଛି।

## ପୁରୀ-ହବିବଗଞ୍ଜ-ପୁରୀ ଟ୍ରେନରେ ମିଳିତ ବଗି ସଂଯୋଗ




**ଭୁବନେଶ୍ୱର,୨୦-୫**

ଯାତ୍ରୀଙ୍କୁ ଉନ୍ନତ ସେବା ଯୋଗାଣ କରିବା ଲକ୍ଷ୍ୟରେ ରେଲୱେ ପକ୍ଷରୁ ପୁରୀ-ହବିବଗଞ୍ଜ-ପୁରୀ ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନରେ ମିଳିତ ବଗି ସ୍ଥାୟୀ ସଂଯୋଗ କରାଯାଇଛି। ଗୋଟିଏ ଏସି ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀରେ ଏହି ବଗି ସଂଯୋଗ ହୋଇଛି। ଏହା ହବିବଗଞ୍ଜରୁ ଚଳିତ ମାସ ୨୧ରୁ ଏବଂ ୨୨ରୁ ପୁରୀଠାରୁ ଗୋଟିଏ ଏସି ପ୍ରଥମ ଶ୍ରେଣୀ ଏବଂ ଦ୍ୱିତୀୟ ଶ୍ରେଣୀର ମିଳିତ ବଗିର ସ୍ଥାୟୀ ସଂଯୋଗ ସହ ଚଳାଚଳ କରିବ। ନୂଆ ମିଳିତ ଏସି ବଗିର ସ୍ଥାୟୀ ସଂଯୋଗ ପରେ ଏହା ବାଦ ଟ୍ରେନରେ ଗୋଟିଏ ଏସି ଟାୟାର ୨, ଚାରିଟି ଏସି ୩ ଟାୟାର, ୧୧ଟି ସ୍ଲିପର କ୍ଲାସ, ୨ଟି ଦ୍ୱିତୀୟ ଶ୍ରେଣୀ, ଦୁଇଟି ଗାର୍ଡ ଏବଂ ଲଗେଜ ଭ୍ୟାନ ସହିତ ସମୁଦାୟ ୨୧ଟି କୋଚ ସହ ଚଳାଚଳ କରିବ।

**୨ ଦିନ ବାତିଲ ରହିବ ପୁରୀ-କାମାକ୍ଷା ଏକ୍ସପ୍ରେସ**

ସେହିଭଳି ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଉତ୍ତର ସୀମାନ୍ତ ରେଳପଥ ଦ୍ୱାରା କାମାକ୍ଷାରୁ ପୁରୀ ଯାତ୍ରା କରୁଥିବା ୨ଟି ଟ୍ରେନ ପ୍ରତ୍ୟେକ ଗୋଟିଏ ଦିନ ଲାଗି ବାତିଲ ରହିବ। ପୁରୀଠାରୁ ଛାଡୁଥିବା ପୁରୀ-କାମାକ୍ଷା ଏକ୍ସପ୍ରେସ ଚଳିତ ମାସ ୨୧ ଏବଂ କାମାକ୍ଷାପଟୁ ୨୫ ତାରିଖରେ ବାତିଲ ରହିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ବେଳେ ବିପକ୍ଷ ଦଳକୁ ବଡ଼ ସ୍କୋରରୁ ରୋକିବା ବୋଲରମାନଙ୍କ ଦାୟିତ୍ୱ ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



ଇଂଲଣ୍ଡଠାରୁ ୪–୦ରେ ଦିନିକିଆ କ୍ରିକେଟ ସିରିଜ ହାରିଥିଲେ ହେଁ ଏଥିରୁ ଆମକୁ ଅନେକ କିଛି ଶିକ୍ଷା ମିଳିଛି ।

–ମିକି ଆର୍ଥର, ପାକିସ୍ତାନ କ୍ରିକେଟ କୋଚ୍



## ସଂକ୍ଷେପରେ

### ଆଜି ମାଲେସିଆକୁ ଭେଟିବ ଭାରତ

**ନାନ୍କିଂ (ଚାଇନା), ୨୦।୫(ପି.ଟି.):** ସୁଦିରମାନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଦଳ ମଙ୍ଗଳବାର ମାଲେସିଆ ବିପକ୍ଷରୁ ଏହାର ଅଭିଯାନ ଆରମ୍ଭ କରିବ। ଏହି ସମ୍ମାନଜନକ ପ୍ରତିଯୋଗିତାର ୨୦୧୧ ଓ ୨୦୧୭ ସଂସ୍କରଣ ଫାଇନାଲରେ ପ୍ରବେଶ କରିଥିବା ଭାରତ ୨୦୦୯ ସେମିଫାଇନାଲିଷ୍ଟ ମାଲେସିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲି ଚୋଙ୍ଗ୍ ୱିଙ୍କ ବିନା ଏହି ପ୍ରତିଯୋଗିତା ଖେଳିବାକୁ ଆସିଥିବା ମାଲେସିଆ ଏହାର ପ୍ରଥମ ମ୍ୟାଚ୍‌ରେ ୦-୫ରେ ଚାଇନା ନିକଟରୁ ପରାସ୍ତ ହୋଇଥିଲା। ଯଦି ଭାରତ ବିପକ୍ଷ ମ୍ୟାଚ୍‌ରେ ମାଲେସିଆ ପରାଜୟବରଣ କରେ ତେବେ ପ୍ରତିଯୋଗିତାରୁ ବିଦାୟ ନେବା ଏକପ୍ରକାର ନିଶ୍ଚିତ। ସେହିଭଳି ଭାରତ ମାଲେସିଆ ପରେ ୨ୟ ମ୍ୟାଚ୍‌ରେ ବୁଧବାର ୧୦ଥର ଚାମ୍ପିୟନ ଶକ୍ତିଶାଳୀ ଚାଇନାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ, କିଡାମ୍ବୀ ଶ୍ରୀକାନ୍ତ, ଶ୍ରୀକାନ୍ତ ବର୍ମାଙ୍କ ପରି ତାରକା ଖେଳାଳଙ୍କୁ ନେଇ ୧୩ ଜଣିଆ ଭାରତୀୟ ଦଳ ମଧ ବେଶ୍ ଶକ୍ତିଶାଳୀ ରହିଛି। ତେଣୁ ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ଆଶା କରାଯାଉଛି।

### 'ଅଷ୍ଟ୍ରେଲିଆକୁ ଅନ୍ୟ ଦଳମାନେ ଭୟ କରିବେ'

**ଦୁବାଇ,୨୦।୫(ପିଟି):** ଅଷ୍ଟ୍ରେଲିଆ ଦଳ ଆଗାମୀ ବିଶ୍ୱକପ୍‌ରେ ଫେଭରାଇଟ୍ ନୁହେଁ। ହେଲେ ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନରଙ୍କ ଫେରିବାରୁ ଅଷ୍ଟ୍ରେଲିଆ ଦଳଠାରୁ ସମ୍ଭବତଃ ଅନ୍ୟ ଦଳମାନେ ଭୟ କରିବେ ବୋଲି ପୂର୍ବତନ ଅଧିନାୟକ ଷ୍ଟିଭ ୱା କହିଛନ୍ତି। ବଲ ଟ୍ୟାମ୍ପରିଂ ଯୋଗୁ ଏକ ବର୍ଷ ବାସନ୍ଦାଦେଶରୁ ଫେରିବା ପରେ ୱାର୍ନର ଆଇପିଏଲରେ ୧୨ ମ୍ୟାଚ୍ ଖେଳି ୬୯୨ ରନ୍ କରିଥିଲେ। ତାଙ୍କ ଭଳି ସ୍ମିଥ ମଧ ଆଇପିଏଲର ଅନ୍ତିମ ଭାଗରେ ଫର୍ମକୁ ଫେରିବା ସହ ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ଦଳ ଅଷ୍ଟ୍ରେଲିଆକୁ ଭୟ କରିବେ। କାରଣ ଟିମ୍ ଅଷ୍ଟ୍ରେଲିଆର ଦକ୍ଷତା ସମ୍ପର୍କରେ ସେମାନଙ୍କୁ ଜଣା। ଗତ ୧୨ ମାସ ହେଲା ଅଷ୍ଟ୍ରେଲିଆ କ୍ରିକେଟ ପ୍ରବଳ ବାଧାପ୍ରାପ୍ତ ହୋଇଛି। ହେଲେ ବିଶ୍ୱକପ୍‌ରେ ଆମ ଦେଶର ସ୍ମିଥ ଓ ୱାର୍ନରଙ୍କ ଭଳି ଶ୍ରେଷ୍ଠ ଖେଳାଳି ଖେଳୁଛନ୍ତି। ଏମାନେ ବିଶ୍ୱକପ୍‌ରେ ଯେ କୌଣସି ଦଳକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି। ଏଣୁ ମୁଁ ଭାବୁଛି, ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରେ ବହୁ ଆଗକୁ ଯିବ ବୋଲି ୱା କହିଛନ୍ତି। କିନ୍ତୁ ୫୩ ବର୍ଷୀୟ ପୂର୍ବତନ କ୍ରିକେଟର ଫେଭରାଇଟ୍ ଦଳ ଭାବେ ଇଂଲଣ୍ଡକୁ ଚୟନ କରିଛନ୍ତି।

### ରିୟଲ ମାଡ୍ରିଡ୍ ସହ ରହିବେ କ୍ରୁଜ୍

**ମାଡ୍ରିଡ୍,୨୦।୫(ଏଏଫ୍‌ପି):** ଜର୍ମାନୀ ଅନ୍ତର୍ଜାତୀୟ ଫୁଟ୍‌ବଲ ଷ୍ଟାର ଟୋନି କ୍ରୁଜ୍ ରିୟଲ ମାଡ୍ରିଡ୍ କ୍ଲବ ସହ ହୋଇଥିବା ଚୁକ୍ତିର ସମୟସୀମାରେ ବୃଦ୍ଧି କରିଛନ୍ତି। ଫଳରେ ସେ ୨୦୨୩ ପର୍ଯ୍ୟନ୍ତ ସ୍ପାନିଶ କ୍ଲବ ପାଇଁ ଖେଳିବା ନେଇ ସ୍ପଷ୍ଟ ହୋଇଛି। ୨୯ ବର୍ଷୀୟ ମିଡ୍‌ଫିଲ୍ଡର ସ୍ପେନ୍‌ରେ ଗତ ୫ ବର୍ଷରେ ୧୨ ଟାଇଟଲ ଜିତିସାରିଛନ୍ତି। ଏଥିରେ ୨୦୧୬, ୨୦୧୭ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫି ରହିଛି। ରିୟଲ ମାଡ୍ରିଡ୍ ଦଳ ପକ୍ଷରୁ ୨୩୩ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ସେ ୧୩ ଗୋଲ କରିଛନ୍ତି। ଏଥିପୂର୍ବରୁ ସେ ମ୍ୟୁନିକ୍ ପାଇଁ ଖେଳୁଥିଲେ। ୨୦୧୪ରେ ଜର୍ମାନୀକୁ ବିଶ୍ୱକପ୍ ଜିତାଇବା ପରେ ସେ ମାଡ୍ରିଡ୍ ସହ ଚୁକ୍ତି କରିଥିଲେ।

# ସାଇନା, ଦେବୀ ଚାମ୍ପିୟନ

**ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି)/ ବାଲେଶ୍ୱର ଅଫିସ, ୨୦।୫**



ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚଳିତମାସ ୧୮ରୁ ୨୦ ପର୍ଯ୍ୟନ୍ତ ବାଲେଶ୍ୱର ଲ' କଲେଜରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ସାଇନା ସାଲୋନିକା ଓ ଦେବୀ ପ୍ରସାଦ ନାୟକ ଚାମ୍ପିୟନ ହୋଇଛନ୍ତି। ସମ୍ପ୍ରତି କିଟ୍‌ରେ ଅଧ୍ୟୟନରତ ମହିଳା ଫିଡେ ମାଷ୍ଟର ସାଇନା (୨୧୨୩ ରେଟିଂ) ବାଳିକା

**ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍**

ବିଭାଗରେ ୬ ରାଉଣ୍ଡରୁ ୬ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ବୟସବର୍ଗ ଚାମ୍ପିୟନଶିପ୍ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇ ସାରିଥିବା ସାଇନା ଏଥର ୧୭ ବର୍ଷରୁ କମ୍‌ରେ ଅପରାଜେୟ ରହିବା ସହ ବିଜୟ ମୁକୁଟ ପିନ୍ଧିଛନ୍ତି। କଟକର ଅଙ୍କିତା ସାହୁ (୫ ପଏଣ୍ଟ) ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଲକ ମହାପାତ୍ର, ପ୍ରକୃତି ରାଉତ(ଉଭୟେ ୪ ପଏଣ୍ଟ ଲେଖାଏ), ସ୍ୱସ୍ତିକା ପରିଡ଼ା, ଅଦିତି ଉପାସନା ପଟ୍ଟନାୟକ, ଅଞ୍ଜଳି ମିଶ୍ର, ରୋଜାଲିନ ବେହେରା, ନିୟତି ନିହାରିକା ମହାପାତ୍ର ପ୍ରମୁଖ ୩ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି।

ଅନ୍ୟପକ୍ଷରେ ଖୋର୍ଦ୍ଧାର ଦେବୀ ପ୍ରସାଦ (୧୪୧୮ ରେଟିଂ) ଓପନ ବିଭାଗରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମୟୂରଭଞ୍ଜର ଅନୁବ୍ରତ ପ୍ରିୟଦର୍ଶନ ସାହୁ ୬ ପଏଣ୍ଟ ସହ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ସାଇ ସ୍ୱରୂପ ମିଶ୍ର(ଉଭୟେ ୫.୫ ପଏଣ୍ଟ), ଭବେଶ କୁମାର ବର୍ଦ୍ଧନ, ସଞ୍ଜୟ କୁମାର ରଥ, ସିଦ୍ଧେଶ କାମିଲା, ପୀୟୂଷ କୁମାର ସାହୁ, ରୁକ୍ମଣ କୁମାର ସାହୁ ଓ ତ୍ରିଦେବ ତୀର୍ଥଙ୍କର(ପ୍ରତ୍ୟେକ ୫ ପଏଣ୍ଟ ଲେଖାଏ) ଟପ୍-୧୦ ଫିନିଶ୍ କରିଛନ୍ତି। ମନୋରଞ୍ଜନ ପଣ୍ଡା ଟୁର୍ନାମେଣ୍ଟ ଡାଇରେକ୍ଟର ଥିବାବେଳେ ଭବେଶ ମହାନ୍ତି ମୁଖ୍ୟ ଆର୍ବିଟର ଓ ସନ୍ତୋଷ ମହାପାତ୍ର ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜିଲା ଚେସ୍ କାର୍ଯ୍ୟନିର୍ବାହୀ ସଭାପତି ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିଳ୍ପପତି ହିମାଂଶୁ ଦାସ, ସମ୍ମାନନୀୟ ଅତିଥି ଭାବେ ମେରାଇନ୍ ଏକ୍ସପୋର୍ଟର ମୁଖ୍ୟ ଜ୍ଞାନରଞ୍ଜନ ଦାସ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା ଚେସ୍ ଆସୋସିଏଶନ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ଉପସଭାପତି ସନ୍ଦୀପ୍ତ ସାମନ୍ତରାୟ, ଜିଲା ସମ୍ପାଦକ ମନୋରଞ୍ଜନ ପଣ୍ଡା, ସଭ୍ୟ ଐଶ୍ୱର୍ଯ୍ୟ ସେନାପତି, ଚନ୍ଦନ ସିଂ, ବିଜୟ ତ୍ରିପାଠୀ, ପ୍ରବାଳକାନ୍ତ ମାଇତି ଓ ରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଭାବିକ ଖେଳିବାକୁ ଡୁ ପ୍ଲେସିଙ୍କ ପରାମର୍ଶ

**ଦୁବାଇ, ୨୦।୫ (ପି.ଟି.)**



ମେ ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁଥିବା ଆଇସିସି ବିଶ୍ୱକପ୍‌ରେ ସ୍ୱାଭାବିକ ଖେଳିବା ଲାଗି ଦଳର ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ ଫାଫ୍ ଡୁ ପ୍ଲେସି। ପୂର୍ବ ବିଫଳତାକୁ ଭୁଲିଯିବାକୁ ହେବ। ସୁପରମ୍ୟାନ ଭଳି ଚମତ୍କାରିତା ଦେଖାଇବା ଚେଷ୍ଟାରୁ ବିରତ ରହିବା ଉଚିତ୍ ବୋଲି ସେ କହିଛନ୍ତି। ଡୁପ୍ଲେସି ତାଙ୍କର ତୃତୀୟ ଆଇସିସି ଦିନିକିଆ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଏପର୍ଯ୍ୟନ୍ତ ଥରେ ହେଲେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିପାରିନାହିଁ। ଦଳ ଚାରିଥର ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛି। ଡୁ ପ୍ଲେସି କହିଛନ୍ତି, ପୂର୍ବ ବିଶ୍ୱକପ୍‌ଗୁଡ଼ିକରେ ଆମ୍ଭେମାନେ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେକରି ସୁପରମ୍ୟାନ ଭଳି କରି ଦେଖାଇବାକୁ ଚାହିଁଥିଲୁ, ଯାହାର ପରିଣାମ ଆମକୁ ଭୋଗିବାକୁ ପଡ଼ିଥିଲା। କିନ୍ତୁ ଏଥର ଆମକୁ ଭିନ୍ନ ନୀତି ଆପଣେଇବାକୁ ପଡ଼ିବ। ଦଳର ଆବଶ୍ୟକତାକୁ ନେଇ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ମୋ ନିକଟରେ ଥିବା ଅଭିଜ୍ଞତା ଖେଳାଳିମାନଙ୍କ ଉପରୁ ଚାପ ହଟାଇବା କ୍ଷେତ୍ରରେ ସହାୟକ ହେବ ବୋଲି ୩୪ ବର୍ଷୀୟ ଡୁ ପ୍ଲେସି କହିଛନ୍ତି। ସୂଚନାଯୋଗ୍ୟ, ଡୁ ପ୍ଲେସିଙ୍କ ସମେତ ଦକ୍ଷିଣ ଆଫ୍ରିକା ଦଳର ୭ ଜଣ ଖେଳାଳି ୨୦୧୫ ବିଶ୍ୱକପ୍ ଖେଳିଛନ୍ତି। ଏହି ସଂସ୍କରଣରେ ଦକ୍ଷିଣ ଆଫ୍ରିକା ରନର୍ସଅପ୍ ହୋଇଥିବା ନ୍ୟୁଜିଲାଣ୍ଡଠାରୁ ସେମିଫାଇନାଲରେ ପରାଜିତ ହୋଇଥିଲା। ଲଣ୍ଡନର କେନିଙ୍ଗଟନ ଓଭାଲଠାରେ ମେ ୩୦ତାରିଖରେ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଆୟୋଜକ ଇଂଲଣ୍ଡ ସହ ମୁକାବିଲା କରିବ।

# ନାଡାଲଙ୍କୁ ଟାଇଟଲ



**ରୋମ୍, ୨୦।୫:** ରାଫାଲ ନାଡାଲ ଇଟାଲିଆନ ଓପନ ଟେନିସ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ନାଡାଲ ଏକ ନମ୍ବର ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ୬–୦, ୪–୬, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଏବଂ ଏହି ଇଭେଣ୍ଟରେ ମୋଟ ଉପରେ ତାଙ୍କର ୯ମ ଟାଇଟଲ। ୨୦୧୪ ଫ୍ରେଞ୍ଚ ଓପନ ପରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ନାଡାଲଙ୍କର ଏହା ହେଉଛି ପ୍ରଥମ କ୍ଲେକୋର୍ଟ ଫାଇନାଲ ବିଜୟ। ଦୁଇ ଖେଳାଳି ଏପର୍ଯ୍ୟନ୍ତ ପରସ୍ପରକୁ ୫୨ ଥର ଭେଟିଥିବାବେଳେ ବିଜୟ ପରାଜୟରେ ଜୋକୋଭିଚ୍ ବର୍ତ୍ତମାନ ୨୮–୨୬ରେ ଆଗୁଆ ରହିଛନ୍ତି।




ପୁରୀସ୍ଥିତ ୱାଟର ପାର୍କରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ସନ୍ତରଣ ଶିବିରରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଜାତୀୟ ସିନିୟର ଟେନିସ କ୍ରିକେଟ ପାଇଁ ଓଡ଼ିଶା ଦଳ



ଜାତୀୟ ସିନିୟର ଟେନିସ କ୍ରିକେଟ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୨୩ରୁ ୨୬ ପର୍ଯ୍ୟନ୍ତ ଗୋଆର ପଞ୍ଜିମ୍‌ଠାରେ ୪ର୍ଥ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ୧୮ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ଖେଳାଳି ଚୟନ ପାଇଁ ଗତ ୧୧ ଓ ୧୨ ତାରିଖରେ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ୬୦ ଖେଳାଳିଙ୍କୁ ନେଇ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନ ଭିତ୍ତିରେ ମନୋନୀତ ଦଳ ୨୧ ତାରିଖରେ ଗୋଆ ଯାତ୍ରା କରିବ। ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବା ନେଇ ଆଶା ରଖିଛନ୍ତି ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର। ମନୋନୀତ ଖେଳାଳିମାନଙ୍କୁ ଆସୋସିଏଶନ ସଭାପତି ଅଭିଳାଷ ସାହୁ, ମୁଖ୍ୟ ଉପଦେଷ୍ଟା ବାରିଜ ରଞ୍ଜନ ମହାନ୍ତି, ଉପସଭାପତି ଦେବବ୍ରତ ସାହୁ, ରାଜେନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ରାଗିନି ମିତ୍ର, ଅମରେନ୍ଦ୍ର ଦାସ, ବିକ୍ରମ ପାତ୍ର, ସୋଭେନ ମହାରଣା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ସୁଶୀଲ କୁମାର ବାରିକ, ପ୍ରମୋଦ କୁମାର ନାୟକ, ରତିକାନ୍ତ ମହାନ୍ତ, ବିମଲ କୁମାର ମହାପାତ୍ର, ସନ୍ତୋଷ ଜେନା, ସୁଦୀପ କୁମାର ଡାଲି, ସହଦେବ ଦାସ, ବବ୍‌ଲୁ ବେହେରା, ସମୀର ବାରିକ, ଅଜୟ ମହାନନ୍ଦମ୍, ଏମ. ରାଜା, ପ୍ରବୀଣ ଆଚାର୍ଯ୍ୟ, ବଦ୍ରି ନାରାୟଣ ପାତ୍ର, ଦୀପକ କୁମାର ମଲିକ, ଗଣେଶ କୁମାର ସେଠୀ। ମ୍ୟାନେଜର: ବାସୁଦେବ ଓଝା, କୋଚ୍: ମହମ୍ମଦ ଆଜାମ।

# ମଣିପୁର ପୋଲିସ-ସେଥୁ ଏଫ୍‌ସି ଫାଇନାଲ

**ଲୁଧିଆନା, ୨୦।୫ (ପି.ଟି.)**

**ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍**

ହିରୋ ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍‌ର ଫାଇନାଲ ମଣିପୁର ପୋଲିସ ଏବଂ ସେଥୁ ଏଫ୍‌ସି ମଧ୍ୟରେ ଖେଳାଯିବ। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଏକ ସେମିଫାଇନାଲରେ ମଣିପୁର ପୋଲିସ ୪–୨ ଗୋଲରେ ଗୋକୁଲମ କେରଳ ଏଫ୍‌ସିକୁ ପରାସ୍ତ କରିଥିବାବେଳେ ଅନ୍ୟଟିରେ ଏସ୍‌ଏସ୍‌ବି ମହିଳା ଏଫ୍‌ସି ବିପକ୍ଷରେ ସେଥୁ ଏଫ୍‌ସି ୮–୧ ଗୋଲରେ ସହଜ ବିଜୟ ହାସଲ କରିଛି। ଗୋକୁଲମ କେରଳ ଏଫ୍‌ସି ବିପକ୍ଷରେ ପ୍ରଥମେ ୨–୧ ଗୋଲରେ ପଛୁଆ ଥିବା ମଣିପୁର ପୋଲିସ ଦଳ ଷ୍ଟାର ଖେଳାଳି ବାଲାଦେବୀଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ବାଲାଦେବୀ ଦଳ ପକ୍ଷରୁ ସମସ୍ତ ୪ଟି ଯାକ ଗୋଲ ସ୍କୋର କରିଥିଲେ। ୬ଟି ମ୍ୟାଚରେ ତାଙ୍କର ଗୋଲ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଏସ୍‌ଏସ୍‌ବି ମହିଳା ଏଫ୍‌ସି ବିପକ୍ଷ ମ୍ୟାଚରେ ସେଥୁ ଏଫ୍‌ସି ତରଫରୁ ସବିତା ଭଣ୍ଡାରୀ ବ୍ୟକ୍ତିଗତ ଚାରୋଟି ଗୋଲ ସ୍କୋର କରିବା ସହ ଟୁର୍ନାମେଣ୍ଟରେ ୬ଟି ମ୍ୟାଚ ଖେଳି ତାଙ୍କ ଗୋଲ ସଂଖ୍ୟା ୧୩କୁ ବୃଦ୍ଧି କରିଛନ୍ତି। କିନ୍ତୁ ରାଇଟ୍ ୱିଙ୍ଗ୍‌ରେ ଖେଳୁଥିବା ଡାଙ୍ଗମେଇ ଗ୍ରେସ୍ ଚମତ୍କାର ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ। ସେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିବା ସହ ଦୁଇଟି ଗୋଲ ସ୍କୋରରେ ସହାୟତା କରିଥିଲେ। ଏସ୍‌ଏସ୍‌ବି ମ୍ୟାଚ ଆରମ୍ଭରେ ଭଲ ଖେଳିଥିଲା। ବିପକ୍ଷ ଦଳର ପେନାଲ୍‌ଟି ଏରିଆରେ ବାରମ୍ବାର ପ୍ରବେଶ କରିଥିଲା। ପେନାଲ୍ଟି ସୁଯୋଗ ସୃଷ୍ଟିକରି ତାହାର ସଦୁପଯୋଗ କରିପାରି ନ ଥିଲା, ଯାହାକି ପରବର୍ତ୍ତୀ କାଳରେ ମହଙ୍ଗା ସାବ୍ୟସ୍ତ ହୋଇଥିଲା।





ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ପାଇଁ ଭୁବନେଶ୍ୱର ଦଳ ମନୋନୟନ ଶିବିରରେ ଭାଗ ନେଇଥିବା କରାଟେକାମାନେ କୋଚ୍ ଓ କର୍ମକର୍ତ୍ତାଙ୍କ ସହ।

# ସବ୍‌ଜୁନିୟର କରାଟେ ପାଇଁ ଭୁବନେଶ୍ୱର ଦଳ ଚୟନ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚଳିତମାସ ୨୬ରେ ୩୧ତମ ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ସ୍କୁଲ ପରିସରରେ ଭୁବନେଶ୍ୱର ଦଳ ଚୟନ ହୋଇଯାଇଛି। ମନୋନୟନ ପ୍ରକ୍ରିୟାରେ ଭୁବନେଶ୍ୱରସ୍ଥିତ ସ୍ୱିକୃତିପ୍ରାପ୍ତ ବିଭିନ୍ନ କରାଟେ ସ୍କୁଲରୁ ପାଖାପାଖି ୧୨୦ କରାଟେକା ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର କରାଟେ ଆସୋସିଏଶନ ଦ୍ୱାରା ଆୟୋଜିତ ମନୋନୟନ ପ୍ରକ୍ରିୟାରେ ବିଭିନ୍ନ ବୟସବର୍ଗର କରାଟେକାଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜାତୀୟ ସ୍ତରର ରେଫରି ରାଜୀବ କୁମାର ସିଂ, ଦୀପକ ସାମନ୍ତରାୟ, ସନ୍ଦୀପ ମହାନ୍ତି, ଖାରବେଳ ସ୍ୱାଇଁ, ଗୌରୀ ମହାନ୍ତି, ଦିଲୀପ ଜେନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ଅମୀୟ ସାହୁ, କୃଷ୍ଣଚନ୍ଦ୍ର ମହାରଣା, ରାଜେଶ ଦାସ, କ୍ରିଷ୍ଣା ଶିକାରୀ, ରଜନୀ ବିଶି, ସନ୍ଦୀପ ଦାସ, ସୁସ୍ମିନି ପାଲ୍‌ଟାସିଂ, ସିନ୍ଧୁତନୟା ଖୁଣ୍ଟିଆ, ପ୍ରିୟଦର୍ଶିନୀ ଘଟୁଆରୀ, ବାସୁଦେବ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

“ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ଆମକୁ କେହି ଫେଭରାଇଟ୍ ମନେ ନ କରିବା ପରୋକ୍ଷରେ ଆଶୀର୍ବାଦ ଭଳି ।

–କେପଲର ୱେସେଲ୍ସ
ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ



“ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ଦ୍ୱାରା ଆଗାମୀ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତି ଅନ୍ୟ ଦଳଗୁଡ଼ିକର ଭୟ ରହିପାରେ ।

–ଷ୍ଟିଭ ୱ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ଝିଅର ମୃତ୍ୟୁ ପାଇଁ ସ୍ୱଦେଶ ଫେରିବେ ଅସିଫ୍

**ଲଣ୍ଡନ,୨୦।୫:** କର୍କଟ ରୋଗରେ ପୀଡ଼ିତ ପାକିସ୍ତାନ ବ୍ୟାଟ୍ସମ୍ୟାନ ଅସିଫ ଅଲିଙ୍କ ଦୁଇ ବର୍ଷୀୟା ଝିଅ ନୁର୍ ଫତିମା ସ୍ଥାନୀୟ ମେଡିକାଲରେ ପ୍ରାଣ ହରାଇଛନ୍ତି। ଅସିଫ ଖେଳୁଥିବା ଆଇଏସ୍‌ଏଲ୍ ଇସ୍‌ଲାମବାଦ୍ ୟୁନାଇଟେଡ୍ ଫ୍ରାଞ୍ଚାଇଜ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ଏ ନେଇ ଟୁଇଟ୍ କରାଯାଇଥିଲା। ଅସିଫଙ୍କ ଝିଅର ଅକାଳ ବିୟୋଗରେ ଆଇଏସ୍‌ଏଲ୍ ପରିବାର ଦୁଃଖ ପ୍ରକାଶ କରୁଛି। ଅସିଫ ଓ ତାଙ୍କ ପରିବାର ଲାଗି ଆମେ ପ୍ରାର୍ଥନା କରୁଛୁ। ଧୈର୍ଯ୍ୟ ଓ ସାହସର ସେ ଜଣେ ଉଦାହରଣ ବୋଲି ଇସ୍‌ଲାମବାଦ ୟୁନାଇଟେଡ୍ ପକ୍ଷରୁ କୁହାଯାଇଛି। ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଦିନିକିଆ ଶେଷ ହୋଇଯାଇଛି। ଏଣୁ ଆସିଫ ତୁରନ୍ତ ଫେରିବା ନେଇ ଆଶା କରାଯାଉଛି। ୨୭ ବର୍ଷୀୟ ବ୍ୟାଟ୍ସମ୍ୟାନ ରବିବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ୨୨ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନକୁ ୫୪ ରନ୍‌ରେ ହରାଇ ଇଂଲଣ୍ଡ ସିରିଜକୁ ୪-୦ ବ୍ୟବଧାନରେ ଜିତିନେଇଥିଲା। ଉକ୍ତ ସିରିଜର ସମସ୍ତ ମ୍ୟାଚ୍‌ରେ ଖେଳିଥିବା ଅସିଫ ଦୁଇଟି ଅର୍ଦ୍ଧଶତକ ଲଗାଇଥିଲେ। ଏପର୍ଯ୍ୟନ୍ତ ସେ ୧୬ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୧.୦୯ ଆଭରେଜରେ ୩୪୨ ରନ୍ କରିଛନ୍ତି। ସେ ପାକିସ୍ତାନ ବିଶ୍ୱକପ୍ ଦଳରେ ମଧ୍ୟ ସ୍ଥାନ ପାଇଛନ୍ତି।

# ଭାରତର ବିଜୟ ଅଭିଯାନ

## ଦକ୍ଷିଣ କୋରିଆ ବିପକ୍ଷ ମହିଳା ହକି ସିରିଜ

**ଜିନଚେଓନ,୨୦।୫**

ଭାରତୀୟ ମହିଳା ହକି ଦଳ ଆୟୋଜକ ଦକ୍ଷିଣ କୋରିଆକୁ ୨-୧ ଗୋଲରେ ହରାଇ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ଲାଗି ଯୁବା ଷ୍ଟ୍ରାଇକର ଲାଲରେସିଆମି (୨୦ତମ ମିନିଟ୍) ଓ ନବନୀତ କୌର (୪୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ସହ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜରେ ୧-୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି।

ସ୍ପେନ୍ ଓ ମାଲେସିଆରେ ଭଲ ପ୍ରଦର୍ଶନ ପରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦକ୍ଷିଣ କୋରିଆ ବିପକ୍ଷରେ ପଡ଼ିଆକୁ ଓହ୍ଲାଇଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ହେଲେ ଏହା ବେକାର ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌ର ୨୦ତମ ମିନିଟରେ ଲାଲରେସିଆମିଙ୍କ ଫିଲ୍ଡ ଗୋଲ ଜରିଆରେ ଭାରତ ଖାତା ଖୋଲିଥିଲା। ଭ୍ରମଣକାରୀ ଦଳର ଅଗ୍ରଣୀ ବ୍ୟବଧାନକୁ ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ନବନୀତ ବଢ଼ାଇଥିଲେ। ପୂରା ମ୍ୟାଚ୍‌ରେ ଆୟୋଜକ ଦଳ ୫ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ କେବଳ ଥରେ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ଶିନ ହିଜୋଙ୍ଗ (୪୮ତମ) ଏହି ଗୋଲ ଦେଇଥିଲେ। ଅଭିଜ୍ଞ ଗୋଲକିପର ସବିତାଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁ ଭାରତୀୟ ଦଳ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯିବ।



ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

# ସ୍ୱତନ୍ତ୍ର ବୋଲିଂ ଶୈଳୀ ଯୋଗୁ ବୁମ୍‌ରା ଭିନ୍ନ : ଥମ୍ପସନ

**ନୂଆଦିଲ୍ଲୀ, ୨୦।୫(ପି.ଟି.)**

ଦ୍ରୁତ ବୋଲିଂ ମାଧ୍ୟମରେ ନିଜ ସମୟରେ ବିଶ୍ୱର ବ୍ୟାଟ୍ସମ୍ୟାନମାନଙ୍କୁ ଭୟଭୀତ କରାଇ ପାରିଥିବା ଇଂଲଣ୍ଡର ଜେଫ୍ ଥମ୍ପସନ ଏବେ ଭାରତର ଯଶପ୍ରୀତ ବୁମ୍‌ରାଙ୍କ ପ୍ରଦର୍ଶନରେ ବେଶ୍ ପ୍ରଭାବିତ। ନିଜ ପେସ୍ ମାଧ୍ୟମରେ ବିପକ୍ଷ ଦଳକୁ କ୍ଷତି ପହଞ୍ଚାଇବାର ଦକ୍ଷତା ବୁମ୍‌ରାଙ୍କ ନିକଟରେ ଅଛି ବୋଲି ସେ ଅନୁଭବ କରୁଛନ୍ତି। କିଛିଦିନ ତଳେ ବୁମ୍‌ରାଙ୍କୁ ବିଶ୍ୱର ଶ୍ରେଷ୍ଠ ବୋଲର ବୋଲି ଅବିହିତ କରିଥିଲେ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର। ଏବେ ଡେନିସ ଲିଲିଙ୍କ ପୂର୍ବତନ ନୂଆ ବଲ୍ ପାର୍ଟନର ଥମ୍ପସନଙ୍କ ମନ୍ତବ୍ୟ ବୁମ୍‌ରାଙ୍କ ପ୍ରତିଷ୍ଠାକୁ ବଢ଼ାଇ ଦେଇଛି।

“ପ୍ରକୃତରେ ବୁମ୍‌ରା ଭଲ ବୋଲିଂ କରୁଛନ୍ତି। ସେ ଯେପରି ବୋଲିଂ କରୁଛନ୍ତି ତା’ଠାରୁ ଅଧିକ କିଛି କରିବାର ଦକ୍ଷତା ରଖିଛନ୍ତି। ସେ ଯାହାବି କିଛି ହାସଲ କରିଛନ୍ତି ତା’ଠାରୁ ଆହୁରି ଅଧିକ କିଛି ହାସଲର କ୍ଷମତା ତାଙ୍କ ନିକଟରେ ରହିଛି” ବୋଲି ୧୯୭୦ ଦର୍ଶକରେ ମାଲ୍‌କମ ମାର୍ଶାଲଙ୍କ ସହ ବିଶ୍ୱର ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଥମ୍ପସନ ପ୍ରକାଶ କରିଛନ୍ତି। ବୁମ୍‌ରାଙ୍କ ର’ ପେସ୍ ପ୍ରତିପକ୍ଷ ଦଳକୁ କ୍ଷତି ପହଞ୍ଚାଇବାକୁ ପର୍ଯ୍ୟାପ୍ତ। ସେ ଯେତେବେଳେ ବୋଲିଂରେ ବିବିଧତା ଆଣିବାକୁ ଚେଷ୍ଟା କରିଛନ୍ତି ଆହୁରି ସଫଳ ହୋଇଛନ୍ତି। ତାଙ୍କ ବୋଲିଂକୁ ବୁଝିବା କଷ୍ଟକର। କୌଣସି ବ୍ୟାଟ୍ସମ୍ୟାନ ତାଙ୍କ ବୋଲିଂ ଶୈଳୀକୁ ଠିକ୍‌ଭାବେ ବୁଝି ପାରିଥିବା ମୁଁ ଅନୁଭବ କରୁନାହିଁ। ସେ ଜଣେ ଅର୍ଥୋଡକ୍ସ ବୋଲର, ଏହା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ଦେଇଛି ବୋଲି ଥମ୍ପସନ କହିଛନ୍ତି।

ଥମ୍ପସନଙ୍କ କହିବା ଅନୁସାରେ ବିଶ୍ୱର ୨ ବୋଲର ବୁମ୍‌ରା ଓ କାଗିସୋ ରାବାଡ଼ାଙ୍କ ବୋଲିଂ ଦେଖିବାଭଳି। ସେମାନେ ବିଭିନ୍ନ ପରିସ୍ଥିତିରେ ବୋଲିଂ କରିବାର ଦକ୍ଷତା ରଖିଛନ୍ତି। ମିଚେଲ ଷ୍ଟାର୍କଙ୍କ ଫର୍ମକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଥମ୍ପସନ। ତେବେ ଅଷ୍ଟ୍ରେଲିଆ ଦୃଷ୍ଟିକୋଣରୁ ବାମହାତୀ ପେସର ଷ୍ଟାର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ସେ ସ୍ୱୀକାର କରିଛନ୍ତି। “ଷ୍ଟାର୍କ ଗତ ସିଜନ ପରି ଆଗାମୀ ବିଶ୍ୱକପରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବେ ବୋଲି ମୋର ଆଶା। ସେ ଜଣେ କ୍ୱାଲିଟି ବୋଲର। ତେଣୁ ସେ ଫର୍ମକୁ ଫେରିବାନେଇ ମୁଁ ଆଶାବାଦୀ। ଷ୍ଟାର୍କ ଯଦି ଭଲ ବୋଲିଂ କରିବେ ବିଶ୍ୱର ଯେ କୌଣସି ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇ ପାରିବେ। ସେ ଦ୍ରୁତ ବୋଲିଂ ସହ ଠିକ୍ ସ୍ଥାନରେ ବଲ୍‌କୁ ପିଚ୍ କରିବା ଆବଶ୍ୟକ, ଯାହାକି ସେ ଅତୀତରେ କରି ଦେଖାଇଛନ୍ତି” ବୋଲି ଥମ୍ପସନ କହିଛନ୍ତି। ତେବେ ଭଲ ବୋଲିଂ କରୁଥିଲେ ହେଁ ଜୋଶ୍ ହାଜେଲଉଡ୍ ଅଷ୍ଟ୍ରେଲିଆର ବୋଲିଂ ୟୁନିଟ୍‌ରେ ନ ଥିବାରୁ ଖୁସି ନାହାନ୍ତି କିମ୍ବଦନ୍ତୀ ବୋଲର ଥମ୍ପସନ। “ପ୍ୟାଟ୍ କମିନ୍ସଙ୍କୁ ନେଇ ମୋର କିଛି ଆପତ୍ତି ନାହିଁ। ତାଙ୍କ ନିକଟରେ ପ୍ରତିଭା ଅଛି। ମାତ୍ର ହାଜେଲ୍‌ଉଡ୍‌ଙ୍କୁ ମୁଁ ଅଷ୍ଟ୍ରେଲିଆ ବୋଲିଂ ୟୁନିଟରେ ଦେଖିବାକୁ ଚାହେଁ। ମୋଟାମୋଟି ଅଷ୍ଟ୍ରେଲିଆର ବୋଲିଂ ଆକ୍ରମଣ ବେଶ୍ ଭଲ” ବୋଲି ସେ କହିଛନ୍ତି।



# ପାକିସ୍ତାନ ବିଶ୍ୱକପ୍ ଦଳରେ ଆମିର, ୱାହବ

**ଇସ୍‌ଲାମବାଦ, ୨୦।୫:**

ଇଂଲଣ୍ଡରେ ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ପିସିବି ୧୫ ଜଣିଆ ପାକିସ୍ତାନ ଦଳ ଘୋଷଣା କରିଛି। ଏହି ଦଳରେ ମହମ୍ମଦ ଆମିର, ୱାହବ ରିଆଜ ଓ ଅସିଫ ଅଲି ସ୍ଥାନ ପାଇଛନ୍ତି। ତିନିଜଣ ଖେଳାଳି ସମ୍ଭାବ୍ୟ ଦଳରେ ସ୍ଥାନ ପାଇ ନ ଥିଲେ ମଧ୍ୟ ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିଛି। ଝିଅ ନୁର୍ ଫତିମାଙ୍କ ମୃତ୍ୟୁ ଯୋଗୁ ସ୍ୱଦେଶ ଫେରିଛନ୍ତି ଅଲି। ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ଦଳ ସହ ଯୋଗଦେବେ। ଏ ନେଇ ମୁଖ୍ୟ ଚୟନକର୍ତ୍ତା ଇଞ୍ଜମାମ ଉଲ୍ ହକ୍ ସୋମବାର କହିଛନ୍ତି। ଚିକେନ ପକ୍ସରେ ପୀଡ଼ିତ ଥିଲେ ମଧ୍ୟ ଅମିରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ଦଳରେ ଅଭିଜ୍ଞ ବୋଲରଙ୍କ ଅଭାବରୁ ୱାହବ ସ୍ଥାନ ପାଇଛନ୍ତି। ୩୩ ବର୍ଷୀୟ ରିଆଜ ୨୦୧୧ଓ ୨୦୧୫ ଦୁଇଟି ବିଶ୍ୱକପ୍ ଖେଳିଛନ୍ତି। ମୋଟ ୭୯ ମ୍ୟାଚ୍ ଖେଳିଥିବା ବୋଲର ୨ ବର୍ଷ ପୂର୍ବେ ଭାରତ ବିପକ୍ଷରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଅନ୍ୟପକ୍ଷରେ ଦଳରୁ ଜୁନେଦ ଖାଁ, ଅଲରାଉଣ୍ଡର ଫହିମ ଅଶର୍ଫ ଓ ଓପନର ଆବିଦ ଅଲି ବାଦ୍ ପଡ଼ିଛନ୍ତି। ଜୁନେଦ କ୍ରମାଗତ ୩ୟ ଥର ପାଇଁ ଦୁର୍ଭାଗ୍ୟଜନକ ଭାବେ ବିଶ୍ୱକପ୍ ଦଳରେ ସ୍ଥାନ ପାଇନାହାନ୍ତି। ରକ୍ତଜନିତ ରୋଗରେ ପୀଡ଼ିତ ଲେଗ୍ ସ୍ପିନର ଶାଦାବ ଖାଁ ପରେ ଜାତୀୟ ଦଳରେ ଯୋଗଦେବେ।



### ପାକିସ୍ତାନ ଦଳ

ଶର୍ଫରାଜ ଅହମ୍ମଦ (ଅଧିନାୟକ), ଫଖର ଜମାନ, ଇମାମ ଉଲ୍ ହକ୍, ବାବର ଆଜାମ, ହାରିସ ସୋହେଲ, ମହମ୍ମଦ ହାଫିଜ, ଶୋଏବ ମଲିକ, ଅସିଫ ଅଲି, ଇମାଦ ୱାସିମ, ଶାଦାବ ଖାଁ, ମହମ୍ମଦ ଆମିର, ମହମ୍ମଦ ହୋସନାନ, ହାସନ ଅଲି, ୱାହାବ ରିଆଜ ଓ ଶାହିନ ଆଫ୍ରିଦୀ।

## ସିରିଜ୍ ପୋଛିଲା ଇଂଲଣ୍ଡ

**ଲିଡ୍ସ,୨୦।୫:** ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୫ମ ତଥା ଅନ୍ତିମ ଦିନିକିଆ୍‌ରେ ଇଂଲଣ୍ଡ ୫୪ ରନ୍‌ରେ ବିଜୟ ହୋଇଛି। ଏଥିସହ ଇଂଲଣ୍ଡ ଦିନିକିଆ ସିରିଜ୍‌କୁ ୪-୦ରେ ପୋଛିନେଇଛି। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୫୧ ରନ୍ କରିଥିଲା। ଜୋ ରୁଟ୍ ୮୪, ଅଧିନାୟକ ଇଅନ ମୋର୍ଗାନ ୭୬ ଓ ଜୋସ୍ ବଟ୍‌ଲର ୩୪ ରନ୍ କରିଥିଲେ। ଜବାବରେ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ୯୭ ଓ ବାବର ଆଜମଙ୍କ ୮୦ ରନ୍‌ର ସତ୍ତ୍ୱେ ପାକିସ୍ତାନ ୪୬.୫ ଓଭରରେ ୨୯୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

## ଆଫଗାନିସ୍ତାନ କୋଚ୍ ପଦ ଛାଡ଼ିବେ ସିମନ୍ସ



**ନୂଆଦିଲ୍ଲୀ, ୨୦।୫ (ପି.ଟି.):** ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଫିଲ ସିମନ୍ସ ଆଗାମୀ ବିଶ୍ୱକପ୍ ପରେ ଆଫଗାନିସ୍ତାନ କୋଚ୍ ପଦ ତ୍ୟାଗ କରିବେ। ୨୦୧୭ ଡିସେମ୍ବରରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। କୋଚ୍ ଭାବେ ନିଯୁକ୍ତ ହେବା ପରେ ଆଫଗାନିସ୍ତାନକୁ ସେ ବିଶ୍ୱକପ୍‌ରେ ପହଞ୍ଚାଇବାକୁ ଯେଉଁ ଲକ୍ଷ୍ୟ ରଖିଥିଲେ, ତାହା ଏବେ ପୂରା ହୋଇସାରିଛି। ଏଣୁ ପଦ ତ୍ୟାଗ କରିବା ସମୟ ଆସିଯାଇଛି। ସେ ଏ ସମ୍ପର୍କରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି)କୁ ଜଣାଇସାରିଛନ୍ତି। ଚୁକ୍ତିର ସମୟସୀମାରେ ବୃଦ୍ଧି ଚାହୁଁନାହାନ୍ତି। ଜୁଲାଇ ୧୫ ତାରିଖରେ ଚୁକ୍ତି ଶେଷ ହେବା ପରେ ସେ କିଛି ଅଲଗା କରିବେ। ୧୮ ମାସର କାର୍ଯ୍ୟକାଳରେ ସେ ବହୁତ କିଛି କରିଥିବା ଭାବୁଛନ୍ତି ବୋଲି ସିମନ୍ସ କହିଛନ୍ତି। ଆଫଗାନିସ୍ତାନ ଦଳ ଜୁନ୍ ୧ ତାରିଖରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ।

## ସ୍କାଟାରି ବ୍ଲାଷ୍ଟର୍ସର ନୂଆ କୋଚ୍

**କୋଚି, ୨୦।୫:** ଆଇଏସ୍‌ଏଲ୍ ଫ୍ରାଞ୍ଚାଇଜ କେରଳ ବ୍ଲାଷ୍ଟର୍ସର ନୂଆ କୋଚ୍ ଭାବେ ନେଦରଲାଣ୍ଡ୍ସର ଏଲକୋ ସ୍କାଟାରି ନିଯୁକ୍ତ ହୋଇଛନ୍ତି। ସେ ନେଲୋ ଭିନ୍‌ଗାଡାଙ୍କ ସ୍ଥାନ ନେବେ। ଏ ନେଇ ଆଇଏସ୍‌ଏଲ୍ କ୍ଲବ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଭିନ୍‌ଗାଡାଙ୍କ ସହ ଚୁକ୍ତି ସୁପରକପ୍ ଶେଷ ପର୍ଯ୍ୟନ୍ତ ଥିଲା। ଉଭୟ ଆଇଏସ୍‌ଏଲ୍ ଓ ସୁପର କପ୍‌ରେ ଦଳର ଖରାପ ପ୍ରଦର୍ଶନ ପରେ ଭିନ୍‌ଗାଡାଙ୍କ ଚୁକ୍ତିର ସମୟସୀମା ବୃଦ୍ଧି କରିବାକୁ ମନା କରିଦେଇଥିଲେ।

## ଆଇସିସି ବିଶ୍ୱକପ୍



ଆଉ ୮ ଦିନ

# ୧୯୯୬: ସଚିନ୍, କୁମ୍ବଲେ ସଫଳ


ଘରୋଇ ପରିବେଶ୍‌ରେ ଭାରତ ୧୯୯୬ ବିଶ୍ୱକପ୍ ଖେଳିଥିଲେ ମଧ୍ୟ ସେମିଫାଇନାଲରେ ସାଂଘାତିକ ଭାବେ ବିଫଳ ହୋଇ ଶ୍ରୀଲଙ୍କାଠାରୁ ପରାସ୍ତ ହେବା ସହ ବିଦାୟ ନେଇଥିଲା। ତେବେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ଅଭିଜ୍ଞ ସ୍ପିନର ଅନିଲ କୁମ୍ବଲେ ଏହି ମେଗା ଇଭେଣ୍ଟରେ ସଫଳ ସାବ୍ୟସ୍ତ ହୋଇଥିଲେ। ଟୁର୍ନାମେଣ୍ଟରେ ସଚିନ୍ ସର୍ବାଧିକ ୫୨୩ ରନ ସଂଗ୍ରହ କରିଥିଲେ। ୭ଟି ମ୍ୟାଚ ଖେଳି ୭ଟି ଇନିଂସରୁ ୮୭.୧୬ ଆଭରେଜରେ ୮୫.୮୭ ଷ୍ଟ୍ରାଇକ୍‌ରେଟ୍‌ରେ ସଚିନ୍ ରନ ସଂଗ୍ରହ କରି ଅନ୍ୟତାରକା ବ୍ୟାଟ୍ସମ୍ୟାନଙ୍କୁ ପଛରେ ପକାଇଥିଲେ। ସଚିନଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୩୭ ଥିଲା ଓ ଟୁର୍ନାମେଣ୍ଟରେ ସେ ମୋଟ ୨ଟି ଶତକ, ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ସେ ୫୭ଟି ଚୌକା ଓ ୭ଟି ଛକା ମଧ୍ୟ ମାରିଥିଲେ। ସର୍ବାଧିକ ରନ ସଂଗ୍ରହ ତାଲିକାରେ ସଚିନଙ୍କ ପଛକୁ ରହିଥିଲେ ଅଷ୍ଟ୍ରେଲିଆର ମାର୍କ ୱା। ୭ଟି ମ୍ୟାଚ ଓ ୭ଟି ଇନିଂସରୁ ୮୦.୬୬ ରନ ହାରରେ ୮୫.୯୬ ଷ୍ଟ୍ରାଇକରେଟ୍‌ରେ ମାର୍କ ୪୮୪ ରନ ସଂଗ୍ରହ କରିଥିଲେ। ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସେ ହାସଲ କରିଥିଲେ। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୧୩୦। ସେହିପରି ଶ୍ରୀଲଙ୍କାର ଅରବିନ୍ଦ ଡି ସିଲଭା ୬ଟି ମ୍ୟାଚ୍ ଓ ୬ଟି ଇନିଂସରୁ ୮୯.୬୦ ରନ ହାରରେ ୪୪୮ ରନକରି ତାଲିକାର ତୃତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଗ୍ୟାରୀ କିର୍ଷ୍ଟନ ୩୯୧ ରନ କରି ଚତୁର୍ଥ, ପାକିସ୍ତାନ ସଇଦ ଅନୱର ୩୨୯ ରନ କରି ପଞ୍ଚମ, ଶ୍ରୀଲଙ୍କାର ଅସାଙ୍କ ଗୁରୁସିହ୍ନା ୩୦୭ ରନ କରି ଷଷ୍ଠ, ଦକ୍ଷିଣ ଆଫ୍ରିକାର ହାନ୍ସିକୋନିଏ ୨୭୬ ରନ କରି ସପ୍ତମ, ୨୭୫ ରନ କରି ଦକ୍ଷିଣ ଆଫ୍ରିକାର ଆଣ୍ଡ୍ରୁ ହଡସନ ଅଷ୍ଟମ, ୨୭୨ ରନ କରି ପାକିସ୍ତାନର ଅମୀର ସୋହେଲ ନବମ ଓ ୨୬୯ ରନ କରି ୱେଷ୍ଟଇଣ୍ଡିଜର ବ୍ରାଏନ ଲାରା ତାଲିକାର ଦଶମ ସ୍ଥାନରେ ରହିଥିଲେ। ବ୍ୟାଟିଂରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଗ୍ୟାରୀ କର୍ଷ୍ଟନ ଶୀର୍ଷରେ ରହିଥିଲେ। ସେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ଅପରାଜିତ ୧୮୮ ରନ ସଂଗ୍ରହ କରିଥିଲେ। ଏହି କ୍ରମରେ ଆଣ୍ଡ୍ରୁ ହଡସନ ୧୬୧ ରନ କରି ଦ୍ୱିତୀୟ, ଅରବିନ୍ଦ ଡିସିଲଭା ୧୪୫ ରନ କରି ତୃତୀୟ ସ୍ଥାନରେ ରହିଛନ୍ତି। ସଚିନ ତେନ୍ଦୁଲକର ଶ୍ରୀଲଙ୍କା ବିପକ୍ଷରେ ୧୩୭ ରନ କରି ଚତୁର୍ଥ ସ୍ଥାନରେ ରହିଛନ୍ତି। କେନିଆ ବିପକ୍ଷରେ ସଚିନ ପୁଣି ଅପରାଜିତ ୧୨୭ ରନ କରି ଏହି ତାଲିକାର ସପ୍ତମ ସ୍ଥାନରେ ରହିଥିଲେ।

ବୋଲିଂରେ କୁମ୍ବଲେ ୭ଟି ମ୍ୟାଚ୍ ଖେଳି ୧୮.୭୩ ଆଭରେଜରେ ସର୍ବାଧିକ ୧୫ଟି ଉଇକେଟ ନେଇ ଶୀର୍ଷରେ ରହିଥିଲେ। ସେହିପରି ୬ଟି ମ୍ୟାଚ୍ ଖେଳି ପାକିସ୍ତାନର ୱାକର ୟୁନିସ ୧୩ଟି ଉଇକେଟ ନେଇ ଦ୍ୱିତୀୟ, ୧୨ଟି ଉଇକେଟ ନେଇ ଜିମ୍ବାୱେର ପଲ ଷ୍ଟ୍ରଙ୍ଗ୍ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ସ୍ପିନର ଭେଙ୍କଟପତି ରାଜୁ ୮ ଉଇକେଟ ନେଇ ତାଲିକାର ୧୧ତମ ସ୍ଥାନରେ ରହିଛନ୍ତି। ବେଷ୍ଟ ବୋଲିଂ ଫିଗରରେ ପଲ ଷ୍ଟ୍ରଙ୍ଗ ୯.୪ ଓଭର ବୋଲିଂ କରି କେନିଆ ବିପକ୍ଷରେ ୯/୨୧ ସହ ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ୟୁଏଇର ସୌକତ ଦୁକାନୱାଲା ୧୦ ଓଭର ବୋଲିଂ କରି ନେଦରଲାଣ୍ଡ୍ସ ବିପକ୍ଷରେ ୫/୨୯ ସହ ଦ୍ୱିତୀୟ, ଅଷ୍ଟ୍ରେଲିଆର ଡାମିଏନ ଫ୍ଲେମିଂ ୯ ଓଭର ବୋଲି କରି କେନିଆ ବିପକ୍ଷରେ ୫/୩୬ ସହ ତୃତୀୟ ସ୍ଥାନରେ ରହିଥିଲେ। ଏହି ତାଲିକାରେ କୌଣସ ଭାରତୀୟ ବୋଲର ସ୍ଥାନ ପାଇ ନ ଥିଲେ। ନେଦରଲାଣ୍ଡ୍ସ ବିପକ୍ଷରେ ୪/୨୬ ସହ ୱାକର ୟୁନିସ୍ ଚତୁର୍ଥ ସ୍ଥାନରେ ରହିଥିଲେ। ସର୍ବାଧିକ ମେଡେନ ଓଭର ନେବାରେ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍‌ଗ୍ରାଥ ସମସ୍ତଙ୍କ ଆଗରେ ରହିବେ। ସେ ୭ଟି ଇନିଂସରୁ ୧୦ଟି ମେଡେନ ନେଇଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍ କର୍ଟଲି ଆମ୍ବ୍ରୋଜ୍ ୬ ଇନିଂସରୁ ୯ଟି ମେଡେନ ନେଇ ଦ୍ୱିତୀୟ, କର୍ଟନ ୱାଲ୍ସ ସମାନ ୬ ଇନିଂସରୁ ୯ଟି ମେଡେନ ନେଇଥିଲେ ମଧ୍ୟ ଆଭରେଜ୍‌ରେ ପଛରେ ପଡି ତୃତୀୟ ସ୍ଥାନରେ ରହିଥିଲେ। ଜିମ୍ବାୱେର ହିଥ୍ ଷ୍ଟିକ୍ ୮ ଓ ଇଆନ ବିଶପ୍ ୬ଟି ମେଡେନ ନେଇ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ସର୍ବାଧିକ କ୍ୟାଚ୍ ନେବାରେ କୁମ୍ବଲେ ଆଗରେ ରହିଥିଲେ। ୭ଟି ଇନିଂସରୁ ୮ଟି କ୍ୟାଚ୍ ନେଇ ସେ ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ଜିମ୍ବାୱେର ଅଲିଷ୍ଟର କ୍ୟାମ୍ପବେଲ ୫ଟି ମ୍ୟାଚ୍‌ରୁ ୫ଟି କ୍ୟାଚ୍ ନେଇ ଦ୍ୱିତୀୟ, ନ୍ୟୁଜିଲାଣ୍ଡର କ୍ରିସ୍ କ୍ରେନ୍ସ ୬ଟି ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ତୃତୀୟ, ଶ୍ରୀଲଙ୍କାର ସନଥ ଜୟସୁରିୟା ୬ଟି ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ଚତୁର୍ଥ, ଗ୍ରାହାମ ଥୋର୍ପ ୬ ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

ଉଇକେଟ କିପିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆର ଇଆନ ହିଲି ୭ ମ୍ୟାଚ୍‌ରୁ ୯ କ୍ୟାଚ୍, ୩ ଷ୍ଟମ୍ପିଂ ସହ ୧୨ଟି ଡିସମିସାଲ ସହ ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ପାକିସ୍ତାନର ରସିଦ ଲତିଫ୍ ୯ କ୍ୟାଚ୍ ନେଇ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକାର ଷ୍ଟିଭ୍ ପଲଫ୍ରାମାନ ୮ କ୍ୟାଚ୍ ସହ ତୃତୀୟ, ଇଂଲଣ୍ଡର ଜ୍ୟାକ ରସେଲ ୮ କ୍ୟାଚ୍ ନେଇ ଚତୁର୍ଥ, ଭାରତର ନୟନ ମୋଙ୍ଗିଆ ୭ ମ୍ୟାଚ୍‌ରୁ ୭ କ୍ୟାଚ୍ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

ପାର୍ଟନରଶିପ୍‌ରେ ଅଷ୍ଟ୍ରେଲିଆର ମାର୍କ ୱ ଓ ଷ୍ଟିଭ୍ ୱ କେନିଆ ବିପକ୍ଷରେ ତୃତୀୟ ଉଇକେଟ ଯୋଡିରେ ୨୦୭ ରନ କରି ଶୀର୍ଷରେ ରହିଥିଲେ। ସେହିପରି ନେଦରଲାଣ୍ଡ୍ସ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଗ୍ୟାରୀ କିର୍ଷ୍ଟନ ଓ ହଡସନ ପ୍ରଥମ ଉଇକେଟ ଯୋଡିରେ ୧୮୬ ରନ କରି ଦ୍ୱିତୀୟ, ଶ୍ରୀଲଙ୍କାର ଗୁରୁସିହ୍ନା ଓ ଡି ସିଲଭା କେନିଆ ବିପକ୍ଷରେ ୧୮୩ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତର ସଚିନ ଓ ଆଝାରୁଦ୍ଦିନ ତୃତୀୟ ଉଇକେଟ ଯୋଡିରେ ଶ୍ରୀଲଙ୍କା ବିପକ୍ଷରେ ୧୭୫ ରନ କରି ଚତୁର୍ଥ ସ୍ଥାନରେ ରହିଥିଲେ। ସେହିପରି ଅଜୟ ଜାଡେଜା ଓ ସଚିନ କେନିଆ ବିପକ୍ଷରେ୧୬୩ ରନ କରି ସପ୍ତମ ସ୍ଥାନରେ ରହିଥିଲେ। ସର୍ବାଧିକ ଟିମ ଟୋଟାଲରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୩୯୮/୫ ସହ ପ୍ରଥମ, ନେଦରଲାଣ୍ଡ୍ସ ବିପକ୍ଷରେ ୩୨୮/୩ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ, ପୁଣି ୟୁଏଇ ବିପକ୍ଷରେ ୩୨୧/ ୨ ସହ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନରେ ରହିଥିଲା। ଭାରତ ଏହି ତାଲିକାର ପାକିସ୍ତାନ ବିପକ୍ଷରେ ୨୮୭/୮ ସହ ସପ୍ତମ ସ୍ଥାନରେ ରହିଥିଲା। ସର୍ବାଧିକ ରନ୍ ବ୍ୟବଧାନରେ ବିଜୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୟୁଏଇ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୧୬୯ ରନରେ ବିଜୟୀ ହୋଇ ପ୍ରଥମ ସ୍ଥାନରେ ରହିଥିଲା। ଉଇକେଟରେ ପାକିସ୍ତାନ ୟୁଏଇ ବିପକ୍ଷରେ ସର୍ବବୃହତ୍ ବିଜୟ ହାସଲ କରିଥିଲା। ପାକିସ୍ତାନ ୧୫ ଓଭର ବାକି ରଖି ୯ ଉଇକେଟରେ ୟୁଏଇକୁ ହରାଇଥିଲା। ଏହି ତାଲିକାରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। କେନିଆ ବିପକ୍ଷରେ ଭାରତ ୮.୧ ଓଭର ବାକି ଥାଇ ୭ ଉଇକେଟରେ ବିଜୟୀ ହୋଇଥିଲା। ବଲ୍ ବାକିଥାଇ ଜିତିବାରେ ୱେଷ୍ଟଇଣ୍ଡିଜ (୧୨୩ ବଲ)ଜିମ୍ବାୱେ ବିପକ୍ଷରେ ସର୍ବବୃହତ୍ ବିଜୟ ହାସଲ କରିଥିଲା। ସର୍ବନିମ୍ନ ଦଳୀୟ ସ୍କୋରରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ସ୍ଥାନରେ ରହିବ। କେନିଆ ବିପକ୍ଷରେ ୩୫.୨ ଓଭରରେ ୯୩ ରନ କରି ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ୫ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ସର୍ବନିମ୍ନ ରନ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହି ତାଲିକରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। ପାକିସ୍ତାନକୁ ୩୯ ରନରେ ହରାଇ ପଞ୍ଚମ ସର୍ବନିମ୍ନ ବ୍ୟବଧାନର ବିଜୟ ହାସଲ କରିଥିଲା। ଅଷ୍ଟ୍ରେଲିଆକୁ ୪ ଉଇକେଟରେ ହରାଇ ୱେଷ୍ଟଇଣ୍ଡିଜ୍ ସର୍ବନିମ୍ନ ବ୍ୟବଧାନର ବିଜୟ ହାସଲ କରିଥିଲା। ୮ଟି ବଲ୍ ବାକିଥାଇ ଶ୍ରୀଲଙ୍କା ଭାରତକୁ ହରାଇ ବଲ ବାକିଥିବା ଦୃଷ୍ଟିକୋଣରୁ ସର୍ବନିମ୍ନ ବ୍ୟବଧାନରେ ବିଜୟ ହାସଲ କରିଥିଲା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ମେ ୨୧/୨୦୧୯ Bhubaneswar, Tuesday, May 21/2019

## ସଂକ୍ଷେପରେ

### ପୁଅ ମୃତ୍ୟୁ ଖବର ଶୁଣି ମା'ଙ୍କ ମୃତ୍ୟୁ

ଯାଜପୁର ଟାଉନ,୨୦।୫(ଡିଏନଏ): ପୁଅର ଆକସ୍ମିକ ମୃତ୍ୟୁ ଖବର ପାଇବା କ୍ଷଣି ମା'ଙ୍କ ମୃତ୍ୟୁ ଘଟିବା ଭଳି ଏକ ଦୁଃଖଦ ଘଟଣା ଯାଜପୁର ସହରରେ ଦେଖିବାକୁ ମିଳିଛି। ଯାଜପୁର ସହରସ୍ଥିତ ଶିବଦାସପୁରର ବିଶ୍ୱନାଥ ମିଶ୍ର (୫୨)ଙ୍କର ହୃଦଘାତ ହୋଇଥିଲା। ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ରାତି ପ୍ରାୟ ୧ଟା ସମୟରେ ଏହି ଖବର ତାଙ୍କ ମା' ଅନ୍ନପୂର୍ଣ୍ଣା ମିଶ୍ର (୭୭)ଙ୍କୁ ଦିଆଯାଇଥିଲା। ପୁଅର ମୃତ୍ୟୁ ଖବର ଶୁଣିବା କ୍ଷଣି ତାଙ୍କର ମଧ୍ୟ ହୃଦଘାତରେ ମୃତ୍ୟୁ ହୋଇଯାଇଛି। ଗୋଟିଏ ପରିବାରର ମା' ଓ ପୁଅଙ୍କ ଏକା ଦିନରେ ମୃତ୍ୟୁ ଖବର ତାଙ୍କ ପରିବାର ତଥା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

### ପୋଲିସକୁ ମାଡ଼ ଘଟଣାରେ ଜଣେ ଅଟକ

**ଚଣ୍ଡିଖୋଲ,୨୦।୫(ଡି.ଏନ.ଏ.):** ଯାଜପୁର ଜିଲା ଛତିଆ ବିଟ୍ ହାଉସ୍‌ର ଜଣେ ପୋଲିସ ଅଧିକାରୀଙ୍କୁ ରବିବାର ରାତିରେ ଛତିଆ ଉପର ବଜାରରେ କେତେଜଣ ଯୁବକ ମାଡ଼ ମାରିଥିବା ଜଣାପଡ଼ିଛି। ଛତିଆ ବିଟ୍ ହାଉସ ପୋଲିସ ତରଫରୁ ଛତିଆ କମ୍ପାନୀ ବଜାରର ଜଣେ ଯୁବକଙ୍କୁ ଫାଣ୍ଡିରେ ଅଟକ ରଖାଯାଇଛି। ଅନ୍ୟ ଯୁବକଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଛତିଆ ଉପର ବଜାରରେ ଏକ ବାହାଘର ପ୍ରସେଶନ ଓ ଭୋଜି ଚାଲିଥିବାବେଳେ ଉକ୍ତ ରାସ୍ତା ଦେଇ ଛତିଆ ବିଟ୍ ହାଉସ୍‌ର ଜଣେ ପୋଲିସ ଅଧିକାରୀ ସିଭିଲ ଡ୍ରେସ୍‌ରେ ଯାଉଥିଲେ। ତେବେ କେତେଜଣ ଯୁବକ ପୋଲିସ ଅଧିକାରୀଙ୍କୁ ଉକ୍ତ ରାସ୍ତା ଦେଇ ଯିବା ପାଇଁ ବାଟ ଛାଡ଼ି ନ ଥିଲେ। ଫଳରେ ଅଧିକାରୀ ଜଣକ ଯୁବକଙ୍କୁ ପାଟିତୁଣ୍ଡ କରିଥିଲେ। ସମ୍ପୃକ୍ତ ଯୁବକ ଏଥିରେ ଉତ୍କ୍ଷିପ୍ତ ହୋଇ ପୋଲିସ ଅଧିକାରୀଙ୍କୁ ମାଡ଼ ମାରିଥିଲେ। ତେବେ ଘଟଣା ସମ୍ପର୍କରେ ପୋଲିସକୁ ପଚାରିବାରୁ, ମଙ୍ଗଳବାର କହିବେ ବୋଲି କହି କଥାକୁ ଏଡ଼ାଇ ଦେଇଥିଲେ।

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ଚଣ୍ଡିଖୋଲ,୨୦।୫(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଶଶିଭୂଷଣ ଦାଶ (୬୮)ଙ୍କ ସୋମବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶଶିଭୂଷଣ ଧାନମଣ୍ଡଳସ୍ଥିତ କୋଣାର୍କ ଝୋଟକଳ ଆଡ଼କୁ ଯାଇଥିବା ରାସ୍ତାର ଝାଟିଆ ଜଙ୍ଗଲରୁ ସକାଳ ପ୍ରାୟ ୧୧ଟାରେ ଜାଳେଣି କାଠ ସଂଗ୍ରହ କରି ଫେରୁଥିଲେ। ଏହି ସମୟରେ ହଠାତ୍ ଅଚେତ ହୋଇ ରାସ୍ତାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ବଡ଼ଚଣା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୧୯) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଥିବା ଥାନାଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି। ଶଶିଭୂଷଣ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବାତ୍ୟା ବିପନ୍ନଙ୍କ ନାଁରେ ଅର୍ଥ ହଡ଼ପ ମସୁଧା

**ରସୁଲପୁର,୨୦।୫(ଡିଏନଏ)**

ବାତ୍ୟା ଫନୀରେ କାହାର ସର୍ବନାଶ ହୋଇଯାଇଛି ତ ଆଉ କିଏ ବାତ୍ୟାକୁ ଢାଲ କରି ଅର୍ଥ ହଡପ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ବାତ୍ୟା ବିପନ୍ନଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା ହେରଫେର କରିବାକୁ ମସୁଧା ଚାଲିଥିବା ଜଣାପଡ଼ିଛି। ଏଭଳି ଚଞ୍ଚକତା ପଛରେ ବ୍ଲକ କାର୍ଯ୍ୟାଳୟର ତଳୁ ଉପର ପର୍ଯ୍ୟନ୍ତ ସମସ୍ତଙ୍କ ହାତ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି ସ୍ଥିତି ଯାଜପୁର ଜିଲାର ରସୁଲପୁର ବ୍ଲକ ଅଧୀନରେ ମଧ୍ୟ ଦେଖିବାକୁ ମିଳିଛି। ଏଠାରେ ବାତ୍ୟା ବିପନ୍ନଙ୍କୁ ଶିବିରରେ ରନ୍ଧାଖାଦ୍ୟ ପ୍ରଦାନ କରିବା ନାଁରେ ମିଥ୍ୟା ତଥ୍ୟ ପ୍ରସ୍ତୁତ କରାଯାଇଛି। ଉକ୍ତ ରିପୋର୍ଟ ପଛରେ ସରକାରୀ ଅର୍ଥ ହଡପ କରିବାର ଅସାଧୁ ଉଦ୍ୟମ ରହିଥିବା କୁହାଯାଉଛି। ଏନେଇ ପଞ୍ଚାୟତସ୍ତରରେ ଅନୁସନ୍ଧାନ କରାଯିବାରୁ ବାସ୍ତବ ସତ୍ୟ ପଦାକୁ ଆସିଛି। ବ୍ଲକ ପ୍ରଶାସନ ପକ୍ଷରୁ ବିପନ୍ନଙ୍କ ଥଇଥାନ ପାଇଁ ଚିହ୍ନଟ ଅସ୍ଥାୟୀ ଶିବିରକୁ ନେଇ ସନ୍ଦେହ ଉପୁଜିଛି। ଅଧିକାଂଶ ସ୍ଥାନରେ ଶିବିରକୁ ଅଳ୍ପ କେତେଜଣ ଲୋକ ଆସିଥିବାବେଳେ ଆଉ କେତେଜଣ ଶିବିରରେ ଆଦୌ ଆଶ୍ରୟ ନେଇ ନ ଥିଲେ। ମାତ୍ର ସରକାରଙ୍କ ଉଦ୍ଦେଶ୍ୟରେ ପଠାଯାଇଥିବା ରିପୋର୍ଟରେ ଏହାକୁ ବଢାଇ ଚଢାଇ ଦର୍ଶାଯାଇଥିବା ଦେଖିବାକୁ ମିଳିଛି।

ବାତ୍ୟା ପୂର୍ବରୁ ଉପକୂଳବର୍ତ୍ତୀ ଓ ତାର ଆଖପାଖ ଜିଲାରେ ବିପଦସଙ୍କୁଳ ସ୍ଥାନରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ସଂସ୍ଥା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ସମଗ୍ର ରାଜ୍ୟରେ ୧୨ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ରସୁଲପୁର ବ୍ଲକରୁ ବାତ୍ୟା ପୂର୍ବଦିନ ୧୦,୨୨୩ ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ସେତେବେଳେ ରିପୋର୍ଟରେ ଦର୍ଶାଯାଇଥିଲା। ମାତ୍ର ଏଠାରେ ସ୍ଥାନାନ୍ତର କରାଯାଇଥିବା ଲୋକ ସଂଖ୍ୟାକୁ ନେଇ ବ୍ଲକ ପ୍ରଶାସନ ବିବାଦ ଘେରକୁ ଟାଣି ହୋଇଯାଇଛି।

## ରସୁଲପୁର ବ୍ଲକ



- ବ୍ଲକ ପକ୍ଷରୁ ପ୍ରଦାନ କରାଯାଇଛି ମିଥ୍ୟା ତଥ୍ୟ
- କଚ୍ଚା ଘରେ ବାସ କରୁଛନ୍ତି ୮୭୪୮ଲୋକ
- ୧୦,୨୨୩ ଲୋକଙ୍କୁ ଥଇଥାନ କରାଯାଇଥିବା ବ୍ଲକ ପକ୍ଷରୁ ରିପୋର୍ଟ

ଏହି ଆଧାରରେ ଦେଖିବାକୁ ଗଲେ ୨୦୧୧ ମସିହା ଜନଗଣନା ଅନୁସାରେ ରସୁଲପୁର ବ୍ଲକରେ ୧୨୦୧୧ଟି କଚ୍ଚାଘର ଥିଲା। ସେଥିରୁ ୬୯୪୧ଟି ପରିବାରଙ୍କୁ ସରକାରୀ ଆବାସ ମିଳିଛି। ୨୮୮୩ଟି ପରିବାର ନିଜସ୍ୱ ଉଦ୍ୟମରେ ପକ୍କାଘର ନିର୍ମାଣ କରିସାରିଛନ୍ତି। ବାକି ୨୧୮୭ଟି ପରିବାରର ୮୭୪୮ଲୋକେ କଚ୍ଚା ଘରେ ବାସ କରୁଛନ୍ତି। ଉକ୍ତ ଲୋକଙ୍କୁ ବାତ୍ୟା ପୂର୍ବଦିନ ରାତିରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଆଧାରରେ ରାଜ୍ୟକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ମାତ୍ର ବାତ୍ୟା ପୂର୍ବଦିନ ବ୍ଲକର ୨୮ ପଞ୍ଚାୟତରେ ୫୯ଟି ଅସ୍ଥାୟୀ ଶିବିର ସ୍ଥାପନ କରାଯାଇଥିଲା। ଉକ୍ତ ଅସ୍ଥାୟୀ କେନ୍ଦ୍ରରେ ୧୦,୨୨୩ଲୋକଙ୍କୁ ଥଇଥାନ କରାଯାଇଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଯାହାକି ଜିଲା ପକ୍ଷରୁ କରାଯାଇଥିବା ଆକଳନଠାରୁ ୧୪୭୫ ଲୋକ ଅଧିକ ବୋଲି ଜଣାପଡିଛି। ଏହି ସବୁ ଶିବିରରେ ଆଲୋକ ବ୍ୟବସ୍ଥା କରାଯିବା ସହ ଶୁଖିଲା ଖାଦ୍ୟ ଭାବେ ଚୁଡା ଓ ଗୁଡ ପ୍ରଦାନ କରାଯାଇଥିଲା। ବାତ୍ୟା ପୂର୍ବ ରାତିରେ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା ବୋଲି ରିପୋର୍ଟରେ କୁହାଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ, ଜାବରା ପଞ୍ଚାୟତର ୫ଟି ଅସ୍ଥାୟୀ ଶିବିରରେ ୪୨୭ଜଣ ଲୋକଙ୍କୁ ଥଇଥାନ କରାଯାଇଥିଲା। ଓଡିଶୋ ପଞ୍ଚାୟତର ୪ କେନ୍ଦ୍ରରେ ୨୯୯ଜଣ, ଭୋଟକାର ୨ କେନ୍ଦ୍ରରେ ୧୦୫, ରାହାମ୍ବାର ୨ କେନ୍ଦ୍ରରେ ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଥଇଥାନ କରାଯାଇଥିଲା। ଏହିଭଳି ଭାବେ ବ୍ଲକର ବିଭିନ୍ନ ପଞ୍ଚାୟତରେ ମନଗଢା ଶିବିର ଆଧାରରେ ତଥ୍ୟ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଏ ନେଇ ଜନସାଧାରଣ ଅବଗତ ନାହାନ୍ତି କିମ୍ବା ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇ ନାହିଁ ବୋଲି ଅନୁସନ୍ଧାନରୁ ଜଣାପଡିଛି। ବାତ୍ୟା ପୂର୍ବରୁ କଚ୍ଚା ଘରେ ବସବାସ କରୁଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଶିବିରକୁ ଯିବା ପାଇଁ କୁହାଯାଇଥିଲା। ମାତ୍ର ଅନେକ ସ୍ଥାନରେ ଲୋକେ ଶିବିରକୁ ଯାଇ ନ ଥିଲେ ; ବରଂ ପଡୋଶୀ ଘରର କଂକ୍ରିଟ ଛାତ ତଳେ ଆଶ୍ରୟ ନେଇଥିଲେ। ବାତ୍ୟା ପରଦିନ ସେମାନେ ନିଜ ଘରକୁ ପଳାଇ ଯାଇଥିଲେ। ହେଲେ ସେମାନଙ୍କ ସଂଖ୍ୟାକୁ ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା କେତେକ ସ୍ଥାନରେ ଶିବିରକୁ ଲୋକ ଆସିଥିଲେ। ହେଲେ ତଥ୍ୟରେ ଦର୍ଶାଯାଇଥିବା ଶିବିରାର୍ଥୀଙ୍କ ସଂଖ୍ୟାଠାରୁ ତାହା ଢେରଗୁଣ ଅଧିକ ବୋଲି ମଧ୍ୟ ଅଭିଯୋଗ ହେଉଛି। ଏଭଳି ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ଆଲୋକୀକରଣ ବ୍ୟବସ୍ଥା ଆଦି ସମ୍ପର୍କରେ ମିଥ୍ୟା ରିପୋର୍ଟ ପ୍ରସ୍ତୁତ ହୋଇଛି। ଏ ଦିଗରେ ବ୍ଲକ ପ୍ରଶାସନ ତଥ୍ୟ ପ୍ରଦାନ କରିବାକୁ ପଛେଇଛି। ତଥ୍ୟ ପ୍ରଦାନ ଦିଗରେ ପ୍ରଶାସନର ଅସହଯୋଗ ସେମାନଙ୍କ ଭୂମିକାରେ ରହିଥିବା ସ୍ୱଚ୍ଛତା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ଦିଗରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ, ସେ ତଥ୍ୟ ଦେବାକୁ ମନା କରିଦେଇଥିଲେ। ମାତ୍ର ଅନୀୟମିତତା ଉପରେ ଅଭିଯୋଗ ଆସିଲେ ସେ ଦିଗରେ ତଦନ୍ତ କରିବେ ବୋଲି କହିଛନ୍ତି। ଏହା ସହିତ ବାତ୍ୟା ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କଠାରୁ ଆସିଥିବା ରିପୋର୍ଟ ଓ ଫୋଟୋ ଆଧାରରେ ସେ ସେତେବେଳେ ତଥ୍ୟ ପ୍ରଦାନ କରିଥିଲେ ବୋଲି ପ୍ରକାଶ କରିଛନ୍ତି।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା, ୩ କୋର୍ଟ ଚାଲାଣ

**କଳିଙ୍ଗନଗର,୨୦।୫(ଡି.ଏନ୍.ଏ.)**

ଦାନଗଦୀ ଫାଣ୍ଡି ଅନ୍ତର୍ଗତ ତ୍ରିଜଙ୍ଗା ଗ୍ରାମରେ ଶନିବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସୋମବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଆଲୋକ ମଳିକ, ଦୀପୁ ମଳିକ ଓ ପ୍ରଦୀପ ମଳିକ। ଶନିବାର ରାତି ୧୧ଟା ପାଖାପାଖି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର କୌସୁକି ମୁଖାର୍ଜୀଙ୍କ ଘରେ ପଶି ସ୍ତ୍ରୀ ମଞ୍ଜୁ ମୁଖାର୍ଜୀଙ୍କୁ ଆଲୋକ, ଦୀପୁ, ପ୍ରଦୀପ ଓ ବୋହୁ ପିଙ୍କି ମଳିକ ମିଳିତଭାବେ ଆକ୍ରମଣ କରିଥିଲେ। ମଞ୍ଜୁ ଘରେ ଏକା ଥିବାରୁ ଏହାର ସୁଯୋଗରେ ସେମାନେ ତାଙ୍କୁ ଏକ କାଠଫାଳିଆରେ ମାଡ଼ମାରିଥିଲେ। ଏଥିରେ ମଞ୍ଜୁ ଅଚେତ ହୋଇପଡିବାରୁ ତାଙ୍କ ମୁଣ୍ଡକୁ କଟୁରିରେ ହାଣି ଦେଇଥିଲେ। ଏହା ଦେଖି ମଞ୍ଜୁଙ୍କ ଝିଅ ଚିତ୍କାର କରିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ଖବର ପାଇ କୌସୁକି ଘରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମଞ୍ଜୁଙ୍କୁ ଦାନଗଦୀ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ପଠାଯାଇଥିଲା। ଏ ନେଇ ରବିବାର କୌସୁକି ଦାନଗଦୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୧୩୨/୨୦୧୯) ରୁଜୁ କରିଥିଲା।

# ଗୋଚର ଜମିରେ ଗୃହ ନିର୍ମାଣକୁ ବିରୋଧ

**ଧର୍ମଶାଳା,୨୦।୫(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ହାଟ ପଡ଼ିଆ ପରିସରରେ ଥିବା ଗୋଚର ଜମିରେ ବ୍ୟକ୍ତିଗତ ଗୃହ ନିର୍ମାଣ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ବୁଧବାର ଗ୍ରାମବାସୀ ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ଶତାଧିକ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ପରେ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ ନିମନ୍ତେ ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ୪ ଦିନ ବିତିଯାଇଥିଲେ ମଧ୍ୟ ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ବେଆଇନଭାବେ ଗୃହ ନିର୍ମାଣକୁ ବନ୍ଦ କରିବା ନେଇ ଗ୍ରାମବାସୀ ଦାବି କରିଛନ୍ତି। ପ୍ରକାଶ ଯେ, ଆରୁହା ହାଟ ମଧ୍ୟରେ ଥିବା ଗୋଚର ଜମିରେ ସ୍ଥାନୀୟ ଅଞ୍ଚଳର ପ୍ରଶାନ୍ତ ସାମଲ ନାମକ ଜଣେ ବ୍ୟକ୍ତି ଜୋରଜବରଦସ୍ତ ଗୃହ ନିର୍ମାଣ କରୁଛନ୍ତି। ଏହାକୁ ନେଇ ତ୍ରୈଲୋକ୍ୟ ଜେନା, ଦିଲୀପ ସାମଲ, ଦୁଃଶାସନ ସାହୁ, ସହଦେବ ରଣା, ଜଗନ୍ନାଥ ରଣା, ସୁରେନ୍ଦ୍ର ବାରିକ, ଦେବେନ୍ଦ୍ର ବାରିକ ଓ କାର୍ତ୍ତିକ ଦାସ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିବା କହିଛନ୍ତି।

# ପଲିଥିନ୍‌ରୁ ବଞ୍ଚିତ ଆଦିବାସୀ ସାହି

**ଚଣ୍ଡିଖୋଲ,୨୦।୫(ଡି.ଏନ.ଏ.)**

ବାତ୍ୟା 'ଫନୀ' ଯୋଗୁ ବଡ଼ଚଣା ଅଞ୍ଚଳରେ ବହୁ କଚ୍ଚାଘର ଭାଙ୍ଗିଯିବା ସହ କେତେକ ଘର ଉପରେ ଗଛ ପଡ଼ିଯାଇଛି। ଏପରି କି ଆଦିବାସୀଙ୍କ ନୁଆଁଣିଆ ଚାଳଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ଅଦ୍ୟାବଧି ପ୍ରଶାସନ ତରଫରୁ ସେମାନଙ୍କୁ ପଲିଥିନ୍ ମିଳି ନ ଥିବା ଅଭିଯୋଗ ହୋଇଛି। ସମିଆ, ପାରିଆ, ଶାଳପଡ଼ା, ମାଣ୍ଡୁକା, ମଖିପଡ଼ା, ନେଳିଆ ଆଦି ବିଭିନ୍ନ ପଞ୍ଚାୟତରେ ବହୁ ଆଦିବାସୀ ରହୁଥିବାବେଳେ ସେମାନଙ୍କର ନିଜସ୍ୱ ଜମିପଟ୍ଟା ନାହିଁ। ସରକାରୀ ସ୍ଥାନରେ ଚାଳଛପର କରି ରହୁଥିବା ଦେଖିବାକୁ ମିଳିଛି। ଗତ ବାତ୍ୟାରେ ବ୍ୟାପକ କ୍ଷତି ହୋଇଥିଲାବେଳେ ଅଦ୍ୟାବଧି ପ୍ରଶାସନ ତରଫରୁ ଚିହ୍ନଟ କରାଯାଇନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ବନ୍ଧାଳ ପଞ୍ଚାୟତ ଅନ୍ତର୍ଗତ ଓଲର ଆଦିବାସୀ ସାହିରେ। ଏଠାରେ ବସବାସ କରୁଥିବା ଲୋକେ ସରକାରୀ ସହାୟତାରୁ ବଞ୍ଚିତ

**ବାତ୍ୟାକୁ ୧୮ ଦିନ ବିତିଲା**

ହୋଇ ଦୁର୍ବିଷହ ଜୀବନଯାପନ କରୁଛନ୍ତି। ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପାଲ ଖଣ୍ଡେ ମିଳି ନ ଥିବାରୁ ଅଧିକାଂଶ ଲୋକେ ଖୋଲା ଆକାଶ ତଳେ ଜୀବନ ଅତିବାହିତ କରୁଛନ୍ତି। ସେମାନଙ୍କୁ ଥଇଥାନ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗ୍ରାମର ବାଙ୍କ ପିଙ୍ଗୁଆ, ରତନା ପିଙ୍ଗୁଆ, ବଟ ପିଙ୍ଗୁଆ, ବଗିଆ ସୁରୀ, ସୁରେନ୍ଦ୍ର ସୁରୀ, ଜଗନ ପୂର୍ତ୍ତି, ସୂର୍ଯ୍ୟ ପୂର୍ତ୍ତି, ମଦନ ପିଙ୍ଗୁଆ, ଶିବ ପିଙ୍ଗୁଆ ଓ ଦୁଃଶାସନ ପିଙ୍ଗୁଆ ପ୍ରମୁଖ ସେମାନଙ୍କୁ ଅଦ୍ୟାବଧି ପଲିଥିନ ଖଣ୍ଡେ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସଙ୍କୁ ପଚାରିବାରୁ, ଆର୍‌ଆଇମାନେ ବିଭିନ୍ନ ପଞ୍ଚାୟତରେ ସର୍ଭେ କରୁଛନ୍ତି। ସର୍ଭେ ପରେ ପଲିଥିନ୍ ଯୋଗାଇଦିଆଯିବ ବୋଲି ସେ କହିଛନ୍ତି।

**ସରିଲା ସାନି ନିର୍ବାଚନ**

# ରାଜନୈତିକ ଦଳର ଅଙ୍କକଷା ଆରମ୍ଭ

**ବରୀ/ରତ୍ନଗିରି, ୨୦।୫(ସ୍ୱ.ପ୍ର/ଡି.ଏନ.ଏ.)**

ବରୀ ନିର୍ବାଚନମଣ୍ଡଳୀର ୫ଟି ବୁଥ୍‌ରେ ରବିବାର ସାନି ନିର୍ବାଚନ ଶେଷ ହୋଇଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଥିଲା। ସାନି ନିର୍ବାଚନ ପରେ ରାଜନୈତିକ ଦଳର କର୍ମୀମାନେ ବିଜୟ ପରାଜୟକୁ ନେଇ ଅଙ୍କ କଷା ଆରମ୍ଭ କରି ଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହୋଇଥିବାରୁ ବିଜୟର ବ୍ୟବଧାନ କମ୍ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ତେବେ ଆସନ୍ତା ୨୩ରେ ନିର୍ବାଚନୀ ଫଳାଫଳ ପ୍ରକାଶ ପାଇବା ପରେ ହାରଜିତ୍‌କୁ ନେଇ ପୂର୍ବାନୁମାନ ସ୍ପଷ୍ଟ ହୋଇଯିବ। ତେବେ ନେତାଙ୍କ ଅପେକ୍ଷା ଦଳର ସମର୍ଥିତ କର୍ମୀଙ୍କ ମଧ୍ୟରେ ବିଜୟ ପରାଜୟକୁ ନେଇ ଆକ୍ଷେପ ପ୍ରତିଆକ୍ଷେପ ଯୋଗୁ ଆଗାମୀ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଥିବା ଆଲୋଚନା ହେଉଛି। ପୁନଃ ମତଦାନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିବାବେଳେ ଫଳାଫଳ ଘୋଷଣା ପରେ ରାଜନୈତିକ ହିଂସାକୁ ନିୟନ୍ତ୍ରଣ କରିବା ବରୀ ପୋଲିସ ପାଇଁ ଚାଲେଞ୍ଜ ହେବ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଯାଜପୁର ବ୍ଲକର ୮ ଓ ରସୁଲପୁର ବ୍ଲକର ୧୦ ଓ ବରୀ ବ୍ଲକର ୨୯ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ରବିବାର ମତଦାନ ଶେଷ ପରେ ୫ ବୁଥ୍‌ରେ ୩୮୧୪ ଜଣ ଭୋଟର ମତଦାନ କରିଥିବା ଜଣାପଡ଼ିଛି। ପୁରୁଷଙ୍କ ଅପେକ୍ଷା ୧୯୮ ଜଣ ଅଧିକ ମହିଳା ମତଦାନ କରିବାର ସୂଚନା ମିଳିଛି। ଅପରପକ୍ଷରେ ନିର୍ବାଚନ ପରେ ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ଏକ୍‌ଜିଟ୍ ପୋଲ୍ ରିପୋର୍ଟରୁ ବରୀରେ ଭାଜପା ବିଜୟୀ ହେବାର ସମ୍ଭାବନା ରହିଥିବା ଜଣାପଡ଼ିଛି। ଯାହାକୁ ନେଇ ଭାଜପା କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି।

### ବଜ୍ରପାତରେ ନାବାଳକଙ୍କ ମୃତ୍ୟୁ

**କଳିଙ୍ଗନଗର, ୨୦।୫(ଡି.ଏନ୍.ଏ.)**

କଳିଙ୍ଗନଗର ଥାନା ଅନ୍ତର୍ଗତ ନୌରାଣିପଶି ଗ୍ରାମରେ ବଜ୍ରପାତରେ ସୋମବାର ସନ୍ଧ୍ୟାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଗିରିଧାରୀ ଦଳେଇଙ୍କ ପୁଅ ଓମ୍ କିଶୋର ଦଳେଇ(୭)। ଓମ୍ ସନ୍ଧ୍ୟାରେ ଘରେ ବାହାରେ ଠିଆ ହୋଇଥିଲେ। ଏହି ସମୟରେ ଅଚାନକ ବଜ୍ରପାତ ହୋଇଥିଲା। ଫଳରେ ସେ ସଂଜ୍ଞାହୀନ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଦାନଗଦୀ ଡାକ୍ତରଖାନା ନେଇଥିଲେ। ସେଠରେ ଡାକ୍ତର ଓମ୍‌ଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

**କଳିଙ୍ଗନଗର, ୨୦।୫(ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳ ଚୋରଦା-ଡୁବୁରୀ ରାସ୍ତା ବିଆର୍‌ପିଏଲ୍ ଛକ ନିକଟରେ ଅଜଣା ଗାଡି ଧକ୍କାରେ ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ସାରଙ୍ଗପୁର ହଣ୍ଟିର ଦେବ ସଏ(୫୦)। ସେ କୌଣସି ଏକ କାମରେ ସନ୍ଧ୍ୟାରେ ବିଆର୍‌ପିଏଲ୍ ଛକକୁ ଆସିଥିଲେ। ରାସ୍ତାରେ ଚାଲିଚାଲି ଯାଉଥିବା ସମୟରେ ଏକ ଅଜଣାଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ କଳିଙ୍ଗନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାରକରି ଦାନଗଦୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ନଗଡ଼ା: ଗୃହନିର୍ମାଣ ପରେ ମଧ୍ୟ ଠିକାଦାରଙ୍କୁ ମିଳୁନି ପ୍ରାପ୍ୟ

**କାଳିଆପାଣି,୨୦।୫ (ଡି.ଏନ୍.ଏ.)**


ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ନଗଡ଼ା ଅଞ୍ଚଳରେ ଗୃହନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ବିଜୁ ପକ୍କା ଘର ଯୋଜନାରେ ଠିକାଦାର ଅଞ୍ଚଳରେ ଗୃହନିର୍ମାଣ ଶେଷ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କାମ ବାବଦକୁ ମଞ୍ଜୁର ହୋଇଥିବା ସମସ୍ତ ବିଲ୍ ପାଇ ପାରି ନାହାନ୍ତି। ଏ ନେଇ ବହୁବାର ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ମଧ୍ୟ ନିରାଶ ହୋଇଥିବା କହିଛନ୍ତି।

୨୦୧୬ରେ ନଗଡ଼ା ଅପପୁଷ୍ଟି ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଏହାପରେ ପାହାଡ ଜଙ୍ଗଲ ଘେରା ନଗଡା ଅଞ୍ଚଳରେ ପ୍ରଶାସନ ପକ୍ଷରୁ ପ୍ରାଥମିକ ପଦକ୍ଷେପ ସ୍ୱରୂପ ପ୍ରଥମେ ଗୃହନିର୍ମାଣ କରି ନଗଡ଼ାବାସୀଙ୍କୁ ସ୍ୱଚ୍ଛ ରଖିବାକୁ ପଦକ୍ଷେପ ନିଆଯାଇଥିଲା। ତିନି ନଗଡ଼ାରେ ୬୦ ପରିବାରକୁ ପ୍ରାଥମିକ ସ୍ତରରେ ଗୃହନିର୍ମାଣ କରିବାକୁ ବିଜୁ ପକ୍କା ଘର ଯୋଜନାରେ ଅନୁଦାନ ଦିଆଯାଇଥିଲା। ଏ ବାବଦକୁ ପ୍ରତି ଘରକୁ ୨ଲକ୍ଷ ୩୦ ହଜାର ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ଗୃହ ପାଇଁ ଆବଶ୍ୟକ ସରଞ୍ଜାମ ପାହାଡ଼ ଉପରକୁ ନେବାରେ ଅସୁବିଧା ହେବାରୁ ଆବଶ୍ୟକ ସରଞ୍ଜାମକୁ ନଗଡ଼ା ପାହାଡ଼ ପାଦଦେଶ ଅଶୋକଝର ନିକଟରେ ଡିପୋକରି ରଖାଯାଇଥିଲା। ପରେ ସେଗୁଡିକୁ ଟ୍ରାକ୍ଟର ମାଧ୍ୟମରେ କାର୍ଯ୍ୟସ୍ଥଳକୁ ନିଆଯାଇଥିଲା। ୩୦।୬।୧୭ରେ ଗୃହନିର୍ମାଣ ପାଇଁ କାର୍ଯ୍ୟାଦେଶ ଆରମ୍ଭ ହୋଇଥିଲା। ତତ୍କାଳୀନ ବିଡିଓ ଦେବଦତ୍ତ ମହାନ୍ତ ସୁକିନ୍ଦା ପଞ୍ଚାୟତ ସମିତି କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦେଇଥିଲେ। ଚିଙ୍ଗୁଡ଼ିପାଳ ପଞ୍ଚାୟତ ବୈକୁଣ୍ଠ ମହାନ୍ତଙ୍କ ସମେତ ଅନ୍ୟ କେତେଜଣଙ୍କୁ କାର୍ଯ୍ୟାଦେଶ ମିଳିଥିଲା। ୬୦ ପକ୍କା ଘରକୁ ନିର୍ମାଣ ପାଇଁ କନିଷ୍ଠ ଯନ୍ତ୍ରୀ ବାଘରାଇ ମାଝୀ, ଶକ୍ତି ପ୍ରସାଦ ସାହୁ, ମଦନମୋହନ ମାହାରା, ଏସ୍ ଶତପଥୀ ତଦାରଖ କରିଥିଲେ। ଘର ନିର୍ମାଣ ଆରମ୍ଭରେ କିଛି ଅଗ୍ରିମ ଟଙ୍କା ଠିକାଦାରଙ୍କୁ ମିଳିଥିବାବେଳେ ଘର ସମ୍ପୂର୍ଣ୍ଣ ପରେ ଟଙ୍କା ଦିଆଯିବାକୁ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟାଦେଶ ପରେ ଠିକାଦାରମାନେ ପ୍ରଶାସନ ଚାପରେ ଦ୍ରୁତ ବେଗରେ ନିର୍ମାଣ କାମ ଶେଷ କରିଥିଲେ। ୧୧।୧୦।୧୮ରେ ଠିକାଦାର ଗୃହନିର୍ମାଣ କାମଶେଷ କରି ପଞ୍ଚାୟତ ସମିତିକୁ ହସ୍ତାନ୍ତର କରିଥିଲେ। ପରେ ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଠିକାଦାରଙ୍କୁ କାମ ବାବଦ ବାକିଥିବା ବିଲ୍‌ର ଅର୍ଥ ପ୍ରଦାନ କରାଯାଇ ପାରି ନାହିଁ। ବିଲ୍ ମଞ୍ଜୁର ପାଇଁ ଠିକାଦାର ବହୁବାର ବ୍ଲକ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି। ହେଲେ କୌଣସି ସୁଫଳ ମିଳି ପାରି ନାହିଁ। ଏ ନେଇ ବିଡିଓ ବିଶ୍ୱଜିତ ଦାସଙ୍କୁ ପଚାରିବାରୁ ଘଟଣା ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କଠାରୁ ବୁଝିବା ପରେ ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ୩ ମାସ ହେବ ଏଟିଏମ୍ ସେବା ବନ୍ଦ

ଜେନାପୁର,୨୦।୫(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଛକରେ ଥିବା ଏସ୍‌ବିଆଇ ଏଟିଏମ୍ ୩ ମାସ ହେବ ଅଚଳ ହୋଇପଡିଛି। ଫଳରେ କବାଟବନ୍ଧ ଅଞ୍ଚଳରେ ୨୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟଙ୍କା ଉଠାଇବା ପାଇଁ ଲୋକେ ୭କିମି ଦୂର ଜେନାପୁର ଏବଂ ୧୦ କିମି ବ୍ୟବଧାନରେ ଥିବା ବଙ୍ଗଳା ଛକକୁ ଯିବାକୁ ବାଧ ହେଉଛନ୍ତି। ସେହିପରି ଜେନାପୁରରେ ଥିବା ଏଟିଏମ୍‌ଟି ମଧ ଅନେକ ସମୟରେ ଅଚଳ ରହୁଛି। ଅପରପକ୍ଷେ ଏଠାରେ ଥିବା ଟଙ୍କା ଜମା ମେଶିନ୍‌ଟି ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଏହାକୁ ନେଇ କବାଟବନ୍ଧ ଓ ଜେନାପୁର ଅଞ୍ଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଏଟିଏମ୍‌କୁ ତୁରନ୍ତ ସଚଳ କରା ନ ଗଲେ ଆଗାମୀ ଦିନରେ ଷ୍ଟେଟବ୍ୟାଙ୍କ କବାଟବନ୍ଧ ଶାଖା ସମ୍ମୁଖରେ ଧାରଣା ଦେବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଶାଖା ପରିଚାଳକ ପ୍ରତୀଷ ରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ଏ ବାବଦରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି।

### ଅଂଶୁଘାତରେ ବ୍ୟକ୍ତିଙ୍କ ମୃତ୍ୟୁ ଅଭିଯୋଗ

ଯାଜପୁର ଟାଉନ,୨୦।୫(ଡିଏନଏ): ଯାଜପୁର ଜିଲାରେ ଅଂଶୁଘାତଜନିତ ମୃତ୍ୟୁ ଦିନକୁ ଦିନ ବଢ଼ିବାକୁ ଲାଗିଛି। ଗତ ୩ଦିନ ମଧରେ ୪ଜଣଙ୍କ ମୃତ୍ୟୁ ଘଟିବା ଅଭିଯୋଗ ହୋଇଥିବାବେଳେ ସୋମବାର ବରୀ ଥାନା ଅରୁଆଳ ଗ୍ରାମର ଜଗବନ୍ଧୁ ପରିଡା (୫୩)ଙ୍କର ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଗତ ରବିବାର ନିଜ ବାଡିରେ ପୂର୍ବାହ୍ନ ୧୦ଟାରେ କାମ କରୁଥିବାବେଳେ ଜଗବନ୍ଧୁ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଭର୍ତ୍ତି କରାଯାଇଥିବାବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା।

### ଅନ୍ତର୍ଜାତୀୟ ଆର୍ଟ ଅଫ୍ ଲିଭିଂ ଦିବସ ପାଳିତ

ଯାଜପୁର ଅଫିସ,୨୦।୫: ଯାଜପୁର ଜିଲାର ୧୦ଟି ବ୍ଲକ ଓ ୨ଟି ପୌର ପରିଷଦରେ ରବିବାର ଅନ୍ତର୍ଜାତୀୟ ଆର୍ଟ ଅଫ୍ ଲିଭିଂ ଦିବସ ପାଳିତ ହୋଇଛି। ଏହି ଅବସରରେ ବ୍ୟାଗ୍ ଅଫ୍ ହାପିନେସ ଅର୍ଥାତ 'ଖୁସିର ବ୍ୟାଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆର୍ଟ ଅଫ୍ ଲିଭିଂର ଆବାହକ ରାଜଶେଖର ଲାହାଙ୍କ ଉଦ୍ୟମରେ ଜିଲାର ପ୍ରତ୍ୟେକ ବ୍ଲକ ଓ ପୌରପରିଷଦରେ ୧୫ହଜାର କୁନି କୁନି ପିଲାଙ୍କୁ ବ୍ୟାଗ ଅଫ୍ ହାପିନେସ କିଟ୍ ପ୍ରଦାନ କରାଯାଇଛି। ସମସ୍ତଙ୍କ ପାଇଁ ଶିକ୍ଷା ଏହି ଦିବସର ମୂଳ ଉଦ୍ଦେଶ୍ୟ ବୋଲି ଆବାହକ ଲାହା ପ୍ରକାଶ କରିଛନ୍ତି।

## ■ବ୍ୟାସନଗର ପୌରପରିଷଦର ବିପର୍ଯ୍ୟସ୍ତ ପରିମଳ ସେବା

# ବିଦା ହୋଇପାରେ ଠିକାସଂସ୍ଥା

ଯାଜପୁର ଅଫିସ/ ଯାଜପୁରରୋଡ(ନି.ପ୍ର.),୨୦।୫

ବ୍ୟାସନଗର ପୌରପରିଷଦର ପରିଚାଳନା ଦାୟିତ୍ୱ ଏବେ ପ୍ରଶାସନ ହାତରେ ନ୍ୟସ୍ତ ରହିଛି। ସହରାଞ୍ଚଳରେ ମୌଳିକ ସେବା ପ୍ରଦାନର ଦାୟିତ୍ୱ ସ୍ୱାୟତ୍ତ ଶାସନ ବା ପୌରସଂସ୍ଥାର। ସହରର ପରିବେଶକୁ ସ୍ୱାସ୍ଥ୍ୟକର ଓ ନିର୍ମଳ ରଖିବା ପ୍ରାଥମିକ କାର୍ଯ୍ୟ। ହେଲେ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌରପରିଷଦରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସହରର ପରିମଳ ସେବାକୁ ଜାଗୃତି ନାମକ ଏକ ଠିକାସଂସ୍ଥା ସହ ଘରୋଇକରଣ କରି ପୌର କର୍ତ୍ତୃପକ୍ଷ ଅଡୁଆରେ ପଡିଛନ୍ତି। ଡ୍ରେନେଜ ସଫା ନ ହେବା, ଡ୍ରେନ ପାଣି ଠିକ ଭାବେ ନିଷ୍କାସନ ନ ହେବା, ରାସ୍ତାଘାଟ ସଫେଇକରଣ ଆଦି ଏଠାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ତଥାପି ସହରର ପରିମଳ ବ୍ୟବସ୍ଥା ପାଇଁ ବର୍ଷକୁ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ ହେଉଛି । ଏହି ମର୍ମରେ ଧରିତ୍ରୀରେ ଗତ ୧୪ ତାରିଖରେ ଏକ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ବ୍ୟାସନଗର ପୌରପରିଷଦ କର୍ତ୍ତୃପକ୍ଷଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ପରିମଳ ସେବାରେ ହୋଇଥିବା ଚୁକ୍ତି ଅନୁସାରେ କାର୍ଯ୍ୟ ନ କଲେ ସଂପୃକ୍ତ ଠିକାସଂସ୍ଥାକୁ ବିଦା ହେବାକୁ ପଡ଼ିବ ବୋଲି ବ୍ୟାସନଗର ପୌର ପରିଷଦର ପ୍ରଶାସକ ଚେତାବନୀ ଦେଇଛନ୍ତି ।

୨୦୧୭ ସେପ୍ଟେମ୍ବର ମାସରୁ ସହରର ୨୬ଟି ୱାର୍ଡର ପରିମଳ କାର୍ଯ୍ୟର ଘରୋଇକରଣ ହୋଇଛି । ଧର୍ମକୁ ଆଖିଠାର ଭଳି ଘରୋଇକରଣରେ ଜାଗୃତି ନାମକ ଏକ ଅନୁଷ୍ଠାନକୁ ପରିମଳ ଦାୟିତ୍ୱ ଦିଆଯାଉଥିବା କୁହାଯାଉଥିଲେ ହେଁ ଏହା ସାଧାରଣ ଠିକା ବ୍ୟବସ୍ଥାରେ ପରିଣତ ହୋଇଛି । ଆଉ ଏହି ଠିକା ବ୍ୟବସ୍ଥାକୁ ନେଇ ଉପୁଜିଥିବା ବିବାଦ ଯୋଗୁ ରାଜ୍ୟର ଅନ୍ୟତମ ପ୍ରମୁଖ ବ୍ୟାସନଗର ସହରର ପରିମଳ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। ଫଳରେ ଆଗାମୀ ଦିନରେ ସହରର ଅବସ୍ଥା ଆହୁରି ଦୁର୍ଦ୍ଦଶାଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ୧୦ବର୍ଷ ପୂର୍ବେ ବ୍ୟାସନଗର ସହରର ଜନସଂଖ୍ୟା ପ୍ରାୟ ୫୦ ହଜାର ଥିବାବେଳେ ସହରର ପରିମଳ ସେବା ପାଇଁ ନିୟମିତ ସଫେଇ କର୍ମଚାରୀ ଓ ୫୦୦ରୁ ଅଧିକ ଅସ୍ଥାୟୀ ସଫେଇ କର୍ମଚାରୀ ରହିଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ଶିଳ୍ପସଂସ୍ଥାର ଆଗମନ ସହ ସହରର ଜନବସତି



■ଚୁକ୍ତି ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ | ■ଡ୍ରେନ୍ ଉପରେ ମାଡ଼ିଛି ଲଟାବୁଦା

ସଂପ୍ରସାରିତ ହୋଇ ଜନସଂଖ୍ୟା ଦେଢ଼ଲକ୍ଷରୁ ଅଧିକକୁ ବୃଦ୍ଧି ପାଇଛି । ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ଓ ସେମାନଙ୍କ କାମର ଉପଯୁକ୍ତ ତଦାରଖ ଦ୍ୱାରା ପରିମଳ ସେବାର ଉନ୍ନତି ପାଇଁ ଧ୍ୟାନ ନ ଦେଇ ପୌର ପରିଷଦ ନିଜ ଦାୟିତ୍ୱ ଖସାଇବାକୁ ପରିମଳ ସେବାର ଘରୋଇକରଣ କରିଥିଲା। ତେବେ ପରିମଳ ଠିକାସଂସ୍ଥା ସଫେଇ କାର୍ଯ୍ୟ ଠିକ୍ ଭାବରେ ନ କରି ପୌର ପରିଷଦର ଅର୍ଥକୁ ବରବାଦ କରୁଛି। ଚୁକ୍ତିରେ ଘରକୁ ଘର ଆବର୍ଜନା ସଂଗ୍ରହ, ରାସ୍ତାଘାଟ ଝାଡୁ କରାଯିବା, ନାଳ ସଫା, ଅସ୍ଥାୟୀ ଡମ୍ପିଂୟାର୍ଡରେ ଆବର୍ଜନା ଜମା କରି ସକାଳ ସୁଦ୍ଧା ଅସ୍ଥାୟୀ ଡମ୍ପିଂ ୟାର୍ଡରୁ ଆବର୍ଜନା ଉଠାଯିବା ନେଇ ସର୍ତ୍ତ ରଖାଯାଇଥିଲା। ଯାହାକି ଠିକ୍ ଭାବେ ପରିଚାଳନା ହୋଇ ପାରୁନାହିଁ । ରାସ୍ତାକଡରୁ ମଇଳା, ଡ୍ରେନ ଆଦୌ ସଫା ହେଉ ନ ଥିବାରୁ ମଶାଙ୍କ ଉତ୍ପାତ ଚରମସୀମାରେ ପହଞ୍ଚିଛି। ନୂଆକରି ନିର୍ମାଣ ହୋଇଥିବା ଡ୍ରେନ କଂକ୍ରିଟକରଣ ଉପରେ ଗଛଲତା ବୃଦ୍ଧି ପାଉଛି। ଯଦ୍ୱାରା ଡ୍ରେନ ପାଣି ଠିକ ଭାବେ ନିଷ୍କାସନ ହୋଇ ପାରୁନାହିଁ । ଅପରପକ୍ଷରେ ମାସ ପୁରିଲେ ହରାହାରି ପ୍ରାୟ ୧୩/୧୪ ଲକ୍ଷ ଟଙ୍କା ବିଲ୍ ପଇଠ ହେଉଛି।

ପ୍ରକାଶଥାଉ କି, କଳିଙ୍ଗନଗର ଶିଳ୍ପାଞ୍ଚଳ ୮୮୧.୧୬ ବର୍ଗ କିଲୋମିଟରକୁ ନେଇ ଗଢ଼ି ଉଠିଛି । ସେଥିମଧ୍ୟରୁ ୨୨.୩୬ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ବ୍ୟାସନଗର ମ୍ୟୁନିସିପାଲିଟିର ପରିସୀମା। ପ୍ରତ୍ୟହ ସହରରୁ ଅତି କମ୍‌ରେ ୫୦ଟନ ଆବର୍ଜନା ବାହାରିଥାଏ । ଏହାବାଦ ସହରର ଡ୍ରେନେଜ ବ୍ୟବସ୍ଥାରେ ବର୍ହିଗମନ ପଥ ନ ଥିବାରୁ ପ୍ରାୟ ୭୦ ପ୍ରତିଶତ ବିଷାକ୍ତ ଜଳ ସହରର ବିଭିନ୍ନ ବିଲବାଡି, ପୋଖରୀ ଆଦି ସ୍ଥାନରେ ଜମା ରହୁଛି। ତେଣୁ ପରିମଳ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ବ୍ୟାସନଗର ପ୍ରଶାସନ ଏବେ ଚେଇଁଛି । ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ପରିଷଦର ପ୍ରଶାସକ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ପରିମଳ ସେବାରେ କୌଣସି ପ୍ରକାର ଅବହେଳା କରାଯିବ ନାହିଁ । ଦାୟିତ୍ୱରେ ଥିବା ଠିକାସଂସ୍ଥା ଚୁକ୍ତି ଅନୁଯାୟୀ କାର୍ଯ୍ୟ ନ କଲେ ତାକୁ ବିଦା ହେବାକୁ ପଡ଼ିବ । ଏଥିପାଇଁ ଜାଗୃତି ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯାଇଛି ବୋଲି ମିଶ୍ର କହିଛନ୍ତି ।

### ବାତ୍ୟାରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଅବହେଳା ଅଭିଯୋଗ

ଯାଜପୁର ଟାଉନ,୨୦।୫(ଡିଏନଏ)

ବାତ୍ୟାକୁ ପ୍ରାୟ ୧୮ଦିନ ବିତିଯାଇଥିଲେ ସୁଦ୍ଧା ଗୋ-ସମ୍ପଦ ତଥା ପ୍ରାଣୀଙ୍କର ଚିକିତ୍ସା କ୍ଷେତ୍ରରେ ଯାଜପୁରର ପ୍ରାଣୀ ଚିକିତ୍ସାଳୟ ତରଫରୁ ଆବଶ୍ୟକ ପ୍ରତିଷେଧ ବ୍ୟବସ୍ଥା କରାଯାଇ ନାହିଁ କିମ୍ବା କ୍ଷତିଗ୍ରସ୍ତ ପ୍ରାଣୀଙ୍କୁ ଗୋଖାଦ୍ୟ, ଔଷଧ, ମକା ଗୁଣ୍ଡ, ଇଞ୍ଜେକସନ୍ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯାଇପାରି ନାହିଁ ବୋଲି ଅଭିଯୋଗ ହେଉଛି। ପ୍ରାଣୀ ଚିକିତ୍ସାଳୟର ତଥ୍ୟ ଅନୁଯାୟୀ ଯାଜପୁର ବ୍ଲକର ୨୬ ପଞ୍ଚାୟତ ଏବଂ ଯାଜପୁର ପୌରାଞ୍ଚଳରେ ଆବଶ୍ୟକ ଗୋଖାଦ୍ୟ, ଔଷଧ, ଇଞ୍ଜେକସନ୍, ସାଲାଇନ ଇତ୍ୟାଦି ଯୋଗାଇ ଦିଆଯାଇଥିବା କୁହାଯାଉଥିବାବେଳେ ତାହା କାଗଜ କଲମରେ ସୀମିତ ହୋଇ ରହିଛି। ହାତଗଣତି କେତୋଟି ପଞ୍ଚାୟତ ଓ ମ୍ୟୁନିସିପାଲଟି ୱାର୍ଡ଼କୁ ଛାଡ଼ିଦେଲେ ଅନ୍ୟମାନେ ଏହି ସୁବିଧା ପାଇନାହାନ୍ତି ବୋଲି ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାସହ ବାଦ୍ ପଡ଼ିଥିବା ପଞ୍ଚାୟତ ଓ ମ୍ୟୁନିସିପାଲଟିର କ୍ଷତିଗ୍ରସ୍ତ ଗୋ-ସମ୍ପଦ ତଥା ପ୍ରାଣୀଙ୍କ ସୁରକ୍ଷା ଖରାଦିନେ ଡାଇରିଆ, ପେଟରୋଗ ଜନିତ ଗୋ-ମଡ଼କର ନିରାକରଣ ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

## ଗଣତି କେନ୍ଦ୍ର ଅନୁଧ୍ୟାନ କଲେ ଜିଲାପାଳ, ପର୍ଯ୍ୟବେକ୍ଷକ

ଯାଜପୁର ଅଫିସ,୨୦।୫

ଆଉ ମାତ୍ର ୨ଦିନପରେ ଅର୍ଥାତ ମେ ୨୩ ତାରିଖ ପୂର୍ବାହ୍ନ ୮ଟାରେ ନରସିଂହ ଚୌଧୁରୀ(ଏନ୍‌ସି) କଲେଜ ଠାରେ ଯାଜପୁରର ଗୋଟିଏ ଲୋକ ସଭା ଓ ୭ ଟି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି ଅନୁଷ୍ଠିତ ହେବ। ଭୋଟ ଗଣନାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସୋମବାର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ, ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଦିଲୀପ କୁମାର ଓ ନୀତେଶ ପାଟିଲ, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଡିଆଇସିର ଆଞ୍ଚଳିକ ପରିଚାଳକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ତାରା ପ୍ରସାଦ ମିଶ୍ର ପ୍ରମୁଖ ଗଣତି କେନ୍ଦ୍ରକୁ ପରିଦର୍ଶନ କରିବା ସହ ଆବଶ୍ୟକୀୟ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ୭ଗୋଟି ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗଣତି ଏକ ସମୟରେ ଆରମ୍ଭ ହେବ। ଏଥିପାଇଁ ୭ ଟି ଗଣତି କକ୍ଷ କରାଯାଇଛି। ପ୍ରତି କକ୍ଷରେ ୭ଟି ଟେବୁଲ ବିଧାନ ସଭା ଓ ୭ଟି ଟେବୁଲ



ଜିଲାପାଳ ଓ ପର୍ଯ୍ୟବେକ୍ଷକ ଗଣତି କେନ୍ଦ୍ର ଅନୁଧ୍ୟାନ କରୁଛନ୍ତି।

ଲୋକ ସଭା ପାଇଁ ବ୍ୟବସ୍ଥା ହୋଇଛି। ତତ୍‌ସହିତ ଗୋଟିଏ ଗୋଟିଏ ସେଣ୍ଟ୍ରାଲ ଟେବୁଲର ବ୍ୟବସ୍ଥା ରହିଛି। ପ୍ରଥମେ ପୋଷ୍ଟାଲ ବାଲାଟ ପେପର ଗଣତି ଠିକ୍ ୮ଟାରେ ଆରମ୍ଭ ହେବ। ପରେ ଇଭିଏମ୍ ଓ ଶେଷରେ ପ୍ରତି ନିର୍ବାଚନ ମଣ୍ଡଳୀରୁ ୫ଟି ଲେଖାଏ ବୁଥର ଭିଭିପିଏଟିର ଚିରକୁଟ ଗଣନା କରାଯିବ। ଶେଷରେ ସମସ୍ତ ଗଣନାକୁ ଅନୁଧ୍ୟାନ କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଗଣନା କେନ୍ଦ୍ରରେ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ, ପର୍ଯ୍ୟବେକ୍ଷକ ସହକାରୀ ରିଟର୍ଣ୍ଣିଂ ଅଧିକାରୀ, ଗଣତି ସୁପରଭାଇଜର, ଗଣତି ସହାୟକ ଏବଂ ପ୍ରାର୍ଥୀ ବା ଏଜେଣ୍ଟମାନେ ଉପସ୍ଥିତ ରହିବେ। ତେବେ ଗଣନା କେନ୍ଦ୍ରକୁ ମୋବାଇଲ, ଲାପ୍‌ଟପ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉପକରଣ ନେବା ଉପରେ ନିର୍ବାଚନ କମିଶନର ପ୍ରତିବନ୍ଧକ ଲଗାଇଛନ୍ତି। ସେହିପରି

■୭ଟି କକ୍ଷରେ ହେବ ଭୋଟ ଗଣତି
■ଫଟୋ, ଭିଡିଓଗ୍ରାଫି ମନା

ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏକ ସ୍ୱତନ୍ତ୍ର କକ୍ଷର ବ୍ୟବସ୍ଥା କରାଯାଇଛି । ସେମାନେ ସେଠାରେ ରହିବା ସହ ପର୍ଯ୍ୟାୟକ୍ରମେ ସେମାନଙ୍କୁ ପ୍ରଦାନ କରାଯାଇଥିବା ଅଥରିଟି କାର୍ଡ ପ୍ରଦର୍ଶନ କରି ଗଣତି କେନ୍ଦ୍ରକୁ ଯାଇପାରିବେ। ତେବେ ଗଣନା କେନ୍ଦ୍ରକୁ କିଛି ସମୟ ଅନୁଧ୍ୟାନ କରି ସେମାନେ ପୁନର୍ବାର ମିଡିଆ ସେଲକୁ ଫେରି ଆସିବେ । ଗଣତି କେନ୍ଦ୍ରରେ କୌଣସି ଫଟୋ ବା ଭିଡିଓ ଉତ୍ତୋଳନ କରାଯିବ ନାହିଁ ବୋଲି ପର୍ଯ୍ୟବେକ୍ଷକ ସ୍ପଷ୍ଟ କରିଦେଇଛନ୍ତି । ଗଣତିବେଳେ ବାହାରେ ରାଉଣ୍ଡୱାରି ଫଳାଫଳ ଘୋଷଣା ମାଇକ ମାଧ୍ୟମରେ କରାଯିବା ସହ ଏଲ୍‌ସିଡି ଟିଭି ମାଧ୍ୟମରେ ଭୋଟ ଫଳାଫଳ ପ୍ରଦାନର ବ୍ୟବସ୍ଥା ହୋଇଛି। ସୁରକ୍ଷା ବ୍ୟବସ୍ଥାକୁ ୩ ଥାକିଆ କରାଯାଇଛି। କେବଳ ସ୍ୱୀକୃତିପ୍ରାପ୍ତ ଓ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ପରିଚୟ ପତ୍ର ପାଇଥିବା ବ୍ୟକ୍ତି ବିଶେଷଙ୍କୁ ଗଣତି କେନ୍ଦ୍ରକୁ ଡକାଯିବ ବୋଲି ଜିଲାପାଳ ଦାସ ସୂଚନା ପ୍ରଦାନ କରିଛନ୍ତି।

## ମନୋଜଙ୍କ ଚିକିତ୍ସା ପାଇଁ ବଢ଼ିଲା ସହାୟତାର ହାତ

ଯାଜପୁର ଟାଉନ,୨୦।୫(ଡିଏନଏ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ମାଁସଡ଼ା ଦଧିବାମନପୁର ଗ୍ରାମର ଶଙ୍କର୍ଷଣ ରଣାଙ୍କ ପୁଅ ମନୋଜ (୧୪) ବ୍ରେନ୍ ଟ୍ୟୁମରରେ ପୀଡିତ ଅଛନ୍ତି। ଆର୍ଥିକ ଦୁରାବସ୍ଥା ଯୋଗୁ ତାଙ୍କ ଚିକିତ୍ସା କରିବା ପରିବାର ପକ୍ଷରୁ କଷ୍ଟକର ହୋଇପଡ଼ିଥିଲା। ଏ ସମ୍ପର୍କରେ ଗତ ୧୯ତାରିଖ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତି ତାଙ୍କୁ ସାହାଯ୍ୟର ହାତ ବଢ଼ାଇଥିବା ଦେଖିବାକୁ ମିଳିଛି। ବିଞ୍ଝାରପୁର ବ୍ଲକ ଅଲାରପୁର ସରସ୍ୱତୀ ପୂଜା କମିଟି ପକ୍ଷରୁ ତାଙ୍କ ଚିକିତ୍ସା ପାଇଁ ୫୦ହଜାର, ବ୍ଲକ ଛକ କ୍ରିକେଟ୍ କ୍ଲବ ପକ୍ଷରୁ ୩୨ହଜାର, ବିଞ୍ଝାରପୁର ଟେନିସ୍‌କ୍ରିକେଟ୍‌ଆସୋସିଏଶନ୍ ପକ୍ଷରୁ ୧୪ହଜାର ଓ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତାଙ୍କ ବାପାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିବା ଜଣାପଡିଛି। ଏହି ଅର୍ଥ ମିଳିଲା ପରେ ମନୋଜକୁ ତାଙ୍କ ପରିବାର ଭୁବନେଶ୍ୱର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଇ ଚିକିତ୍ସା ଆରମ୍ଭ କରାଇଥିବା ଜଣାପଡିଛି। ସୂଚନା ଯୋଗ୍ୟ, ଶଙ୍କର୍ଷଣ ଏକ ସାଇକେଲ ମରାମତି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ବ୍ରେନ୍ ଟ୍ୟୁମର୍‌ରେ ପୀଡିତ ପୁଅ ମନୋଜଙ୍କ ଚିକିତ୍ସା କିଭଳି କରିବେ ସେନେଇ ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲେ। ମାତ୍ର ତାଙ୍କ ପୁଅ ପାଇଁ ବିଭିନ୍ନ ମହଲରୁ ସହାୟତା ନିମନ୍ତେ ସେ ସାହାଯ୍ୟ କରିଥିବା ବଦାନ୍ୟ ବ୍ୟକ୍ତି, ଅନୁଷ୍ଠାନ ଓ ଗଣମାଧମକୁ ଭୂୟସୀ ପ୍ରଶଂସା କରିବା ସହ ତାଙ୍କ ପୁଅର ଆଶୁ ଆରୋଗ୍ୟ କାମନା କରିବାକୁ ଅନୁରୋଧ କରିଛନ୍ତି।



ମନୋଜଙ୍କୁ ଯୁବକମାନେ ସହାୟତା ରାଶି ପ୍ରଦାନ କରୁଛନ୍ତି।

## ଖଣି ଅଞ୍ଚଳରେ କାଳବୈଶାଖୀ, ବ୍ୟାପକ କ୍ଷୟକ୍ଷତି

କାଳିଆପାଣି,୨୦।୫(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳରେ ସୋମବାର କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସନ୍ଧ୍ୟାରେ ଅଚାନକ କଳା ମେଘ ଉଠାଇ ଘଡ଼ଘଡ଼ି ସହ ପ୍ରବଳ ବେଗରେ ପବନ ବହିଥିଲା। ଅନେକ ସ୍ଥାନରେ ଗଛଡ଼ାଳ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟ ଉପରେ ପଡିବାରୁ ତାର ଛିଣ୍ଡି ପଡ଼ିଛି। ଫଳରେ ଖଣି ଅଞ୍ଚଳ ଅନ୍ଧକାରମୟ ହୋଇଛି। ଝଡ଼ବାତ୍ୟାରେ ଅଞ୍ଚଳରେ ଅଧିକ କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଇଛି। କୌଣସି ସ୍ଥାନରେ ଧନଜୀବନ କ୍ଷତି ହୋଇଥିବା ନେଇ ଖବର ମିଳିନାହିଁ। ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ ସହ ସ୍ଥାନୀୟ ଖଣି କର୍ତ୍ତୃପକ୍ଷ ଆର୍ଥିକ ସହଯୋଗ ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧.୪୦ଲକ୍ଷ ଟଙ୍କା ପ୍ରଦାନ



ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ବ୍ଲକ ଇଞ୍ଜିନିୟରଙ୍କ ପକ୍ଷରୁ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଯାଜପୁର ଅଫିସ,୨୦।୫

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ବ୍ଲକ ଇଞ୍ଜିନିୟରଙ୍କ ପକ୍ଷରୁ ସୋମବାର ଫନି କ୍ଷତିଗ୍ରସ୍ତଙ୍କ ସହାୟତା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ମାଧ୍ୟମରେ ଏହି ଅର୍ଥର ଚେକ୍ ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରି, ବରୀ ବିଡିଓ ପ୍ରଭାସ ବେଉରିଆ, ବଡଚଣା ଏବିଡିଓ ଶାଶ୍ୱତ କୁମାର ଜେନା, ସହକାରୀ ଯନ୍ତ୍ରୀ ବିପିନ ବିହାରୀ ସେଠୀ ପ୍ରମୁଖ ଉପସ୍ଥିତ ରହି ଏହି ଚେକ୍ ପ୍ରଦାନ କରିଥିଲେ।

# ଜିଲାରେ ବଦଳିପାରେ ପୂର୍ବ ଧାରା

ଯାଜପୁର ଅଫିସ,୨୦।୫

୨୦୧୯ ସାଧାରଣ ନିର୍ବାଚନର ଫଳାଫଳକୁ ନେଇ ବିଭିନ୍ନ ଟିଭି ଚ୍ୟାନେଲ ଓ ସର୍ଭେ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ୍‌ଜିଟ ପୋଲ ସର୍ଭେ ରିପୋର୍ଟ ଜଣାପଡ଼ିବା ପରେ ଯାଜପୁର ଜିଲାରେ ରାଜନୈତିକ ଚର୍ଚ୍ଚା ସରଗରମ ହୋଇଉଠିଛି। ବିଶେଷକରି ଓଡିଶା ସପକ୍ଷରେ ଜନମତକୁ ନେଇ ହୋଇଥିବା ପୂର୍ବାନୁମାନ ଉପରେ ବିଭିନ୍ନ ମତପ୍ରକାଶ ପାଇଛି। ଏକ୍‌ଜିଟ ପୋଲ ଆକଳନକୁ ଅନେକ ସମର୍ଥନ କରିଥିବାବେଳେ କେତେକ ନାପସନ୍ଦ ମଧ କରିଛନ୍ତି । ୨ଦିନ ପରେ ସାଧାରଣ ନିର୍ବାଚନର ଫଳାଫଳ ଜଣାପଡ଼ିବ। ତେଣୁ ହାରଜିତକୁ ନେଇ ହାଇପ୍ରୋଫାଇଲ ପ୍ରାର୍ଥୀଙ୍କ ମଧ୍ୟରେ ଆଶାଆଶଙ୍କା ବଢିଯାଇଛି। ଯାଜପୁର ଜିଲାର ୧ ଲୋକ ସଭା ଓ ୭ ବିଧାନସଭା ଆସନ ପାଇଁ ୬୧ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ନେତା, କର୍ମୀ ଓ ପ୍ରାର୍ଥୀଙ୍କ ଅଙ୍କକଷା ଚାଲିଛି। ଫଳାଫଳକୁ ନେଇ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଏବଂ ଚା' ପାନ ଦୋକାନରୁ ହୋଟେଲ, କ୍ଲବରୁ ଖଟି, ସରକାରୀ କାର୍ଯ୍ୟାଳୟରୁ ବାର ଆସୋସିଏଶନ ସବୁଠି କେବଳ ହାରଜିତ ନେଇ ଚର୍ଚ୍ଚା ଜୋର ଧରିଛି । ଜିଲାରେ କେଉଁ ଦଳ କେତେ ଆସନ ପାଇବ, କିଏ ଜିତିବ ଓ କିଏ ହାରିବ ଏବଂ ରାଜ୍ୟରେ ପରବର୍ତ୍ତୀ ସରକାର କେଉଁ ଦଳ କରିବ ଏଭଳି ଅନେକ ଆଲୋଚନା ଚାଲିଛି। ତେବେ ଏକଜିଟ ପୋଲ ଆକଳନ ପ୍ରକାଶ ପାଇବା ପରେ ଭାଜପା କର୍ମୀମାନେ ଅଧିକ ଉତ୍ସାହିତ ହୋଇ ପଡିଛନ୍ତି। ତେବେ ରାଜ୍ୟରେ ପୁଣି ବିଜେଡି କ୍ଷମତାକୁ ଫେରିବା ରିପୋର୍ଟକୁ ଭାଜପା କର୍ମୀମାନେ ମାନିବାକୁ ନାରାଜ। ଭାଜପା ପକ୍ଷରୁ ଦାବି ହେଉଛି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ କରିବ। କିନ୍ତୁ ବିଜେଡି କର୍ମୀଙ୍କ କହିବା କଥା ରାଜ୍ୟରେ ପୁଣି ଥରେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିବେ। ଇଣ୍ଡିଆ ଟୁଡେ କରିଥିବା ସର୍ଭେ ଅନୁଯାୟୀ ଭାଜପା ୧୫ ରୁ ୧୯ ଆସନ ଜିତିବାର ସମ୍ଭାବନାକୁ ବିଜେଡି କର୍ମୀମାନେ ହାସ୍ୟାସ୍ପଦ ବୋଲି କହିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଲୋକସଭା ଆସନ ଭାଜପା ପୂର୍ବାପେକ୍ଷା ଅଧିକ ପାଇପାରେ । କିନ୍ତୁ ବିଜେଡି ଆଗରେ ରହିବ । ତେବେ ଯାଜପୁର ଜିଲା ରାଜନୀତିକୁ ନେଇ କେହି ବି ସ୍ପଷ୍ଟ ଆକଳନ କରି ପାରି ନାହାନ୍ତି । ଲୋକସଭା ଆସନ ଭାଜପା କିମ୍ବା ଓ ବିଜେଡି ହାତକୁ ଯିବ ସେ ନେଇ ମଧ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ତେବେ ୭ଟି ବିଧାନସଭା ଆସନକୁ ନେଇ ୩ଟି ଲେଖାଏ ବିଜେଡି ଓ ଭାଜପା ଭାଗ କରୁଥିବାବେଳେ ଗୋଟିଏ ଆସନ କଂଗ୍ରେସ ହାତକୁ ଯାଇପାରେ ବୋଲି ଚର୍ଚ୍ଚା ହେଉଛି। ବିଶେଷକରି ଯାଜପୁର ଆସନ ଫଳାଫଳକୁ ନେଇ ସମସ୍ତେ ଅପେକ୍ଷାରେ ରହିଛନ୍ତି। ଏଠାରୁ ପ୍ରଣବପ୍ରକାଶ ଦାସ(ବବି) ଲଗାତାର ୩ ଥର ନିର୍ବାଚିତ ହେବେ ନା ଭାଜପାର ଗୌତମ ରାୟ ତାଙ୍କୁ ମାତ୍ ଦେଇ ପ୍ରଥମ ଥରପାଇଁ ବିଜୟୀ ହେବେ ସେ ନେଇ ମଧ ଆଲୋଚନା ଥମୁନାହିଁ। ତେବେ ଏଥର ଓଲଟପାଲଟ ସମୀକରଣ ଥିବାରୁ ଭାଜପାର ଅଧିକ ଜିତିବା ସମ୍ଭାବନା ରହିଛି ବୋଲି ଯାଜପୁର ବିଧାନସଭା କ୍ଷେତ୍ରର ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି।

**ଏକ୍‌ଜିଟ ପୋଲ୍‌କୁ ନେଇ ମିଶ୍ରିତ ପ୍ରତିକ୍ରିୟା**

### ସେମାନଙ୍କ ମୁହଁରୁ

"କେନ୍ଦ୍ରୀୟସ୍ତରରେ ହାରଜିତ ଉପରେ ଆକଳନ ହୋଇଛି। ତେଣୁ ରାଜ୍ୟର ପୂର୍ବାନୁମାନ କେତେଦୂର ଠିକ୍ ହେବ ତାହା କହି ହେବ ନାହିଁ। ବେଳେବେଳେ ଏକ୍‌ଜିଟ ପୋଲ ଅନୁସାରେ ଜନମତ ଠିକ୍ ହୋଇଥାଏ। ବିଭିନ୍ନ ସମୟରେ ଏକ୍‌ଜିଟ ପୋଲ ରିପୋର୍ଟ ସମ୍ପୂର୍ଣ୍ଣ ଓଲଟା ହୋଇଯାଏ। କିନ୍ତୁ ଭାଜପା ରାଜ୍ୟରେ ଏଥର ଭଲ ପ୍ରଦର୍ଶନ କରି ସରକାର ଗଠନ କରିବାର ଆଶା କରାଯାଉଛି । କେନ୍ଦ୍ରରେ ମୋଦି ସରକାର ପୁଣି ଥରେ ଆସିବା ନିଶ୍ଚିତ ।
**- ଗୌତମ ରାୟ, ଭାଜପା ଜିଲା ସଭାପତି**

"ଲୋକଙ୍କ ଭାବନାକୁ ନେଇ ଏକ୍‌ଜିଟ ପୋଲ ଆକଳନ ହୋଇଥାଏ । ଏହା ଲଟେରି ଭଳିଆ। କେତେବେଳେ ଆକଳନ ଠିକ୍ ହୁଏ ତ ବେଳେବେଳେ ସମ୍ପୂର୍ଣ୍ଣ ଭାବେ ଭୁଲ ପ୍ରମାଣିତ ହୋଇଥାଏ । କେନ୍ଦ୍ରରେ କଂଗ୍ରେସ ଭଲ ପ୍ରଦର୍ଶନ କରିବା ଏଥର ନିଶ୍ଚିତ ଜଣାପଡିଛି। କିନ୍ତୁ ଅଧିକାଂଶ ସର୍ଭେସଂସ୍ଥା ଏକ୍‌ଜିଟ ପୋଲ୍ ଭାଜପା ସପକ୍ଷରେ ଦେଇଛନ୍ତି। ତେବେ ୨୩ ତାରିଖରେ ସବୁକଥା ଜଣା ପଡିଯିବ।
**- ବିଦ୍ୟାଧର ମହାନ୍ତି, କଂଗ୍ରେସ ନେତା**

"ଏକ୍‌ଜିଟ ପୋଲ୍ ଠିକ ଭାବେ କରାଯାଇ ନାହିଁ। ଯେଉଁ ଲୋକଙ୍କମାନଙ୍କୁ ପଚାରି ଆକଳନ କରାଯାଉଛି ତାହା ଠିକ ହୋଇ ନ ପାରେ। ଅଧିକାଂଶ ସମୟରେ ଏକ୍‌ଜିଟ ପୋଲ ମିଥ୍ୟା ହୋଇଥାଏ। ଓଡିଶାରେ ଏଥର ବିଜେଡି ସରକାର ପୁଣି ଗଠନ ହେବାର ନିଶ୍ଚିତ। ନବୀନ ସରକାରଙ୍କ ଉପରେ ଲୋକଙ୍କ ଭରସା ରହିଛି ଏବଂ ତଦନୁସାରେ ମତଦାନ କରିଛନ୍ତି।
**- ସବିତା ରାଉତ, ବିଜେଡି ନେତ୍ରୀ**

"ଏକ୍‌ଜିଟ ପୋଲ ରିପୋର୍ଟକୁ ଭରସା କରି ଆନନ୍ଦ କିମ୍ବା ଦୁଃଖ ପ୍ରକାଶ କରିବା ଠିକ ହେବ ନାହିଁ । ଏହା ଏକ ଆକଳନ । ବିଭିନ୍ନ ରାଜ୍ୟରେ ପୂର୍ବ ନିର୍ବାଚନଗୁଡ଼ିକରେ ହୋଇଥିବା ଏକ୍‌ଜିଟ ପୋଲ୍ ଆକଳନ ମିଥ୍ୟା ପ୍ରମାଣିତ ହୋଇଛି। ତେଣୁ ୨୩ ତାରିଖକୁ ଅପେକ୍ଷା କରିବା ଉଚିତ ହେବ ।
**- ବ୍ରଜକିଶୋର ପତି, ଆଇନଜୀବୀ**

"କେନ୍ଦରେ ପୁଣି ମୋଦି ସରକାର ନିଶ୍ଚିତ । ଏହା ଦଳ ପକ୍ଷରୁ ମଧ ପୂର୍ବରୁ କୁହାଯାଇଛି। ତେବେ ଏକ୍‌ଜିଟ ପୋଲ କେତେକାଂଶରେ ସତ ହେଉଥିବାବେଳେ ମିଥ୍ୟା ରିପୋର୍ଟ ପ୍ରକାଶ ପାଇବା ମଧ ନଜିର ରହିଛି। ରାଜ୍ୟରେ ଏଥର ଭାଜପା ସରକାର ଗଠନ କରିବାର ଯଥେଷ୍ଟ ସମ୍ଭାବନା ରହିଛି।
**- ସଞ୍ଚିତା ମହାନ୍ତି, ଭାଜପା ନେତ୍ରୀ**

## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ



ଖଣ୍ଡପଡ଼ା,୨୦।୫(ସ୍ୱ.ପ୍ର.)- ଖଣ୍ଡପଡ଼ା ଏନ୍‌ଏସିରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ସହରର ମୁଖ୍ୟ ଓ ଗଳିକନ୍ଦି ରାସ୍ତା ଉପରେ ନର୍ଦ୍ଦମା ପାଣିର ସୁଅ ଛୁଟୁଥିଲା। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲା। ଏ ନେଇ ୱାର୍ଡର ବାସିନ୍ଦା ବାରମ୍ବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ବିଳମ୍ବରେ ହେଉ ପଛେ ଏନ୍‌ଏସି ପକ୍ଷରୁ ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଦୀର୍ଘବର୍ଷରୁ ରାସ୍ତା ପାର୍ଶ୍ୱକୁ ଜବରଦଖଲ କରି ରଖିଥିବା ଜବରଦଖଲକାରୀ ଓ ଉଠା ଦୋକାନୀମାନଙ୍କୁ ହଟାଇବା ନିମନ୍ତେ ପଦକ୍ଷେପ ନିଆଯାଇଛି। ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦି ରାସ୍ତା ପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଯାଇ ଖୁବ୍‌ଶୀଘ୍ର ଡ୍ରେନ୍ ନିର୍ମାଣ କରାଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି।

# ପାଣି ପାଇଁ ୨ ଘଣ୍ଟା ରାସ୍ତାରୋକୋ

**ନୟାଗଡ଼ ଅଫିସ, ୨୦।୫**

- ନୟାଗଡ଼- ଭଞ୍ଜନଗର ରାଜ୍ୟ ରାଜପଥ-୨୧ ଅବରୋଧ
- ଖରାରେ ଛତା ଧରି ରାସ୍ତା ଉପରେ ମହିଳା



ମହିଳାମାନେ ଛତା ଧରି ରାସ୍ତାରୋକୋ କରିଛନ୍ତି।

ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଏହାକୁ ଖାତିର ନ କରି ସୋମବାର ଉଦୁଉଦିଆ ଖରାରେ ପାନୀୟ ଜଳ ପାଇଁ ମହିଳାମାନେ ରାସ୍ତାରୋକୋ କରିଥିଲେ। ଓଡ଼ଗାଁ ବ୍ଲକ ଗୋଟିସାହି ଗ୍ରାମ ଦେଇ ଯାଇଥିବା ନୟାଗଡ଼- ଭଞ୍ଜନଗର ୨୧ନଂ ରାଜ୍ୟ ରାଜପଥ ଉପରେ ଗରା, ବାଲଟି ରଖି ରାସ୍ତା ଅବରୋଧ କରାଯାଇଥିଲା।

ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଥିଲେ ମଧ୍ୟ ଦୁଇ ବର୍ଷ ଧରି ଗ୍ରାମକୁ ଜଳ ଯୋଗାଣ ବନ୍ଦ କରାଯାଇଛି। ରାସ୍ତା କାର୍ଯ୍ୟ କରାଯାଉଥିବାରୁ ଏହାକୁ ବନ୍ଦ କରାଯାଇଥିଲା । ତେବେ ରାସ୍ତା କାମ ସରିବାର ୬ ମାସ ପରେ ବି ପାନୀୟ ଜଳ ଯୋଗାଣ କରାଯାଉ ନାହିଁ। ପାନୀୟ ଜଳ ଯୋଗାଣ ଦାୟିତ୍ୱରେ ଥିବା ଅପରେଟର ଏହାକୁ ଚଲାଉ ନ ଥିବାରୁ ପାଇପ୍ ଯୋଗେ ଗ୍ରାମକୁ ପାଣି ଆସୁନାହିଁ। ଫଳରେ ଗୋଟିସାହି, ଜାମୁଝୋଲା, ତନ୍ତିସାହି ଆଦି ଗ୍ରାମର ପ୍ରାୟ ୭୦୦ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଏ ନେଇ ବିଭିନ୍ନ ସ୍ଥାନରେ ଅଭିଯୋଗ କଲେ ମଧ୍ୟ ଫଳ ଶୂନ। ପାଇପ ଯୋଗେ ଜଳ ଯୋଗାଣ ବନ୍ଦ କରାଯାଇଥିବାରୁ ଲୋକମାନେ ବାଧ ହୋଇ ଦୂଷିତ ପାଣି ପିଉଛନ୍ତି। ଗ୍ରାମରେ ଥିବା ୫ଟି ନଳକୂପରୁ ଫ୍ଲୋରାଇଡ୍ ଯୁକ୍ତ ପାଣି ବାହାରୁଥିବାରୁ ଏହାକୁ ପିଇ ଲୋକେ କିଡ୍‌ନୀ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦୁଇ ବର୍ଷରେ ରବି ମହାପାତ୍ର, ଗୋପୀନାଥ ପରିଡ଼ା, ବସନ୍ତ ମହାପାତ୍ର, ନରୋତ୍ତମ ମାର୍ଥା, ରଙ୍କ ସାହୁ, ମହେଶ୍ୱର ନାୟକଙ୍କ ସମେତ ଗ୍ରାମର ୧୦ ଜଣ ବ୍ୟକ୍ତି ବର୍ତ୍ତମାନ କିଡ୍‌ନୀ ରୋଗରେ ପୀଡ଼ିତ ହୋଇଛନ୍ତି। ଗ୍ରାମକୁ ଜଳ ଯୋଗାଣ କରିବା ପାଇଁ ଚଳିତମାସ ୯ ତାରିଖରେ ଗୋଟିସାହି ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ହେଲେ ଏହାର କୌଣସି ସମାଧାନ ନ ହେବାରୁ ବାଧ ହୋଇ ସୋମବାର ରାସ୍ତାରୋକାକୁ ଓହ୍ଲାଇଥିବା ପ୍ରକାଶ କରିଛନ୍ତି। ପୂର୍ବାହ୍ନ ୧୦ଟା ୩୦ରୁ ମହିଳାମାନେ ରାସ୍ତାରେ ଗରା, ବାଲ୍‌ଟି ଥୋଇ ହାତରେ ଛତା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ଠପ୍ ହୋଇ ପଡ଼ିଥିଲା। ଶରଣକୁଳ ପୋଲିସ ଆସି ଲୋକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ମହିଳାମାନେ ରାସ୍ତାରୁ ଉଠି ନ ଥିଲେ। ପରେ ମଧ୍ୟାହ୍ନ ୧୨ଟା ୩୦ରେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍)ର ଏସଡିଓ ଚର୍ଚ୍ଚିନ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ପ୍ରତିଶ୍ରୁତି ଦେବା ସହିତ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିଥିଲେ। ପାଇପ୍ ଯୋଗେ ଜଳ ଆସିବା ପରେ ମହିଳାମାନେ ରାସ୍ତାରୋକୋରୁ ହଟିଥିଲେ। ଗ୍ରାମର ଭାଗୀରଥି ନାୟକ, ଉମେଶ କୁମାର ନାୟକ, ରାକେଶ କୁମାର ଦଳାଇଙ୍କ ସମେତ ବହୁ ଗ୍ରାମବାସୀ ଓ ମହିଳାମାନେ ରାସ୍ତାରୋକୋ କରିଥିଲେ।

# କଙ୍ଗାରୁକୋର୍ଟରେ ଦଣ୍ଡିତ ଯୁବକ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ଖଣ୍ଡପଡ଼ା, ୨୦।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ରାଣୀପଡା ପଞ୍ଚାୟତ ଗୋପପୁର ଗ୍ରାମର କେତେକ ଲୋକ କଙ୍ଗାରୁକୋର୍ଟ କରି ସ୍ଥାନୀୟ ବାସିନ୍ଦା ସୁଶାନ୍ତ କୁମାର ପରିଡାଙ୍କୁ ଦଣ୍ଡିତ କରିଛନ୍ତି। ନ୍ୟାୟ ପାଇଁ ସୁଶାନ୍ତ ନୟାଗଡ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ରାଣୀପଡା ପଞ୍ଚାୟତ ବିରିଡିହି ଗ୍ରାମର ଦୁର୍ଯ୍ୟୋଧନ ପଣ୍ଡାଙ୍କ ୧ ଏକର ୬୨ ଡେସିମିଲ ଜମି ଗୋପପୁର ମୌଜାରେ ରହିଛି । ସୁଶାନ୍ତ ଉକ୍ତ ଜମି କ୍ରୟ କରିବାପାଇଁ ଜମି ମାଲିକଙ୍କୁ ୫୦ ହଜାର ଟଙ୍କା ଅଗ୍ରୀମ ଆକାରରେ ଦେଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଗୋପପୁର ଗ୍ରାମର କେତେକ ବ୍ୟକ୍ତି ଉକ୍ତ ଜମିକୁ କ୍ରୟ କରିବାକୁ ଇଚ୍ଛା କରିଥିଲେ। ତେଣୁ ଜମି ମାଲିକଙ୍କଠାରୁ ୫୦ ହଜାର ଟଙ୍କା ଫେରାଇ ନେବା ପାଇଁ ସେମାନେ ସୁଶାନ୍ତଙ୍କୁ କହିଥିଲେ। ସୁଶାନ୍ତ ରାଜି ହୋଇ ଜମି ମାଲିକଙ୍କୁ ଦେଇଥିବା ଟଙ୍କା ଫେରାଇ ଆଣିଥିଲେ । ଗ୍ରାମବାସୀଙ୍କୁ ନ ଜଣାଇ ଜାଗା କ୍ରୟ ନିମନ୍ତେ ସେ ଜମିମାଲିକ ଦୁର୍ଯ୍ୟୋଧନଙ୍କୁ କାହିଁକି ଅଗ୍ରୀମ ଟଙ୍କା ଦେଲେ ବୋଲି କଙ୍ଗାରୁ କୋର୍ଟରେ ଆଲୋଚନା ହୋଇଥିଲା। ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଜରିମନା ବାବଦରେ ୫୨ ହଜାର ଟଙ୍କା ଗାଁକୁ ଦେବାକୁ ସୁଶାନ୍ତଙ୍କୁ କହିଥିଲେ। ମାତ୍ର ସୁଶାନ୍ତ ଏଥିରେ ଅରାଜି ହୋଇ ଖଣ୍ଡପଡା ଥାନାରେ ଗତ ୮ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶେଷରେ ନ୍ୟାୟ ପାଇବା ନିମନ୍ତେ ସୋମବାର ସେ ନୟାଗଡ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଏ ସମ୍ପର୍କିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ ଅଭିଯୋଗ ଆଧାରରେ ତଦନ୍ତ ଚାଲୁ ରହିଥିବା ସୂଚନା ଦେଇଛନ୍ତି।

# ମଠରେ ବାବାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ନୟାଗଡ଼ ଅଫିସ/ ରଣପୁର (ସ୍ୱ.ପ୍ର.),୨୦।୫**

ନୟାଗଡ଼ ଜିଲା ରଣପୁର ବ୍ଲକ ବଳଭଦ୍ରପୁର ଗ୍ରାମରେ ଥିବା ବୃନ୍ଦାବନ ବିହାରୀ ମଠରୁ ସୋମବାର ସନ୍ଦେହଜନକ ଅବସ୍ଥାରେ ବାବାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ବାବା ଅନ୍ତର୍ଯ୍ୟାମୀ। ସୋମବାର ସକାଳେ ଗାଁ ଲୋକ ମଠକୁ ଯାଇଥିବାବେଳେ ବାବା ନିସ୍ତେଜ ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଡାକିବାରୁ ବାବାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ବେକ ପାଖରେ ରକ୍ତ ବାହାରୁଥିବା ବେଳେ ବାବାଙ୍କ ଗୋଡ଼ ବନ୍ଧା ହୋଇଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ନେଇ ରଣପୁର ଥାନାରେ ବାବା ଅନ୍ତର୍ଯ୍ୟାମୀଙ୍କ ପୁଅ ବିଜୟ କୁମାର ରାଉତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ କିଛି ବର୍ଷ ତଳେ ଉକ୍ତ ମଠ ତିଆରି ହେବା ବେଳେ କାନ୍ଥ ପଡି ଜଣେ ବାବାଙ୍କ ମୃତ୍ୟୁ ଘଟିଥିଲା।

# ହିତାଧିକାରୀଙ୍କୁ ଦିଆଗଲା ପାଣିମିଶା କିରୋସିନ

**ନୟାଗଡ଼ ଅଫିସ, ୨୦।୫**



ରଘୁନାଥ ଗୋଳିଆପାଣି ମିଶା କିରୋସିନ ଦେଖାଉଛନ୍ତି।

ସରକାରଙ୍କ ପକ୍ଷରୁ ଖାଦ୍ୟ ସୁରକ୍ଷା ଯୋଜନାରେ ବଣ୍ଟନ କରାଯାଉଥିବା କିରୋସିନ ପ୍ରଦାନରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ସୋମବାର ନୟାଗଡ଼ ବ୍ଲକ ନବଘନପୁର ପଞ୍ଚାୟତ ନବଘନପୁର ଗ୍ରାମର ରଘୁନାଥ ବେହେରା ଏହି ଅଭିଯୋଗ କରିଛନ୍ତି। ତାଙ୍କୁ ଦିଆଯାଇଥିବା କିରୋସିନରେ ଗୋଳିଆପାଣି ମିଶିଛି। ଲାଭ ପାଇଁ କିଛି ବ୍ୟକ୍ତି ଏଥିରେ ପାଣି ମିଶାଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟ ହିତାଧିକାରୀମାନେ ଏହି କିରୋସିନ ପାଇଥିଲେ ମଧ୍ୟ ଭୟରେ ଅଭିଯୋଗ ନ କରି ଗୋଳିଆପାଣି ମିଶା କିରୋସିନ ନେଇଥିଲେ।

ପ୍ରକାଶ ଯେ, ସୋମବାର ନବଘନପୁର ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ କିରୋସିନ ବଣ୍ଟନ କରାଯାଉଥିଲା। ପ୍ରତି ପରିବାରକୁ ୨ ମାସର ୫ ଲିଟର ଲେଖାଏ କିରୋସିନ ଦିଆଯାଇଥିଲା। କିଛି ହିତାଧିକାରୀଙ୍କୁ ଦିଆଯିବା ପରେ ଏଥିରେ ଗୋଳିଆ ପାଣି ମିଶିଥିବା ନେଇ ଦେଖିବାକୁ ମିଳିଥିଲା। ପରେ ରଘୁନାଥ ଏହାର ପ୍ରତିବାଦ କରିଥିଲେ। ଏହି ପଞ୍ଚାୟତରେ କିରୋସିନ ନେବାକୁ ଆସିଥିବା ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ କିରୋସିନ ବଣ୍ଟନ ଠପ୍ ରହିଥିଲା। ଭଲ କିରୋସିନ ଆସିବା ପରେ ବଣ୍ଟନ କରାଯିବ ବୋଲି କହି ହିତାଧିକାରୀଙ୍କୁ ଘରକୁ ଫେରାଇ ଦିଆଯାଇଥିଲା। ଏ ନେଇ ନବଘନପୁର ନିର୍ବାହୀ ଅଧିକାରୀ ହରିହର ଜାନି କୁହନ୍ତି ଗୋଳିଆ ପାଣି ମିଶିଥିବା କିରୋସିନ ଟ୍ୟାଙ୍କରେ ଆସୁଛି।

# କଣ୍ଟିଲୋ ରାମଲୀଳା: ମନ୍ଥରାର କୁମନ୍ତ୍ରଣାରେ ବନବାସ ଗଲେ ରାମଚନ୍ଦ୍ର

**ଖଣ୍ଡପଡ଼ା, ୨୦।୫(ସ୍ୱ.ପ୍ର.)**

କଣ୍ଟିଲୋ କଂସାରୀସାହି ପାଟଣା ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳାର ରବିବାର ତୃତୀୟ ଦିବସରେ ପର୍ଶୁରାମ ଭେଟ ଓ ମନ୍ଥରା ଗମନ ନାଟକ ମଞ୍ଚସ୍ଥ ହୋଇଥିଲା। ସଂସାରରୁ ଦୁଷ୍ଟମାନଙ୍କ ବିନାଶ ନିମନ୍ତେ ଭଗବାନ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅବତାର ଧାରଣ କରିଥାନ୍ତି । ଦୁଷ୍ଟଙ୍କ ବିନାଶ ପାଇଁ ବିଶ୍ୱାମିତ୍ର ଋଷି ମହାରାଜା ଦଶରଥଙ୍କୁ ଅନୁରୋଧ କରି ତାଙ୍କ ଦୁଇ ଧନୁର୍ଦ୍ଧର ପୁତ୍ର ରାମ ଓ ଲକ୍ଷ୍ମଣଙ୍କୁ ବନକୁ ନେଇଥିଲେ। ଫେରିବା ବାଟରେ ଦୁଇଭାଇ ବିଶ୍ୱାମିତ୍ରଙ୍କ ସହ ମିଥିଳା ନଗରୀକୁ ଯାଇଥିଲେ । ସେଠାରେ ଜନକ ନନ୍ଦିନୀ ସୀତାଙ୍କ ସ୍ୱୟମ୍ବର ହୋଇଥିଲା। ସଭାରେ ରାମଚନ୍ଦ୍ର ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିଲେ। ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର ଭାବେ ଗର୍ବ କରୁଥିବା ପର୍ଶୁରାମଙ୍କ ସହ ରାମଚନ୍ଦ୍ରଙ୍କ ଭେଟ ହୋଇଥିଲା । ନିଜେ ଧାରଣ କରିଥିବା ଶିବ ଧନୁକୁ ପର୍ଶୁରାମ ରାମଚନ୍ଦ୍ରଙ୍କୁ ଧାରଣ କରିବାକୁ ବାଧ୍ୟ କରିଥିଲେ । ରାମଚନ୍ଦ୍ର ପର୍ଶୁରାମଙ୍କ ଧନୁ ଉଠାଇ ଧାରଣ କରିବା ପରେ ପର୍ଶୁରାମଙ୍କ ଗର୍ବ ଖଣ୍ଡନ ହୋଇଥିଲା । ଇତିମଧ୍ୟରେ ଅଯୋଦ୍ଧା ରାଜବାଟିରେ ମନ୍ଥରା ଦାସୀର କୁମନ୍ତ୍ରଣାରେ ରାଣୀ କୈକେୟୀ ଦଶରଥଙ୍କ ନିକଟରୁ ୨ଟି ବର ମାଗି ନେଇଥିଲେ। ପ୍ରଥମ ବର ଅନୁଯାୟୀ ଭରତ ଅଯୋଧାରେ ରାଜା ହେବା ସହ ରାମଙ୍କୁ ୧୪ ବର୍ଷ ବନବାସ ଯିବାକୁ ହେବ । ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରି ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ବନବାସ ଯାଇଥିଲେ । ଏହି ନାଟକ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଶିଶୁ କଳାକାର ରାମ, ଲକ୍ଷ୍ମଣ, ସୀତା ଭୂମିକାରେ ଯଥାକ୍ରମେ ସୁମନ, ବିଭୂତି ଓ ରାଜା ଅଭିନୟ କରିଥିଲେ।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରତ୍ନପ୍ରଭା ମିଶ୍ର
ରାଜୀବ ନଗର, ବଲାଙ୍ଗୀର
ଆବିର୍ଭାବ: ୦୩।୦୬।୧୯୬୩
ତିରୋଧାନ: ୧୦।୦୫।୨୦୧୯
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ମିଶ୍ର ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୧୨୫୭୭

**ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଭୁବନ ବିହାରୀ କର
ଆପଣଙ୍କ ଅବର୍ତ୍ତମାନରେ ଦୀର୍ଘ ୫ବର୍ଷ ଧରି ଆମ୍ଭେ ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ ତଥା ଆମ ପରିବାରର ଗର୍ବଗୌରବର ପ୍ରତୀକ। ଆମ ସମସ୍ତଙ୍କ ମନରେ ତୁମର ସ୍ମୃତି ଅତୁଟ ରହିଛି ଏବଂ ରହିବ ମଧ୍ୟ। ଆପଣଙ୍କ ଆଦର୍ଶ ଓ ଉପଦେଶ ସଦାସର୍ବଦା ପ୍ରେରଣା ଦେଉ। ପରିବାରବର୍ଗ ଆପଣଙ୍କୁ ଶ୍ରଦ୍ଧାସୁମନ ଜଣାଉଅଛୁ।
ଧ-୧୨୫୭୨

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଯୋଗେନ୍ଦ୍ର ଚରଣ ନାୟକ
୨୩୩/ବି, ବାୟାବାବା ମଠ ରୋଡ୍, ୟୁନିଟ-୯, ଭୁବନେଶ୍ୱର-୭୫୧୦୨୨
ଆବିର୍ଭାବ: ୧୪।୦୨।୧୯୪୩
ତିରୋଧାନ: ୧୧।୦୫।୨୦୧୯
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"
ଆପଣଙ୍କର ସ୍ନେହବତ୍ସଳ, ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ପରୋପକାର ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୨୫୭୧


# ଅସରଳାରେ ଶ୍ରୀରାମଚରିତ ମାନସ ଶୁଭାରମ୍ଭ

**ବୋଲଗଡ଼,୨୦।୫(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଅସରଳା ଗ୍ରାମରେ ସୋମବାର ୨୧ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସନ୍ଥ ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସ ପ୍ରବଚନ ନିମନ୍ତେ ପ୍ରତି ସନ୍ଧ୍ୟାରେ ପଣ୍ଡିତ ପ୍ରବଚକମାନେ ଯୋଗଦେବେ। ଚଳିତ ମାସ ୨୯ ତାରିଖରେ ଏହି ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ହେବ। ଏହି ଅବସରରେ ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ଜଳକୁମ୍ଭ ଆଣି ପାରାୟଣ ସ୍ଥଳରେ ସ୍ଥାପନ କରିଛନ୍ତି। ପ୍ରତ୍ୟହ ସକାଳ ୬ଟାରୁ ସୂର୍ଯ୍ୟପୂଜା ଓ ଗୋପୂଜା, ପୂର୍ବାହ୍ନ ୯ଟାରୁ ୧୨ ପର୍ଯ୍ୟନ୍ତ ପାରାୟଣ ଏବଂ ରାତି ୮ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ପଣ୍ଡିତ କୈଳାସ ଚନ୍ଦ୍ର କର ବ୍ୟାସ ଆସନ ଅଧିଷ୍ଠିତ ଥିବାବେଳେ ରମେଶ ଚନ୍ଦ୍ର କର ପରିଚାଳନା କରୁଛନ୍ତି ।

# ସଂପୁରରେ ଅଖଣ୍ଡ ହନୁମାନ ଚାଳିଶା ଉଦ୍‌ଯାପିତ

**ବୋଲଗଡ଼, ୨୦।୫ (ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସଂପୁରସ୍ଥିତ ମହାବୀର ମନ୍ଦିର ପରିସରରେ ଅଖଣ୍ଡ ହନୁମାନ ଚାଳିଶା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବଜରଙ୍ଗବାଲୀ ଯୁବ ସଂସଦ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଶନିବାରଠାରୁ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଶନିବାର ଅଧିବାସ ଓ କଳସ ସ୍ଥାପନ, ରବିବାର ସୂର୍ଯ୍ୟପୂଜା ଓ ଅଖଣ୍ଡ ହନୁମାନ ଚାଳିଶା ପାଠ ସହ ଅଗ୍ନି ସ୍ଥାପନ ଓ ଆହୁତି ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ପୂର୍ଣ୍ଣାହୁତି ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


**ବିଜ୍ଞପ୍ତି**

HDFC
WITH YOU, RIGHT THROUGH
ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେଶନ ଲିମିଟେଡ୍
ପଞ୍ଜୀକୃତ କାର୍ଯ୍ୟାଳୟ, ରାମନ ହାଉସ, ଏଚ୍ ଟି ପାରେଖ ମାର୍ଗ, ୧୬୯, ବ୍ୟାକ୍‌ବେ ରିକ୍ଲାମେସନ, ଚର୍ଚ୍ଚଗେଟ, ମୁମ୍ବାଇ ୪୦୦ ୦୨୦
ସିଆଇଏନ: ଏଲ୍୭୦୧୦୦ଏମ୍‌ଏଚ୍୧୯୭୭ପିଏଲ୍‌ସି୦୧୯୯୧୬ ୱେବ୍‌ସାଇଟ: www.hdfc.com ଟେଲି. ୬୬୩୧୬୦୦୦, ୨୨୮୨୦୨୮୨, ଫାକ୍ସ: ୨୨୮୧୧୨୦୩ / ୨୨୦୪୬୮୩୪
ଏହା ଆମ ଗ୍ରାହକଙ୍କୁ ସୂଚିତ କରିବା ପାଇଁ ଯେ ଆମେ ଏଚ୍‌ଡିଏଫ୍‌ସି ଲିଃ, ବ୍ରଜରାଜ କମ୍ପ୍ଲେକ୍ସ, ପାଲାମଣ୍ଡପ, ଲିଙ୍କ୍ ରୋଡ୍, ବାଦାମବାଡ଼ି, କଟକ ୭୫୩୦୧୨ ସ୍ଥିତ ଆମର ଶାଖା କାର୍ଯ୍ୟାଳୟକୁ ମେ ୨୨, ୨୦୧୯ ଠାରୁ ଅସ୍ଥାୟୀ ଭାବେ ରିଗାଲିଆ, ଦି ବ୍ଲୁ ଲାଗୁନ୍ ପ୍ରିମିୟମ୍ ହୋଟେଲ, ସନ୍‌ସାଇନ୍ ଫିଲ୍ଡ ନିକଟ, ରିଙ୍ଗ୍ ରୋଡ୍, କଟକ ୭୫୩୦୦୨କୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନେଇଛୁ।
ଆମେ ସମସ୍ତ ଏଚ୍‌ଡିଏଫ୍‌ସି ଗ୍ରାହକଙ୍କୁ ମେ ୨୨, ୨୦୧୯ ଠାରୁ ଆମର ଅସ୍ଥାୟୀ ଶାଖା କାର୍ଯ୍ୟାଳୟ ରିଗାଲିଆ, ଦି ବ୍ଲୁ ଲାଗୁନ୍ ପ୍ରିମିୟମ୍ ହୋଟେଲ, ସନ୍‌ସାଇନ୍ ଫିଲ୍ଡ ନିକଟ, ରିଙ୍ଗ୍ ରୋଡ୍, କଟକ ୭୫୩୦୦୨ଠାରେ ଯୋଗାଯୋଗ କରିବା ପାଇଁ ସ୍ୱାଗତ ଜଣାଉଛୁ।

PARADIP PORT TRUST
E-TENDER CALL NOTICE
Name of the work "Allotment of 04(Four) nos. of Mechanical Iron Ore / Iron Ore Pellet Plots at PPT". License Fees : Rs.2,50,18,950/-. Wharfage Fees : Rs.14,31,340/-. The last date & time of Submission of bid : 06.06.2019 upto 15:00 hrs. Date and time of opening (technical bid) : 07.06.2019 upto 15:00 hrs. Refer our website for details : https://eprocure.gov.in/eprocure/app. Traffic Manager
PPT/PR/70/19-20, Dt.20.05.2019

କର୍ପୋରେଶନ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନ ଦର୍ଶିତ ଋଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ ପୁନଶ୍ଚ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୮.୦୫.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତାମାନେ ଦାୟୀ ରହିବେ ।


| ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୭.୦୫.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ ବକେୟା ଋଣ (ଟଙ୍କାରେ) + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ତାଳଚେର ଶାଖା, ସା: ଶର୍ମା ଛକ, ତାଳଚେର, ହାଣ୍ଡିଧୁଆ ମେନ୍ ରୋଡ୍, ପୋ.: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦, ଫୋନ୍ ନଂ.: ୦୬୭୬୦-୨୪୧୦୬୦, ମୋ.: ୭୦୪୪୧୪୭୭୦୨** | | |
| **ଶିଶିର କୁମାର ପାଣୀ,** ପିତା: ଚତୁର୍ଭୁଜ ପାଣୀ, ସା/ପୋ.: ଗୁରୁଜଙ୍ଗ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୪୫୬୦୭୫୩ / ୦୨.୦୧.୨୦୧୮** | ୨୩.୫୩ | ଟ.୩୮,୭୩୪/- |
| **ଭଞ୍ଜନଗର ଶାଖା, ମେନ୍ ରୋଡ୍, ସା/ପୋ.: ଭଞ୍ଜନଗର, ଇଣ୍ଡେନ୍ ଗ୍ୟାସ୍ ସମ୍ମୁଖ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬, ମୋ.: ୯୯୩୮୦୦୩୩୬୮** | | |
| **ସନ୍ତୋଷ ନାୟକ,** ସା: ସାନକୋଦଣ୍ଡା, ପୋ.: ମହାଗୁଡ, ଭଞ୍ଜନଗର-୭୬୧୧୩୨ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୯୦୨୮୧ / ୨୭.୦୨.୨୦୧୭** | ୮.୧୫ | ଟ.୧୬,୦୯୨/- |
| **ସିମାଞ୍ଚଳ ପ୍ରଧାନ,** ପିତା: କୀର୍ତ୍ତନ ପ୍ରଧାନ, ସା/ପୋ.: କାଳିଆଗୁଡା, ଥାନା: ଗଙ୍ଗପୁର, ଜିଲ୍ଲା: ଗଞ୍ଜାମ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୭୯୯ / ୨୭.୦୨.୨୦୧୭** | ୨୦.୩୪ | ଟ.୨୦,୯୧୮/- |
| **ଡିଙ୍ଗିର ନାୟକ,** ପିତା: ଚରଣ ନାୟକ, ସା/ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୮୪୫ / ୦୩.୦୩.୨୦୧୭** | ୨୪.୫୨ | ଟ.୪୪,୮୪୧/- |
| **ରାମ ଡାକୁଆ,** ପିତା: ହରି ଡାକୁଆ, ସା: ନୂଆସାହି, ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୧୨୨୬୪ / ୨୭.୦୩.୨୦୧୭** | ୨୩.୬୬ | ଟ.୩୪,୩୪୯/- |
| **ଦେବଜୟ ପ୍ରଧାନ,** ପିତା: ଅର୍ଜୁନ ପ୍ରଧାନ, ସା/ପୋ.: ଜିଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୩୩ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୪୭୯୮୪/ ୦୬.୦୫.୨୦୧୭** | ୧୩.୦୦ | ଟ.୧୯,୯୩୮/- |
| **ସମୀର କୁମାର ବିଶୋଇ,** ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଲସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୯୮୫ / ୨୨.୦୫.୨୦୧୭** | ୨୧.୪୪ | ଟ.୧୫,୮୭୭/- |
| **ସମୀର କୁମାର ବିଶୋଇ,** ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଲସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୯୯୦୫ / ୨୨.୦୫.୨୦୧୭** | ୩୮.୦୦ | ଟ.୩୪,୦୧୦/- |
| **ଲିପି ପ୍ରଧାନ,** ସ୍ୱାମୀ: ବିଜନକାନ୍ତ ପ୍ରଧାନ, ସା: ଅଜଣାପ୍ରସାଦ, ପୋ.: ଜଗନ୍ନାଥପ୍ରସାଦ, ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ-୭୬୧୧୨୧ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୦୪୯୨୪/ ୦୬.୦୬.୨୦୧୭** | ୨୫.୯୨ | ଟ.୪୯,୭୪୦/- |
| **କାର୍ତ୍ତିକେଶ୍ୱର ଗୌଡ,** ପିତା: ସହଦେବ ଗୌଡ, ସା: କଳିଙ୍ଗ ନଗର ୩ୟ ଲେନ୍, ବାଇଲୁଗୁଣ୍ଡା ରୋଡ୍, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୯୮୮୩୫ / ୩୧.୦୭.୨୦୧୭** | ୩୯.୬୭ | ଟ.୭୧,୬୮୫/- |
| **ବସନ୍ତ ସ୍ୱାଇଁ,** ପିତା: କାଳୁ ସ୍ୱାଇଁ, ସା: ମୁଦୁଲିପାଲି, ପୋ.: ଗାମୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୭୨୮୭୯ / ୦୫.୦୮.୨୦୧୭** | ୧୫.୬୯ | ଟ.୨୯,୮୨୯/- |
| **ସୁଶାନ୍ତ କୁମାର ଜେନା,** ପିତା: ନିରଞ୍ଜନ ଜେନା, ସା: ଟୋକାଗଣ୍ଡ, ପୋ.: ବଡକୋଦଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୧୦୦୮୩ / ୦୯.୦୮.୨୦୧୭** | ୨୭.୪୦ | ଟ.୪୧,୬୭୪/- |
| **ପ୍ରସାନ୍ତ କୁମାର ସାହୁ,** ପିତା: ଭଗବାନ ସାହୁ, ସା: ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୬୦୯୪/୨୭.୦୭.୨୦୧୭** | ୩୧.୮୫ | ଟ.୫୩,୪୦୭/- |

ତାରିଖ: ୨୦.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ

## CLASSIFIED DISPLAY

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କର୍ଲାଯୋଡ଼ି
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା ୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୪୦। ଏଥିରୁ ୧୦ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC, Categories; 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 8658827904 | ପ୍ରଧାନ ଆଚାର୍ଯ୍ୟ Mob.- 7873448098 | ସଂପାଦକ Mob.- 8328849597


ଛାତ୍ରବୃତ୍ତି
ଓଡ଼ିଶା ରାଜ୍ୟର ପୁରୀ ଜିଲ୍ଲାର ବାତ୍ୟା ପୀଡ଼ିତ ଗରିବ ପରିବାରର ପିଲାମାନଙ୍କ ବିଦ୍ୟାଳୟ ଶିକ୍ଷା ପାଇଁ
ଗ୍ଲୋବାଲ୍ କ୍ୟାନ୍‌ସର କନ୍‌ସର୍ନ ଇଣ୍ଡିଆ,
ସମ୍ବଳହୀନ କ୍ୟାନ୍‌ସର ରୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ କାର୍ଯ୍ୟରତ,
ଓଡ଼ିଶାର ପୁରୀ ଜିଲ୍ଲାରେ ବାତ୍ୟା ପୀଡ଼ିତ ଗରିବ ପରିବାରଙ୍କଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନିଜ ପିଲାଙ୍କ ବିଦ୍ୟାଳୟ ଶିକ୍ଷା ଜାରି ରଖିବା ଲାଗି ଦରଖାସ୍ତ ଆହ୍ୱାନ କରୁଛି।
ଦୟାକରି ଆମକୁ କଲ୍ କରନ୍ତୁ :124-2564473,74, 75
କିମ୍ବା ଲେଖନ୍ତୁ ଗ୍ଲୋବାଲ୍ କ୍ୟାନ୍‌ସର କନ୍‌ସର୍ନ ଇଣ୍ଡିଆ, ସି-659, ସୁଶାନ୍ତ ଲୋକ- 1, ଗୁରଗାଓଁ - 122009, ହରିୟାଣା କିମ୍ବା ଇମେଲ୍ କରନ୍ତୁ : ho@gcci.org.in
Global Cancer Concern India
"Striving Nationwide for Cause and Care of Cancer Patients"



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓଲ୍ଡ଼ିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଟଲି
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା) (୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୬୦। ଏଥିରେ ୧୫ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC; Categories, 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 7894624167 | ପ୍ରଧାନ ଆଚାର୍ଯ୍ୟ Mob.- 9777782186 | ସଂପାଦକ Mob.- 9777520724

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୧ ମେ, ୨୦୧୯



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ବାଲୁଗାଁ,୨୦।୫(ଡି.ଏନ.ଏ.):** ବାଲୁଗାଁ ଥାନା ଅନ୍ତର୍ଗତ ଲମ୍ବୋଦରପୁର ଗ୍ରାମର ସୁଶାନ୍ତ ରାଉତରାୟ ନାମକ ଯୁବକ ରବିବାର ସନ୍ଧ୍ୟାରେ ଗ୍ରାମ ନିକଟ ପାହାଡ଼ ପାଦଦେଶରେ ଥିବା ଏକ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ହେଁ ପାରିବାରିକ ବିଶୃଙ୍ଖଳା ନେଇ ମାନସିକ ଭାରସାମ୍ୟ ହରାଇ ସୁଶାନ୍ତ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ବାଲୁଗାଁ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ସୋମବାର ଏ ସଂକ୍ରାନ୍ତରେ ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### କ୍ଷୟକ୍ଷତି ଆକଳନ କରୁଛନ୍ତି ୩୦୦ ଟିମ୍

**ପୁରୀ ଅଫିସ,୨୦।୫:** ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶହ ଶହ ଘର, ଗଛ ଭାଙ୍ଗିଥିବା ବେଳେ ବହୁ ପରିମାଣରେ ଫସଲହାନି ଘଟିଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତିର ଆକଳନ ଚାଲିଛି। ଏହି କାର୍ଯ୍ୟରେ ପ୍ରାୟ ୩୦୦ ଟିମ୍ ନିୟୋଜିତ ଥିବା ଜିଲାପାଳ ବଲୱନ୍ତ ସିଂ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗତ ୧୬ତାରିଖରୁ ଜିଲାର ଗ୍ରାମାଞ୍ଚଳରେ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି। ଏଥିରେ ୩୦୦ ଟିମ୍ ନିୟୋଜିତ ହୋଇଛନ୍ତି। ସହରାଞ୍ଚଳରେ ଆକଳନ ଲାଗି ଅଧିକ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ ଆବଶ୍ୟକତା ରହିଛି। ଖୁବ୍‌ଶୀଘ୍ର ସହରାଞ୍ଚଳରେ ଏହା ଆରମ୍ଭ ହେବ। ଗ୍ରାମାଞ୍ଚଳରେ ଚାଲିଥିବା ଆକଳନ ମଧ୍ୟରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ, ଗୋ ସମ୍ପଦର ମଧ ଅନୁଧାନ କରାଯାଉଛି । ପ୍ରାୟ ୧୨୦୦ ଲୋକ ଏଥିରେ ସାମିଲ ଅଛନ୍ତି । ୨୫ ତାରିଖ ସୁଦ୍ଧା ଆକଳନ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

### ରିଲିଫ୍‌କୁ ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

**ପୁରୀ ଅଫିସ,୨୦।୫:** ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ପକ୍ଷରୁ ରିଲିଫ୍ ଯୋଗାଇ ଦିଆଯାଉଛି। କିନ୍ତୁ କେତେକ ସ୍ଥାନରେ ରିଲିଫ ଠିକ୍ ଭାବେ ବଣ୍ଟନ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଏ ନେଇ ପ୍ରତିଦିନ ଜିଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚୁଛି। ସୋମବାର ଚନ୍ଦନପୁର ଗଡ଼ିସାହିର ଜଟାଧାରୀ ମହାପାତ୍ର ଏବଂ ଜୀବନ ମହାପାତ୍ର ଏହିଭଳି ଅଭିଯୋଗ ଆଣି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ରନ୍ଧାଖାଦ୍ୟ ଦିଆ ନ ଯାଇ ପ୍ରତି ଘରକୁ ୬କିଲୋ ଲେଖାଏ ଚାଉଳ ପ୍ରଦାନ କରାଯାଇଛି। ପ୍ରଥମ କିସ୍ତିରେ ପଲିଥିନ ଦିଆଯାଇଥିଲା। ଦ୍ୱିତୀୟ କିସ୍ତିରେ ଯେଉଁମାନେ ପାଇ ନ ଥିଲେ ସେମାନଙ୍କୁ ଦିଆଯିବାର ଥିଲା। ମାତ୍ର ପଲିଥିନ ସେମାନଙ୍କୁ ଦିଆ ନ ଯାଇ ଗାଁ ଲାଇବ୍ରେରୀ ଘରେ ରଖାଯାଇଛି। ଆଗକୁ ବର୍ଷାଦିନ ଆସୁଛି। ଏ ପର୍ଯ୍ୟନ୍ତ ଘରଭଙ୍ଗା କିମ୍ବା ନଡ଼ିଆ ଗଛ ଭଙ୍ଗା ଆଦିର କ୍ଷୟକ୍ଷତି ଆକଳନ କରାଗଲା ନାହିଁ। ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

■ ବିନୋଦପଡ଼ା ଗ୍ରାମରେ ବଧୂହତ୍ୟା ଅଭିଯୋଗ

# ଶ୍ମଶାନରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ନୟାଗଡ଼ ଅଫିସ/ ରଣପୁର (ସ୍ୱ.ପ୍ର.),୨୦।୫**

ନୟାଗଡ଼ ଜିଲା ରଣପୁର ଥାନା ନରେନ୍ଦ୍ରପୁର ପଞ୍ଚାୟତ ବିନୋଦପଡ଼ା ଗ୍ରାମ ଶ୍ମଶାନରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଶୁଭ୍ରକେଶୀ ସ୍ୱାଇଁ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ କରାଯାଇଛି।

ପ୍ରକାଶ ଯେ, କଟକ ଜିଲା ବାଙ୍କୀ ଥାନା ପାଟପୁର ଗ୍ରାମର ବାମଦେବ ସ୍ୱାଇଁଙ୍କ ଝିଅ ଶୁଭ୍ରକେଶୀ ୬ ବର୍ଷ ତଳେ ବିନୋଦପଡ଼ା ଗ୍ରାମର ମନୋଜ ରାଉତଙ୍କୁ ବିବାହ କରିଥିଲେ। ବିବାହ ପରେ ତାଙ୍କର ଯାଆଁଳା ପୁଅ ଜନ୍ମ ହୋଇଥିଲା। ଏହାର କିଛିବର୍ଷ ପରେ ସେ ଝିଅ ଜନ୍ମଦେଇଥିଲେ।

**ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ**



ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଛି ।

ତେବେ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ସ୍ୱାମୀ ତାଙ୍କ ଉପରେ ଚାପ ପକାଇଥାନ୍ତି। ଏହି ଘଟଣାକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥାଏ। ସୋମବାର ଅପରାହ୍ନରେ ଶୁଭ୍ରକେଶୀଙ୍କ ମୃତଦେହକୁ ଶାଶୁ ଘର ଲୋକ ଶଶ୍ମାନରେ ପୋଡୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବାପଘର ଲୋକ ସେଠାରେ ପହଞ୍ଚି ଯାଇଥିଲେ। ସେମାନେ ମୃତଦେହ ଉପରେ ପାଣି ପକାଇ ନିଆଁ ଲିଭାଇ ଦେଇଥିଲେ। ପରେ ରଣପୁର ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଥିଲା। ଶୁଭ୍ରକେଶୀଙ୍କ ସ୍ୱାମୀ ଓ ଶାଶୁଘର ଲୋକ ଫେରାର୍ ଅଛନ୍ତି। ଯୌତୁକ ପାଇଁ ଶୁଭ୍ରକେଶୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ମନୋରଞ୍ଜନ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ସନ୍ଧ୍ୟା ୫ଟାରେ ମହିଳାଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ବିନୋଦପଡ଼ା ଛକଠାରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ଜାତୀୟ ରାଜପଥ-୫୭ରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାତ୍ର ୮ଟା ରିପୋର୍ଟ ଲେଖା ହେଲାବେଳକୁ ରାସ୍ତାରୋକୋ ଜାରି ରହିଛି।

# ଭାପୁରଠାରେ ସବ୍‌ରେଜିଷ୍ଟ୍ରି ଅଫିସ ପ୍ରତିଷ୍ଠା ଦାବି

**ଭାପୁର/ ଖଣ୍ଡପଡ଼ା, ୨୦।୫ (ଡି.ଏନ.ଏ./ସ୍ୱ.ପ୍ର.)-**

ଭାପୁର ବ୍ଲକରେ ସବ୍‌ରେଜିଷ୍ଟ୍ରି ଅଫିସ ସହ ଯୁବକମାନଙ୍କ କର୍ମସଂସ୍ଥାନ ପାଇଁ ଦକ୍ଷତା ବିକାଶ ଅନୁଷ୍ଠାନ, ବିଦ୍ୟୁତ୍ ସବ୍ ଡିଭିଜନ କାର୍ଯ୍ୟାଳୟ, ଭାପୁର ବିଟ୍‌ହାଉସକୁ ଥାନାରେ ପରିବର୍ତ୍ତନ, କେନ୍ଦ୍ରୀୟ ପୁସ୍ତକାଗାର ପ୍ରତିଷ୍ଠା ନେଇ ଏକ ଦାବିପତ୍ର ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଭାପୁରର ୮୦ ପ୍ରତିଶତ ଅଧିବାସୀ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରନ୍ତି। ଅଞ୍ଚଳରେ ଚାଷ ଜମି ସମେତ ଅନ୍ୟାନ୍ୟ ପଞ୍ଜୀକରଣ ୬୦ ଭାଗରୁ ଅଧିକ ଖଣ୍ଡପଡାଠାରେ ଥିବା ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ସମ୍ପାଦିତ ହୋଇଥାଏ। ଭାପୁର ସୀମାରେଖାଠାରୁ ଖଣ୍ଡପଡା ଦୂରତା ପ୍ରାୟ ୨୨ କିଲୋମିଟର ହୋଇଥିବାରୁ ଜନସାଧାରଣଙ୍କୁ ବିଭିନ୍ନ ପଞ୍ଜୀକରଣ ପାଇଁ ୨/୩ ଦିନ ଅପେକ୍ଷା କରିବାକୁ ପଡିଥାଏ। ସରକାର ଜନସାଧାରଣଙ୍କ ପାଖରେ ପ୍ରଶାସନିକ ସେବା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ଅଞ୍ଚଳବାସୀଙ୍କ ଉପରୋକ୍ତ ଦାବି ପ୍ରତି ସହୃଦୟତାର ସହ ବିଚାର କରି ନୂତନ ସରକାର ଗଠନର ୩ ମାସ ମଧ୍ୟରେ ଦାବି ପୂରଣ କରିବାକୁ ଆବାହକ ପ୍ରସନ୍ନ କୁମାର ପଣ୍ଡାଙ୍କ ନେତୃତ୍ୱରେ ସ୍ୱାକ୍ଷର ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

■ ଚଣ୍ଡିବସ୍ତ ଗ୍ରାମରେ ସବର୍ଣ୍ଣ-ଅସବର୍ଣ୍ଣ ଗୋଷ୍ଠୀ ବିବାଦ

# ସୁରକ୍ଷା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅସବର୍ଣ୍ଣ

**ନୟାଗଡ଼ ଅଫିସ, ୨୦।୫**

ନୟାଗଡ଼ ଟାଉନ ଥାନା ଚଣ୍ଡିବସ୍ତ ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଦିନକୁ ଦିନ ଭିନ୍ନ ମୋଡ଼ ନେଇଛି। ସୁରକ୍ଷା ଓ ସବର୍ଣ୍ଣ ଗୋଷ୍ଠୀର ଲୋକଙ୍କୁ ଗିରଫ କରିବା ଦାବିରେ ଅସବର୍ଣ୍ଣ ଲୋକମାନେ ୧୫ ତାରିଖରେ ଟାଉନ ଥାନା ଆଗରେ ଧାରଣା ଦେଇଥିଲେ। ଘଟଣାରେ ୧୦ରୁ ଅଧିକ ଲୋକ ସାମିଲ ଥିବା ବେଳେ ପୋଲିସ ୩ ଜଣ ସବର୍ଣ୍ଣ ଲୋକଙ୍କୁ ଗିରଫ କରିଥିଲା। ଏହା ପରେ ମାମଲାର କୌଣସି ଅଗ୍ରଗତି ନ ହେବା ସହିତ ଚଣ୍ଡିବସ୍ତ ଗ୍ରାମର ଲୋକମାନେ ଅସବର୍ଣ୍ଣ ଗୋଷ୍ଠୀର ୧୫ଟି ପରିବାରକୁ ବିଭିନ୍ନ ସମୟରେ ଧମକ ଦେଉଥିବା ଅଭିଯୋଗ ହେଉଛି। ତେଣୁ ସେମାନଙ୍କ ଧନଜୀବନ ସୁରକ୍ଷା ଓ ନିରାପଦ ପାଇଁ ସେମାନେ ଅସ୍ତ୍ରଶସ୍ତ୍ର ରଖିବା ଲାଗି ଲାଇସେନ୍ସ ପ୍ରଦାନ କରିବା ନିମନ୍ତେ ସୋମବାର ଜିଲାପାଳଙ୍କ ନିକଟରେ ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ଚଣ୍ଡିବସ୍ତ ଗ୍ରାମରେ ବିଭିନ୍ନ ସମୟରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଲାଗି ରହିଥାଏ।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଅସବର୍ଣ୍ଣମାନେ।

ଗତ ୧୨ ତାରିଖ ରାତିରେ ଚଣ୍ଡିବସ୍ତ ଗ୍ରାମରେ ଏକ ବିବାହ ହେଉଥିଲା। ରାତ୍ର ୧୧ଟାରେ ବିବାହ ଶୋଭାଯାତ୍ରା ଯାଉଥିବା ସମୟରେ ବାଣ ଲାଗିବାରୁ ଗ୍ରାମରେ ଥିବା ଏକ ପାଳଗଦା ଓ ନଡ଼ିଆ ଗଛରେ ନିଆଁ ଲାଗିଯାଇଥିଲା। ଦଳିତ ଲୋକମାନେ ଏହାକୁ ବିରୋଧ କରିଥିଲେ। ପରେ ସବର୍ଣ୍ଣ ଲୋକମାନେ ବିବାହରେ ବାଣ ଲଗାଉଥିବା ବ୍ୟକ୍ତିଙ୍କୁ ଧରି ପିଟିଥିଲେ। ସମ୍ପୃକ୍ତ ବ୍ୟକ୍ତି ଅସବର୍ଣ୍ଣ ଲୋକଙ୍କ ଘରେ ପଶି ଆଶ୍ରୟ ନେଇଥିଲେ। ଫଳରେ ସେମାନେ କାହିଁକି ତାଙ୍କୁ ସୁରକ୍ଷା ଦେଲେ ବୋଲି କହି ସବର୍ଣ୍ଣ ଗୋଷ୍ଠୀର ଲୋକମାନେ ଅସବର୍ଣ୍ଣ ଲୋକଙ୍କୁ ମାଡ ମାରିଥିଲେ। ସେମାନଙ୍କ ଘରକୁ ଟେକା ପଥର ମାଡ଼ କରିଥିଲେ। ସେହିପରି ୨ଟି କାର, ଗୋଟିଏ ଅଟୋ ଓ ୨ବାଇକ୍‌କୁ ବାଡ଼େଇ ଭାଙ୍ଗି ଚୂରମାର କରି ଦେଇଥିଲେ। ଅସବର୍ଣ୍ଣ ଲୋକମାନେ ମଧ ସବର୍ଣ୍ଣ ଲୋକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଗୋଷ୍ଠୀରୁ ୧୦ ଆହତ ହୋଇଥିଲେ। ଏ ନେଇ ଟାଉନ ଥାନାରେ ୭୭/୧୯ରେ ମାମଲା ରୁଜୁ କରାଯାଇ ସବର୍ଣ୍ଣ ଗୋଷ୍ଠୀରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ସୋମବାର ରେଣୁବାଳା ଗୋଚ୍ଛାୟତ, ରବୀନ୍ଦ୍ର ଗୋଚ୍ଛାୟତଙ୍କ ସମେତ ଅସବର୍ଣ୍ଣ ଗୋଷ୍ଠୀର ୧୫ ପରିବାର ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ

**ପୁରୀ ଅଫିସ,୨୦।୫**

ବାତ୍ୟା ପରେ ଗ୍ରାମାଞ୍ଚଳରେ ପଡ଼ିରହିଥିବା ଭଗ୍ନାବଶେଷ ଓ ବିଭିନ୍ନ ବର୍ଜ୍ୟ ସାମଗ୍ରୀ ସୁପରିଚାଳନା କରିବା ଲାଗି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏ ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ବଲୱନ୍ତ ସିଂ, ପଞ୍ଚାୟତିରାଜ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏବଂ ବିଶେଷଜ୍ଞ ଦଳଙ୍କ ମଧ୍ୟରେ ଆଲୋଚନା ହୋଇଛି। ମଙ୍ଗଳବାରଠାରୁ ୬ଦିନ ପର୍ଯ୍ୟନ୍ତ ଜିଲାର ଗ୍ରାମାଞ୍ଚଳରେ ଟିମ୍ ବୁଲିବେ। ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ସର୍ବେକ୍ଷଣ କରି ଏକ କ୍ରିୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରିବେ। ବଡ଼ ବଡ଼ କାଠଗଣ୍ଡି, ଆଜବେଷ୍ଟସ ଓ ଭଙ୍ଗାଘରର ଅଂଶବିଶେଷ, ପ୍ଲାଷ୍ଟିକ ସାମଗ୍ରୀ ଆଦିକୁ ଉପଯୁକ୍ତ ସ୍ଥାନରେ ରଖାଯିବ। ପାଣି ଜମିଥିବା ସ୍ଥାନ ଏବଂ ବାତ୍ୟା ପରେ ବ୍ୟବହାର ଅନୁପଯୋଗୀ ଜଳକୁ ତୁରନ୍ତ ସଫା କରାଯିବ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପାଦନ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଶୁଭମ୍ ଦାଶ, ବିଶେଷଜ୍ଞ ଦଳ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ଗାଡି ଦୁର୍ଘଟଣା: ନାବାଳିକା ଆହତ

**ଦଶପଲ୍ଲା, ୨୦।୫ (ଡି.ଏନ.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ବୁଗୁଡା ନିକଟରେ ସୋମବାର କୁଆଁରିଆ ବନ୍ୟପ୍ରାଣୀ ବିଭାଗ ଅଧୀନ ପୂର୍ବ ବନାଞ୍ଚଳ କାର୍ଯ୍ୟାଳୟର ଏକ ବୋଲେରୋ ଦୁର୍ଘଟଣାରେ ଜଣେ ନାବାଳିକା ଆହତ ହୋଇଛନ୍ତି। ସେ ହେଲେ ବୁଗୁଡାସ୍ଥିତ ତ୍ରିନାଥ ଜାନୀଙ୍କ ଝିଅ ମଞ୍ଜୁ ଜାନୀ(୧୪)।

ଅପରାହ୍ନ ପ୍ରାୟ ସାଢେ ୩ଟାରେ ମଞ୍ଜୁ ଦୋକାନକୁ ସଉଦା ପାଇଁ ଯିବାକୁ ଘରୁ ବାହାରୁଥିବା ବେଳେ ଦଶପଲ୍ଲା ଅଭିମୁଖେ ଆସୁଥିବା ବୋଲେରୋ (ନଂ.ଓଡି୨୫ଏ ୮୨୮୨) ହଠାତ୍ ତାଙ୍କୁ ଧକ୍କା ଦେବା ସହ ଘର କାନ୍ଥକୁ ଧକ୍କାଦେଇ ରାସ୍ତା ତଳକୁ ଓଲଟି ପଡିଥିଲା। ମଞ୍ଜୁ ଆହତ ହୋଇ ପଡିଥିବାବେଳେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ



ଦୁର୍ଘଟଣାଗ୍ରସ୍ତ ଗାଡି।

ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପରେ ନୟାଗଡ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବୋଲେରୋରେ ଥିବା ବନକର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଡ୍ରାଇଭର ବାପି ସାମାନ୍ୟ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡ୍ରାଇଭରଙ୍କ ଅସାବଧାନତା ହେତୁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି।

# ସ୍କୁଟି-କାର୍ ଧକ୍କା: ସାନଭାଇ ମୃତ, ବଡ଼ ଗୁରୁତର

**ବାଲୁଗାଁ,୨୦।୫(ଡି.ଏନ.ଏ.)**

ବାଲୁଗାଁ ଥାନା ଅଧୀନ ସୋଲରୀ ଛକଠାରେ ରବିବାର ରାତ୍ରିରେ ଏକ କାର ସହ ସ୍କୁଟି ଧକ୍କା ହୋଇଛି। ଏଥିରେ ସ୍କୁଟି ଚାଳକ ସାନଭାଇର ମୃତ୍ୟୁ ଘଟିଥିବା ବେଳେ ବଡ଼ଭାଇ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ଟାଙ୍ଗୀ ଥାନା ଝରିଆ ଗ୍ରାମର ରଞ୍ଜନ ପଲାଇ।

ପ୍ରକାଶ ଯେ, ରଞ୍ଜନଙ୍କ ବଡ଼ଭାଇ ଚିତ୍ତରଞ୍ଜନ ଦିଲ୍ଲୀରୁ କୌଣସି ଟ୍ରେନ୍ ଯୋଗେ ରବିବାର ଆସି ବାଲୁଗାଁ ଷ୍ଟେଶନରେ ଓହ୍ଲାଇଥିଲେ। ରାତ୍ରି ପ୍ରାୟ ୧୦ଘଟିକା ସମୟରେ ରଞ୍ଜନ ନିଜ ସ୍କୁଟି (ଓଡ଼ି୩୩ଏଫ୍-୧୭୨୮)ରେ ବଡ଼ଭାଇଙ୍କୁ ବସାଇ ଷ୍ଟେଶନରୁ ଗ୍ରାମ ଅଭିମୁଖେ ବାହାରିଥିଲେ। ବାଲୁଗାଁର ଅନତି ଦୂର ସୋଲରୀ ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ କାର (ଓଡ଼ି୦୨ବିଏ-୫୭୨୪) ସହ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ରଞ୍ଜନଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ଚିତ୍ତରଞ୍ଜନଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ଅଣାଯାଇଥିଲା । ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ କାର ଡ୍ରାଇଭରଙ୍କୁ ଗିରଫ କରିଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ପୋଲିସ୍ ଏ ସଂକ୍ରାନ୍ତରେ ୪୭/୧୯ରେ ଏକ ମାମଲା ରୁଜୁ କରି ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରି ଘଟଣାର ତଦନ୍ତ ଅବ୍ୟାହତ ରଖିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଲୋକେ

**ପୁରୀ ଅଫିସ, ୨୦।୫**

**ଘରଭଙ୍ଗା ସର୍ଭେ, ଥଇଥାନ ଦାବି**

ବାତ୍ୟାରେ ପୁରୀ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବସ୍ତିଗୁଡ଼ିକ ଛାରଖାର ହୋଇ ଯାଇଛି। ରିଲିଫ ବଣ୍ଟନ ପରେ ଘରଭଙ୍ଗା ସର୍ଭେ ଆରମ୍ଭ ହୋଇଛି। ଅନେକ କ୍ଷତିଗ୍ରସ୍ତ ଅଞ୍ଚଳରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସର୍ଭେ ଓ ଥଇଥାନ କରାଯିବା ଦାବିରେ ସୋମବାର ପୂର୍ବାହ୍ନ ୧୧ଟାରେ ପୁରୀ ପୌର ପରିଷଦ ଅଧୀନ ୧୯ନଂ ୱାର୍ଡର ନରେନ୍ଦ୍ରକୋଣସ୍ଥିତ ମା' ମଙ୍ଗଳା ବସ୍ତି ଓ ପ୍ରେମକୁଞ୍ଜ ଆଶ୍ରମ ନିକଟ ବସ୍ତିବାସିନ୍ଦାଙ୍କ ସମେତ ୱାର୍ଡ ନଂ.୨୯/୩୦ ଟିକରପଡ଼ା ପ୍ରଧାନ ସାହିର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

ଏପର୍ଯ୍ୟନ୍ତ କ୍ଷୟକ୍ଷତିର ଆକଳନ ଲାଗି ସର୍ଭେ କରାଯାଉନାହିଁ। ବାତ୍ୟା ପରଠାରୁ ବସ୍ତିଗୁଡ଼ିକ ଅନ୍ଧାରରେ ରହିଛି। ଖଣ୍ଡେ ଜରିପାଲରେ ବିପନ୍ନମାନେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ଦିନରେ ଅସହ୍ୟ ଖରା ଓ ରାତିରେ ଗୁଳୁଗୁଳି ସାଙ୍ଗକୁ ମଶାମାଛିଙ୍କ ଦୌରାତ୍ମ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ସାହିବସ୍ତିରେ ଭାଙ୍ଗିପଡ଼ିଥିବା ଗଛ ଓ ବିଦ୍ୟୁତ ଖୁଣ୍ଟ ଉଠାଯାଇନାହିଁ। ବିଦ୍ୟୁତ ତାରଗୁଡ଼ିକ ଗୁଡ଼ାଇତୁଡ଼ାଇ ଓହଳି ପଡ଼ିରହିଛି। ପାନୀୟଜଳ ଯୋଗାଣ ହେଉନାହିଁ। ପ୍ରଶାସନ ଆମକୁ ଅଣଦେଖା କରୁଛି ବୋଲି ମହମ୍ମଦ ରଫିକ ଓ ରତ୍ନାକର ନାୟକ ପ୍ରମୁଖ କହିଛନ୍ତି।

■ କଂସାରୀ ସମାଜର ରାଜ୍ୟସ୍ତରୀୟ ଅଧିବେଶନ ପ୍ରସ୍ତୁତି

# ସଂଘବଦ୍ଧ ପ୍ରଚେଷ୍ଟା ଶିଳ୍ପ ତଥା କାରିଗର ଉନ୍ନତିରେ ସହାୟକ ହେବ

**ଖଣ୍ଡପଡା, ୨୦।୫(ସ୍ୱ.ପ୍ର.)**

ନିଖିଳ ଉତ୍କଳ କଂସାରୀ ସମାଜର ୪୭ତମ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଆସନ୍ତା ଜୁନ୍ ୮ ଓ ୯ତାରିଖ ଦୁଇଦିନ ଧରି କଣ୍ଟିଲୋଠାରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରାଞ୍ଚଳ ଶାଖାର ୫ ଗୋଟି ଜିଲା ଯଥା ନୟାଗଡ଼, କଟକ, ବୌଦ୍ଧ, ଫୁଲବାଣୀ ଓ ଅନୁଗୋଳ ଜିଲାର କଂସାରୀ ଭାଇମାନେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ଅନୁଷ୍ଠାନର ସମ୍ପାଦକ ଶ୍ରୀପତି ମହାରଣା ସୂଚନା ଦେଇଛନ୍ତି। କଂସା ପିତଳ ହସ୍ତଶିଳ୍ପକୁ ପୁନରୁଦ୍ଧାର କରିବା ସହିତ କଂସାରୀ ସମାଜକୁ ସୁଦୃଢ କରିବାକୁ ହେଲେ ଆମକୁ ସଙ୍ଗଠିତ ହେବାକୁ ପଡିବ। ରାଜ୍ୟର ସମସ୍ତ କଂସାରୀ ଭାଇମାନେ ଏକାଠି ହୋଇ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ପଡିବ । ନ ହେଲେ ଆମ ଦୁଃଖ କେହି ବୁଝିବେ ନାହିଁ ବୋଲି ରବିବାର ଭୁବନେଶ୍ୱର ସତ୍ୟନଗରଠାରେ ଅନୁଷ୍ଠିତ ସମାବେଶରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଂସାରୀ ସଂଗଠନର ସଦସ୍ୟମାନେ ମତ ଦେଇଥିଲେ। ଭୁବନେଶ୍ୱର କଂସାରୀ ସମାଜ ଉନ୍ନୟନ ପରିଷଦର ବରିଷ୍ଠ ସଦସ୍ୟ ନବୀନ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଖିଳ ଉତ୍କଳ କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖା ସଭାପତି ଅଖିଳ କୁମାର ମହାରଣା ଯୋଗଦେଇ କାରିଗର ତଥା ସଂଗଠନ ବହୁ ସମସ୍ୟା ମଧ୍ୟରେ ଗତିକରୁଥିବା ପ୍ରକାଶ କରିଥିଲେ। ସମାବେଶରେ ନିଖିଳ ଉତ୍କଳ କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖାର ପୂର୍ବତନ ସଭାପତି ନକୁଳ ସାହୁ, ଦଣ୍ଡପାଣି ସାହୁ, ସମ୍ପାଦକ ଶ୍ରୀପତି ମହାରଣା, ପୂର୍ବତନ ସମ୍ପାଦକ ଅନାଦି ଚରଣ ସାହୁ, ଭୁବନେଶ୍ୱର କଂସାରୀ ସମାଜ ଉନ୍ନୟନ ପରିଷଦ ସମ୍ପାଦକ ସୁଦର୍ଶନ ସାହୁ, ବରିଷ୍ଠ ସଦସ୍ୟ ନୀଳକଣ୍ଠ ସାହୁ, ନରେନ୍ଦ୍ର କୁମାର ସାହୁ, ସଂଗଠନ ସଂପାଦକ ବାବାଜୀ ଚରଣ ସାହୁ, ଜଗତ୍‌ସିଂହପୁର ତିର୍ତ୍ତୋଲରୁ ମଙ୍ଗୁଳି ସାହୁ, ଯାଜପୁର କୁନ୍ଦପାଟଣାର କୈଳାସ ସାହୁ, ଆସିକାର କାଳୁ ଚରଣ ସାହୁ, ବରଗଡର ଅର୍ଜୁନ ସାହୁ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଆମେମାନେ ଯଦି ସଂଘବଦ୍ଧ ଭାବରେ ଆମ ଦାବିକୁ ସରକାରଙ୍କ ପାଖରେ ଉପସ୍ଥାପନ କରି ଆବଶ୍ୟକ ସ୍ଥଳେ ଆନ୍ଦୋଳନ ପନ୍ଥା ନ ଆପଣେଇବା ତେବେ ଦାବି ହାସଲ କରିପାରିବା ନାହିଁ। ଏକାଠି ହୋଇ ସ୍ୱର ଉତ୍ତୋଳନ କଲେ କଂସା ପିତଳ ହସ୍ତଶିଳ୍ପର ବିକାଶ ତଥା ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପରିଶେଷରେ ନିରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା ସଂଗଠନର କର୍ମକର୍ତ୍ତା।

# ତାପମାତ୍ରା ବୃଦ୍ଧିର କାରଣ ପାଲଟିଛି ଜଙ୍ଗଲ ଧ୍ୱଂସ

**ଗଣିଆ,୨୦।୫(ଡି.ଏନ.ଏ.)**

ବର୍ତ୍ତମାନ ଯେଭଳି ଭାବେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଉଛି ତାହାର ପ୍ରମୁଖ କାରଣ ଜଙ୍ଗଲ ଧ୍ୱଂସ ବୋଲି କୁହାଯାଉଛି। ବିଶେଷକରି ଖରାଦିନ ଆରମ୍ଭରୁ ପାରଦ ୪୦ଡିଗ୍ରୀ ଅତିକ୍ରମ କରୁଛି । ରାଜ୍ୟବ୍ୟାପୀ ଅଧିକାଂଶ ସହରରେ ଏହି ଚିତ୍ର ଦେଖିବାକୁ ମିଳୁଛି। ଦିନବେଳା ଡହ ଡହ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଦିନ ୧୦ଟା ପରେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି। ସେହିପରି ପ୍ରଚଣ୍ଡ ରୌଦ୍ରତାପ ଯୋଗୁ କୂଅ, ପୋଖରୀ, ନଦୀନାଳର ଜଳସ୍ତର କମିବାରେ ଲାଗିଲାଣି। ସିମେଣ୍ଟ କଂକ୍ରିଟ ରାସ୍ତା, ବିରାଟ ଅଟ୍ଟାଳିକା, କଳକାରଖାନା ନିର୍ମାଣ ଓ ଯାନବାହନରୁ ନିର୍ଗତ ଧୂଆଁ ତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ସାଜିଛି। ଅନ୍ୟପକ୍ଷେ ବିକାଶ ଆଳରେ ରାସ୍ତା ପ୍ରଶସ୍ତୀକରଣ, ବିଦ୍ୟୁତ୍‌କରଣ, ଶିଳ୍ପ କାରଖାନା ନିର୍ମାଣ ଓ ଆବଶ୍ୟକତାଠାରୁ ଅତିମାତ୍ରାରେ ଖଣି ଖନନ ଯୋଗୁ ପ୍ରାକୃତିକ ପରିବେଶ ନଷ୍ଟ ହେଉଛି । ଫଳରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଇବା ଯୋଗୁ ବାୟୁମଣ୍ଡଳ ଉତ୍ତପ୍ତ ହେବାରେ ଲାଗିଛି । ସବୁଜବଳୟ ସୃଷ୍ଟି କରିବା ପାଇଁ ସରକାର ବନୀକରଣ ଓ ବୃକ୍ଷରୋପଣ ନାମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଜଙ୍ଗଲ ପରିମାଣ ବୃଦ୍ଧି ପାଉଥିବା ଦାବି କରୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଓଲଟା। ପ୍ରତିବର୍ଷ ଯେଉଁ ପରିମାଣରେ ବୃକ୍ଷରୋପଣ କରାଯାଉଛି ତା'ଠାରୁ ଅଧିକ ପରିମାଣର ପ୍ରାକୃତିକ ପରିବେଶ ନଷ୍ଟ ହେବାରେ ଲାଗିଛି। ଜଙ୍ଗଲ ବିଭାଗ ଜରିଆରେ ପ୍ରତିବର୍ଷ କୋଟି କୋଟି ଅର୍ଥ ବ୍ୟୟରେ ନର୍ସରୀ କରାଯାଇ ଜଙ୍ଗଲ ଜାଗାରେ ବୃକ୍ଷରୋପଣ, ରାସ୍ତା କଡରେ ଆଭିନ୍ୟୁ ପ୍ଲାଣ୍ଟେଶନ ଓ ବ୍ୟକ୍ତିଗତ ଜମିରେ ବୃକ୍ଷରୋପଣ କରିବା ପାଇଁ ଲୋକଙ୍କୁ ଚାରା ବଣ୍ଟନ କରାଯାଉଛି । ହେଲେ ଏହି ଚାରା କେତେ ବଞ୍ଚିଲା ଓ କେତେ ନଷ୍ଟ ହେଲା ତା'ର ତଦାରଖ କରିବା କିମ୍ବା ହିସାବ କାହା ପାଖରେ ରହୁନାହିଁ। ଆଉ କେତେକ ଅସାଧୁ କର୍ମଚାରୀ ଚାରା ରୋପଣ ଓ ବଣ୍ଟନ କରିବା ପରେ ବଳକା ଚାରାଗୁଡିକୁ ଲୁକ୍କାୟିତ ଭାବେ ଏଣେତେଣେ ଫୋପାଡି ନଷ୍ଟ କରିଦେଉଛନ୍ତି। ସରକାରୀ କାଗଜପତ୍ରରେ ଲୋକଙ୍କ ନାମରେ ମିଥ୍ୟା ଭାଉଚର କରି ଲକ୍ଷ ଲକ୍ଷ ଟଙ୍କା ଲୁଟ କରିବାକୁ ପଛାଉନାହାନ୍ତି। ଏଭଳି ସ୍ଥିତିରେ ପ୍ରାକୃତିକ ପରିବେଶ ସନ୍ତୁଳନ ପ୍ରକ୍ରିୟା ଭାରସାମ୍ୟ ହରାଇବା ସହ ପ୍ରକୃତି ଧ୍ୱଂସ ଅଭିମୁଖେ ଦ୍ରୁତ ଗତିରେ ମାଡିଚାଲିଛି ବୋଲି ପରିବେଶବିତ୍ ମତପୋଷଣ କରିଛନ୍ତି। ସୂଚନାଯୋଗ୍ୟ, ଚଳିତମାସ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ଭଳି ପ୍ରତିବର୍ଷ ବିଭିନ୍ନ ପ୍ରକାର ସାମୁଦ୍ରିକ ଝଡ ଓ ବାତ୍ୟା ଯେଭଳି ଭାବେ ପ୍ରକୃତିର ଧ୍ୱଂସଲୀଳା ରଚୁଛି ତାହା ଭରଣା କରିବାକୁ ବହୁ ବର୍ଷ ଲାଗିଯିବ। ଜଙ୍ଗଲ ସମ୍ପଦ ଅବକ୍ଷୟ ଓ ପ୍ରାକୃତିକ ପରିବେଶ ନଷ୍ଟ ଯୋଗୁ ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବାରେ ଲାଗିଛି । ଏପରିସ୍ଥଳେ ଶିଳ୍ପ କଳକାରଖାନା, ଖଣି ଖନନ ଓ ପ୍ରାକୃତିକ ବିପର୍ଯ୍ୟୟରେ ଯେଉଁ ପରିମାଣର ଜଙ୍ଗଲ ନଷ୍ଟ ହେଉଛି ସେହି ପରିମାଣରେ ଜଙ୍ଗଲ ସୃଷ୍ଟି କରା ନ ଗଲେ ଭବିଷ୍ୟତରେ ଜୀବଜଗତ ଉପରେ ଏହାର ବିରାଟ କୁପ୍ରଭାବ ପଡିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।



ବଡଶିଲିଙ୍ଗା ଜଙ୍ଗଲରେ ବହୁ ପୁରୁଣା ଶାଳଗଛ କଟାଯାଇଛି।